

ପ୍ୟାରିସ ଅଲିମ୍ପିକ୍ସ ପରେ ବିବାହ କରିବି: ଦୂତି ।୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଡିଜିଟାଲ୍ ଡେବ୍ୟୁ କରିବେ ସୋନାକ୍ଷୀ ।୧୨

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଉନବିଂଶ ବର୍ଷ ସଂଖ୍ୟା-୧୨୦ Vol. 19 No-120 13 JULY 2022 WEDNESDAY BHUBANESWAR ବୁଧବାର, ୧୩ ଜୁଲାଇ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦


## ସଂକ୍ଷେପରେ...

### ୨ ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୨।୭, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ରହିଛି ଓ ଏହା ଘନୀଭୂତ ହେବାରେ ଲାଗିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ୮ଟି ଜିଲ୍ଲାକୁ ଅରେଞ୍ଜ ଓ ୧୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଉପକୂଳ ଓଡ଼ିଶା ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଆସନ୍ତା ୩ ● ପୃଷ୍ଠା ୮ ଦେଖନ୍ତୁ

### ଟ୍ରକ୍‌କୁ ପିଟିଲା ବସ୍, ଜଣେ ମୃତ

ଖୋର୍ଦ୍ଧା, ୧୨।୭ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥରେ ଏକ ଟ୍ରକ୍‌କୁ ଯାତ୍ରୀବାହୀ ବସ୍ ପଛରୁ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଖୋର୍ଦ୍ଧା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ମଙ୍ଗଳବାର ସକାଳେ ଭୁବନେଶ୍ୱରରୁ ବୁଗୁଡ଼ା ଯାଉଥିବା ଶାନ୍ତି ନାମକ ଏକ ବସ୍ ଜାତୀୟ ରାଜପଥରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଆହତ ଲୋକଙ୍କୁ ● ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୫୩,୮୮୬.୬୧
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୧ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୧୨।୭ ର ମତାମତ

ବଢୁଥିବା କରୋନା ସଂକ୍ରମଣକୁ ଦେଖି ସମସ୍ତେ କଟକଣା ନିୟମ ପାଳନ କରିବା ଉଚିତ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ରୁଚିକା ହତ୍ୟା ମାମଲାରେ ପୋଲିସର ତଦନ୍ତ ସଠିକ ଦିଗରେ ଯାଉଛି କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ନୀଳକନ୍ଦରରେ ବିଜେ କଲେ ପ୍ରଭୁ
ନବଦିନ ଯାତ୍ରା ସମାପ୍ତ,
ରତ୍ନ ସିଂହାସନ ଝଲସି ଉଠିଲା
ଶ୍ରୀମନ୍ଦିର ଦ୍ୱାର ଉନ୍ମୁକ୍ତ ।
ନୀଳାଦ୍ରିର ଲୀଳା ଶାଶ୍ୱତ,
ଆଜିଠୁଁ ମନ୍ଦିରେ ମିଳିବ ଦର୍ଶନ
ଗଦ୍‌ଗଦ ଶ୍ରଦ୍ଧାଳୁ ଭକତ !!

## ସରିଲା ନବ ଦିନାତ୍ମକ ଯାତ୍ରାର ଅନ୍ତିମ ପର୍ବ

# ନୀଳକନ୍ଦରରେ ଚତୁର୍ଦ୍ଧାମୂର୍ତ୍ତି



### ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାବାହୁ
### ଗୋଟି ପହଣ୍ଡିରେ ରତ୍ନ ସିଂହାସନକୁ ବିଜେ
### ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି

ପୁରୀ, ୧୨।୭, (ଭାସ୍କର ନ୍ୟୁଜ୍) : ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ନବଦିନାତ୍ମକ ଯାତ୍ରା ଶେଷ କରି ନୀଳକନ୍ଦରକୁ ବାହୁଡ଼ି ଯାଇଛନ୍ତି। ରତ୍ନ ସିଂହାସନରେ ପୁଣି ଥରେ ଭକ୍ତଙ୍କୁ ଦର୍ଶନ ଦେବେ। ପୁଣି ଥରେ ଚଳଚଞ୍ଚଳ ହୋଇ ଉଠିବ ଶ୍ରୀମନ୍ଦିର। ବଡ଼ଦାଣ୍ଡରେ ଲାଗି ରହିବ ଭକ୍ତଙ୍କ ଗହଳି। ସୋମବାର ବଡ଼ଦାଣ୍ଡରେ ରଥାରୂଢ଼ ୩ ଠାକୁରଙ୍କ ଅଧରପଣା ନୀତି ସମାପ୍ତ ପରେ ମଙ୍ଗଳବାର ନିଳାଦ୍ରୀବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ୩ ଠାକୁରଙ୍କୁ ଗୋଟି ପହଣ୍ଡିରେ ନିଆଯାଇ ରତ୍ନ ସିଂହାସନରେ ସ୍ଥାପନ କରାଯାଇଥିଲା। ହେଲେ ଏଥିପୂର୍ବରୁ ମହାପ୍ରଭୁ ଅଭିମାନିନୀ ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ମହାଲକ୍ଷ୍ମୀଙ୍କୁ ସାଙ୍ଗରେ ନ ନେଇ ୩ ଭାଇଭଉଣୀ ଗୁଣ୍ଡିଚା ଯାତ୍ରା କରିଥିବାରୁ ଅଭିମାନ କରିଥିଲେ ମା' ମହାଲକ୍ଷ୍ମୀ। ଏନେଇ ମହାବାହୁ ମନ୍ଦିର ପ୍ରବେଶ କଲାବେଳେ ମହାଲକ୍ଷ୍ମୀ ବାଟ ଓଗାଳି ଥିଲେ ଓ ଜୟବିଜୟ ଦ୍ୱାର ବନ୍ଦ କରିଦେଇଥିଲେ। ପରେ ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମହାଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା ଅନୁଷ୍ଠିତ ହୋଇଥିଲା। ଏହି ବଚନିକାରେ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ଭିତର ମହାପାତ୍ର ରସଗୋଲା ଭୋଗ କରିଥିଲେ। ପରମ୍ପରା ଅନୁଯାୟୀ, ଶ୍ରୀଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନଭଞ୍ଜନ କରିଥିଲେ। ମଙ୍ଗଳବାର ସନ୍ଧ୍ୟା ଧୂପ ଶେଷ ହେବା ● ପୃଷ୍ଠା ୮ ଦେଖନ୍ତୁ

# କାର୍ ଧକ୍କାରେ ୩ ମୃତ



- ଗାଡ଼ିରୁ ମିଳିଲା ପୋଲିସ ପୋଷାକ
- ଫେରାର ଇନ୍ସପେକ୍ଟର ଠାବ, ଡ୍ରାଇଭର ଗିରଫ
- ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସମବେଦନା
- ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା

ସୋନପୁର/ଭୁବନେଶ୍ୱର, ୧୨।୭, (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ସକାଳେ ବଲାଙ୍ଗିର-ସୋନପୁର ରାସ୍ତାର ବଡ଼ବାହାଲି ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପୋଲିସ ଗାଡ଼ି ଧକ୍କାରେ ୩ ଜଣଙ୍କ ଜୀବନ ଯାଇଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଏହି ଗାଡ଼ିଟି ସୁନ୍ଦରଗଡ଼ ପୋଲିସ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନାଙ୍କର ବୋଲି ସୂଚନା ମିଳିଛି। ତେବେ ଦୁର୍ଘଟଣା ପରେ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ଫେରାର ହୋଇଯାଇଥିବାବେଳେ ତାଙ୍କୁ ସୋନପୁର ପୋଲିସ ବଲାଙ୍ଗୀରରୁ ଠାବ କରିବାରେ ସମର୍ଥ ହୋଇଛି। ଦୁର୍ଘଟଣା ପରେ ସେ ଆହତଙ୍କୁ ଚିକିତ୍ସାପାଇଁ ନ ନେଇ ଫେରାର ହୋଇଯାଇଥିଲେ । ସୋନପୁର ଏସ୍‌ପିଙ୍କ ସୂଚନାନୁଯାୟୀ, ସ୍ନିଗ୍ଧାରାଣୀ ପୁରୀରୁ ଡ୍ୟୁଟି ସାରି ଫେରୁଥିଲେ। ତାଙ୍କ ଗାଡ଼ିକୁ ଥାନାଧିକାରୀଙ୍କ ଡ୍ରାଇଭର ଚଳାଉଥିଲେ। ଦୁର୍ଘଟଣା ପରେ ଭୟରେ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ଗାଡ଼ି ଛାଡ଼ି ଫେରାର ହୋଇଯାଥିଲେ। ଏନେଇ ତାଙ୍କର ଉପର ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏହି ଘଟଣାରେ ଡ୍ରାଇଭର ଅଜୟ ଜେଠୀକୁ ଗିରଫ କରାଯାଇଛି। ସୋନପୁର ହଙ୍କଳର କେତେକ ବ୍ୟକ୍ତି ଚାରା ବିକ୍ରୟ କରିବା ପାଇଁ ରାଘବପାଲିରୁ ଅଟୋ ଯୋଗେ ଯାଉଥିବାବେଳେ ସୋନପୁର ଆଡୁ ଆସୁଥିବା ଏହି କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ● ପୃଷ୍ଠା ୮ ଦେଖନ୍ତୁ

# ଆଜିଠୁ ବିଧାନସଭା ୨ୟ ପର୍ଯ୍ୟାୟ ଅଧିବେଶନ



ଭୁବନେଶ୍ୱର, ୧୨।୭, (ଭାସ୍କର ନ୍ୟୁଜ୍) : ବିଧାନସଭା ମୌସୁମୀ ଅଧିବେଶନର ୨ୟ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ୧୪ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବା ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଗୃହରେ ୧୦ଟି ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପିତ କରାଯିବ। ଯେଉଁ ବିଭାଗର ଗୃହରେ ଆଲୋଚନା ହୋଇନପାରିବ ସେଗୁଡ଼ିକୁ ୨୯ ତାରିଖରେ ଗିଲୋଟିନ ମାଧ୍ୟମରେ ପାରିତ କରାଯିବ। ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ ହେବ। ପ୍ରଥମ ପର୍ଯ୍ୟାୟରେ କେବଳ ଗୋଟିଏ ଦିନ ପ୍ରଶ୍ନକାଳ ପ୍ରଭାବିତ ହୋଇଥିବାବେଳେ ୨ୟ ପର୍ଯ୍ୟାୟରେ ପ୍ରଶ୍ନକାଳ କିଭଳି ସୁରୁଖୁରୁରେ ଚାଲିପାରିବ ସେନେଇ ଉଦ୍ୟମ କରାଯିବ ବୋଲି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି। ଏହି ୨ୟ ପର୍ଯ୍ୟାୟରେ ବିରୋଧୀ ରୁଚିକା ଆତ୍ମହତ୍ୟା ମାମଲାରେ ତାଙ୍କ ମା'ଙ୍କୁ ଉଠାଇ ନେବା ଏବଂ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ସ୍ଥିତି, ନାରୀ ନିର୍ଯାତନା, ଚାଷୀ ଆତ୍ମହତ୍ୟା ଓ ରୁଚିକା ପ୍ରସଙ୍ଗ ଉଭୟ ବିଜେପି ଓ କଂଗ୍ରେସ ଉଠାଇବେ। ● ପୃଷ୍ଠା ୮ ଦେଖନ୍ତୁ

## ରୁଚିକା ଆତ୍ମହତ୍ୟା ମାମଲା

# ରାଗିଂ ନେଇ ସୁରାକ୍ ମିଳିନି: ଡିସିପି

ଭୁବନେଶ୍ୱର, ୧୨।୭, (ଭାସ୍କର ନ୍ୟୁଜ୍) : ବିଜେବି କଲେଜ +୩ ପ୍ରଥମ ବର୍ଷ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ଇତିମଧ୍ୟରେ ୧୧ ଦିନ ବିତିଯାଇଥିଲେ ମଧ୍ୟ ପ୍ରକୃତ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ପୋଲିସ ଏପର୍ଯ୍ୟନ୍ତ ସଫଳ ହୋଇପାରି ନାହିଁ। ମୃତ ରୁଚିକାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ତାଙ୍କ ମା'ଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ମଙ୍ଗଳବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ରାଗିଂ ନେଇ କୌଣସି ସୁରାକ ବର୍ତ୍ତମାନ ସୁଦ୍ଧା ମିଳିନଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଘଟଣାର ସମ୍ବେଦନଶୀଳତାକୁ ନେଇ ତୁରନ୍ତ ତଦନ୍ତ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ରୁଚିକାଙ୍କ ୧୯୮ ଜଣ ସାଙ୍ଗ, କଲେଜ ଛାତ୍ରୀ ଓ ସମ୍ପର୍କୀୟଙ୍କୁ ପଚରା ଉଚୁରା କରାଯାଇସାରିଛି। ଏପରିକି ହଷ୍ଟେଲ୍ ଓ କଲେଜ ଷ୍ଟାଫ୍‌ଙ୍କୁ ମଧ୍ୟ ପଚରା ଉଚୁରା କରାଯାଇଛି। ଜଣେ ମନସ୍ତତ୍ତ୍ୱବିତ୍‌ଙ୍କୁ ନେଇ ମଧ୍ୟ ଖୋଳତାଡ଼ କରାଯାଇସାରିଛି। ସେ ଆହୁରି କହିଛନ୍ତି ଯେ, ରୁଚିକାଙ୍କ ରୁମ୍‌ରୁ ତାଙ୍କ ମୋବାଇଲ୍ ମିଳିଥିଲା। ଏଥିରେ କିଛି ତଥ୍ୟ ଥିବାର ଅନୁମାନ କରାଯାଉଛି। ଫୋନ୍‌ରେ କ'ଣ ଡାଟା ରହିଛି ତାହା ● ପୃଷ୍ଠା ୮ ଦେଖନ୍ତୁ

## ଖାଇବା ତେଲର ଖେଳ

# ଗରମ ବଜାର, ବହୁଛି ଦେହରୁ ଝାଳ



ଭୁବନେଶ୍ୱର, ୧୨।୭, (ଭାସ୍କର ନ୍ୟୁଜ୍) : ଦେଶରେ ଖାଇବା ତେଲର ଦର ଆକାଶଛୁଆଁ। ଗତ ଫେବୃୟାରୀ ୨୪ରୁ ୟୁକ୍ରେନ୍ ଉପରେ ରୁଷ୍‌ର ଆକ୍ରମଣକୁ ନେଇ ବିଶ୍ୱରେ ଖାଇବା ତେଲର ମୂଲ୍ୟ ବୃଦ୍ଧି ସହିତ ଦେଶରେ ବି ଏହା ବଢ଼ିଛି। ସୂର୍ଯ୍ୟମୁଖୀର ଦେଶ ୟୁକ୍ରେନ୍ ଖାଇବା ତେଲର ଅନ୍ୟତମ ଭଣ୍ଡାର। ଏହି ଭଣ୍ଡାର ଉପରେ ଯେତେବେଳେ ଆକ୍ରମଣ ହୋଇଛି ସେତେବେଳେ ସେ ତେଲ ଦରରେ ନିଆଁ ଲାଗିଯାଇଛି ଯେପରି। ଭାରତ ପରି ଅନେକ ଦେଶ ଖାଇବା ତେଲରେ ବି ବିଦେଶୀ ବଜାର ଉପରେ ନିର୍ଭର କରିଥାନ୍ତି। ଏଣୁ ସେହି ସେହି ଦେଶରେ ଖାଇବା ● ପୃଷ୍ଠା ୮ ଦେଖନ୍ତୁ






କରଞ୍ଜିଆ,(ଭାସ୍କର ନ୍ୟୁଜ୍):ଆଜି ପାଞ୍ଚପିଢ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଉପଖଣ୍ଡର ବିଭିନ୍ନ ବିଭାଗର ଉନୟନ କାର୍ଯ୍ୟର ସମୀକ୍ଷା କଲେ ରାଜ୍ୟ ମହିଳା, ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ। ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ସହିତ ପିଏ ଆଇଟିଡିଏ ଦେବଦତ୍ତ ମହାନ୍ତ, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ, ଉପଖଣ୍ଡ ର ସମସ୍ତ ବିଡ଼ିଓ,ଓ ଆର, ଡିପିଏଚଡି ଉଦ୍ୟାନ ବିଭାଗ, ବିଦ୍ୟୁତ ବିଭାଗ, ଓ ଏଲ ଏମ, ଜଳ ସେଚନ ବିଭାଗ, ସହିତ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ବିଭାଗର ଉନ୍ନତି ମୂଳକ କାର୍ଯ୍ୟ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ।

### ନ୍ୟାୟ ପାଇଁ ସ୍କୁଲ ସମ୍ମୁଖରେ ଅଭିଭାବକଙ୍କ ଧାରଣା

## ବିଇଓଙ୍କ ମଧ୍ୟସ୍ଥତାରେ ସମାଧାନ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍):ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ପଞ୍ଚାୟତ ସାରସ୍ୱତ ଉଚ୍ଚ ବିଦ୍ୟାପୀଠ ଜଳହରୀରେ ଛାତ୍ର ଆହତ ଘଟଣାକୁ ନେଇ ଧାରଣା ଦିଆଯାଇଥିଲା। ମଙ୍ଗଳବାର ସ୍କୁଲ ଖୋଲିବା ମାତ୍ରେ ଅଧ୍ୟୟନରତ ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ରର ତିନିଅଙ୍ଗୁଠି ଗତ ଜୁନ ୨୭ ତାରିଖରେ କଟିଯିବା ଘଟଣାରେ କ୍ଷତିପୂରଣ ଦାବିକରି ଅଭିଭାବକ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଛାତ୍ରର ମାଆ ଓ ପରିବାର ଲୋକେ ଆହତ ଛାତ୍ର ସହ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଧାରଣାକାରୀଙ୍କ ସହ ବୈଠକରେ ଆପୋଷ ସମାଧାନ ସୂତ୍ର ଗ୍ରହଣୀୟ ହୋଇ ଧାରଣା ପ୍ରତ୍ୟାହୃତ ହୋଇଥିବା ବିଇଓ ଶ୍ରୀ ତରାଇ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ଘଟଣା ବିରୋଧରେ ଥାନାରେ ଏତାଲା ଦିଆଯାଇଥିଲା। ବିଇଓ, ଡିଇଓ ଓ ଜିଲ୍ଲାପାଳଙ୍କୁ ମଧ୍ୟ ଅଭିଭାବକ ଦରଖାସ୍ତ ଦେଇ କ୍ଷତିପୂରଣ ଦାବି କରିବା ସହ ନ୍ୟାୟ ଭିକ୍ଷା କରିଥିଲେ। ବ୍ଲକଶିକ୍ଷା ବିଭାଗ ପକ୍ଷରୁ ବହୁବାର ସ୍କୁଲରେ ତଦନ୍ତ କରାଯାଇଥିଲା। ମାତ୍ର ପୀଡିତ ଛାତ୍ରଘର ଷୋଳମପୁର ସରପଞ୍ଚ ଓ ସ୍କୁଲ ଅବସ୍ଥିତ ମାଳଦା ସରପଞ୍ଚ ସମାଧାନ ଦାୟୀତ୍ୱ ଗ୍ରହଣ କରୁଥିବା ସମ୍ପର୍କରେ ବିଇଓଙ୍କୁ ଜଣାଇଥିବାରୁ ବିଇଓ କାର୍ଯ୍ୟାଳୟ ଘଟଣାକୁ ଗୁରୁତ୍ୱ ଦେଇନଥିଲା। ମାତ୍ର ଅଭିଭାବକ ଧାରଣା ଦେବା ପରେ ବିଇଓ ହସ୍ତକ୍ଷେପ କରି ସମାଧାନ କରାଇଥିବା ଜଣାଯାଇଛି। ଗତ ୨୭ ତାରିଖ ଅପରାହ୍ନ ୩ଟା ସମୟରେ ସଂପୃକ୍ତ ଛାତ୍ର ଶ୍ରେଣୀ କୋଠରୀ ବାହାରକୁ ଯାଉଥିବା ବେଳେ ଲୁହା କବାଟ ଧରିଥିଲା। ଶ୍ରେଣୀରେ ଶିକ୍ଷକ ନଥିବାରୁ ବିଶୃଙ୍ଖଳିତ ଅନ୍ୟଛାତ୍ରମାନେ କବାଟ ବନ୍ଦ କରିଦେବାରୁ ଶିଶୁର ଡାହାଣ ହାତ ପାପୁଲି କବାଟରେ ଚାପି ହୋଇଯାଇଥିଲା। ଲୁହା କବାଟ ଚାପରେ ଡାହାଣ ହାତର ମଝି ଅଙ୍ଗୁଠି ଅଗ୍ରଭାଗ ଛିଡିଯାଇ ଘଟଣାସ୍ଥଳରେ ଖସିପଡିଥିଲା। ଅନ୍ୟ ୨ ଅଙ୍ଗୁଠି ମଧ୍ୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ବିଦ୍ୟାଳୟ ପକ୍ଷରୁ ଶିଶୁକୁ ଯାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ପରେ ବିଦ୍ୟାଳୟ ପକ୍ଷରୁ ଆଂଶିକ କ୍ଷତିପୂରଣ ମଧଦିଆଯାଇଥିଲା। ଏବେ ଘଟଣାର ପୂର୍ଣ୍ଣଚ୍ଛେଦ ପଡିଛି ବୋଲି ଉଭୟ ଧାରଣାକାରୀ ଅଭିଭାବକ ଓ ବିଇଓ ପ୍ରକାଶ କରିଛନ୍ତି।

## ନିରୀହଙ୍କୁ ଗିରଫ ପ୍ରତିବାଦରେ ମହିଳାଙ୍କ ଥାନା ଘେରାଉ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଗତ ଗୁରୁବାର ଓଡ଼ିଶା ସୀମାନ୍ତବର୍ତ୍ତି ରରୁଁଆ ଥାନା ଅନ୍ତର୍ଗତ ବେନିସାଗର ଛକ ନିକଟରେ ଥିବା ଏକ ଢ଼ାବାରେ ଖାଇବାକୁ କେନ୍ଦ୍ର କରି ଦୁଇ ଓଟୋ ଡ୍ରାଇଭର ଜଣେ ଆଦିବାସୀ ଯୁବକ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳର ରୂପ ନେଇଥିଲା। ସଂଖ୍ୟା ଲଘୁ ସମ୍ପ୍ରଦାୟର ଯୁବକ ଝାରଖଣ୍ଡ ରାଜ୍ୟ କୁଳପୋଷି ଗ୍ରାମର ହୋଇଥିବା ବେଳେ ଆଦିବାସୀ ଯୁବକ ଜଣକ ରରୁଁଆ ଭଞ୍ଜବେଡା ଗ୍ରାମର। ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଖବର ପାଇ କୁଳିପୋଷି ଗ୍ରାମର ଶତାଧିକ ଲୋକେ ଆଶ୍ରବ୍ୟ ଭାଷାରେ ଗାଳିଗୁଳଜ କରିବା ଶହ ଆକ୍ରମଣ ଉଦ୍ଦେଶ୍ୟରେ ଭଞ୍ଜବେଡା ଛକକୁ ପହଞ୍ଚିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ନିୟନ୍ତ୍ରଣ କରିଥିଲା। ତେବେ ସ୍ଥାନୀୟବସିନ୍ଦାଙ୍କ କହିବା ମୁତାବକ ଅନ୍ୟଗୋଷ୍ଟୀ ର ଯୁବକ ଜଣକ ମାତାଲ ଅବସ୍ଥାରେ ଗାଳିଗୁଳଜ କରିବା ସହ ଅସ୍ତ୍ରଶସ୍ତ୍ରରେ ଜୀବନରେ ମାରି ଦେବାକୁ ଧମକ ଦେବା ସହ ମାଡ ମାରିଥିଲେ ଏଥିରେ ଆଦିବାସୀ ଯୁବକ ଜଣକ ତାଙ୍କୁ ଏକ ଖୁଣ୍ଟରେ ବାନ୍ଧି ପକାଇଥିଲେ। ଅନ୍ୟଗୋଷ୍ଠୀର ଏତଲା କ୍ରମେ ଏଥିରେ ଆଦିବାସୀ ଯୁବକଙ୍କ ସହିତ ଘଟଣାକୁ ସମାଧାନ କରିବାକୁ ଯାଇଥିବା ନିର୍ଦ୍ଦୋଷ ବ୍ୟକ୍ତି ମାନଙ୍କୁ ରରୁଁଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଅନ୍ୟଗୋଷ୍ଠୀର କିଛି ଯୁବକ ଆକ୍ରମ୍ଣକ ହୋଇ ଗଣ୍ଡଗୋଳ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ଫଳରେ ଅସନ୍ତୋଷ ଦେଖା ଦେଇଥିଲା।



ଆଦିବାସୀଙ୍କ କହିବା ମୁତାବକ ପୋଲିସ ତାଙ୍କ ହାତବାରସି ସାଜି କାମ କରୁଥିବାରୁ ଘଟଣାର ସଠିକ ତଦନ୍ତ ନକରି ନିର୍ଦ୍ଦୋଷ ଲୋକଙ୍କୁ ଗିରଫ କରିଛି। ଏନେଇ ଭଞ୍ଜବେଡା ଗ୍ରାମ ସହିତ ଆଖପାଖ ଗ୍ରାମର ଶତାଧିକ ମହିଳା ପୋଲିସ ପ୍ରଶାସନର ଏକ ତରଫା କାର୍ଯ୍ୟନୁଷ୍ଠାନକୁ ବିରୋଧ ସହ ପୋଲିସର ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। ବିଭିନ୍ନ ପ୍ଲାକାର୍ଡ ଧରି ରରୁଁଆ ଥାନାକୁ ଘେରାଉ କରିଥିଲେ। ଅନ୍ୟ ଗୋଷ୍ଠୀର ଯୁବକ ମାନଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରାଯିବା ପାଇଁ ଦାବି କରିଥିଲେ। ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦେଇଛନ୍ତି। ଖବରପାଇ ଯଶୀପୁର ବିଧାୟକ ଇଂ ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି ମାନେ ପହଞ୍ଚିଥିଲେ।ଘଟଣା ସ୍ଥଳରେ କରଞ୍ଜିଆ ଏସଡିପିଓ ସୁଦର୍ଶନ ଗାଙ୍ଗେଇ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

## ନୂତନ କୋର୍ଟ ଗୃହରେ କାର୍ଯ୍ୟ ଆରମ୍ଭ




ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଠାରେ ୨୦୧୪ ମସିହାରୁ ଧାମନଗର ବ୍ଲକ କାର୍ଯ୍ୟାଳୟ ପରିସରରେ କୋର୍ଟ ଚାଲୁଥିବାବେଳେ ଏବେ ଧାମନଗର ନିକଟସ୍ଥ ଜୟନଗର ଠାରେ ଏକ ନୂତନ କୋର୍ଟଗୃହ ନିର୍ମାଣ ପରେ ସୋମବାର ଠାରୁ ନୂତନ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ପବିତ୍ର ବାହୁଡ଼ା ଦିନ ଧାମନଗର ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ପୂଜାପାଠ କରାଯାଇଥିଲା। ବିଚାରପତି ନିଳିମା ଷଡ଼ଙ୍ଗୀ ଓ କୋର୍ଟ କର୍ମଚାରୀ ଏବଂ ଓକିଲ ସଂଘର ସମସ୍ତ ଓକିଲ ବନ୍ଧୁମାନେ ଉପସ୍ଥିତ ରହିଥିଲେ।

## ଜବରଦଖଲକାରୀଙ୍କ କବଳରେ ସର୍ବସାଧାରଣ ଜମି



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକର ଦିନକୁ ଦିନ ସରକାରୀ ଜାଗା ଯଥା ଗୋଚର, ଅନାବାଦୀ କେତେକ ମୁଷ୍ଟିମେୟ ଲୋକ ଅକ୍ତିଆରରେ ରଖି ସେଠାରେ ସ୍ଥାୟୀ ଗୃହ ନିର୍ମାଣ କରି ନିଜେ ରହିବା ସହିତ ଗୃହକୁ ଭଡ଼ାରେ ଲଗାଉଛନ୍ତି। ହେଲେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଲୋକମାନେ ଚଳପ୍ରଚଳ ପାଇଁ ଭବିଷ୍ୟତରେ ଆଉ ଜାଗା ପାଇବେ ନାହିଁ। ପ୍ରକାଶ ଥାଉକି ଦୋବଲ ଅଞ୍ଚଳର ବସ୍‌ଷ୍ଟାଣ୍ଡ ଠାରୁ କାଳିବଜାର ଯାଏ ମୁସ୍ତଫାପୁର ମୌଜାର ୬୧୩ ଖାତାରେ ୪୫ଟି ପ୍ଲଟ ଥିବାବେଳେ ଏଥିରେ ୭ଏକର ୯୨ଡ଼ଡ଼ିସିମିଲ୍ ଜାଗା ଏବେ ସର୍ବସାଧାରଣ ରହିଛି। ସେଥିମଧ୍ୟରୁ ବସଷ୍ଟାଣ୍ଡ ପାଇଁ ୩୨ଡ଼ିସିମିଲ, ୬ଡ଼ିସିମିଲ ଇଦ୍‌ଗା ମଣ୍ଡପ, ୩୨କବରସ୍ତାନ, ମନସୁର ପିରବାବାଙ୍କ ଆସ୍ଥାନସ୍ଥଳ ୧ଡ଼ିସିମିଲ ରହିଛି। ଅପରପକ୍ଷେ ଅନେକ ସ୍ଥାନରେ କେତେକ ମୁଷ୍ଟିମେୟ ଲୋକ ସର୍ବସାଧାରଣ ଜାଗାକୁ ମାଡ଼ିବସିଛନ୍ତି। ଅପରପକ୍ଷେ ଦୀର୍ଘବର୍ଷ ହେବ ଦୋବଲ ଠାରେ ୩୨ଡ଼ିସିମିଲ୍ ଉପରେ ବସଷ୍ଟାଣ୍ଡ ଥିବାବେଳେ ଚତୁପାର୍ଶ୍ୱରେ ଜବରଦଖଲ ଯୋଗୁ ଏବେ ପ୍ରାୟ ୧୫ରୁ ୧୬ଡ଼ିସିମିଲ୍ ଜାଗାରେ ବସ୍ ରହଣି କରୁଛି। ଅନ୍ୟ ସ୍ଥାନମାନଙ୍କରେ ଫଳଦୋକାନ, ପିକପ, ଟ୍ରାକ୍ଟର, ଟ୍ରକ୍ ରହିବା ସହ କେତେକ ବ୍ୟକ୍ତ ଜାଗା ଘେରାଇ ବସବାସ କରୁଥିବାରୁ ବସ୍ ଷ୍ଟାଣ୍ଡରେ ବସ ବୁଲିବା ପାଇଁ ଅନେକ ଅସୁବିଧା ହେଉଛି। ଦୈନିକ ଉକ୍ତ ଷ୍ଟାଣ୍ଡରୁ ଭୁବନେଶ୍ୱର, କଟକ ସମେତ ଯାଜପୁର ଜିଲ୍ଲାରୁ ମଧ୍ୟ ଭଦ୍ରକ ଅଭିମୁଖେ ବସ୍ ଜାତାୟତ କରିଥାଏ।

### ବସ୍‌ଷ୍ଟଣ୍ଡ ପାଇଁ ଜାଗା ନାହିଁ

ମାତ୍ର ସଙ୍କୁଚିତ ବସଷ୍ଟାଣ୍ଡ ହେଉଥିବାରୁ ଅନେକ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ ବାରମ୍ବାର ସ୍ଥାନୀୟ ଅଞ୍ଚଳବାସୀ ମାନେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି। ତେବେ ସୋମବାର ଦିନ ଜିଲ୍ଲାପାଳଙ୍କ ମିଳିତ ଜନସୁଣାଣି କାର୍ଯ୍ୟକ୍ରମରେ ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଉଥିବାବେଳେ ଦୋବଲ ଅଞ୍ଚଳର କେତେକ ବ୍ୟକ୍ତି ଜିଲ୍ଲାପାଳଙ୍କ ନିକଟରେ ଉକ୍ତ ଡବଲ ବସଷ୍ଟାଣ୍ଡ ଜବରଦଖଲ ସମ୍ପର୍କରେ ଅବଗତ କରାଇଥିଲେ। ତେବେ ଉକ୍ତ ଘଟଣାର ତଦନ୍ତ ସହ ଦୋବଲ ବସଷ୍ଟାଣ୍ଡକୁ ଜବରଦଖଲ ମୁକ୍ତ କରିବାପାଇଁ ଧାମନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ ହେବବୋଲି ଜିଲ୍ଲାପାଳ ମଧ୍ୟ ଅଭିଯୋଗ କାରୀଙ୍କୁ ପ୍ରତିଶୃତି ଦେଇଥିଲେ। ତେବେ ଉକ୍ତ ବସଷ୍ଟାଣ୍ଡକୁ ଜବାରଖଲ ମୁକ୍ତକରାନଗଲେ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବବୋଲି ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍):ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅଧିନରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ପୋଲିସ ସୁତ୍ରରୁ ମିଳିଥିବା ସୁଚନା ମୁତାବକ ପାରିବାରିକ କଳହକୁ ନେଇ ଯୁବକଟି ଲେମ୍ବୁଆପଡାସ୍ଥିତ ତାଙ୍କ କୁକୁଡା ଫାର୍ମ ଭିତରେ ଥିବା ଏକ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ବାପା ତ୍ରିନାଥ ବେହେରା ଡେଲାଙ୍ଗ ଥାନାରେଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଡେଲାଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ୭/୨୨ ରୁଜୁ ହୋଇଥିବା ବେଳେ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ପଞ୍ଚାନାମା କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଛନ୍ତି। ମୃତ ଯୁବକଙ୍କ ନାମ ପ୍ରଶାନ୍ତ ବେହେରା (୩୨) ଓ ତାଙ୍କ ଘର ପିପିଲି ଥାନା ଅର୍ନ୍ତଗତ କାକୁଡିଆ ଗ୍ରାମରେ ହୋଇଥିବା ସୁଚନା ମିଳିଛି। ମୃତକ ଜଣକ ଜଣେ ମେଳାପି ଓ ପରୋପକାରୀ ଯୁବକ ହୋଇଥିବା ବେଳେ ତାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ଏରିଆକୁ ଆସୁନାହାନ୍ତି ଗ୍ରାମ୍ୟ କୃଷି କର୍ମଚାରୀ, ଚାଷୀ ଅସନ୍ତୁଷ୍ଟ

ରଘୁନାଥପୁର, (ଭାସ୍କର ନ୍ୟୁଜ୍):ରାଜ୍ୟ ସରକାରଙ୍କ ପକ୍ଷରୁ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଯାଇଛି।ଏପରିକି ତୃଣମୂଳ ସ୍ତରରେ ଥିବା ଚାଷୀଙ୍କ କୃଷି ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତେବେ ଏହା କେତେ ମାତ୍ରାରେ କାର୍ଯ୍ୟକାରୀ ହେଉଛି ତାର ତର୍ଜମା କରାଯିବାର ଆବଶ୍ୟକତା ରହିଛି। ରଘୁନାଥପୁର ବ୍ଲକ କୃଷି କାର୍ଯ୍ୟାଳୟ ତଥା କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ପଞ୍ଚାୟତ ସ୍ତରରେ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ସୂଚନା ପ୍ରଦାନ ପାଇଁ ନିୟୋଜିତ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲୁ) ମାନଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଇଛି। ଗ୍ରାମାଞ୍ଚଳରେ ଏମାନଙ୍କ ଦର୍ଶନ ମିଳୁନି ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।କୃଷି ସମ୍ବନ୍ଧୀୟ କୌଣସି ତଥ୍ୟ କିମ୍ବା ପରାମର୍ଶ ଜାଣିବାକୁ ଚାହିଁଲେ ଏମାନଙ୍କୁ ପାଇବା କଷ୍ଟକର ବ୍ୟାପାର ବୋଲି ଅନେକ ଚାଷୀ ପ୍ରକାଶ କରିଛନ୍ତି।ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କ ପରାମର୍ଶରେ ଏମାନେ ପରିଚାଳିତ ହେବା ଏବଂ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ସୁବିଧା ସୁଯୋଗ ସେହିମାନଙ୍କ ଇଙ୍ଗିତରେ କାର୍ଯ୍ୟକାରୀ ହେଉଥିବା ସମ୍ପର୍କରେ ଗୁରୁତର ଅଭିଯୋଗ ହେଉଛି। ସୂଚନାଯୋଗ୍ୟ କି କୃଷି କାର୍ଯ୍ୟାଳୟରେ ୧୯ଟି ପଞ୍ଚାୟତ ପାଇଁ ମାତ୍ର ୪ଜଣ ଭିଏଡବ୍ଲୁ ଅଛନ୍ତି। ଜଣେ ଭିଏଡବ୍ଲୁ ଅଧୀନରେ ୪ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଦାୟୀତ୍ୱ ରହିଛି। ଦାୟୀତ୍ୱରେ ଥିବା କର୍ମଚାରୀଙ୍କୁ ଫୋନ କଲେ ସେମାନେ ଫୋନ ଉଠାଉ ନାହାନ୍ତି। ଯଦି କେହି ଫୋନ ଧରିଲେ ତାହାଲେ ଫିଲଡ଼ରେ ଅଛି ବୋଲି କହି କାଟିଦେଉଛନ୍ତି। ଏଭଳି ସମସ୍ୟାରେ ପଡି ଚାଷୀମାନେ ଡହଳବିକଳ ହେବା ସାର ହେଉଛି। ସରକାରଙ୍କ ତହବିଲରୁ ଏମାନଙ୍କ ପାଇଁ ପୁଳାପୁଳା ଟଙ୍କା ଶ୍ରାଦ୍ଧ ହେଉଥିବାବେଳେ କୃଷି କୃଷକଙ୍କ ସମସ୍ୟା ଉନ୍ନତି ପରିବର୍ତ୍ତେ ସେହି ସ୍ଥାନରେ ରହିଯାଇଛି ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ କୁହାଯାଇଛି।ଏଣୁ କାର୍ଯ୍ୟରେ ଖିଲାପ କରୁଥିବା କର୍ମଚାରୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବି କରାଯାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଜ୍ଞାନେନ୍ଦ୍ର ଦଳେଇ କୁହନ୍ତି ଯେ ଆବଶ୍ୟକ ମୁତାବକ କର୍ମଚାରୀଙ୍କ ଅଭାବ ତଥା ଜଣେ ଭିଏଡବ୍ଲୁଙ୍କ ଅଧୀନରେ ଅଧିକ ପଞ୍ଚାୟତ ରହୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ସୁଧାରିବା ପାଇଁ ଚେଷ୍ଟା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଜୟନ୍ତୀ ଦାସ ଅମୃତପୁର ସମିତି ଉପସଭାପତି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଅମୃତପୁର ସେବା ସମବାୟ ସମିତିର ଉପସଭାପତି ଭାବେ ଜୟନ୍ତୀ ଦାସ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ଉପସଭାପତି ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜୟନ୍ତୀ ଦାସଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରିନଥିଲେ। ଯାହାଫଳରେ ସମବାୟ ସମିତି ନିର୍ବାଚନ ଅଧିକାରୀ ଦୀନବନ୍ଧୁ ପାତ୍ର ଜୟନ୍ତୀଙ୍କୁ ଉପସଭାପତି ଭାବେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଘୋଷଣା କରିଥିଲେ। ସମବାୟ ସମିତିର ସମ୍ପାଦକ ଗୋପୀନାଥ ଭୂୟାଁ ଓ କର୍ମଚାରୀ ଅନୀଲ ଭୂୟାଁ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ଏହି ନିର୍ବାଚନ ବେଳେ ସମବାୟ ସମିତି ସଭାପତି ଅଜୟ କୁମାର ରାଉତ, ସଭ୍ୟ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୁରେନ୍ଦ୍ର ରାଉତ, ଅନିରୁଦ୍ଧ ମାଝୀ, ଅକ୍ଷୟ କୁମାର ବଳ, ଗଙ୍ଗାଧର ବିଶ୍ୱାଳ, ବିଶ୍ୱନାଥ ମଳିକ, ସକୁନ୍ତଳା ରାଉତ, ସୁରେନ୍ଦ୍ର ମହାକୁଡ଼, ରମେଶ ବଳ, ଜୟନ୍ତୀ ମିଶ୍ର, ଶାନ୍ତିଲତା ପରିଡ଼ା, ସୁକୁମାରୀ ଭୂୟାଁ ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବଡ଼ସାହ,(ଭାସ୍କର ନ୍ୟୁଜ୍):ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ରେ ସଫଳତା ଅର୍ଜନ କରିଥିବା ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକର କୃତୀ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରେସ କ୍ଲବ୍ ପକ୍ଷରୁ ଆସନ୍ତା ୧୫ ତାରିଖ ଶୁକ୍ରବାର ଦିନ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏ ନେଇ ଆଜି ପ୍ରେସ କ୍ଲବ୍ ପକ୍ଷରୁ ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ କୁଆମରା ଠାରେ ଅନୁଷ୍ଠିତ ହୋଇଛି। କୁଆମରା ହାଇସ୍କୁଲ, ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ, ବାପୁଜୀ ଉଚ୍ଚ ବିଦ୍ୟାଳୟ ସାନବେଲାକୁଟି, ସାଇଁକୁଳା ଦାମୋଦର ଉଚ୍ଚ ବିଦ୍ୟାଳୟ, ପଶୁଦା ଉଚ୍ଚ ବିଦ୍ୟାଳୟ ଓ ପୁରୁଣାରିପଦା ରିଜିଓନାଲର ସର୍ବାଧିକ ନମ୍ବର ରଖିଥିବା ବ୍ଲକର ମୋଟ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିଷ୍ପତ୍ତି ନିଆ ଯାଇଛି। କୃତୀ ଛାତ୍ରଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ପ୍ରେସ କ୍ଲବ୍ ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ସଂପାଦକ ଡକ୍ଟର କୁମାର ବାବୁଲି, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଟୁଆଳ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ପୁହାଣ, ବିଶ୍ୱଜିତ ଦାଶ, ଜୟନ୍ତ କୁମାର, ମାଣିକ ହେମ୍ବ୍ରମ, ଦୀପକ କୁମାର ଚୌଧୁରୀ, ସମ୍ବିତ କୁମାର ରାଉତ, ରଞ୍ଜନ କୁମାର ମଟୁଆଳ, ପ୍ରମୋଦ କୁମାର ଆଚାର୍ଯ୍ୟ, ହୀରେନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭତ୍ତା ହଡ଼ପ ନେଇ ଅଭିଯୋଗ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଛି। ମନରେଗା ଯୋଜନା, ମୁର୍ତ୍ତିକା ସଂରକ୍ଷଣ ଯୋଜନାରେ ପୋଖରୀ ଖୋଳା, ମେସିନ ସାହାର୍ଯ୍ୟରେ କାମ କରିବା ନେଇ ବାରମ୍ବାର ଅଭିଯୋଗ ପରେ ଏବେ ଆଉ ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ଉପଯୁକ୍ତ ବୟସ ନହୋଇ ଜାଲିଆତି କରି ଭତ୍ତା ଦିଆଯାଉଥିବା ନେଇ କାକଟପୁର ବ୍ଲକ ବିଡ଼ିଓଙ୍କ ପାଖରେ ସମ୍ପୃକ୍ତ ପଞ୍ଚାୟତର ସନ୍ତରସ ଗ୍ରାମର ସ୍ୱରୂପ ଭଟ୍ଟ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଅଭିଯୋଗ ସହିତ ପ୍ରମାଣ ସ୍ୱରୂପ ୨୦୨୨ ମସିହା ଭୋଟର ତାଲିକା ବୟସ ସହ ଦାଖଲ କରିଛନ୍ତି। ତୁରନ୍ତ ସେମାନଙ୍କର ନାମ କାଟିବା ସହିତ ଜାଲିଆତି କରି ସରକାରୀ ଅର୍ଥ ହଡପ କରୁଥିବା ଲୋକ ଓ ସଂପୃକ୍ତ ଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ମାଳତୀ ଭଟ୍ଟ ବୟସ ୫୯, ଗୌରାଙ୍ଗ କାଣ୍ଡି ବୟସ ୫୨ ଓ କୁମର କାଣ୍ଡି ବୟସ ୬୦ ହୋଇଥିବା ବେଳେ କିପରି ବାର୍ଦ୍ଧକ୍ୟ ଭତ୍ତା ନେଉଛନ୍ତି ତାହା ତଦନ୍ତ କରିବାକୁ ଦାବି କରିଛନ୍ତି। କାକଟପୁର ବିଡିଓ ତୁଷାର ଜ୍ୟୋତି ରଞ୍ଜନ କହିଛନ୍ତି ଏନେଇ ମୁଁ ଅଭିଯୋଗ ପାଇଛି ଉପଯୁକ୍ତ ତଦନ୍ତ ହୋଇ ଆବଶ୍ୟକ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ।

## ୧୫ରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନରେ ଥିବା ସମସ୍ତ ସମବାୟ ସମିତି ଓ ସ୍ୱୀକୃତିପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀରେ ଜୁଲାଇ ୧୫ ଠାରୁ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ କରାଯିବ ବୋଲି ଜଣା ପଡ଼ିଛି। ଏ ସମ୍ପର୍କରେ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମବାୟ ସମିତିର ସମ୍ପାଦକ ଓ ସ୍ୱୟଂ ସାହାୟକ ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକାଙ୍କ ସହିତ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଛି। ଚଳିତ ବର୍ଷ ବ୍ଲକକୁ ୟୁନିଟ୍ ଭାବେ ନିଆଯାଇ ଚାଷୀ ପଞ୍ଜୀକରଣ କରାଯିବ ବୋଲି ଜଣା ପଡ଼ିଛି। ଯେଉଁ ବ୍ଲକର ଯେଉଁ ଚାଷୀ ସେମାନେ ସେହି ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କରେ ଚାଷୀ ପଞ୍ଜୀକରଣ କରିପାରିବେ ବୋଲି ନିୟମ କରାଯାଇଛି। ସେହିପରି ଚାଷୀ ପଞ୍ଜୀକରଣ ପାଇଁ ନିଜର ଆଧାର କାର୍ଡ଼ ସହିତ ମୋବାଇଲ ନମ୍ବର ବାଧ୍ୟତା ମୂଳକ କରାଯାଇଛି। ଚାଷୀ ପଞ୍ଜୀକରଣ ସମୟରେ ଚାଷୀର ଆଧାର ନମ୍ବର ସହିତ ମୋବାଇଲ ନମ୍ବର ଯାଞ୍ଚ କରାଯିବା ସହିତ ଚାଷୀର ମୋବାଇଲକୁ ଏକ ଓଟିପି ନମ୍ବର ଆସୁଥିବା ଆବଶ୍ୟକ। ଯଦି ଚାଷୀର ମୋବାଇଲକୁ ଓଟିପି ନମ୍ବର ଯାଉ ନଥାଏ ତାହେଲେ ଚାଷୀ ଠାରୁ ପଞ୍ଜୀକରଣ ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ ବୋଲି ନିୟମ କରାଯାଇଛି ବୋଲି ତାଲିମ ପ୍ରଦାନ କରାଯାଇଛି। ସମବାୟ ସମିତି ମାନଙ୍କୁ ଧାନ କ୍ରୟର ପାରିଶ୍ରମିକ ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କୁ ଧାନ କ୍ରୟର ପାରିଶ୍ରମିକ ଯୋଗାଇ ଦିଆଯିବାକୁ ଦାବି କରାଯାଇଛି।

## ଝିପିଝିପି ବର୍ଷା ହେଲେ କଣାସ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି

କଣାସ,(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟସରକାର ରାସ୍ତାଘାଟ ନିର୍ମାଣ ଉପରେ ବିଭିନ୍ନ ଯୋଜନା ମଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚକରି ରାସ୍ତାଘାଟ ନିର୍ମାଣ କରୁଥିବା ବେଳେ ରାସ୍ତାଉପରୁ ବର୍ଷା ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇନଥିବାରୁ କଣାସ ଗ୍ରାମଦାଣ୍ଡରେ ବର୍ଷାଜଳ ଲହଡି ଭାଙ୍ଗୁଛି। ଏ ସଂପର୍କରେ କଣାସ ସରପଞ୍ଚ ଭଗବାନବାନ ସୁବୁଦ୍ଧିଙ୍କୁ ପଚାରିବାରୁ ସେ କୁହନ୍ତି ରାସ୍ତାର ଦୁଇପାର୍ଶ୍ୱରେ ଘର ହେବାପରେ ଉଭୟପକ୍ଷର ପରିବାର ଲୋକମାନେ ରାସ୍ତାଉପରେ ଜମିରହିଥିବା ଜଳ ନିଷ୍କାସନ ପାଇଁ ନାଳ ଛାଡୁନଥିବାରୁ ନାଳ ଖୋଳା ହୋଇପାରୁ ନାହିଁ। ତହସିଲଦାରଙ୍କୁ ଜଣାଇଛି ସେ ମାପଚୁପ କରିବାପରେ ଜଳ ନିଷ୍କାସନ ପାଇଁ ନାଳଖନନ କରାଯିବ। ସେହିପରି କଣାସ ବ୍ଲକର ଅନେକ ଗ୍ରାମରେ ସରକାରୀ ରାସ୍ତାଉପରକୁ ପରିବାରଲୋକ ମଡାଇ ଘର ତିଆରି କରିଥିବା ହେଉତୁ ବର୍ଷାଜଳ ନିଷ୍କାସନ ନ ହୋଇପାରି ରାସ୍ତାରେ ଜମାହୋଇ ରହୁଛି।

## ଅଗ୍ନିଶମ ସେବା କେନ୍ଦ୍ରର ନାହିଁ ସ୍ଥାୟୀ ଗୃହ

ତିହିଡ଼ି,(ଭାସ୍କର ନ୍ୟୁଜ୍):ଅଗ୍ନିଶମ ସେବା କେନ୍ଦ୍ର ଏକ ଜରୁରୀ କାଳୀନ ବିଭାଗ। ଏହି କେନ୍ଦ୍ର ମାଧ୍ୟମରେ ଜନସାଧାରଣମାନଙ୍କୁ ବିଭିନ୍ନ ବିପତ୍ତି ସମୟରେ ଜରୁରୀକାଳୀନ ସେବା ଯୋଗାଇ ଦିଆଯାଇଥାଏ। ଏହି ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନେ ସୁବିଧାରେ ରହି ନପାରିଲେ ସେମାନଙ୍କର କର୍ତ୍ତବ୍ୟ ପ୍ରତି ଆଗ୍ରହ କମିଯିବା ସ୍ୱାଭାବିକ। ସେମାନଙ୍କୁ ସୁବିଧା ସୁଯୋଗ ମିଳିଲେ ସେମାନେ ନିଶ୍ଚିତ ରୂପେ ଆଗ୍ରହର ସହିତ ନିଜର କାର୍ଯ୍ୟ ସମ୍ପାଦନ କରିପାରିବେ। ମାତ୍ର ଭଦ୍ରକ ଜିଲ୍ଲା ତିହିଡ଼ି ଅଗ୍ନିଶମ ସେବା କେନ୍ଦ୍ରର ସ୍ଥାୟୀ ଗୃହ ନଥିବାରୁ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକ କର୍ମଚାରୀ ଅସୁବିଧାରେ ରହି ନପାରି ନିଜର କର୍ତ୍ତୃପକ୍ଷଙ୍କୁ ଜଣାଇ ଅନ୍ୟତ୍ର ବଦଳି ହୋଇ ଚାଲିଯାଉଥିବା ଆଲୋଚନାର ବିଷୟ ହୋଇଛି। ଇତି ମଧ୍ୟରେ ୬ଜଣ କର୍ମଚାରୀ ଅସୁବିଧା ପାଇଁ ଅନ୍ୟତ୍ର ବଦଳି ହୋଇ ଯାଇଛନ୍ତି। ଏହି ଅଗ୍ନିଶମ ସେବା କେନ୍ଦ୍ର ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ପ୍ରଚେଷ୍ଟାରେ ତିହିଡ଼ିରେ ଡିସେମ୍ବର ୨୪ ତାରିଖ ୨୦୧୬ ମସିହାରେ ଉଦ୍‌ଘାଟିତ ହୋଇଥିଲା। ଏହା ବର୍ତ୍ତମାନ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଅଦ୍ୟାବଧି ଅସ୍ଥାୟୀ ଭାବେ ଚାଲି ଆସୁଅଛି।



ଗତ ୩.୦୨.୨୦୧୭ ତାରିଖରେ କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ସରକାରୀ ଜାଗା ଯୋଗାଇ ଦେବାକୁ ଅଗ୍ନିଶମ ସେବା କେନ୍ଦ୍ର କର୍ତ୍ତୃପକ୍ଷ ତହସିଲଦାରଙ୍କୁ ଜଣାଇଥିଲେ। ଏହି ସରକାରୀ ଜାଗା ଯୋଗାଇ ଦେବା ପାଇଁ ବାରମ୍ବାର ବୈଠକ ବସିବା ପରେ ଗୋଲାପୋଖରୀ ମୌଜାର ପତିତ କିସମର ଖାତା ନଂ ୪୨୦, ପ୍ଲଟ ନଂ ୨୪୧ରେ ଏକ ଏକର ଜମି ଯୋଗାଇ ଦିଆଯାଇଥିଲା। ପରେ ୧୩.୧୨.୨୦୨୧ ତାରିଖରେ କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ତହସିଲ ପକ୍ଷରୁ ପଟ୍ଟା ମିଳିଥିଲା। ସରକାରୀ ଜମିର ପଟ୍ଟା ମିଳିବା ପରେ ପୋଲିସ ହାଉସିଂ କର୍ପୋରେସନ ପକ୍ଷରୁ କ୍ଷେତ୍ରୀୟ ତଦନ୍ତ କରାଯାଇ ଗୃହ ନିର୍ମାଣ ପାଇଁ ବ୍ୟୟ ଅଟକଳ ମଞ୍ଜୁର କରାଯାଇଥିଲା। ଗୃହ ନିର୍ମାଣ ପାଇଁ ବ୍ୟୟ ଅଟକଳ ମଞ୍ଜୁର ହେବା ପରେ ୨୦.୫.୨୦୨୨ ତାରିଖରେ ପୁଲିସ ହାଉସିଂ କର୍ପୋରେସନ ମୃର୍ତ୍ତିକ କର୍ପୋରେସନ ପାଇଁ ଆସିଥିଲେ। ଏହି ସମୟରେ କିଛି ସ୍ଥାନୀୟ କିଛି ଲୋକ କେନ୍ଦ୍ରର ଗୃହ ନିର୍ମାଣକୁ ବିରୋଧ କରିଥିଲେ। ଫଳରେ ସ୍ଥାୟୀ ଗୃହ ହୋଇପାରିଲା ନାହିଁ। ସୁବିଧାରୁ ବଞ୍ଚିତ ହୋଇ ଦୀର୍ଘଦିନ ହେବ ବହୁ ଅସୁବିଧାରେ କେନ୍ଦ୍ର ଅଧିକାରୀ ଓ କର୍ମଚାରୀ ସେବା ଯୋଗାଇ ଆସୁଛନ୍ତି। ତେବେ ତୁରନ୍ତ ସ୍ଥାୟୀ ଗୃହ ନିର୍ମାଣ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଥିବାବେଳେ ଆଗାମୀ ୪ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ରାଜ୍ୟର ବହୁ ସ୍ଥାନରେ ତୁହାକୁ ତୁହା ବର୍ଷା ହୋଇଥିବା ପରିଲକ୍ଷିତ କରାଯାଇଛି। ଦକ୍ଷିଣ ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଏବେ ସକ୍ରିୟ ହେବା ଯୋଗୁଁ ଏହି ବର୍ଷା ପରିମାଣ ଆଗାମୀ ଦିନରେ ଆହୁରି ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ଏ ନେଇ ସବୁ ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ସତର୍କ ଓ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## 'ଗ୍ରାମାଞ୍ଚଳ ବିକାଶରେ ନାବାର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ'




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ନାବାର୍ଡର ୪୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉନ୍ନୟନ କମିଶନର ପିକେ ଜେନା, କୃଷି ଉତ୍ପାଦକ କମିଶନର ସଞ୍ଜୀବ ଚୋପ୍ରା, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଏକେକେ ମୀନା, ଆର୍‌ବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏଚ୍‌ଏମ୍ ପଣ୍ଡା, ନାବାର୍ଡ ମୁଖ୍ୟ ପରିଚାଳକ ସି ଉଦୟ ଭାସ୍କର, ନାବାର୍ଡର ସଂଯୋଜକ ଗୌତମ ପାତ୍ର, ଏସ୍‌ବିଆଇ ସିଜିଏମ୍ ଚନ୍ଦ୍ରଶେଖର ଶର୍ମା ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ନାବାର୍ଡର ମୁଖ୍ୟ ପରିଚାଳକ ଉଦୟ ଭାସ୍କର ସ୍ୱାଗତ ଭାଷଣ ଦେଇଥିବାବେଳେ ଚଳିତବର୍ଷ ନାବାର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ନାବାର୍ଡର ଭୂମିକା ଯଥେଷ୍ଟ ରହିଛି।

### ନାବାର୍ଡର ୪୧ତମ ପ୍ରତିଷ୍ଠା ଦିବସ ପାଳିତ

ସବୁବେଳେ ରାଜ୍ୟ ସରକାରଙ୍କ ସହ ତାଳଦେଇ ରାଜ୍ୟର ବିକାଶ କରିବା କ୍ଷେତ୍ରରେ ଆଗକୁ ଚାଲିଛି। ନାବାର୍ଡ ଆର୍‌ଆଇଡିଏଫ୍, ଡବ୍ଲୁଡିଏଫ୍, ଏସ୍‌ଏଚ୍‌ଜି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକୁ ସୁଚାରୁରୂପେ ପରିଚାଳନା କରି ପ୍ରଶଂସା ସାଉଁଟିଛି। ସେହିପରି ସମ୍ମାନିତ ଅତିଥିଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ନାବାର୍ଡର ପ୍ରୟାସକୁ ପ୍ରତିଷ୍ଠା ଦିବସରେ ପ୍ରଶଂସା କରିବା ସହ କହିଥିଲେ ଯେ ଓଡ଼ିଶା ସରକାର ଚାଷୀମାନଙ୍କ ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ଯଥା ବଳରାମ, କାଳିଆ, ସମୃଦ୍ଧି, ମିଲେଟ୍ ମିଶନ ଇତ୍ୟାଦି କାର୍ଯ୍ୟକାରୀ କରୁଛନ୍ତି। ଏ କ୍ଷେତ୍ରରେ ବ୍ୟାଙ୍କମାନଙ୍କ ଭୂମିକା ଅବିସ୍ମରଣୀୟ ବୋଲି ସେ କହିଥିଲେ। ଅତିରିକ୍ତ ମୁଖ୍ୟ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ ଜେନା ନାବାର୍ଡ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକାର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଆର୍‌ଆଇଡିଏଫ୍ ଯୋଜନାରେ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନାବାର୍ଡ ରେକର୍ଡସଂଖ୍ୟକ ଅର୍ଥ ମଞ୍ଜୁର କରିଛି ଯାହାକି ଗ୍ରାମାଞ୍ଚଳ ଉନ୍ନୟନରେ ବିଶେଷ ସହାୟକ ହୋଇପାରିଛି। ବିଶେଷକରି ରାସ୍ତା ଏବଂ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ନାବାର୍ଡର ଉଦ୍ୟମ ପ୍ରଶଂସନୀୟ।

## ବିଜେବି କଲେଜ ଛାତ୍ରୀ ମୃତ୍ୟୁ ମାମଲା
## ନ୍ୟାୟ ଦାବିରେ ରୁଚିକାଙ୍କ ମା' ଦେଲେ ଧାରଣା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପାଇଁ ତାଙ୍କ ପରିବାର ଲୋକ ଆଜି ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ଏହି ଧାରଣାରେ ରୁଚିକାଙ୍କ ମା ବିଦ୍ୟୁତ ଲତା ମହାନ୍ତି ବସିଛନ୍ତି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଗତକାଲି ବିଜେବି କଲେଜ ସମ୍ମୁଖରେ ପ୍ରତିବାଦ କରୁଥିବା ବେଳେ ପୋଲିସ ରୁଚିକାଙ୍କ ମା'ଙ୍କ ସହ ଅନ୍ୟ ବିକ୍ଷୋଭକାରୀମାନଙ୍କୁ ଉଠାଇ ନେଇଥିଲା।

## ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର
## ବଢ଼ିଲା ଗୃହ ନିର୍ମାଣ ଋଣ ସହାୟତା ପରିମାଣ



**୮% ସୁଧରେ ପାଇବେ ୪୦ ଲକ୍ଷ ଟଙ୍କା**

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସପ୍ତମ ବେତନ କମିଶନ ସୁପାରିଶ ଭିତିରେ ରାଜ୍ୟ ସରକାର ସରକାରୀ କର୍ମଚାରୀ ମାନଙ୍କ ପାଇଁ ଗୃହ ନିର୍ମାଣ ସହାୟତା ରାଶିକୁ ୨୫ ଲକ୍ଷ ଟଙ୍କାରୁ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । ସୁଧ ହାର ପରିମାଣ ମଧ୍ୟ କମାଯାଇ ୮ ପ୍ରତିଶତ ରଖାଯାଇଛି। ଏହି ଋଣ ୬୦-୪୦ ଅନୁପାତରେ ଦୁଇଟି ପର୍ଯ୍ୟାୟରେ କର୍ମଚାରୀ ମାନଙ୍କୁ ଦିଆଯିବ। ପୂର୍ବରୁ ୨୦୧୦ରେ ଲାଗୁ କରାଯାଇଥିବା ଗୃହ ନିର୍ମାଣ ସହାୟତା ନିୟମ ଅନୁଯାୟୀ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି ଏବଂ ଏଥିରେ ସର୍ବାଧିକ ସୁଧ ହାର ୧୧.୫ ପ୍ରତିଶତ ଥିଲା । ବର୍ତ୍ତମାନ ଗୃହ ନିର୍ମାଣ ସହାୟତା ପରିମାଣ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା ସହିତ ସୁଧ ପରିମାଣ ୮ ପ୍ରତିଶତକୁ ହ୍ରାସ କରାଯାଇଛି । ଜାତୀୟ ପେନ୍ସନ ସ୍କିମ୍ ଅଧୀନସ୍ଥ କର୍ମଚାରୀଙ୍କ ସହିତ ସମସ୍ତ ସ୍ଥାୟୀ ସରକାରୀ କର୍ମଚାରୀ ଏହି ସହାୟତା ପାଇପାରିବେ।




କୃଷକ ଆନ୍ଦୋଳନ ନେତା ଗଙ୍ଗାଧର ପାଇକରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ

## ରାଜଧାନୀରେ ୧୮୬ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ କୋଭିଡ୍ ର ଦୈନିକ ସଂକ୍ରମଣ ବଢିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ମଙ୍ଗଳବାର ମୋଟ ୧୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୨୦୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୯ ହଜାର ୨୪୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୭ ହଜାର ୧୯୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ଼ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୮୩୫ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

## ବର୍ତ୍ତମାନ ସଂକ୍ରମିତଙ୍କ ମଧ୍ୟରେ ମେଡିକାଲରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟା କମ୍: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ସଂକ୍ରମିତଙ୍କ ମଧ୍ୟରେ ମେଡିକାଲରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟା କମ୍ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର । ରାଜ୍ୟରେ କୋବିଡ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ସେ ଏହା କହିଛନ୍ତି। ସେ କହିଛନ୍ତି ଯେ ଗତକାଲି ସୁଦ୍ଧା ୩ ହଜାରରୁ ଅଧିକ ଆକ୍ଟିଭ ଥିଲେ, ୩୧ ଜଣ ମେଡିକାଲରେ, ଡାକ୍ତରଖାନାରେ ଥିବା ୩୧ ଜଣଙ୍କ ମଧ୍ୟରୁ ୨୫ ଜଣ ଆଇସିୟୁରେ ଅଛନ୍ତି । ସେ କହିଛନ୍ତି ଯେ ଟିପିଆର ଅନୁସାରେ କଟକ, ପୁରୀ, ଖୋର୍ଦ୍ଧା ସହରାଞ୍ଚଳରେ ସଂକ୍ରମଣ ଅଧିକରହିଛି । ଅଧିକାଂଶ ଲୋକ ଟିକା ନେଇଥିବାରୁ ଗୁରୁତର ହେବା କମ୍ ରହିପାରେ ।

## 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସଂଖ୍ୟା ପ୍ରେରଣ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଡୋଶୀ ଆନ୍ଧ୍ରପ୍ରଦେଶର ମଞ୍ଜୁଷା, ଟିକାଲି, ଇଚ୍ଛାପୁରମ୍ ଏବଂ ବିଶାଖାପାଟଣାରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କ ନିମନ୍ତେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ପ୍ରକାଶିତ ମୁଖପତ୍ର 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ପ୍ରେରଣ କରାଯାଇଛି । ମଙ୍ଗଳବାର 'ଉତ୍କଳ ପ୍ରସଙ୍ଗ'ର ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ନେଇ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାତ୍ରା କରିଥିବା ଏକ ସ୍ୱତନ୍ତ୍ର ଯାନକୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡିଶା ରିଭ୍ୟୁ'ର ସଂପାଦକ ଡଃ. ଲେନିନ୍ ମହାନ୍ତି ପ୍ରମୁଖ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ବିଭାଗର ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଲୋକସମ୍ପର୍କ ଅଧିକାରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯାତ୍ରାରେ ବିଭାଗ ତରଫରୁ ଦୁଇଜଣ ସ୍ୱତନ୍ତ୍ର ଅଧିକାରୀ ଦେବାଶିଷ ପଟ୍ଟନାୟକ ଏବଂ ସୌରଭ ପ୍ରଧାନ ଗସ୍ତ କରିଛନ୍ତି। ସେମାନେ ବିଚ୍ଛିନ୍ନାଂଚଳରେ ଥିବା ଓଡିଆ ସଂଗଠନର କର୍ମକର୍ତ୍ତାମାନଙ୍କ ସହିତ ସାକ୍ଷାତ କରି ରଥଯାତ୍ରା ସ୍ୱତନ୍ତ୍ର ସଂଖ୍ୟା ବଣ୍ଟନ କରିବା ସହିତ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସଂପର୍କରେ ଭାବ ବିନିମୟ କରିବେ।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ !

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚିକିତ୍ସା ଅବହେଳାରୁ ରୋଗୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଭୁଲ ଇଞ୍ଜେକସନ ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟମାନେ ଡାକ୍ତରଖାନା ଗେଟ୍‌ରେ ତାଲା ପକାଇ ହୋହାଲ୍ଲା କରିଛନ୍ତି। ସୂଚନା ଅନୁଯାୟୀ ଶିବରାମ ନାମକ ବ୍ୟକ୍ତି ଗତ ଶନିବାର ଦିନ ଆପେଣ୍ଡିସ ଅପରେସନ କରିବା ପାଇଁ ଗଙ୍ଗନଗର ସ୍ଥିତ ମା ଶକ୍ତି ହସ୍ପିଟାଲରେ ଆଡ଼ମିଟ ହୋଇଥିଲେ। ଗତକାଲି ତାଙ୍କର ଅପରେସନ କରାଯାଇଥିଲା। ଅପରେସନ ପରେ ଶିବରାମ ସୁସ୍ଥ ହୋଇଥିଲେ । କିନ୍ତୁ ଗତ ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଥିଲା। ଡାକ୍ତର ଉପସ୍ଥିତ ନଥିବାବେଳେ ନର୍ସ ମାନେ ତରବରିଆ ଭାବେ ଏକ ଇଞ୍ଜେକସନ ଦେଇଥିଲେ। ଇଞ୍ଜେକସନ ଦେବା ପରେ ଶିବରାମ ମୃତ୍ୟୁବରଣ କରିଥିଲେ। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଉତ୍ତ୍ୟକ୍ତ ହୋଇ ହସ୍ପିଟାଲରେ ତାଲା ପକାଇ ଦେଇଥିଲେ ।

- **ଡାକ୍ତରଖାନା ଗେଟ୍‌ରେ ତାଲା ପକାଇଲେ ସଂପର୍କୀୟ**
- **ଡାକ୍ତରଙ୍କ ଅନୁପସ୍ଥିତିରେ ନର୍ସ ଦେଲେ ଭୁଲ୍ ଇଞ୍ଜେକସନ୍ !**

## ଗୋଠପୁର ଗ୍ରାମରେ ମଙ୍ଗଳାଙ୍କ ଜନ୍ମ ବାର୍ଷିକ ଉତ୍ସବ



ବାରଙ୍ଗ(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଅନ୍ତର୍ଗତ ଗୋଠପୁର ଗ୍ରାମରେ ମଙ୍ଗଳବାର ଦିନ ମଙ୍ଗଳାଙ୍କ ଜନ୍ମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ସକାଳୁ ସୂର୍ଯ୍ୟପୂଜା,ମଣ୍ଡପ ପୂଜା,ଅଗ୍ନିସ୍ଥାପନ ଉତ୍ସବ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଆଳତୀ, ପୁଷ୍ପାଞ୍ଜଳୀ ପରେ ପୂର୍ଣ୍ଣାହୁତୀ କରାଯାଇଥିଲା । କୁଳ ପୁରୋହିତ ଶେଷଦେବ ଷଡଙ୍ଗୀ, ବରଦା ପ୍ରଶନ୍ନ ଷଡଙ୍ଗୀ ଓ କର୍ତ୍ତା ପ୍ରଶାନ୍ତ କୁମାର ମାଝୀ କର୍ତ୍ତା ପିଙ୍କି ମାଝୀ ଉପସ୍ଥିତିରେ ହୋମ ଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା । ଗ୍ରାମର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଚନ୍ଦନ ରାଉତ, ସୁଶାନ୍ତ ରାଉତ, ଗୋବିନ୍ଦ ପଢିହାରୀ, ପସନ୍ନ ରାଉତ, ସତ୍ୟଜିତ ପଢିହାରୀ, ସ୍ୱର୍ଣ୍ଣମୟ ମାଝୀ, ସୀମା ରାଉତ, ତ୍ରିଲୋଚନ ରାଉତ, ମହାଦେବ ରାଉତ, ବିଦ୍ୟାଧର ରାଉତ, ରାହୁଲ ରାଉତ, ପ୍ରମୋଦ ଲେଙ୍କା, ରମେଶ ସାସମଲ, ନରେଶ ଲେଙ୍କା, ଆଶିଷ ପଢିହାରୀଙ୍କ ସମେତ ଗ୍ରାମର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମାନେ ସହଯୋଗ କରିଥିଲେ ।

## ଦାରୁ ପ୍ରାପ୍ତି ସ୍ଥାନରେ ରଥଯାତ୍ରା ଉତ୍ସବ ଶେଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦାରୁପ୍ରାପ୍ତି ସ୍ଥାନରେ ରଥଯାତ୍ରା ଉତ୍ସବ ଶେଷ ହୋଇଛି। ରଥରେ ନୀତି ପୂଜା ବିଧି ଅନୁଯାୟୀ ରଥଯାତ୍ରା, ବାହୁଡ଼ାଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରୀ ବିଜେ ସମାପନ ହୋଇଛି। ଏହି ଅବସରରେ ଦାରୁ କ୍ଷେତ୍ରରେ ଦାରୁ ଦେବତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶ୍ରୀଜିଉଙ୍କ ସୁନାବେଶ, ଅଧରପଣା ପରମ୍ପରା ଅନୁଯାୟୀ ଶେଷ ହୋଇ ଆଜି ନିଳାଦ୍ରୀ ବିଜେ ସମାପନ ହୋଇଛି। ୧୯୯୬ମସିହା ଏପ୍ରିଲ ୭ତାରିଖରେ ଶ୍ରୀକ୍ଷେତ୍ର ନିବାସୀ ବଡ ଠାକୁରଙ୍କ ନବକଳେବର ହୋଇଥିଲା। ଶ୍ରୀ ଜଗନ୍ନାଥଙ୍କ ନବକଳେବର ପାଇଁ ଖୋର୍ଦ୍ଧା ଦଧିମାଛ ଗାଡ଼ିଆରୁ ଦାରୁ ଆସିଥିଲା। ୧୬ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧାଠାରୁ ୧୦କିଲୋମିଟର ଦୂର ରହିଛି ଦଧିମାଛ ଗାଡ଼ିଆ। ମା'ମଙ୍ଗଳାଙ୍କ ଦୈବୀଶକ୍ତିର ଅପାର କରୁଣାରୁ ଶ୍ରୀଜଗନ୍ନାଥଙ୍କ ଦାରୁ ଦଧିମାଛ ଗାଡିଆର ମାନସ ରଞ୍ଜନ ପଟ୍ଟନାୟକଙ୍କ ବାଡିପଟ ବିଲହୁଡ଼ାରେ ରହିଥିବା ଦଇତାପତିଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ଏହାପରେ ବନଜାଗ ଦଳ ସେଠାରେ ପହଂଚିଥିଲେ। ସେଠାରେ ଥିବା ନିମ୍ବ ଗଛର ଗୋଲେଇଥିଲା




ମାଷ୍ଟରକ୍ୟାଣ୍ଟିନ୍ ଛକରେ 'ଓଡ଼ିଆରେ ପଢ଼ିବା ଓ ଓଡ଼ିଶା ଗଢ଼ିବା' ସ୍ଲୋଗାନ ଦେଇ ଛାତ୍ରଛାତ୍ରୀଙ୍କ ସଚେତନତା ରାଲି

## 'ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗରେ ଖାଲିଥିବା ପଦବୀ ପୂରଣ କରାଯାଉଛି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁଫଳ ଆନୁଷଙ୍ଗିକ କୃଷି ସହ ଜଡ଼ିତ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯିବ । ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ଏବଂ ଓଡ଼ିଶା ସବ୍‌ଅର୍ଡ଼ିନେଟ୍ ଷ୍ଟାଫ ସିଲେକ୍ସନ୍ ଦ୍ୱାରା ଲିଖିତ ଓ ମୌଖିକ ପରୀକ୍ଷା କରାଯାଇ ପଦବୀ ପୂରଣ କରାଯାଉଥିବା ପରିପ୍ରେକ୍ଷୀରେ ଏ ଦିଗରେ ଆୟୋଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । କୃଷି ଭବନଠାରେ ଅନୁଷ୍ଠିତ ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ସଚିବ ଆର୍. ରଘୁପ୍ରସାଦ କହିଥିଲେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ୧୭୭ଟି ସହକାରୀ ମତ୍ସ୍ୟ ଅଧିକାରୀ ପଦବୀ ନିମନ୍ତେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ସେହିପରି ୬୭ଟି ଜୁନିଅର ଫିସରିଜ୍ ଟେକ୍‌ନିକାଲ୍ ଆସିଷ୍ଟାଣ୍ଟ ପଦବୀ ନିମନ୍ତେ ଷ୍ଟାଫ ସିଲେକ୍ସନ୍ କମିଶନ ଦ୍ୱାରା ଲିଖିତ ପରୀକ୍ଷା କରାଯାଇଛି । ମତ୍ସ୍ୟ ନିର୍ଦ୍ଦେଶାଳୟ ଅଧୀନରେ ୨୦୨୨ ଡିସେମ୍ବର ୩୧ ତାରିଖ ସୁଦ୍ଧା ଖାଲି ହେଉଥିବା ସହକାରୀ ମତ୍ସ୍ୟ ଅଧିକାରୀ ଓ ଜୁନିଅର ଫିସରିଜ୍ ଟେକନିକାଲ୍ ଆସିଷ୍ଟାଣ୍ଟ ପଦବୀ ତାଲିକା ଆସନ୍ତା ୭ ଦିନ ମଧ୍ୟରେ ପ୍ରସ୍ତୁତ କରି ପଦବୀ ପୂରଣ ନିମନ୍ତେ କ୍ଷମତାସଂପନ୍ନ କମିଟି ସମ୍ମୁଖରେ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ସବ୍‌ଅର୍ଡ଼ିନେଟ୍ ଷ୍ଟାଫ ସିଲେକ୍ସନ୍ କମିଶନ ଦ୍ୱାରା ମତ୍ସ୍ୟ ନିର୍ଦ୍ଦେଶାଳୟର ୧୯ଟି ଜୁନିଅର କ୍ଲର୍କ ପଦବୀ ପୂରଣ ନିମନ୍ତେ ସାର୍ଟିଫିକେଟ୍ ଯାଂଚ କାର୍ଯ୍ୟ କରାଯିବା ପରେ ତାଲିକା ଚୂଡ଼ାନ୍ତ କରାଯିବ । ସେହିପରି ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ଅଧୀନରେ ୩୫୧ଟି ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ/ ଅତିରିକ୍ତ ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ମୌଖିକ ପରୀକ୍ଷା କରାଯାଇ ପ୍ରାର୍ଥୀ ତାଲିକା ସୁପାରିଶ କରାଯିବ । ଏତଦ୍‌ବ୍ୟତୀତ ୪୫୪ଟି ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ/ ଅତିରିକ୍ତ ଭେଟେରିନାରୀ ଆସିଷ୍ଟାଂଟ ସର୍ଜନ ପଦବୀ ପୂରଣ ନିମନ୍ତେ ବିଭାଗ ପକ୍ଷରୁ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୫୬୫ଟି ପ୍ରାଣୀସଂପଦ ନିରୀକ୍ଷକ (ଏଲ୍‌ଆଇ) ପଦବୀରେ ନିଯୁକ୍ତି ନିମନ୍ତେ ଲିଖିତ ଓ ଶାରୀରିକ ପରୀକ୍ଷା ଶେଷ ହୋଇଛି ଓ ଖୁବ୍‌ଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ । ଦ୍ୱିତୀୟ ପର୍ଯ୍ୟାୟରେ ୭୧୯ଟି ଏଲ୍‌ଆଇ ପଦବୀ ପୂରଣ ନିମନ୍ତେ ସବଅର୍ଡ଼ିନେଟ୍ ଷ୍ଟାଫ୍ ସିଲେକ୍ସନ୍ କୁ ଅନୁରୋଧ କରାଯାଇଛି ।

## ରାଜ୍ୟରେ ପାଠାଗାର ଆନ୍ଦୋଳନରେ ଦାସିଆ ଅଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରୀବିଜେ ଓ ଓଡ଼ିଶାର ପାଠାଗାର ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ସାରଥୀ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ୧୦୫ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଗୁଣ୍ଡିଚାଠାରୁ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ଉପରେ ଆଧାରିତ ପୁସ୍ତକ ପ୍ରଦର୍ଶନୀ ଉଦ୍‌ଯାପିତ ହେବା ସହ ଦାସିଆ ଅଜା ଓ ରାଜ୍ୟ ତଥା ଦେଶର ପାଠାଗାର ଆନ୍ଦୋଳନ ଉପରେ ଆଧାରିତ ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ବକ୍ତାମାନେ ନିଜ ବକ୍ତବ୍ୟରେ ଜଗନ୍ନାଥଙ୍କର ଚେତନା ସମ୍ପର୍କରେ ଆଲୋକପାତ କରିବା ସହିତ ରାଜ୍ୟରେ ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଦାଶରଥି ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏକକ ଉଦ୍ୟମରେ ନୟାଗଡ଼ ଜିଲ୍ଲାର ନୂଆଗାଁ ଅଞ୍ଚଳରେ ଏକ ପାଠାଗାର ସ୍ଥାପନ ସହ ସଂଗ୍ରହାଳୟ ପ୍ରତିଷ୍ଠା ସହିତ ସାହିତ୍ୟ ସଂସଦ ଗଠନ କରିଥିଲେ । ଦଶ ପଇସା ଚାନ୍ଦା ଆଦାୟ କରି ରାଜ୍ୟର ପୁରପଲ୍ଲୀରୁ ବିଭିନ୍ନ ପୁସ୍ତକ ଓ ସାମଗ୍ରୀ ସଂଗ୍ରହ କରି ତାହାକୁ ଉତ୍ତର ପିଢୀର ଗବେଷକମାନଙ୍କ ପାଇଁ ରଖି ଯାଇଛନ୍ତି, ଯାହା ତାଙ୍କୁ ଚିର ସ୍ମରଣୀୟ କରି ରଖିଛି ବୋଲି ବକ୍ତାମାନେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ତଥା ଗବେଷକ ମାନବେନ୍ଦ୍ର ମିଶ୍ରଙ୍କ ସମେତ ଗ୍ରନ୍ଥାଗାରିକ, କର୍ମଚାରୀ ଓ ପାଠକମାନେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।



କାଲିମେଲା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅଞ୍ଚଳରେ ପ୍ରାୟ ଏକ ସପ୍ତାହ ଧରି ଯିପି ଯିପିବର୍ଷା ଲାଗି ରହିଛି । ଏଥିସହ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ବର୍ତ୍ତମାନ ଗୋଦାବରୀ ନଦୀ ଧୀରେ ଧୀରେ ଫୁଲିବାରେ ଲାଗିଛି । ଗୋଦାବରୀର ନଦୀରେ ଜଳସ୍ତର ବର୍ତ୍ତମାନ ୫୩ଫୁଟ ଉପରେ ରହିଛି । ଫଳରେ ଗୋଦାବରୀ ନଦୀର ପଛୁଆ ପାଣି ଯୋଗୁଁ ମୋଟୁ - ଭଦ୍ରାଞ୍ଚଳମ ମୁଖ୍ୟ ରାସ୍ତାର ଅନେକ ସ୍ଥାନ ବୁଡ଼ି ଯାଇଥିବା ଜଣା ପଡ଼ିଛି । ମୋଟୁରୁ ଚିନ୍ତୁର ଯିବା ମୁଖ୍ୟରାସ୍ତାର କୁଇଗୁର ରାସ୍ତା ଉପରେ ୪ଫୁଟ ବନ୍ୟାଜଳ ପ୍ରବାହିତ ହେବାରୁ ମୋଟୁରୁ ଚିନ୍ତୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । ସେହିପରି ଚିନ୍ତୁରୁ ର ଭଦ୍ରାଚାଲାମ ମୁଖ୍ୟ ରାସ୍ତାର ନିଲିପାକା ନିକଟରେ ମଧ ରାସ୍ତା ଉପରେ ଗୋଦାବରୀ ନଦୀର ଜଳ ପ୍ରବାହିତ ହେବାରୁ ଓଡ଼ିଶାରୁ ଆନ୍ଧ୍ର, ତେଲେଙ୍ଗାନାକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ଯାଇଛି ।



# ଚଢ଼ା ଦରରେ ୟୁରିଆ ସାର ବିକ୍ରି ନେଇ ଯାଞ୍ଚ




ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ୟୁରିଆ ସାର ଚଢ଼ା ଦରରେ ବିକ୍ରିକୁ ନେଇ କୃଷି ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଦୋକାନ ଗୁଡିକ ଉପରେ ଚଢ଼ାଉ କରିଥିବା ଦେଖିବାକୁ ମିଳିଛି। ପ୍ରକାଶଥାଉ କି, ୟୁରିଆ ସାର ଦାମ ୫୦ କିଲୋ ପ୍ରତି ସରକାରୀ ଦର ଦୁଇଶହ ଛଶହ ଟଙ୍କା ପଚାଶ ଟଙ୍କା ଥିବା ବେଳେ ହି ଖୁଲମ୍ ଖୋଲା ୫ଶହ ଟଙ୍କା ରୁ ୬ଶହ ଟଙ୍କା ରେ ବିକ୍ରି ହେଉଥିବା ଖବର ପାଇବା ପରେ କୃଷି ବିଭାଗୀୟ ଅଧିକାରୀ ଏହା ଉପରେ ନଜର ଦେଇ ବ୍ଲକ ର ଯୋଡ଼ିଙ୍ଗା, ହାଟଭରଣ୍ଡି, ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ଦୋକାନ ଗୁଡିକ ଉପରେ ଯାଞ୍ଚ କରିବା ଦେଖିବାକୁ ମିଳିଛି। ଚାଷୀଙ୍କୁ ଶୋଷଣ କରୁଥିବା ବ୍ୟବସାୟୀ ଙ୍କୁ ବିଭାଗୀୟ ଅଧିକାରୀ ଧରିବାରେ ସକ୍ଷମ ହୋଇନଥିବା ବେଳେ ଲାଇସେନ୍ସ ପ୍ରାପ୍ତ ବ୍ୟବସାୟୀଙ୍କୁ ଉଚିତ୍ ଦରରେ ଚାଷୀଙ୍କୁ ସାର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହି ଅବସର ରେ ରାଇଘର କୃଷି ଅଧିକାରୀ ମନୋଜ କୁମାର ଦେଙ୍କ ସମେତ ଅତିରିକ୍ତ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ, ରଶ୍ମି ସାହୁ, ଜିଲ୍ଲା କୃଷି ଅଧିକାରୀ ଆୟୁର ଦେହି ମିଶ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚାଷୀମାନଙ୍କୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ସାର ଉପଲବ୍ଧ ହେଉନଥିବାବେଳେ କେତେକ ମୁନାଫାଖୋର୍ ସାରକୁ ଗଚ୍ଛିତ ରଖି ଆବଶ୍ୟକ ସମୟରେ କଳାବଜାର କରି ବ୍ୟାପକ ଫାଇଦା ଉଠାଇ ଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ସେମାନେ ଚାଷୀଙ୍କ ଠାରୁ ଅଧିକ ଦର ନେଉଥିବା ମଧ୍ୟ ଅଭିଯୋଗ ହେଉଥିଲା।

## ଗୌଡ଼ଗୋଷ୍ଠୀକୁ ଚେକ୍ ଦେବାକୁ ବିଜେଡିର ଉଦ୍ୟମ

# ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଗୋଟି ଚାଳନା ଆରମ୍ଭ



ଗୁଣପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକ ଓ ପୌର ପରିଷଦରେ ଗୌଡ଼ ଗୋଷ୍ଠୀଙ୍କ ଦବଦବା ବଢ଼ି ଚାଲିଥିବା ବେଳେ ଏଥିରେ ବ୍ରେକ ଲଗେଇବାକୁ ଶାସକ ବିଜେଡି ପକ୍ଷରୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି । ଗୋଟିଏ ପଟେ ବର୍ତ୍ତମାନ ସ୍ୱାଧୀନ ଭାବେ ରହିଥିବା ଗୁଣୁପୁର ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ବିଜେଡି ରେ ମିଶିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ଏହାକୁ ସହଜରେ ହଜମ କରି ପାରୁନାହାନ୍ତି ବିଜେଡିର ଆଗ ଧାଡ଼ିର ନେତା ଓ କର୍ମୀ । କାରଣ ଗତ ୨୦୧୯ ବିଧାନ ସଭା ନିର୍ବାଚନ ରେ ବିଜେଡି ବିରୋଧରେ ବିଦ୍ରୋହୀ ପ୍ରାର୍ଥୀ ଛିଡ଼ା କରାଇ ପରବର୍ତ୍ତୀ ସମୟରେ ଦଳରୁ ତଡ଼ା ଖାଇଥିଲେ। ନିକଟ ଅତୀତରେ ସମାପ୍ତ ହୋଇଥିବା ଜିଲ୍ଲା ପରିଷଦ ନିର୍ବାଚନରେ ବିଜେଡ଼ିର ପ୍ରାର୍ଥୀ ଙ୍କୁ ବିରୋଧ କରି ପରୋକ୍ଷରେ କଙ୍ଗ୍ରେସ ପାର୍ଥୀଙ୍କୁ ସମର୍ଥନ କରିଥିଲେ। ଏହାରି ଭିତରେ ପଞ୍ଚାୟତ ନିର୍ବାଚନ ୩ମାସ ବିତିଯାଇଥିଲେ ମଧ୍ୟ ସୁଧୀର ଓ ଗୌ ।ଡ଼ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଯୋଗୁଁ ବିଭିନ୍ନ ପଞ୍ଚାୟତ ରେ ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏହାରି ଭିତରେ ଆଜି ରାୟଗଡା ଜିଲ୍ଲା ଗୁଣୁପୁର ବ୍ଲକର-ଶଗଡା ପଞ୍ଚାୟତ ସରପଞ୍ଚ, ଆବାଡା ପଞ୍ଚାୟତ ସରପଞ୍ଚ, ପୁଟାଶିଙ୍ଗ ପାଞ୍ଚୟତ ସରପଞ୍ଚ, କୁଲଶିଙ୍ଗ ପଞ୍ଚାୟତ ସରପଞ୍ଚ,ଚିନାସାରି ପଞ୍ଚାୟତ ସରପଞ୍ଚ, ରେଗେଡା ପଞ୍ଚାୟତର ସରପଞ୍ଚ, ଗାଦିଆଖଳା ପଞ୍ଚାୟତ ସରପଞ୍ଚ ଓ ଆବାଡା ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ନିଜ ଅଞ୍ଚଳ ର ଉନ୍ନତି ପାଇଁ ରାୟଗଡା ଜିଲ୍ଲା ବିଜୁ ଜନତା ଦଳ ସଭାପତି ସୁଧୀର କୁମାର ଦାସଙ୍କ ନେତୃତ୍ୱରେ ରାଜ୍ୟ ବିଜୁ ଜନତା ଦଳର ସଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଓ ରାୟଗଡା ଜିଲ୍ଲା ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସରକାରଙ୍କ କେବିନେଟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଜଗନ୍ନାଥ ସାରାକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ସହ ସାକ୍ଷାତ କରିଛନ୍ତି। ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଙ୍କୁ ମିଶି ଆଲୋଚନା କରିଥିବା ସରପଞ୍ଚ ଓ ସମିତି ସଭ୍ୟ ଙ୍କୁ ନିଜ ନିଜ ପଞ୍ଚାୟତ ର ଉନ୍ନତି ପାଇଁ ସମସ୍ତ ସହଯୋଗ ଯୋଗାଇଦିଆଯିବ ବୋଲି ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ଦାସ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ତେବେ କାହାର ଦବଦବା ଗୁଣୁପୁର ରେ ରହୁଛି ତାହା ଆଗାମୀ ଦିନରେ ସମୟ କହିବ ।

# ସ୍କୁଲ୍ ଗୃହରେ ଆଣ୍ଠୁଏଁ ଲେଖାଏଁ ପାଣି




ଖଇରପୁଟ, (ଭାସ୍କର ନ୍ୟୁଜ୍) : ମନ୍ତ୍ରୀ ଦେଇଛନ୍ତି ବାଣୀ ସ୍କୁଲ୍ ଗୃହରେ ଆଣ୍ଠୁଏ ଆଣ୍ଠୁଏ ପାଣି। ଏହା ଆମେ କହୁନାହୁଁ ଏହା ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ର ଗାଦିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରର ଶ୍ରେଣୀ ଗୃହ କହୁଛି। ସ୍କୁଲଟି ଭିତରେ ଏତେ ପାଣି ଯେ ଡଙ୍ଗା ଭସେଇଲେ ବି ଭାସିବ।ପିଲାମାନେ କିପରି କଷ୍ଟରେ ବସି ପାଠ ପଢୁଛନ୍ତି ତାହା ଆପଣ ଦେଖିକି ଜାଣିପାରୁଥିବେ। ଗାଁଲୋକଙ୍କ କହିବା କଥା ସ୍କୁଲ ଗୃହ କାମ ପାଇଁ ୨ଲକ୍ଷ ୪୦ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହା ୨୦୨୦,୨୧ର କାମ, କହିବାକୁ ଗଲେ ବର୍ଷେ ମଧ ହୋଇନାହିଁ। ତା ଭିତରେ ପାଦ ବୁଡି ଯାଉଛି । ଏଣୁ ଏପରି କାମ କରିଥିବା ଠିକାଦାର କୁ ଗୋଟେ ମୁଣ୍ଡିଆ ହେଲେ ବିଲ୍। କରିଥିବା ଜେଇକୁ ଶହେ ମୁଣ୍ଡିଆ । ଏହାର ଫଳକ ଲେଖାକୁ ଦେଖିଲେ ବୁଝିହେଇଯିବ। ପିଲାମାନେ କହିଛନ୍ତି ,ବସିବା ସହ ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଶୁଖିଲା ପିଣ୍ଡା ଟିଏ ନାହିଁ। ସେମାନେ ଠିଆ ହୋଇ ଖାଉଛନ୍ତି ।ଲେଟିନ୍ ଗୃହ କହିଲେ ନ ସରେ ଲେଟିନ୍ ଟାଙ୍କି ଭାଙ୍ଗିକି ଆଁ କଲାଣି ।ଏଣୁ ଦେଖି ବାକୁ ବାକି ରହିଲା ଏହା ଉପରେ ପ୍ରଶାସନ କଣ ତତ୍ପରତା ଦେଖାଉଛି। ଓ କେବେ ପିଲାମାନଙ୍କ ମୁଣ୍ଡ ଉପରେ ଶୁଖିଲା ଛାତ ଖଣ୍ଡେ ପଡିବ।

# ସରିଲା ସମବାୟ ସମିତି ନିର୍ବାଚନ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସମବାୟ ସମିତି ବା ଲେମ୍ପ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ବିଜେଡି ସମର୍ଥିତ ମାଲକାନଗିରି ସମବାୟ ସମିତିର ସଭାପତି ପାର୍ଥ ଉଦୟ ନାରାୟଣ ବୁରୁଦା ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନରସିଂହ ମାଡକାମୀଙ୍କ ଠାରୁ ୧୧ ଟି ଭୋଟରେ ବିଜୟ ଲାଭ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ପୌର ଅଧକ୍ଷ ମନୋଜ କୁମାର ବାରିକ, ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ହୃଦାନନ୍ଦ ସାହୁ, ପୂର୍ବତନ ସରପଞ୍ଚ ବଂଶୀ ମୁଦୁଲି, ଜିଲ୍ଲା ମହିଳା ଜନତା ଦଳ ସଭାନେତ୍ରୀ ଶ୍ରୀମତୀ ସୁକାନ୍ତି ବୁରୁଦା, କାଉନସିଲର ପେଣ୍ଡରା ପ୍ରାସଦ ପଣ୍ଡା ବରିଷ୍ଠ ବିଜେଡି କର୍ମୀ ଦାସରଥୀ ବେହେରା, ଡାନିୟଲ ପୋଟଲା,ସର୍ବ ବେଶେଇ,ଯୁବ ଜନତା ଦଳ ଉପସଭାପତି କଣ୍ଟେଶ ପୋଟଲା, ନିତିନ ବାଲା, ଲାଛନା ରାଓ, ମାଟି ଗୁଡା ସରପଞ୍ଚ ମୋନରଞ୍ଜ ମାଡି,ବିଭୁତି ମିସ୍ତ୍ରୀ ଏବଂ ସଖାର ଅନ୍ୟ ଡ଼ାଇରେକ୍ଟର ବନ୍ଧୁ ପ୍ରମୁଖ ଉପସ୍ଥିତରହି ସମର୍ଥନ ଦେବା ସହ ଶୁଭେଚ୍ଛା ଜଣାଇଥିଲେ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସଦର ବ୍ଲକ ଚମ୍ପାଖାରୀ ଗ୍ରାମରେ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଗାଇ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ କୌଣସି କାରଣରୁ ଚମ୍ପାଖାରୀ ଗ୍ରାମରେ ଏକ ବିଦ୍ୟୁତ୍ ତାର ଛିଣ୍ଡି ନିକଟରେ ଥିବା ଏକ ନଳକୂପ ଉପରେ ପଡି ଯାଇଥିଲା। ତେବେ ସେହି ସମୟରେ ଗୋଟିଏ ଗାଇ ଉକ୍ତ ନଳକୂପ ନିକଟକୁ ଯିବା ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉକ୍ତ ଗାଇଟି ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲା। ଗ୍ରାମବାସୀ ଏହା ଦେଖି ତୁରନ୍ତ ବିଦ୍ୟୁତ ବିଚ୍ଛିନ୍ନ କରିଥିଲେ । ତେବେ ଉକ୍ତ ଗାଇଟି ସେହି ଗ୍ରାମର ଲକ୍ଷ୍ମଣ ଗୋଲରିଙ୍କ ବୋଲି ଜଣାପଡିଛି। ଲକ୍ଷ୍ମଣ ଗୋଲରି ଜଣେ ଗରୀବ ପରିବାରର ହୋଇଥିବା ବେଳେ ସେ ଚାଷ କାମ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ବର୍ତ୍ତମାନ ତାଙ୍କର ଏହି ଗାଇର ମୃତ୍ୟୁ ହୋଇ ଯିବାରୁ ସେ ଚିନ୍ତାରେ ପଡିଛନ୍ତି। ସରକାରଙ୍କ ତରଫରୁ ତାଙ୍କୁ କ୍ଷତିପୁରଣ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବର୍ଷାରେ ବେହାଲ ଟିଟିଲାଗଡ଼ ସହର

ଟିଟିଲାଗଡ଼, (ଭାସ୍କର ନ୍ୟୁଜ୍) : ଟିଟିଲାଗଡ଼ ସହରରେ ଏବେ ବର୍ଷା ଯୋଗୁଁ ଅନେକ ସମସ୍ୟା ଦେଖା ଦେଇଛି। ବର୍ଷା ଜଳ ସଠିକ ଭାବରେ ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମି ରହୁଛି। ଫଳରେ ଅନେକ ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ରେ ଭି ଏକ ଫୁଟ ରୁ ଦୁଇ ଫୁଟ ପାଣି ଜମି ରହୁଛି। ଅନେକ ତଳିଆ ଅଞ୍ଚଳରେ ସ୍ଥିତି ଆହୁରି ସଂଗୀନ ହୋଇ ପଡିଛି। ନାଳ ନର୍ଦ୍ଦମା ର ଅଳିଆ ଆବର୍ଜନା ରାସ୍ତାରେ ଗଡୁଛି। ଫଳରେ ସହରରେ ଏକ ଅସ୍ୱାସ୍ଥ୍ୟକର ପରିବେଷ ଦେଖା ଦେଇଛି। ମଶା ମାଛି ଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଦୁର୍ଗନ୍ଧ ରେ ରାସ୍ତା ଘାଟ ଭରି ରହୁଛି। ପୁଣି ଯଦି ବର୍ଷା କିଛି ସମୟ ପାଇଁ ଜୋର ଧରିଲେ ରାସ୍ତା ଉପରେ କୃତିମ ହ୍ରଦ ର ଭ୍ରମ ସୃଷ୍ଟି କରୁଛି। ଟିଟିଲାଗଡ଼ ପୌରପରିଷଦ ଆସନରେ ବିଜେପି ର ମମତା ଦେବୀ ଜୈନ ଅଧକ୍ଷା ପଦରେ ରହିବା ପରେ ସହରବାସୀ ପରିମଳ ବ୍ୟବସ୍ଥା ରେ ସୁଧାର, ଡ୍ରେନ ଗୁଡିକ ସଫା ରହିବା ସହ ରାସ୍ତା ଘାଟ ର ଉନ୍ନତି ହେବା ଆଶା ରଖିଥିଲେ। ହେଲେ ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଚଳିତ ବର୍ଷ ସ୍ଥିତି ଆହୁରି ସଂଗୀନ ହୋଇପଡିଛି। ନାମକୁ ମାତ୍ର ମମତା ଦେବୀ ଜୈନ ପୌରପରିଷଦ ଅଧକ୍ଷା ଭାବରେ ରହିଥିବା ଏବେ ଟିଟିଲାଗଡ଼ ସହରରେ ଚର୍ଚ୍ଚା ଜୋର ଧରିଲାଣି। ସାମାନ୍ୟ ବର୍ଷା ଜଳ କୁ ସଠିକ ଭାବରେ ନିଷ୍କାସନ କରିବାରେ ଫେଲ ମାରିଥିବା ପୌରପରିଷଦ ଅଧକ୍ଷା ଙ୍କ ଠାରୁ ଆଗକୁ ସହରର ଉନ୍ନତି ସ୍ଥିତି ପରିକଳ୍ପନା କରିବା ବୃଥା ବୋଲି ଏବେ ଆଲୋଚନା ହେବାରେ ଲାଗିଛି। ଟିଟିଲାଗଡ଼ ସହରରେ ତୁହାକୁ ତୁହା ବର୍ଷା ଗତ ରାତ୍ରି ରୁ ଲାଗି ରହିଛି। ବିଳମ୍ବିତ ରାତ୍ରି ରୁ ବର୍ଷା ଜାରି ରହିଛି। ଆକାଶ ବି ବେଶ ମେଘାଚ୍ଛନ୍ନ ରହିଛି। କେତେବେଳେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ଝିପି ଝିପି ବର୍ଷା ଲାଗି ରହିଛି। ସହରର ତଳିଆ ଅଞ୍ଚଳ ରେ ଆଣ୍ଠୁଏ ପାଣି ଭରି ରହୁଛି। ଅନେକ ରାସ୍ତା ଉପରେ ଏକ ଫୁଟ ରୁ ଦୁଇ ଫୁଟ ପାଣି ଜମି ରହିଛି। ଟିଟିଲାଗଡ଼ ହାଟପଦା ପଡା, ନୀଳଚକ୍ର ନଗର, ହାଇସ୍କୁଲ ପଡା, ଦେଓବନ୍ଦ ପଡା, ବୈଷ୍ଣବି ବିହାର, ଅଶୋକ ନଗର ଆଦି ଅଞ୍ଚଳ ରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଥିବା ବେଳେ ରଘୁନାଥ ପଡା ର ମୁଡା ପଡାରେ ଘର ଭିତରେ ଲହଡି ମାରୁଛି ବର୍ଷା ପାଣି। ବର୍ଷା ଯୋଗୁଁ ସାଧାରଣ ଜୀବନ ଯାତ୍ରା କିଛି ମାତ୍ରା ରେ ବ୍ୟାହତ ହୋଇଛି। ଯଦି ସ୍ଥିତି ଏମିତି ଲାଗି ରହିଥାଏ ତ ଆଗକୁ ସହରରେ ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା କୁ ଏଡାଇ ଦିଆ ଯାଇ ନପାରେ।

## ବେଘରଙ୍କୁ ଘର ନାହିଁ

# ଆବାସ ଯୋଜନା କାହା ପାଇଁ ??



ଝରିଗାଁ, (ଭାସ୍କର ନ୍ୟୁଜ୍): କୁଡିଆତ କୁଡିଆ ହେଲେ ଏମିତି କୁଡିଆ ଭିତରେ ମଣିଷ ରହୁଛି ସେ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ହେଲେ ଏହା ବାସ୍ତବିକ ଝରିଗାଁ ବ୍ଲକ ଚକଲାପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲହାଣ୍ଡାସିଲ ଗାଁ ର କଥା । ଲୋକଙ୍କ ସମସ୍ୟା ତ ଅନେକ ଅଛି ହେଲେ ବିକାଶଶୀଳ ଓଡିଶା ରେ ଜରି କୁଡିଆରେ ଆଜି ବି ଲୋକେ ଜୀବନ ବିତାଉଛନ୍ତି ଯାହାକୁ ଦେଖିଲେ ଆଶ୍ଚର୍ଯ ଲାଗିବା ସ୍ୱାଭାବିକ , ସବୁ ମଣିଷ ଚାହିଁଥାନ୍ତି କିଛି ଭଲ ଖାଇବ ଭଲ ପିନ୍ଧିବ ଆଉ ଦିନସାରା କମସାରି ରାତ୍ର ନିଜ ଘରେ ଶାନ୍ତିରେ ନିଶ୍ୱାସ ଟିକେ ମାରିବ । ହେଲେ ଏହି ପରିବାର ପାଇଁ ସେତକ ବି ଯୋଗ ନହିଁ। ଇଏ ସେହି ଚକଲାପଦର ପଞ୍ଚାୟତ ଅନ୍ତର୍ଗତ ଲହଣ୍ଡାସିଲ ଗ୍ରାମର ଏକ ଅତି ଗରିବ ଲୋହରା ପରିବାରର କଥା । ପରିବାର କହିଲେ ବିଧବା ମା ଆଉ ବୟସ୍କ ଝିଅ ଟିଏ, ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନଥାଇ ଗାଁ ମୁଣ୍ଡରେ ଜରି ଆଉ ଶାଢୀ ରେ ଘୁସୁରୀ କୁଡିଆ ଟିଏ ପରି ଘରଟିଏ ତିଆରି କରି ତା ଭିତରେ ବାର ମାସ ତଥା ଛଅ ଋତୁ ଜୀବନ ବିତାଇ ଆସୁଛନ୍ତି, ପ୍ରଚଣ୍ଡ ଖରା ଭୀଷଣ ଥଣ୍ଡା ଆଉ ପ୍ରବଳ ବର୍ଷା ସତ୍ୱେ ସେଇ କୁଡିଆ ଭିତରେ ଜୀବନ ବିତେଇ ଆସୁଛନ୍ତି । ଅତ୍ୟଧିକ ବର୍ଷା ହେଲେ ଉଜାଗର ହୋଇ ରାତି କାଟିବାକୁ ପଡିଥାଏ ଏମାନଙ୍କୁ । ସରକାରୀ ସୁବିଧା କେବଳ ମାସିକ କୋଟା ରେ ଯେତକ ଚାଉଳ ମିଳେ ସେଥିରେ ଚଳିବାକୁ ହୁଏ ବାକି ଝିଅ କୁଲିମଜୁରି କରିବାକୁ ଯାଇ ଯାହା ରୋଜଗାର କରି ଅଣେ ସେଥିରେ ଦୁଇ ପ୍ରାଣୀ ଚଳିଥାନ୍ତି । ଆଉ କାହାକୁ ଭରଷା କରି ନିଜର ଦୁଖ ଜଣେଇବେ, ସବୁ ଶୁଣୁଛନ୍ତି ହେଲେ କେବଳ ଶୁଣୁଛନ୍ତି କିନ୍ତୁ ସହଯୋଗର ହାତ କେହି ବଢାଉ ନାହାନ୍ତି । ହେଲେ ଗ୍ରୀଷ୍ମ ର ପ୍ରଚଣ୍ଡ ଗରମ ହେଉ କି ସିତ ଦିନର ଭୀଷଣ ଥଣ୍ଡା ହେଉ, କିମ୍ବା ଆଜିର ଏହି ଲଗାଣ ଲଘୁଚାପ ବର୍ଷା ର ପ୍ରୋକୋପ ହେଉ ଏହି କୁଡିଆଟି ଭିତରେ ମା ଝିଅ ଙ୍କ ଜୀବନ ବିତେ, ଥରେ ଏହି ଦୁଖୀ ପରିବାର ପ୍ରତି ପ୍ରଶାସନ ସହାୟତାର ହାତ ବଢାଇବା ଦରକାର ରହିଛି । ଯେଉଁଠି ଏଭଳି ପରିବାରକୁ ଅବାସ ନାହିଁ ସେଠି ଅବାସ ଯୋଜନା କାହାପାଇଁ । ଏହି ପରିବାରକୁ ସହାୟତା ଯୋଗେଇବାରେ ପ୍ରଶାସନର ବିଫଳତା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ମଧ ଯୋଗାଯୋଗ ହୋଇପାରି ନଥିଲା

# ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି



ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲାପାଳ ଙ୍କ ପକ୍ଷରୁ ଲହୁଣୀପଡା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୋମବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଉପସ୍ଥିତ ରହି ଲହୁଣୀପଡ଼ା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା, ଅଭିଯୋଗ ଆଦି ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲହୁଣୀପଡ଼ା ବ୍ଲକର ୧୭ଟି ପଞ୍ଚାୟତର ସାଧାରଣ ଲୋକମାନେ ବିଭିନ୍ନ ଅଭିଯୋଗ ନେଇ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗରେ ମୋଟ ୯୮ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଜିଲ୍ଲାପାଳ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଅନ୍ୟ ଅଭିଯୋଗଗୁଡ଼ିକୁ ଅଗ୍ରାଧିକାର ଦେଇ ସମାଧାନ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲୋକମାନେ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା, ପାନୀୟ ଜଳ, ଡ୍ରେନ, ବିଦ୍ୟୁତ, ଜମିଜମା ବିବାଦ, ରାସନ କାର୍ଡ, ଶୌଚାଳୟ, ପୋଖରୀ ପୁନରୁଦ୍ଧାର ଆଦି ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁନ୍ଦରଗଡ଼ ଲୋକସଭା ସାଂସଦ ଜୁଏଲ ଓରାମ ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ଯାଇ କଲେଇପୋଷଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଏକ ବାଇ ପାସ ରାସ୍ତା ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ବଣାଇଁ ଉପଖଣ୍ଡର ୩ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଭବିଷ୍ୟତର ଲକ୍ଷ ପୂରଣ ପାଇଁ ଅଭିନନ୍ଦନ ଜଣାଇଥିଲେ ।ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ରାଉରକେଲା ଏସପି ମୁକେଶ କୁମାର ଭାମୁ, ସୁନ୍ଦରଗଡ଼ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ବଣାଇଁ ଡିଏଫଓ ସନତ କୁମାର ଏନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ ସାହୁ, ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲଲାଟ କୁମାର ଲୁହା, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀ ରାଣୀ ନାୟକ, ଲହୁଣୀପଡ଼ା ବିଡିଓ ଧନାଇ ଚରଣ ଟୁଡୁ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିଖୋଜ ଛାତ୍ରଙ୍କୁ ପୁଣି ଖୋଜୁଛି ପୁଲିସ

ବାଲିମେଳା, (ଭାସ୍କର ନ୍ୟୁଜ୍): ୨୦୧୫ ମସିହାରେ କିସ୍‌ରେ ପାଠ ପଢୁଥିବା ବଣ୍ଡାଘାଟିର ଜଣେ ଛାତ୍ର ନିଖୋଜ ହୋଇଯାଇଥିଲେ । ଏହି ଘଟଣାକୁ ଇତି ମଧ୍ୟରେ ୭ବର୍ଷ ବିତିଗଲାଣି । ତେବେ ଏହି ପୁରୁଣା ମାମଲାରେ ପୁଣି ଉକ୍ତ ନିଖୋଜ ଛାତ୍ରଙ୍କୁ ଖୋଜିବାକୁ ଉଦ୍ୟମ ଆରମ୍ଭ କରିଛି ପୁଲିସ । ଛାତ୍ର ଜଣକ କେଉଁ ପରିସ୍ଥିତିରେ ନିଖୋଜ ହେଲେ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି । ତେବେ ଥାନାରେ ଦିଆଯାଇଥିବା ଏତଲାକୁ ଭିତ୍ତି କରି ସନ୍ଧାନ କରାଯିବ ବୋଲି ମୁଦୁଲିପଡ଼ା ଥାନା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି ପରିବାର ଲୋକ । ତେଣୁ ମୁଦୁଲିପଡା ଥାନା ଅଧିକାରୀ ହିଂମାଶୁ ଶେଖର ବାରିକଙ୍କ ନେତୃତ୍ୱରେ ଏହି ଘଟଣାର ପୁଣି ଯାଞ୍ଚ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ଏହି ଘଟଣାର ସଠିକ ତଦନ୍ତ କରି ନିଖୋଜ ଛାତ୍ରଙ୍କ ସନ୍ଧାନ କରିବାକୁ ଉଦ୍ୟମ ଚାଲିଥିବା ଆଇଆଇସି ହିଂମାଶୁ ଶେଖର ବାରିକ ସୂଚନା ଦେଇଛନ୍ତି । ସେହିପରି ଛାତ୍ର ଜଣକ ଜୀବିତ ନା ମୃତ କେହି ଜାଣିଥିଲେ ତରନ୍ତ ସୂଚନା ଦେବାକୁ ନିବେଦନ କରିଛନ୍ତି । ଛାତ୍ରଙ୍କ ସଂପର୍କରେ କୌଣସି ସୂଚନା ପାଇଲେ ବି ତୁରନ୍ତ ପୁଲିସକୁ ଜଣାଇବେ କିମ୍ବା ଥାନା ଅଧିକାରୀଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବର ୯୪୩୮୯୧୬୮୨୯ରେ ଯୋଗାଯୋଗ କରିବାକୁ ସୂଚନା ଦେଇଛନ୍ତି। ଛାତ୍ରଙ୍କୁ ଫେରି ଆଣିବା ଦିଗରେ ପୁଲିସ ପକ୍ଷରୁ ସହଯୋଗ କରାଯିବ ବୋଲି ଘୋଷଣା କରିଛନ୍ତି ।

# ବିଶ୍ୱ ଜନସଂଖ୍ୟା ଦିବସରେ ରକ୍ତଦାନ ଶିବିର, ୨୪ ୟୁନିଟ୍ ସଂଗୃହୀତ

ବାଲିମେଳା, (ଭାସ୍କର ନ୍ୟୁଜ୍) : ଗତକାଲି ସୋମବାର ତା ୧୧/୭/୨୦୨୨ରିଖ ଦିନ ସମଗ୍ର ବିଶ୍ୱରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଥିବା ବେଳେ କାଲିମେଲା ବ୍ଲକ୍ ଅନ୍ତର୍ଗତ ନାଲାଗୁଣ୍ଡିରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମୋଟ ୨୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବାର ଜଣାପଡ଼ିଛି । ଉକ୍ତ କାର୍ଯ୍ୟକ୍ରମକୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ସୀମାଞ୍ଚଳ ଦାଶ ଓ ଏମ:ପି:ଭି ୧୨୬ ଗ୍ରାମ ସ୍ଥିତ ୭୬ ବାଟାଲିଅନ ବିଏସଫର କ୍ୟାମ୍ପ ର କମାଡେଣ୍ଟ ଜିତେନ୍ଦ୍ର ସିଂ ସାହି ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟେକ୍ନିସିଆନ ସୁରେଶ ରାଉତ, କାଲିମେଲା ସୁପରଭାଇଜର ଗୌରାଙ୍ଗ ସରକାର , ଏମଭି - ୭୨ ସୁପରଭାଇଜର ଚୁଡ଼ାମଣି ମଣ୍ଡଳ , ଏମଭି - ୬୪ ସୁପରଭାଇଜର ଦୁଲାଲ ପଦରଂଗ , ଅଙ୍ଗନବାଡି କର୍ମୀ ସସ୍ମିତାରାଣୀ ରାୟ ଓ ବିଶାଖା ଅଧିକାରୀ , ଆଶାକର୍ମୀ ତ୍ରିବେଣୀ ମଣ୍ଡଳ , ସୁଚିତ୍ରା ବାଲା , ଲକ୍ଷୀ ଦେ , ମମତା ମାଡ଼କାମୀ ଓ କଲ୍ୟାଣୀ ମଣ୍ଡଳ ସମେତ ମହିଳା ସ୍ୱାସ୍ଥ୍ୟକର୍ମୀ ଜୟନ୍ତୀ ଗୁମାସ୍ତା ଯୋଗ ଦେଇଥିଲେ ।

# ଭାଜପାର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ଟିଟିଲାଗଡ଼, (ଭାସ୍କର ନ୍ୟୁଜ୍) : ଟିଟିଲାଗଡ଼ରେ ଭାଜପା ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେପି ନେତା ମୁକେଶ ଜୈନଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକାରିଣୀ ବୈଠକ ରେ ଜିଲ୍ଲା ର ବରିଷ୍ଠ କର୍ମକର୍ତ୍ତା ସମେତ ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ ଯୋଗ ଦେଇଥିବା ବେଳେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ମହାରାଣୀ ତଥା ସାଂସଦ ସଂଗୀତା କୁମାରୀ ସିଂ ଦେଓ, ପୂର୍ବତନ ମନ୍ତ୍ରୀ ତଥା ପାଟଣାମହାରାଜ କନକ ବର୍ଦ୍ଧନ ସିଂ ଦେଓ ଯୋଗ ଦେଇ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନା କୁ ରାଜ୍ୟ ସରକାର ହରଣ କରୁଥିବା ନେଇ ବିରୋଧୀ ଭାଜପା ଏବେ ମାନସ ମନ୍ଥନ କରିବା ସହ ତୃଣମୂଳସ୍ତର ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରିବା ସହ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ବିଷୟରେ ପ୍ରତି ଗରିବ ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ଆରମ୍ଭ କରିଛି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ। ଏହାପରେ ମଣ୍ଡଳସ୍ତରୀୟ ବୈଠକ ଆୟୋଜିତ ହେବା ସହ ବୁଥ ସ୍ତରୀୟ କମିଟି ମାନଙ୍କୁ ପ୍ରସ୍ତୁତ କରି କେନ୍ଦ୍ର ସରକାର ପ୍ରଣୟନ କରୁଥିବା ଯୋଜନା ସମ୍ପର୍କ ରେ ବୁଝାଇବା ସହ ଭାଜପା ପ୍ରତି ଲୋକଙ୍କ ଯେଉଁ ସମର୍ଥନ ରହିଛି ତାହାକୁ ଆଗାମୀ ଦିନରେ ଭୋଟର ପରିଣତ କରିବା ପାଇଁ ସାଂସଦ ସଂଗୀତା ସିଂ ଦେଓ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଟିଟିଲାଗଡ଼ ସହର ନିକଟସ୍ଥ ପିପିଲପଦର ଠାରେ ଥିବା ଶୁଭ ମଙ୍ଗଳ ପ୍ୟାଲେସ ପରିସରରେ ଭାଜପାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକକୁ ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ମହେନ୍ଦ୍ର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଗତ ନିର୍ବାଚନ ମାନଙ୍କରେ ଶୋଚନୀୟ ଭାବରେ ରହିଥିବା ବୁଥ ମାନଙ୍କ ମଧ୍ୟରୁ ୧୦୦ ଗୋଟି ବୁଥ କୁ ସଜାଡ଼ିବା ପାଇଁ ଦଳୀୟ ଜିଲ୍ଲାସ୍ତରୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ଦଳୀୟ ନେତା। ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ନରସିଂହ ସିଂ, ବରିଷ୍ଠ ବିଜେପି ନେତା ଲକ୍ଷ୍ମଣ ବାଗ, ଅଶୋକ ଭୋଇ,ନଗର ସଭାପତି ପ୍ରଶାନ୍ତ ଷଢଙ୍ଗୀ, ଲିଙ୍ଗରାଜ ନାଏକ ପ୍ରମୁଖ ସମେତ ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ବରଗଡ଼,(ଭାସ୍କର ନ୍ୟୁଜ୍): ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ସୋମବାର ବିଶିଷ୍ଟ ଲେଖିକା ସୁପ୍ରଭା ସାମଲଙ୍କ ରଚିତ ଶିଶୁ କବିତା ସଂକଳନ ଆସ ପିଲେ ଆମେ ଖୋଜିବା ମୋତି ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟକ ଡ଼ଃ ରବିନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ କାମିନୀ ଦାଶ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ମହାନ୍ତି, ବରେଣ୍ୟ ଅତିଥି ବ୍ୟଙ୍ଗ କବି ମନୋରଞ୍ଜନ ସାହୁ ଓ ସମୀକ୍ଷୀକା ଭାବେ ଅଧ୍ୟାପିକା ଡ଼ଃ ସଂଘମିତ୍ରା ମିଶ୍ର ଯୋଗଦେଇ ପୁସ୍ତକର ସମୀକ୍ଷା କରିଥିଲେ ଏହି ଅବସରରେ ଶିଶୁ ସଂକଳନର ଲେଖିକା ଶ୍ରୀମତୀ ସାମଲ ଶିଶୁ ସାହିତ୍ୟ ସୃଷ୍ଟି ପାଇଁ ମିଳିଥିବା ପ୍ରେରଣାର ଉତ୍ସ ବିଶିଷ୍ଟ ଔପନ୍ୟାସିକ ସ୍ୱର୍ଗତ ଦୟାଲାଲ ଯୋଶୀଙ୍କ ସ୍ମୃତି ଚାରଣ କରିଥିଲେ ।



# ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ: ଅଳ୍ପକେ ବର୍ତ୍ତିଲେ ପରିବାର



କାଲିମେଳା,(ଭାସ୍କର ନ୍ୟୁଜ୍): ସାରା ଓଡ଼ିଶାରେ ଲାଗି ରହିଥିବା ବର୍ଷାର ପ୍ରବାହରେ ମାଲକାନଗିରି ଜିଲ୍ଲାରେ ମଧ ବିଗତ ଏକ ସପ୍ତାହ ଧରି ଝିପି ଝିପି ବର୍ଷା ଲାଗିରହିଛି । ଯାହା ଫଳରେ ଏ ଅଞ୍ଚଳର ରାସ୍ତାଘାଟ ଠାରୁ ଆରମ୍ଭକରି ଚାଷ ଜମି ଗୁଡ଼ିକ ଜଳ ମଗ୍ନ ହୋଇରହିଛି । ଲୋକମାନଙ୍କ ଜୀବନ ବିପଦାପନ୍ନ ହେଉଥିବାରୁ ଦେଖିବାକୁ ମିଳିଛି । ଠିକ୍ ଏହି କାରଣରୁ ତଥା ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ସମ୍ପୂର୍ଣ୍ଣ ଭାବେ ଭିଜି ଯାଇ ଭୁଶୁଡି ପଡିଛି । ଏପରି ଏକ ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ବଡିଗେଟା ଗ୍ରାମ ପଞ୍ଚାୟତ ଅଧୀନ ଏମ୍‌ପିଭି ୩୨ ଗ୍ରାମରେ । ଗ୍ରାମର ମଧୁସୂଦନ ସରକାରଙ୍କ ସ୍ତ୍ରୀ ଦିପାଲି ସରକାରଙ୍କ ଘରେ । ଗତକାଲି ସୋମବାର ଅପରାହ୍ନ ୪ଟା ବେଳେ ନିଜର ଦୁଇ ସନ୍ତାନ ସ୍ୱାମୀ ଓ ସ୍ତ୍ରୀ ଘର ଭିତରେ ଥିଲା ବେଳେ ହଠାତ୍ ଘରର କାନ୍ଥ ବର୍ଷାପାଣିରେ ଅଦାହୋଇ ଭୁଶୁଡି ପଡ଼ିଥିଲା ଅଳ୍ପକେ ବର୍ତ୍ତି ଯାଇଛନ୍ତି ମଧୁସୂଦନ ସରକାରଙ୍କ ପରିବାର । କାରଣ କାନ୍ଥ ଭୁଶୁଡି ପଡିଲା ବାହାର ପଟେ ଯଦି ଘରର କାନ୍ଥ ଭିତରେ ପଟେ ପଡ଼ିଥିଲେ ଘର ଚାରି ଜଣ ଉପରେ ନିଶ୍ଚିତ ଭାବରେ ଏକ ବିପଦ ଘଟିଥାନ୍ତା ବୋଲି ଅଞ୍ଚଳବାସୀ ଓ ବଡିଗେଟା ଗ୍ରାମପଞ୍ଚାୟତର ସମିତିସଭ୍ୟ ସୋମନାଥ ପଡିଆମି ମତ ପ୍ରକାଶ କରିବା ସହିତ ଘରର କାନ୍ଥ ଭୂଷୁଡି ଥିବା ପରିବାରକୁ ସାହାଯ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦେବାକୁ ଦାବି ଜଣାଇଛନ୍ତି ।

# ଅବକାରୀ ବିଭାଗର ଚଢ଼ଉ: ଗଞ୍ଜେଇ ସହ ଜଣେ ଗିରଫ



ସିନାପାଲି,(ଭାସ୍କର ନ୍ୟୁଜ୍): ସିନାପାଲି ଓ ଖଡ଼ିଆଳ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଆଜି ମିଳିଛି ଏକ ବଡ ସଫଳତା । ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷ୍ୟକଙ୍କ ନିର୍ଦ୍ଦେଶ କ୍ରମେ ଖଡ଼ିଆଳ ଓ ସିନାପାଲି ଅବକାରୀ ବିଭାଗ ସିନାପାଲିର ମନ୍ଦିରପଡାର ଏକ ଘରେ ଚଢ଼ଉ କରି ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ବ୍ୟବସାୟୀ ଜଣକ ହେଲେ ସିନାପାଲି ମନ୍ଦିରପଦାର ମାଧବ ମେହେର ବୋଲି ଜଣାପଡିଛି । ଜବତ ଗଞ୍ଜେଇର ପରିମାଣ ୩୫ରୁ ୪୦ କିଲୋଗ୍ରାମ ହେଇଥିବା ବେଳେ ତାର ଅନୁମାନିକ ବଜାର ମୂଲ୍ୟ ଚାରିରୁ ପାଞ୍ଚ ଲକ୍ଷ ଟଙ୍କା ବୋଲି ଖଡ଼ିଆଳ ଅବକାରୀ ବିଭାଗରୁ ସୂଚନା ମିଳିଛି । ନୂଆପଡା ଜିଲ୍ଲାରେ ନିଶା କାରବାର ବ୍ୟାପକ ମାତ୍ରାରେ ଚାଲିଥିବା ବେଳେ ବ୍ୟବସାୟୀମାନେ ପୋଲିସ ଓ ଅବକାରୀ ବିଭାଗକୁ ହତାବରୀଶ କରି ମାଲେମାଲ ହେଉଥିବା ଚର୍ଚ୍ଚା ହେଉଛି । ନିଜ ଉପସ୍ଥିତିକୁ ଜାହିର କଲା ଭଳି ପୋଲିସ ଓ ଅବକାରୀ ବିଭାଗ କିଛି ବ୍ୟବସାଇଙ୍କୁ କାବୁକରି ନିଜ ଦାୟୀତ୍ୱ ସେଇଦେଉଛନ୍ତି ହେଲେ ମୁଖ୍ୟ ନିଶା ବ୍ୟବସାୟୀମାନେ ବାଦ ପଡୁଥିବା ଚର୍ଚ୍ଚା ଜୋରଧରିଛି ।

# ମାଝୀଗୌରି ଆମ୍ମାଙ୍କ ଦର୍ଶନ କରିବାକୁ ଯାଇ ଯୁବକ ନିଖୋଜ



ଟିଟିଲାଗଡ,(ଭାସ୍କର ନ୍ୟୁଜ୍): ଟିଟିଲାଗଡ ଜିଲ୍ଲାରେ ଗତ କିଛି ଦିନ ହେଲେ ଘରେ କିଛି ନକହି ଜଣେ ଯୁବକ ଘରୁ ଫେରାର ହୋଇଥିବା ଅଭିଯୋଗ ହୋଇଛି ଟିଟିଲାଗଡ ଥାନାରେ । ଅଭିଯୋଗ ଅନୁସାରେ ଟିଟିଲାଗଡ ଶିରଭଟା ପଡାର ରମେଶ ମହାନନ୍ଦଙ୍କ ୨୧ ବର୍ଷୀୟ ପୁଅ ପ୍ରଦ୍ୟୁମ୍ନ ମହାନନ୍ଦ ରାତି ଅଧରୁ ଉଠି ଘରୁ ପଳାଇଥିବା ଅଭିଯୋଗ ହୋଇଛି । ପରିବାର ତରଫରୁ ମିଳିଥିବା ସୂଚନା ଅନୁସାରେ ପ୍ରଦ୍ୟୁମ୍ନ ଗତ କିଛି ଦିନ ପୂର୍ବରୁ ରାୟଗଡାର ମାଝୀଗୌରି ଆମ୍ମାଙ୍କ ଦର୍ଶନ କରିବାକୁ କହିଥିଲା ପରିବାର ବର୍ଗଙ୍କୁ । ଗତ ୮ ତାରିଖ ପ୍ରଦ୍ୟୁମ୍ନ ଘରେ କାହାକୁ ନକହି ମଧ୍ୟ ରାତିରୁ ଉଠି ଘରୁ ପଳାଇଥିଲା । ପରିବାରର ଲୋକେ ସକାଳୁ ପ୍ରଦ୍ୟୁମ୍ନକୁ ନପାଇ ଖୋଜ ଖୋଜି କରିବା ପରେ ଷ୍ଟେସନର ସିସି କ୍ୟାମେରାରେ ଯାଉଥିବା ଦେଖିବାକୁ ପାଇଛନ୍ତି ପରିବାରବର୍ଗ । ସବୁ ସ୍ଥାନରେ ଖୋଜା ଖୋଜି କରିବା ପରେ ମଧ ପୁଅକୁ ପାଇନଥିବା ଯୋଗୁଁ ଟିଟିଲାଗଡ ଥାନାରେ ଏକ ନିଖୋଜ ମାମଲା ଦାୟର କରିଛନ୍ତି । ପ୍ରଦ୍ୟୁମ୍ନକୁ ସ୍ଥାନୀୟ ଲୋକେ ଷ୍ଟେସନରେ ଦେଖିଥିବା କହୁଥିବା ବେଳେ ଷ୍ଟେସନର ସିସି କ୍ୟାମେରାରେ ମଧ ଦେଖିବାକୁ ମିଳୁଛି ହେଲେ ପ୍ରଦ୍ୟୁମ୍ନ ଜଣେ ଭୀରନ୍ନକ୍ଷମ ହୋଇଥିବାରୁ କେହି ତାକୁ ପାଇଲେ ଆଣିଦେବାକୁ ଓ ପୋଲିସ ଗୁରୁତ୍ୱ ସହିତ ସନ୍ଧାନ କରିବାକୁ ପରିବାର ତରଫରୁ ଅନୁରୋଧ କରାଯାଇଛି । ପୋଲିସ ଅଭିଯୋଗ ପାଇବା ପରେ ନିଖୋଜ ଯୁବକକୁ ଖୋଜିବା ଆରମ୍ଭ କରିଛି ପୋଲିସ ।

## ହଉନି ଫଗିଙ୍ଗସ୍ପ୍ରେ କି ପଡୁନି ମଶାତେଲ

# ଏନ୍‌ଏସି ଲୋକଙ୍କୁ ଡ଼େଙ୍ଗୁ-ମ୍ୟାଲେରିଆ ଭୟ



ବାଲିମେଳା,(ଭାସ୍କର ନ୍ୟୁଜ୍): ଆରମ୍ଭ ହେଲା ବର୍ଷା ଦିନ କିନ୍ତୁ ଏଯାଏଁ ଏନ୍‌ଏସିରେ ମଶାର ନିୟନ୍ତ୍ରଣ ନିମନ୍ତେ ଆରମ୍ଭ ହୋଇପାରିଲାନି ଫଗିଙ୍ଗ ସ୍ପ୍ରେ, ବ୍ଲିଚିଙ୍ଗ ପାଉଡର କି ଡ୍ରେନର ବ୍ୟବହାର ନିମନ୍ତେ ମଶା ତେଲ । ତେବେ ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସିରେ । ବର୍ତ୍ତମାନ ବାଲିମେଳା ସହରରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ସହ ଡ୍ରେନ ଗୁଡିକରେ ପାଣି ଜମି ରହିବା ସହ ଦୈନିକ ବଜାର, ରାସ୍ତାଘାଟ ଏବଂ ବସଷ୍ଟାଣ୍ଡ ପରିସରରେ ପାଣି ଜମି ହୋଇ ରହିଥିବାର ଦେଖିବାକୁ ମିଳୁଛି । ବର୍ତ୍ତମାନ ଜିଲ୍ଲାରେ ଡେଙ୍ଗୁ ତାର କାୟାବିସ୍ତାର କରିଥିବା ବେଳେ ଏଥିପତି ସ୍ଥାନୀୟ ପ୍ରଶାସନର ନିଦ ଭାଙ୍ଗି ନଥିବା ଦେଖିବାକୁ ମିଳୁଛି । ବିଶେଷ କରି ବାଲିମେଳା ସହରର ବସ୍ତି ଅଞ୍ଚଳ ଯଥା:- ୧ନଂ ୱାର୍ଡର ନୂଆ ସାହି, ୨ନଂ ୱାର୍ଡର ପରଜାଗୁଡା, ଆନିଆ ସାହି, ପମ୍ପ ଲାଇନ, ଝାଟି ମାଟି କଲୋନୀ, ୫ନଂ ୱାର୍ଡର ମେଡିକାଲ ସାହି, ୭ନଂ ୱାର୍ଡର ଡ୍ରାଇଭର ଲାଇନ, ୮ନଂ ୱାର୍ଡର ଓଡ଼ିଆ ସାହି, ବସ ଷ୍ଟାଣ୍ଡ ସଦର, ଡେଲି ମାର୍କେଟ ପରିସର, ଦୁର୍ଗା ସାହି, ୯ନଂ ୱାର୍ଡର ତିଣ ସାହି, ଧନ ପୁରିଆ ସାହି, ୧୦ନଂ ୱାର୍ଡର ମାଣ୍ଡି ସାହି ଏବଂ ୧୨ନଂ ୱାର୍ଡର ବସ୍ତି ଅଞ୍ଚଳ ଗୁଡିକର ଦୈନନ୍ଦିନ ନାଳ ନର୍ଦ୍ଦମା ସଫା ହେଉନାହିଁ କି ଏଯାଏଁ ମଶାର ନିୟନ୍ତ୍ରଣ ନିମନ୍ତେ ଫଗିଙ୍ଗ ମଧ ଆରମ୍ଭ ହୋଇନାହିଁ । ଏଥିସହିତ ମୁଖ୍ୟ ରାସ୍ତାର ଡ୍ରେନ କଡେ କଡେ ବିଭିନ୍ନ ପ୍ରକାର ଅନାବନା ଗଛ ଉଠି ଜଙ୍ଗଲ ପରିବେଶ ସୃଷ୍ଟି ହେବା ସହ ନାଳ ନର୍ଦ୍ଦମା ଜାମ ହୋଇଯାଉଛି ଫଳ ସ୍ୱରୂପ ପ୍ରାୟ ସମୟରେ ରାସ୍ତା ଉପରେ ନାଳ ପାଣି ପ୍ରବାହିତ ହେବାର ନଜିର ରହିଛି । ଯାହାଫଳରେ ଆଗାମୀ ଦିନରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ନେଇ ଆଶଙ୍କା କରାଯାଉଛି । ତେବେ ସୂଚନା ଥାଉ କି ଏନଏସିରେ କାର୍ଯ୍ୟ କରୁଥିବା କିଛି ସଂଖ୍ୟକ ସଫେଇ କର୍ମଚାରୀଙ୍କୁ କେବଳ ମେନରୋଡ଼ ଏବଂ ଡେଲି ମାର୍କେଟ ଅଞ୍ଚଳରେ ଝାଡୁ ମାଧ୍ୟମରେ ସଫେଇ କରାଯାଉଛି । ଏହା ବ୍ୟତୀତ ଅନ୍ୟ କୌଣସି ୱାର୍ଡ କିମ୍ବା ବସ୍ତି ଅଞ୍ଚଳରେ କେବେ ମଧ ସଫେଇ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ନୂତନ କାଉନ୍‌ସିଲିଂ ମେମ୍ବର ଗଠନ ହେବା ସହ ନୂତନ ଚେୟାରମ୍ୟାନ ଭାବେ ଦାୟିତ୍ୱ ନେଇ କିଛି ମାସ ବିତିଗଲାଣି । ତେବେ ଏଯାଏଁ ମଧ କୌଣସି ପରିବର୍ତ୍ତନ ଘଟି ନଥିବା ଦେଖିବାକୁ ମିଳିଛି । ଏଥିସହିତ ସାନିଟେସନ ଟେଣ୍ଡର ଆଜିକୁ ଦୀର୍ଘ ମାସ ହେବ ଶେଷ ହୋଇଯାଇଥିଲେ ମଧ ଠିକାଦାର ମଞ୍ଜୁ ସର୍ଭିସ ଏଯାଏଁ ନିଜର ସଫେଇ କାର୍ଯ୍ୟ ଜାରି ରଖିଥିବା ଜଣାପଡିଛି । ତେବେ ପୁନଃ ସାନିଟେସନ ଟେଣ୍ଡର ନ ହେବା ଯାଏଁ ଏପରି ସମସ୍ୟା ପରିଲକ୍ଷିତ ହେବ ବୋଲି ଆଶଙ୍କା କରାଯାଉଛି । ତେବେ ଆଜିକୁ ସାନିଟେସନ ଟେଣ୍ଡର ର କାର୍ଯ୍ୟକାଳ ସରି ୬ ମାସ ରହ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ କାହା ସ୍ୱାର୍ଥରେ ଏନଏସି ପ୍ରଶାସନ ଏପରି ନିଜର ମନ ମୁତାବକ ଶାସନ ଚଳାଇ ଆସୁଛି ତାକୁ ନେଇ ବର୍ତ୍ତମାନ ସାଧାରଣରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏନେଇ ଆମେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥଙ୍କୁ ପଚାରିବାରୁ ବର୍ଷା ଛାଡିବା ପରେ ଫଗିଙ୍ଗ ଆରମ୍ଭ ହେବ ଏବଂ ସାନିଟେସନ ଟେଣ୍ଡର କାର୍ଯ୍ୟ ମଧ ଚେୟାରମ୍ୟାନଙ୍କ ଅଧକ୍ଷତାରେ ଅତି ଶୀଘ୍ର ଟେଣ୍ଡର ଡକାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଲକ୍ଷ୍ମୀପୁରରେ ପାନୀୟ ଜଳ ସଙ୍କଟ

# ମେଗା ଜଳପ୍ରକଳ୍ପ ପ୍ରତି ଧ୍ୟାନ ଦେବାକୁ ଦାବି



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦର ମହକୁମାରେ ବର୍ଷାଦିନ ସତ୍ତ୍ୱେ ପିଇବା ପାଣି ସକାଶେ ସଂଘର୍ଷ କରୁଛନ୍ତି ଅନେକ ସାହିବାସିନ୍ଦା । ବ୍ଲକ ସଦର ମହକୁମାର ଘରେ ଘରେ ପାନୀୟ ଜଳ ଯୋଗାଣ କରାଯିବା ପାଇଁ ଏକ ମେଗା ଜଳପ୍ରକଳ୍ପ କରାଯିବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା । ପ୍ରତିଶ୍ରୁତି ଦେବାର ୩ବର୍ଷ ବିତିଯାଇଥିଲେ ମଧ ଏଥିପ୍ରତି କାହାରି ଆନ୍ତରିକତା ନଥିବା ଜଣାପଡିଛି । ବର୍ତ୍ତମାନ ମଧ ବ୍ଲକ ସଦର ମହକୁମାରେ ୨ଟି ପଚାସ ହଜାର କ୍ଷମତା ବିଶିଷ୍ଟ ଓ ଗୋଟିଏ ୧ଲକ୍ଷ କ୍ଷମତା ବିଶିଷ୍ଟ ପାଣି ଟାଙ୍କିରେ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜଳଯୋଗାଣ କରାଯାଉଛି, ତଥାପି ଜଳକଷ୍ଟ ଦୂର ହୋଇପାରୁନାହିଁ । ୫୦ହଜାର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ମଧ୍ୟରୁ ଗୋଟିଏ ଟାଙ୍କିରୁ ୩ଟି ହରିଜନ ସାହି ସମେତ ଦୋରାସାହି, ଆଦିବାସୀ ସାହି, ପରଜା ସାହି ଓ ପୁରୁଣା ବଜାର ଭଳି ଅଞ୍ଚଳକୁ ପାଣି ଯୋଗାଣ କରାଯାଉଥିବା ବେଳେ ଅନ୍ୟ ଏକ ୫୦ ହଜାର କ୍ଷମତା ବିଶିଷ୍ଟ ଟାଙ୍କିରୁ ମେଡିକାଲ୍ କଲୋନୀ, ଘୋଡାବନ୍ଧ କଲୋନୀ, ନୂଆ ବସ୍‌ଷ୍ଟାଣ୍ଡ ଓ ପୁରୁଣା ମେଡିକାଲ୍ କଲୋନି ଅଞ୍ଚଳରେ ଜଳ ଯୋଗାଣ କରାଯାଉଛି । ଲକ୍ଷ୍ମୀପୁରର ଚର୍ଚ୍ଚ ଅଞ୍ଚଳରେ ଗତ ବର୍ଷ ୬୦ ଲକ୍ଷ ବ୍ୟୟରେ ତିଆରି କରାଯାଇଥିବା ୧ଲକ୍ଷ କ୍ଷମତା ବିଶିଷ୍ଟ ପାଣିଟାଙ୍କି ଗାଁର ଅର୍ଦ୍ଧାଧିକ ଅଞ୍ଚଳରେ ପାଣିଯୋଗାଣ କରାଯିବ ବୋଲି କୁହାଯାଇ ପାଇପ ଲାଇନ୍ ବିଛାଯିବା ସହ ଷ୍ଟାଣ୍ଡ ପୋଷ୍ଟ ଗୁଡିକ କରାଯାଇଥିଲା କିନ୍ତୁ କେବଳ ବ୍ଲକ ଅଞ୍ଚଳରେ ପାଣି ଯୋଗାଣ କରିବାରେ ସିମିତ ରଖାଯାଇଥିବା କାରଣରୁ ଗାଁର ଅଧିକାଂଶ ଅଞ୍ଚଳରେ ଜଳ ସମସ୍ୟା ଉତ୍କଟ ରୂପ ନେଇଛି । ଏତେ ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି କରାଗଲା କିନ୍ତୁ ଜଳ ଯୋଗାଣରେ ବିଭିନ୍ନ ସମସ୍ୟା ଦେଖାଇ ଜନସ୍ୱାସ୍ଥ୍ୟ ବିଭାଗ ଭଲଭାବେ ବଣ୍ଟନ କରିନପାରିବାରୁ ଷ୍ଟାଣ୍ଡପୋଷ୍ଟ ଗୁଡିକ ପାଣି ମୁହାଏ ଆସିବା ପୂର୍ବରୁ ଭାଙ୍ଗିରୁଜି ଗଲାଣି, ଅନ୍ୟପକ୍ଷରେ ଜଳ ଯୋଗାଣ ଯଦି କରିବାର ନଥିଲା ତାହେଲେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ କାହିଁକି ପାଇପ୍ ଲାଇନ ବିଛାଗଲା ଓ ଷ୍ଟାଣ୍ଡପୋଷ୍ଟ ଗୁଡିକ କରାଗଲା ବୋଲି ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳର ମହିଳାମାନଙ୍କ ସମେତ ଅନେକ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ୫୦ହଜାର କ୍ଷମତା ବିଶିଷ୍ଟ ପାଣି ଟାଙ୍କିରୁ ଯେଉଁ ଯେଉଁ ଅଞ୍ଚଳରେ ଜଳ ଯୋଗାଣ କରାଯାଉଛି ସେହି ଅଞ୍ଚଳରେ ଷ୍ଟାଣ୍ଡପୋଷ୍ଟ ଗୁଡିକ ଭାଙ୍ଗିରୁଜି ଯାଇଛି, କାଭାଁ ଯେଉଁଠି ଷ୍ଟାଣ୍ଡ ପୋଷ୍ଟ ଅଛି ସେଠାରେ ଟ୍ୟାପ୍ ମଧ ନାହିଁ । ସ୍ଥାନୀୟ ସାହି ବସ୍ତିରେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ଅନେକ ଲୋକ ନାହିଁ ନଥିବା ଅସୁବିଧାର ପଡିବା ଦେଖି ପଞ୍ଚାୟତ ସମିତି ତରଫରୁ ନାଳ ନର୍ଦ୍ଦମା ଗୁଡିକ ପୋକ୍ଲିନ୍ ଦ୍ୱାରା ଆଜ ସଫା କରାଯାଇଥିଲା । ଫଳରେ ଲକ୍ଷ୍ମୀପୁର ଥାନା ପାଖ ନାଳିଆ ଭିତର ଦେଇ ଜାଇଥିବା ପାଇପ ଲାଇନ୍ ଦୁଇଟି ସ୍ଥାନରେ ଫାଟି ପାଣି ନଷ୍ଟ ହେଉ ଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ପାଇପ ଲାଇନ ନ ସଜାଡିଲେ ଫାଟି ଥିବା ସ୍ଥାନରେ ନାଳିଆ ପାଣି ପାଇପରେ ପସିବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଳେ ଉକ୍ତ ପାଣି ବ୍ୟବହାର କରି ଅନେକ ଲୋକ ପୁଣି ଥରେ ନାହିଁ ନଥିବା ରୋଗରେ ଆକ୍ରାନ୍ତ ହେବାକୁ ବେସି ସମୟ ଲାଗିବନି ତେଣୁ ତୁରନ୍ତ ସଜାଡିବାକୁ ସାଧାରଣରେ ଦାବି ହୋଇଛି । ବର୍ତ୍ତମାନ ଗାଁରେ ଡେଙ୍ଗୁର ଜ୍ୱରର ପ୍ରଭାବ ରହିଛି, ଯଦି ଡ୍ରେନ୍‌ରେ ପ୍ରବାହିତ ହେଉଥିବା ଦୁର୍ଗନ୍ଧ ଓ ଦୂଷିତ ଜଳ ଫାଟିଯାଇଥିବା ସପ୍ଲାଇ ପାଇପ୍ ଭିତରେ କିଛି ମାତ୍ରାରେ ପସିଲେ ମଧ ସମ୍ପୂର୍ଣ୍ଣ ଜଳକୁ ଦୂଷିତ କରିବା ସହ ସେହି ଜଳ ସେବନ କଲେ ବିଭିନ୍ନ ରୋଗ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ପାଇପଲାଇନ୍‌କୁ ସଜାଡି ଯାଇନଥିବା ବେଳେ ବ୍ଲକ ପ୍ରଶାସନ କିମ୍ବା ଜନସ୍ୱାସ୍ଥ୍ୟ ବିଭାଗ ଏପର୍ଯ୍ୟନ୍ତ ତତ୍ପରତା ଦେଖାଇନଥିବା ବିଡମ୍ବନାର ବିଷୟ ବୋଲି ଆଲୋଚନା ଜୋର୍ ଧରିଛି । ଲକ୍ଷ୍ମୀପୁର ବ୍ଲକର କିଛି ଗ୍ରାମପଞ୍ଚାୟତ ସଦର ମହକୁମା ସମେତ ଗ୍ରାମାଞ୍ଚଳରେ ଘରେ ଘରେ ଜଳ ଯୋଗାଣ କରାଯାଉଥିବା ବେଳେ ଲକ୍ଷ୍ମୀପୁର ବ୍ଲକ ସଦର ମହକୁମାରେ ଘରେ ଘରେ ଜଳ ଯୋଗାଣ କରାଯାଉ ନଥିବା ସରପଞ୍ଚଙ୍କ ସମେତ ଲୋକପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ବୋଲି କିଛି ବୁଦ୍ଧିଜୀବୀ ମତ ଦେଇଛନ୍ତି । ମେଗାଜଳ ପ୍ରକଳ୍ପ ପ୍ରତି ତୁରନ୍ତ ଧ୍ୟାନ ଦେବାକୁ ମଧ ସାଧାରଣରେ ଦାବି କରାଯାଇଛି ।

## ବୃଦ୍ଧଙ୍କ ଆତ୍ମହତ୍ୟା

ମାଲକାନଗିରି/କାଲିମେଳା,(ଭାସ୍କର ନ୍ୟୁଜ୍): ରୋଗ ଯନ୍ତ୍ରଣାରେ ଅସହ୍ୟ ହେଲେ ବୃଦ୍ଧ । ମାନସିକ ଭାରସାମ୍ୟ ହରାଇ ଶେଷରେ ଆତ୍ମହତ୍ୟାକୁ ବାଛିନେଲେ ୮୨ବର୍ଷୀୟ ବୃଦ୍ଧ । ବେକରେ ଦଉଡି ବାନ୍ଧି ଝୁଲିପଡିଲେ । ଏଭଳି ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଟେରୁ ଫାଣ୍ଡି ଏମ୍‌ଭି -୯୮ରେ । ବୃଦ୍ଧ ହେଲେ ଗାଁର ବିନୟକୃଷ୍ଣ ବିଶ୍ୱାସ । ଗତ ସୋମବାର ସକାଳେ ସେ ଶୋଇବା ଘରେ ଏହି କାଣ୍ଡ କରିଛନ୍ତି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବିନୟ ଦୀର୍ଘ ଦିନରୁ କିଡ୍‌ନୀଜନିତ ରୋଗରେ ପୀଡିତ ଥିଲେ । ବିଭିନ୍ନ ସ୍ଥାନରେ ଚିକିତ୍ସା ପରେ ସୁସ୍ଥ ହେଉ ନଥିବାରୁ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ତାଙ୍କର ୪ଜଣ ପୁଅ । ପୁଅମାନେ ବିଭିନ୍ନ ସ୍ଥାନରେ ଡାକ୍ତର ଦେଖାଇ ଔଷଧ ଆଣି ଦେଉଥିଲେ । କିଛିଦିନ ହେଲା ବିନୟ ଔଷଧ ନଖାଇ ମନଇଚ୍ଛା ଫିଙ୍ଗି ଦେଉଥିଲେ । ମାନସିକ ସ୍ଥିତି ଭଲ ରହୁ ନଥିବାରୁ ପରିବାର ଲୋକେ ମଧ ଚିନ୍ତାରେ ରହୁଥିଲେ । ବିନୟଙ୍କ ଝୁଲନ୍ତା ଶବ ଦେଖି ପରିବାର ଲୋକେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

# କୋରାପୁଟରେ କାୟାମେଲାଉଛି ଡେଙ୍ଗୁ



କୋରାପୁଟ,(ଭାସ୍କର ନ୍ୟୁଜ୍): କୋରାପୁଟ ସାଇବର ଥାନାର ଦୁଇ କର୍ମଚାରୀ ଡେଙ୍ଗୁରେ ଆକ୍ରାନ୍ତ । କୋରାପୁଟ, ଜୟପୁର, ଲକ୍ଷ୍ମୀପୁର, ବୈପାରିଗୁଡା, ଦଶମନ୍ତପୁର ଏବଂ କୋଟପାଡରେ ଅନେକ ଲୋକଙ୍କୁ ଡେଙ୍ଗୁ । ଖାଲି ସାଇବର ଥାନା ନୁହେଁ ଏକାଧିକ ପୋଲିସ ଅଧିକାରୀ ଓ ସରକାରୀ କର୍ମଚାରୀ ଏବେ ଡେଙ୍ଗୁର ଆକ୍ରାନ୍ତ ହୋଇ କୋରାପୁଟ ଓ ଜୟପୁର ମେଡିକାଲରେ ଚିକିତ୍ସା ହେଉଛନ୍ତି । କିନ୍ତୁ ଏପରି ଡେଙ୍ଗୁ ରୋଗୀ ଅଛନ୍ତି ଯାହା ସରକାରୀ ଖାତାରେ ହିସାବ ନାହିଁ । ଏମିତି ଜିଲ୍ଲାରୁ ଏବେ ବହୁ ଲୋକ ଡେଙ୍ଗୁ ଆକ୍ରାନ୍ତ ହୋଇ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ସ୍ଥିତି ଧୀରେ ଧୀରେ ବିଗିଡିବାକୁ ଲାଗିଥିଲାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ହିସାବ ଅନୁସାରେ, ଜିଲ୍ଲାରୁ ମାତ୍ର ୧୨୪(ମାଲକାନଗିରିରେ ଚିହ୍ନଟ ମେସିନ ନ ଥିବାରୁ କୋରାପୁଟରେ ପରୀକ୍ଷା କରାଯାଇ ୧୩ଜଣଙ୍କୁ ଚିହ୍ନଟ କରାଯାଇଛି) ଜଣ ଡେଙ୍ଗୁ ଆକ୍ରାନ୍ତ ହୋଇଛନ୍ତି । କିଛି ବର୍ଷ ହେଲା କୋରାପୁଟ ଜିଲ୍ଲାରୁ ନିୟମିତ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି । କିନ୍ତୁ ଏ ବର୍ଷ ଏହି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବଢି ବଢି ଚାଲିଛି । କରୋନା ଭୟରେ ଲୋକମାନେ ଜ୍ୱର ହେଲେ ଡାକ୍ତରଖାନା ନ ଯାଇ ବାହାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଉଥିବା ବେଳେ ବାହାରେ ନମୁନା ବି ପରୀକ୍ଷା କରାଉଛନ୍ତି । ଏମିତିରେ ପରୀକ୍ଷା ପରେ କୋରାପୁଟ ଜିଲ୍ଲାରୁ ଅନେକ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି । ଡେଙ୍ଗୁ ବୋଲି ଜଣାପଡିବା ପରେ କିଛି ଲୋକ ଘରୋଇ କ୍ଲିନିକରେ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଉଥିଲାବେଳେ ଆଉ କିଛି ବିଶାଖାପାଟଣା ଯାଇ ଚିକିତ୍ସିତ ହେଉଛନ୍ତି । ଆଉ କିଛି ଲୋକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ସରକାରୀ ସୂଚନା ଅନୁସାରେ, କୋରାପୁଟ ଜିଲ୍ଲାରେ ଏ ପର୍ଯ୍ୟନ୍ତ ୧୧୩୨ ଜଣଙ୍କ ଡେଙ୍ଗୁ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୧୨୪ ଜଣ ଡେଙ୍ଗୁ ପଜିଟିଭ ରହିଛି । ସେମାନଙ୍କ ଭିତରୁ କିଛି ରୋଗୀଙ୍କୁ ଏଠାରେ ଚିକିତ୍ସା କରାଯାଉଥିଲା ବେଳେ ଆଉ କିଛି ରୋଗୀଙ୍କୁ ବ୍ରହ୍ମପୁର ଓ ଭୁବନେଶ୍ୱର ପଠାଯାଇଛି । କୋରାପୁଟ ବଡ଼ ମେଡିକାଲରେ ପ୍ଲେଟଲେଟ ଚିକିତ୍ସା ବ୍ୟବସ୍ଥା ରହିଛି ସତ ହେଲେ ଦୁଇଟି ମେସିନରୁ ଦୁଇଟି ଯାକ ଅଚଳ ପଡିଛି । ପୁରୁଣା ମେସିନ ଦୁଇ ମାସ ହେଲା ଅଚଳ ରହିଥିବାବେଳେ ନୂଆ ମେସିନ ମଧ ସଚଳ ନ ଥିବା ଜଣାପଡିଛି । ତେଣୁ ବାଧ୍ୟ ହୋଇ ରୋଗୀଙ୍କୁ ବ୍ରହ୍ମପୁର ପଠାଯାଉଥିବା ଜଣାପଡିଛି । କୋରାପୁଟ ହସପିଟାଲର ଭେଷଜ ପୁରୁଷ ୱାର୍ଡରେ ଏବେ ଜଣେ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡିଛି ।

# ବିଜେପିର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍):କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବିଜେପି ସଭାପତି ନିଳକଣ୍ଠ ହାଲଓ୍ୱାଙ୍କ ଅଧକ୍ଷତାରେ ଆଜି ରେଲୱେ ଅଡିଟୋରିଅମ୍ ହଲଠାରେ ବେଜେପି ଦଳର ଜିଲ୍ଲା କାର୍ଯ୍ୟକାରିଣି ବୈଠକ ଅନୁଷ୍ଠିତ ହୋଇଜାଇଛି ।ଜିଲ୍ଲା ସାଧାରଣ ସମ୍ପାଦକ ବୈଦନାଥ ମିଶ୍ର,ଦେବେନ୍ଦ୍ର ମହାନ୍ତି,ଚନ୍ଦ୍ରଶେଖର ରଥ, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ବଳଭଦ୍ର ମାଝି, ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ, ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସଂପାଦକ କାଳିରାମ୍ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କଲା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରୁ ଭାରତ ମାତାକି ଜୟ ବୋଲି ସ୍ଲୋଗାନ୍ ଦେବା ସହ ଭଗବାନଙ୍କ ଫୋଟ ଚିତ୍ରରେ ପୁଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଓଡ଼ିଶା ମାଟିର ଜଣେ ଆଦିବାସୀ ମହିଳା ଦ୍ରୌପଦି ମୁର୍ମୁଙ୍କୁ ଭାରତର ସର୍ବୋଚ୍ଚ ପଦବି ରାଷ୍ଟ୍ରପତି ପଦବି ସକାଶେ ମନୋନିତ କରିଥିବା କାରଣରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କୁ ବୈଠକରେ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା । ବୈଠକରେ ରାଜନୈତିକ ଚିଠା ପ୍ରସ୍ତୁତ କରାଯିବା ସହ ବିଜେପିର ସାଙ୍ଗଠନିକ ବିଷୟରେ ଆଲୋଚନା କରାଯାଇଥିଲା । ଭାରତ ସରକାରଙ୍କ ଜନହିତକର ଯୋଜନା ଓଡିଶାରେ କିପରି ପହଞ୍ଚୁଛି ଓ ତାହାର ବିନିଯୋଗ କିପରି ହେଉଛି ସେ ବିଷୟରେ ମଧ ଆଲୋଚନା କରାଯିବା ସହ ପଦାଧିକାରୀଙ୍କୁ ବରିଷ୍ଠନେତା ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ବିଜେପିର ଏହା ସାଙ୍ଗଠନିକ କାର୍ଯ୍ୟକ୍ରମ ଥିବା କାରଣରୁ କିଛି ସମୟ ପାଇଁ ହିଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫୋଟ ଓ ଭିଡିଓ କାଢିବାକୁ ସୁଯୋଗ ଦେବା ପରେ କବାଟ କିଳି ତାଙ୍କ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ମନୋଜ ସାହୁ, ବ୍ଲକ୍ ସାଧାରଣ ସମ୍ପାଦକ ବାମଦେବ ତୁରକ୍, ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉଦୟ ହିକକାଙ୍କ ସମେତ ନିର୍ବାଚନ ମଣ୍ଡଳିରେ ଥିବା ଚାରଟି ବ୍ଲକର ସତାଧିକ କର୍ମି,ପଞ୍ଚାୟତ ସ୍ତରିୟ ସଭାପତି ସମ୍ପାଦକ ମାନେ ଯୋଗ ଦେଇଥିଲେ ।

## କେନ୍ଦ୍ର ପ୍ରଭାରୀଙ୍କ ମାଲକାନଗିରି ଜିଲ୍ଲା ଗସ୍ତ

ମାଲକାନଗିରି,(ଭାସ୍କର ନ୍ୟୁଜ୍):କେନ୍ଦ୍ର ପ୍ରଭାରୀ ରଜତ ମିଶ୍ର ଗତକାଲି ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ଖଇରପୁଟ ବ୍ଲକ୍ ଏବଂ ମାଥିଲି ବ୍ଲକ୍ ପରିଦର୍ଶନ କରି ଯାଇଥିଲେ । କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟେକ ପଞ୍ଚାୟତରେ ଚାଲିଥିବା ଅମୃତ ସରୋବର ନିର୍ମାଣ କାର୍ଯ୍ୟକୁ ସେ ତଦାରଖ କରିଥିଲେ । ପ୍ରକାଶ ଥାଉକି, କେନ୍ଦ୍ର ସରକାରଙ୍କ ତରଫରୁ ରାଜ୍ୟ ପ୍ରଭାରୀ ଭାବେ ରଜତ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି । ସେ ପ୍ରତ୍ୟେକ ଜିଲ୍ଲା ବୁଲି ଅମୃତ ସରୋବର ତଦାରଖ କରିବେ । ଆଜି ଖଇରପୁଟ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲିବା ପରେ ମାଥିଲି ବ୍ଲକର ଉଦଲିବେଡ଼ା ପଞ୍ଚାୟତର ତଳଗଡ଼ିଆଳି ଠାରେ ନୂତନ ଭାବେ ନିର୍ମିତ ହୋଇଥିବା ଅମୃତ ସରୋବରକୁ ତଦାରଖ କରିଥିଲେ । ସେ କିପରି କେନ୍ଦ୍ର ସରକାରଙ୍କର ଏହି ସ୍ୱପ୍ନର ପ୍ରୋଜେକ୍ଟକୁ ନିର୍ମାଣ କରାଯାଉଛି ସେ ସଂପର୍କରେ ପଚାରି ବୁଝିଥିଲେ । ମାଲକାନଗିରି ଜିଲ୍ଲାର ଅନ୍ୟ ପଞ୍ଚାୟତ ଗୁଡ଼ିକୁ ମଧ ସେ ଗସ୍ତ କରି ଏହାର ତଦାରଖ କରିବେ ବୋଲି କୁହାଯାଇଛି । କେନ୍ଦ୍ର ପ୍ରଭାରୀଙ୍କ ସହ ମାଥିଲି ବିଡିଓ ଆଶିଷ କୁମାର ଭୋଇ, ଖଇରପୁଟ ବିଡିଓ ହୃଦାନନ୍ଦ ସାହୁ, ମାଥିଲି ଏବିଡିଓ ସରୋଜ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ନିହାର ସରକାର, ପିଇଓ ଅଶୋକ ମହାରଣ, ଏପିଓ ଶ୍ରୀ କର୍କରା, ଜଗଦିଶ ବାରା ପ୍ରମୁଖ ଉପସ୍ଥିତ ଥିଲେ । ଆଜି ପୁଣି ଜିଲ୍ଲାର ଅନ୍ୟ ପଞ୍ଚାୟତ ଗୁଡିକ ବୁଲି କାର୍ଯ୍ୟ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ପଞ୍ଚାୟତ ସମିତି ସଭା ଗୃହରେ ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉମରକୋଟ ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଜିଲ୍ଲାପାଳଙ୍କୁ ନିଜର ତଥା ନିଜ ଅଞ୍ଚଳର ସମସ୍ୟା, ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୨୯ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା । ଏଥିରେ ଜମିଜମା, ବାର୍ଦ୍ଧକ୍ୟ ଭତ୍ତା, ପଡି କାର୍ଡ, ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଓ ହଷ୍ଟେଲରେ ନାମ ଲେଖା, ନିଯୁକ୍ତି, ଚାଷ ପାଇଁ ଆବଶ୍ୟକ ସାର ଯୋଗାଣ, ଜଳକର ଛାଡ ଏବଂ ଉଚ୍ଚ ଶିକ୍ଷା ପାଇଁ ସରକାରୀ ଆର୍ଥିକ ସହାୟତା ପ୍ରଦାନ ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣି ହୋଇଥିଲା । ଜିଲ୍ଲାପାଳ ଡଃ.ମିଶ୍ର ଜନସାଧାରଣଙ୍କର ଥିବା ସମସ୍ତ ଆପତି ଅଭିଯୋଗ ସମସ୍ୟାକୁ ଶୁଣି ସମ୍ପୃକ୍ତ ଆପତ୍ତି ଅଭିଯୋଗ କାରୀଙ୍କ ଦରଖାସ୍ତ ଗ୍ରହଣକରି ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ସ୍ତରରେ ଲୋକଙ୍କର ରହିଥିବା ସମସ୍ୟାର ସମାଧାନ କରିବା ପାଇଁ ଅଧିକ ଯତ୍ନବାନ ହେବା ସହିତ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଦିବ୍ୟାଙ୍ଗଙ୍କୁ ଆଶାବାଡି, ଅନ୍ଧବାଡି, ତିନିଚକିଆ ସାଇକେଲ ଚକଲଗା ଚୌକି ଏବଂ ଜିଲ୍ଲା ରେଡକ୍ରସ ସୋସାଇଟି ପକ୍ଷରୁ ୬୦ଟି ସଂଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ, ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ରତ୍ନାକର ସାହୁ, ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ହିମାଞ୍ଚଳ ମାଝୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଉମରକୋଟ ତହସିଲଦାରଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ଏକାଗ୍ର ହୁଅ, କୁଳୀନ ହୁଅ, ବୁଦ୍ଧିମାନ ହୁଅ ଏବଂ ଲଜ୍ଜାଶ୍ରୀ ହୁଅ।

-ମହାବୀର



ତୁମେ ତୁମର କର୍ତ୍ତବ୍ୟ ସମ୍ପାଦନ କର, ତାହା ତୁମକୁ ଶାନ୍ତି ପ୍ରଦାନ କରିବା।"

- ଶ୍ରୀ ରାମକୃଷ୍ଣ



# ସମସ୍ୟା ନୁହେଁ ବିସ୍ଫୋରଣ
# ଜନସଂଖ୍ୟାରେ ଚୀନ୍‌କୁ ଟପିବ ଭାରତ

ସମଗ୍ର ବିଶ୍ୱରେ ସୋମବାର ପାଳିତ ହୋଇଛି ଜନସଂଖ୍ୟା ଦିବସ। ଏହି ଅବସରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ନିୟନ୍ତ୍ରଣାଧୀନ କରିବା ଲାଗି ନୂଆ ନୂଆ ପନ୍ଥା ଆପଣାଇବା ଏବଂ ଜନସଚେତନତା ସୃଷ୍ଟି କରିବା ଉପରେ ପ୍ରଶାସନ ଓ ରାଷ୍ଟ୍ରନେତାମାନେ ଗୁରୁତ୍ୱ ଆରୋପ କରିଥିଲେ। ଆମ ଭାରତ ସମଗ୍ର ବିଶ୍ୱର ଦ୍ୱିତୀୟ ସର୍ବବୃହତ ଜନବହୁଳ ଦେଶ ହୋଇଥିବାରୁ ଏବଂ ଏହାର ଜନସଂଖ୍ୟା ପ୍ରତିବର୍ଷ ହୁ ହୁ ହୋଇ ବଢିଚାଲିଥିବାରୁ ଏହି ଦିବସ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା। ଭାରତରେ ଜନସଂଖ୍ୟା ବୃଦ୍ଧି କେବଳ ଏକ ସମସ୍ୟା ହୋଇ ରହିନାହିଁ, ବରଂ ଏକ ବିସ୍ଫୋରଣରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦେଶରେ ଦାରିଦ୍ର୍ୟ ଓ ବେକାରୀର ଅନ୍ୟତମ ମୁଖ୍ୟ କାରଣ ହେଉଛି ଲଗାମହୀନ ଜନସଂଖ୍ୟା ବୃଦ୍ଧି। ଏଥର ଜନସଂଖ୍ୟା ଦିବସରେ ଯେଉଁ ନୂତନ ଦିଗଟି ସାମ୍ନାକୁ ଆସିଛି, ତା ହେଉଛି ଜନସଂଖ୍ୟାରେ ଚୀନ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ଭାରତ ୨୦୨୩ ମସିହା ସୁଦ୍ଧା ଅର୍ଥାତ୍ ଆଉ ବର୍ଷକ ପରେ ଚୀନକୁ ଟପି ପ୍ରଥମ ସ୍ଥାନରେ ପହଞ୍ଚିଯିବ। ଜାତିସଂଘ ପକ୍ଷରୁ ସୋମବାର ଦିନ ଏହି ଭବିଷ୍ୟବାଣୀ କରାଯାଇଛି। ବିଶେଷଜ୍ଞଙ୍କ ଆକଳନରୁ ଜଣାପଡ଼ିଛି ଯେ, ଚଳିତ ବର୍ଷ ନଭେମ୍ବର ୧୫ ତାରିଖ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିବ। ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ସେମାନଙ୍କ ଦାୟିତ୍ୱ ଓ ପ୍ରତିଶ୍ରୁତିବଦ୍ଧତାକୁ ଭୁଲି ଯାଉଥିବାରୁ ଜାତିସଂଘର ମହାସଚିବ କ୍ଷୋଭ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଚୀନ ତୁଳନାରେ ଭାରତର ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଚୀନ ଏହାର ଜନସଂଖ୍ୟା ବଢ଼ାଇବା ପାଇଁ ବ୍ୟଗ୍ର ହୋଇ ବିଭିନ୍ନ ଲୋଭନୀୟ ଯୋଜନା କାର୍ଯ୍ୟକାରୀ କରୁଥିଲେ ହେଁ ତାହା ଲୋକଙ୍କୁ ଆକୃଷ୍ଟ କରିପାରୁ ନାହିଁ। ବରଂ ସେଠାକାର ଅଧିବାସୀ ଗୋଟିଏରୁ ଅଧିକ ପିଲା ଜନ୍ମ କରିବାକୁ ଚାହୁଁନାହାଁନ୍ତି। ଫଳରେ ପ୍ରତିଦିନ ଚୀନ ତୁଳନାରେ ଭାରତରେ ଅଧିକ ପିଲା ଜନ୍ମ ନେଉଛନ୍ତି। ଆଗାମୀ ୨୦୫୦ ମସିହା ବେଳକୁ ଭାରତର ଜନସଂଖ୍ୟା ୧୬୬ କୋଟିକୁ ଟପିଯିବା ସ୍ଥଳେ ଚୀନରେ ସେତେବେଳେ ଏହି ସଂଖ୍ୟା ୧୩୧ କୋଟି ୭୦ ଲକ୍ଷକୁ ଖସି ଆସିବ। ଚଳିତ ବର୍ଷ ଭାରତର ଜନସଂଖ୍ୟା ୧୪୧.୨ କୋଟି ରହିଥିବାବେଳେ ଚୀନର ଜନସଂଖ୍ୟା ୧୪୨.୬ କୋଟି ରହିଛି। ୨୦୨୨ ମସିହାରେ ବିଶ୍ୱର ସର୍ବାଧିକ ଜନବହୁଳ ଅଞ୍ଚଳ ରୂପେ ପୂର୍ବ ଓ ଦକ୍ଷିଣ-ପୂର୍ବ ଏସିଆ ପରିଗଣିତ ହୋଇଛି। ଏହି ଅଞ୍ଚଳର ଜନସଂଖ୍ୟା ୨୩୦ କୋଟି ରହିଛି, ଯାହାକି ସମୁଦାୟ ବିଶ୍ୱ ଜନସଂଖ୍ୟାର ୨୯ ପ୍ରତିଶତ। ଏହି ପୃଷ୍ଠଭୂମିରେ ଆମ ରାଜ୍ୟ ଓଡ଼ିଶା ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଥିବାର ଜଣାପଡ଼ିଛି। ଜାତୀୟ ହାର ତୁଳନାରେ ଓଡ଼ିଶାରେ ପ୍ରଜନନ ହାର କମ୍ ରହିବା ଜନସଂଖ୍ୟା ନିୟୋଜନର ସଫଳତାକୁ ଦର୍ଶାଉଛି। ବିଶ୍ୱରେ ଜନସାଧାରଣଙ୍କ ପରମାୟୁ ୨୦୧୯ ମସିହାରେ ୭୨.୮ ବର୍ଷକୁ ବୃଦ୍ଧି ପାଇଛି, ଯାହା ୧୯୯୦ ମସିହା ତୁଳନାରେ ୯ ବର୍ଷ ଅଧିକ। ଦେଶରେ ଚାଷବାସ ପାଇଁ କିମ୍ବା ଘର ତିଆରି ଲାଗି ଉପଯୋଗୀ ଜମି ପରିମାଣ ବୃଦ୍ଧି ପାଉନଥିବାବେଳେ ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଲେ ଆଗାମୀ ଦିନରେ ସଙ୍କଟ ଦେଖାଦେବା ସୁନିଶ୍ଚିତ। ତେବେ କେବଳ କଠୋର ଆଇନ୍ ଦ୍ୱାରା ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ବରଂ ଜନସଂଖ୍ୟା ବିସ୍ଫୋରଣ ଭବିଷ୍ୟତରେ କିପରି ସମସ୍ୟା ସୃଷ୍ଟି କରିବ, ସେଥିନେଇ ଲୋକଙ୍କୁ ଭଲ ଭାବରେ ସଚେତନ କରାଇବାକୁ ପଡ଼ିବ।

# ସିଭିଲ୍ ଡିସ୍‌ଓବିଡିଏନ୍ସ ଆଦ୍ୟ ପ୍ରବର୍ତ୍ତକ



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋବାଇଲ: ୬୩୭୦୬ ୭୫୫୬୨

ମହାତ୍ମାଗାନ୍ଧୀଙ୍କ 'ଆଇନ ଅମାନ୍ୟ ଆନ୍ଦୋଳନ'ଠାରୁ ବହୁ ଆଗରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ, ଯୁକ୍ତରାଷ୍ଟ୍ର ଆମେରିକାର ଏକ ଦୂରତମ ଅଞ୍ଚଳରେ ପଡିରହିଛି ବିସ୍ମୃତ ଏକ ମୂହୁର୍ତ୍ତ ଆଦର୍ଶବାଦୀ ମଣିଷର ଦିନକର ଏକକ ପ୍ରତିବାଦ ରାଷ୍ଟ୍ରର ପ୍ରଚଣ୍ଡ ଶକ୍ତି ବିରୁଦ୍ଧରେ ଜଣେ ଅସ୍ତ୍ରହୀନ ମଣିଷର ଆତ୍ମିକ ପ୍ରତିବାଦ। ସେ ଦିନର ପ୍ରତିବାଦକୁ ଆଉ ଜଣେ ବିଚିତ୍ର ମଣିଷ ମଧ୍ୟରେ ସୃଷ୍ଟି କଲା ଇତିହାସର ପ୍ରଚଣ୍ଡତମ ଏକ ଭୂମିକମ୍ପ। ଆଜିର ସମାଜରେ 'ସିଭିଲ୍ ଡିସ୍‌ଓବିଡିଏନ୍ସ' ବା ଆଇନ ଅମାନ୍ୟ କଥାଟା ଉପହାସର ବସ୍ତୁ ନୁହେଁ, ଏଟମ୍ ବମ୍ ପରି ଏକାନ୍ତ ବାସ୍ତବ ଓ ମାରାତ୍ମକ ସଂଗ୍ରାମୀ ମଣିଷ ହସ୍ତରେ, ପ୍ରଚଣ୍ଡତମ ଶକ୍ତି! ମହାତ୍ମାଗାନ୍ଧୀଙ୍କ ଜନ୍ମର କୋଡିଏ ବର୍ଷ ପୂର୍ବେ ଆମେରିକା ଯୁକ୍ତରାଷ୍ଟ୍ରରେ ଖଣ୍ଡିଏ ଛୋଟ ପୁସ୍ତିକା ପ୍ରକାଶିତ ହୋଇଥିଲା। ସେହି ପୁସ୍ତକଟିର ନାମ ଥିଲା "Civil Disobedience" ଏହାର ଲେଖକ ଥିଲେ 'ହେନେରୀ ଡେଭିଡ୍ ଥୋରେ' ବହିଟି ଓ ତା'ର ପ୍ରତିପାଦ ବିଷୟକୁ ସେହି ସମୟର ଯୁକ୍ତରାଷ୍ଟ୍ର ଆମେରିକାର ଶାସକ ସମ୍ପ୍ରଦାୟ ଜଣେ ଉନ୍ମାଦ ଦାର୍ଶନିକର ପାଗଳାମିର ଖିଆଲ ବୋଲି ଗ୍ରହଣ କରିଥିଲେ। ବହିଟି ପ୍ରକାଶ ପାଇବାର କେଇ ବର୍ଷ ମଧ୍ୟରେ ବହିଟିର ସ୍ମୃତି ସାଧାରଣ ପାଠକମାନଙ୍କ ମନରୁ ବିଲୁପ୍ତ ହୋଇଯାଇଥିଲା। ସେଦିନ ସୁଦୂରତମ କଳ୍ପନାରେ ବି କେହି ଭାବିପାରୁ ନ ଥିଲେ ଯେ, ସେହି ନବଗଠିତ ଯୁଗ୍ମ ଶବ୍ଦଟି କେଉଁଭଳି ଭାବେ ମାରାତ୍ମକ ସମ୍ଭାବନା ନେଇ ଛପା ଅକ୍ଷରରେ ଆତ୍ମ ପ୍ରକାଶ କରିଥିଲା। ଆମେରିକାର କନ୍‌କର୍ଡ ସହର ନିକଟରେ ଏକ ନିର୍ଜନ ବନରେ ଯେଉଁ କ୍ଷୁଦ୍ର-ବୀଜଟି ସେଦିନ ପୃଥିବୀର ଆଲୋକ-ବାୟୁରେ ଆସି ପଡିଥିଲା, କିଏ ଜାଣିଥିଲା ତାହା ଦିନେ ଏହି ଭାରତ ମାଟିରେ ସେହି ବୀଜରୁ ଜନ୍ମ ନେବ, ଯଦୁବଂଶ ଧ୍ୱଂସକାରୀ ଲୌହ-ଚୂର୍ଣ୍ଣ-ଜାତ ଏକ ବିରାଟ ନବଶକ୍ତି, ଜଗତର ସର୍ବ ବୃହତ୍ ସାମ୍ରାଜ୍ୟର ଭିତିମୂଳ ପର୍ଯ୍ୟନ୍ତ ଥରହର କମ୍ପାଇବ।

କନ୍‌କର୍ଡ ସହର ନିକଟରେ ବିରାଟ ପାଇନ୍ ବନ, ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଦିନେ ଜଣେ ଲୋକ ବୁଲି ବୁଲି ସେହି ହ୍ରଦ ନିକଟରେ ଗଢିଥିଲେ ତାଙ୍କର ବାସଭବନ। ନିଜ ହାତରେ ଗଢିଲେ ଗୋଟିଏ ଛୋଟିଆ କାଠର ଘର। ତାଙ୍କ ମତରେ ନିଜର ପେଟଟି ପାଇଁ ଯେତେଟା ପରିଶ୍ରମ(କାୟିକ) କରିବା ଆବଶ୍ୟକ, ତାଠାରୁ ଅଧିକ ପରିଶ୍ରମ କରିବାର ଅର୍ଥ ହେଉଛି, ଜୀବନକୁ ନଷ୍ଟ କରିବା। ସେହି ବନର ନିର୍ଜନତାରେ ଭଦ୍ରଲୋକ ଜଣଙ୍କ ପ୍ରକୃତିର ନବ ନବ ବିସ୍ମୟର ସନ୍ଧାନରେ ଘୁରିବୁଲୁଥିଲେ। ଏହି ଭଦ୍ରଲୋକଙ୍କ ନାମ ଥିଲା "ହେନେରୀ ଡେଭିଡ୍ ଥୋରୋ"। ଯେଉଁ ଚରିତ୍ରର ମଣିଷ ଥିଲେ ମହାତ୍ମାଗାନ୍ଧୀ; ଥୋରୋ ଥିଲେ ସେହି ଚରିତ୍ରର ତାଙ୍କର ଜଣେ ପୂର୍ବ ପୁରୁଷ କହିବାକୁ ଗଲେ ଏକଇ ଗୋତ୍ର। ମହାତ୍ମାଗାନ୍ଧୀଙ୍କ ପରି ଥୋରୋଙ୍କର ରାଷ୍ଟ୍ର ସମ୍ବନ୍ଧେ, ରାଷ୍ଟ୍ର ଆଉ ବ୍ୟକ୍ତି ସମ୍ବନ୍ଧରେ ଏକ ନିଜସ୍ୱ ଧାରଣା ଥିଲା ଏବଂ ସେହି ଧାରଣା ପୋଥିଗତ ବା ଭାବଗତ ନ ଥିଲା। ତାଙ୍କ ଜୀବନ ନୀତିରେ ରାଜନୀତିର କୌଣସି ସ୍ଥାନ ନ ଥିଲା। ଅବିଶ୍ୱାସୀ ଯେପରି ଦୂରରୁ ମନ୍ଦିରକୁ ଦେଖେ, ଥୋରୋ ସେହିପରି ରାଷ୍ଟ୍ରଚିନ୍ତାକୁ ଅଥବା ରାଷ୍ଟ୍ରକୁ ଜୀବନ ପରିଧିର ବାହାରେ ରଖି ସମ୍ମାନ ଦେଖାଉଥିଲେ। ରାଷ୍ଟ୍ର ସହିତ ବ୍ୟକ୍ତିର ସମ୍ପର୍କ ଦୁଇଟି ବିଶେଷ ବିଷୟକୁ ଅବଲମ୍ବନ କରିଥାଏ। ଗୋଟିଏ ହେଉଛି ଭୋଟ, ଅନ୍ୟଟି ହେଉଛି ଟ୍ୟାକ୍ସ। ସେ କେଭେ ଭୋଟ ଦେଉ ନ ଥିଲେ ଏବଂ ଟ୍ୟାକ୍ସକୁ ନୀରବରେ ସ୍ୱୀକାର କରି ନେଉଥିଲେ, କିନ୍ତୁ ଗୋଟିଏ ସୀମା ପର୍ଯ୍ୟନ୍ତ। ରାଷ୍ଟ୍ର ଯେତେବେଳେ ଖୁସୀ ସେତେବେଳେ ଯେ କୌଣସି ଟ୍ୟାକ୍ସ ଧାର୍ଯ୍ୟ କରିବ, ଆଉ ସେହି ମୂହୁର୍ତ୍ତରେ ସେ ତାହା ଦେବାକୁ ବାଧ; ଏକଥା ସେ ମାନୁ ନଥିଲେ। ସେଥିପାଇଁ ଯେତେବେଳେ ପ୍ରାଦେଶିକ ସରକାର ଗୀର୍ଜାର ସଂସ୍କାର ଓ ସଂରକ୍ଷଣ ପାଇଁ ମୁଣ୍ଡପିଛା ପ୍ରତ୍ୟେକ ନାଗରିକଙ୍କ ପାଇଁ କରଧାର୍ଯ୍ୟ କଲେ। ଥୋରୋ ଏହାକୁ ପ୍ରତିବାଦ କରିବା ସହ ପୋଲ ଟ୍ୟାକ୍ସ ସେ ଦେଲେ ନାହିଁ। କର୍ତ୍ତୃପକ୍ଷ ବି କୌଣସି ହାଙ୍ଗାମା ନ କରି ବିଷୟଟିକୁ ଚପାଇ ଦେଇଥିଲେ। ସେହି ସମୟରେ ହେଲା ମେକ୍ସିକୋରେ ଯୁଦ୍ଧ ଏବଂ ତା ସଙ୍ଗେ ସାରା ଯୁକ୍ତରାଷ୍ଟ୍ର ବ୍ୟାପୀ ମୁଣ୍ଡଟେକି ଉଠିଥିଲା କଳାନାଗୁଣୀ ପରି 'କ୍ରୀତଦାସ' ପ୍ରଥା। ଏହି ମେକ୍ସିକୋ ଯୁଦ୍ଧର ଅର୍ଥ ଥିଲା କ୍ରୀତଦାସ ପ୍ରଥାକୁ ଆହୁରୀ ସୁଦୃଢ କରି ଦକ୍ଷିଣର ଶେଷ ସୀମା ପର୍ଯ୍ୟନ୍ତ ବିସ୍ତୃତ କରିବା। ଥୋରୋ ରାଜନୀତିଠାରୁ ଆଉ ଦୂରରେ ରହିପାରିଲେ ନାହିଁ। କାରଣ ରାଜନୀତି ଅନ୍ୟାୟ ଭାବରେ ମାନବ ନୀତି ଉପରେ ଚାପି ବସିବାକୁ ଚାହିଁଛି। ଯେଉଁ ରାଷ୍ଟ୍ର ମଣିଷ କିଣାବିକା ଉପରେ ବଞ୍ଚିବାକୁ ଚାହେଁ। ତେଣୁ ପ୍ରତ୍ୟେକ ଲୋକର ଉଚିତ ତଥା କର୍ତ୍ତବ୍ୟ ସେହି ରାଷ୍ଟ୍ରକୁ ଅସ୍ୱୀକାର କରିବା। ଥୋରୋଙ୍କ ମନପ୍ରାଣ ଉଦ୍‌ବେଳିତ ହୋଇ ଉଠିଥିଲା। ଏହି ଅନ୍ୟାୟକାରୀ ରାଷ୍ଟ୍ର ବିରୁଦ୍ଧରେ ନାଗରିକମାନଙ୍କ ଚେତନାକୁ ଉଦ୍‌ବୃଦ୍ଧ କରିବା ପାଇଁ ସେ ଏକ ଛୋଟ ପୁସ୍ତିକା ଲେଖିଥିଲେ ନାମ ଦେଇଥିଲେ "Civil Disobedience". ଏହି ପୁସ୍ତିକାରେ ତାଙ୍କ ଉଦ୍‌ଭାବିତ ଅସ୍ତ୍ରହୀନ ନୂଆ ବିଦ୍ରୋହର ତତ୍ତ୍ୱ ଓ ଉପାୟ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଲେଖିଥିଲେ "ଯେଉଁ ଜାତି ଦିନେ ଘୋଷଣା କରିଥିଲା ଯେ, ସେ ହେବ ସ୍ୱାଧିନତାର ଧାତ୍ରୀ, ସେହି ଜାତିର ଜନସଂଖ୍ୟାର ଛଅ ଭାଗର ଏକ ଭାଗ ଲୋକ ଯଦି କ୍ରୀତଦାସ ହୋଇ ରହିବାକୁ ବାଧ ହୁଅନ୍ତି ଏବଂ ସମଗ୍ର ଦେଶ ଯଦି ସାମରିକ ଆଇନ ଜୋରରେ ନିସ୍ତବ୍ଧ କରି ରଖିବାକୁ ଚେଷ୍ଟା ହୁଏ, ତା'ହେଲେ ମୁଁ କହିବି, ଯେଉଁମାନେ ଖାଂଟି ମଣିଷ ବୋଲି ପରିଚୟ ଦେବାକୁ ଚାହାଁନ୍ତି, ସେମାନଙ୍କର ଆଜି ଉଚିତ to rebel and revolutionize ରାଷ୍ଟ୍ରର ପରିଚାଳନା ପାଇଁ ଯଦି କର ଦେବାକୁ ପଡେ, ସେହି କର ଦେବାର ଅର୍ଥ ହେଉଛି ଜଣେ ନିରୀହ ମଣିଷକୁ ହତ୍ୟାକରିବା ପାଇଁ ଅର୍ଥ ସାହାଯ୍ୟ କରିବା। ଏହି କର ଦେବା ବନ୍ଦ ଥିଲା। ଗାନ୍ଧୀଙ୍କର 'ନୋ ଟ୍ୟାକ୍ସ' ଆନ୍ଦୋଳନର ବୀଜ। ଥୋରୋଙ୍କର ପୋଲଟ୍ୟାକ୍ସ ନ ଦେବା ବିଷୟଟି ପ୍ରାଦେଶିକ ସରକାରଙ୍କ ପକ୍ଷରେ ଲକ୍ଷ୍ୟ ନ କରିବା ସମ୍ଭବ ହେଲା ନାହିଁ। ସେ ଦିନ ତାଙ୍କର ପିନ୍ଧୁଥିବା ଜୋତା ଛିଣ୍ଡିଯାଇଥିଲା। ତାର ମରାମତି ପାଇଁ ଛିଣ୍ଡା ଜୋତା ନେଇ ସେ ମୋଚି ଦୋକାନରେ ପହଞ୍ଚିବା ସଙ୍ଗେ ସଙ୍ଗେ ପୋଲିସମାନେ ତାଙ୍କୁ ଘେରି ଯାଇଥିଲେ। ରାଗରେ ଉତ୍‌କ୍ଷିପ୍ତ ହୋଇ ଉଠିଥିଲେ ଥୋରୋ। ସିଭିଲ୍ ଡିସ୍ ଓବିଡେନ୍ସ ପ୍ରେରଣାରେ ସେତେବେଳକୁ ସତ୍ୟାଗ୍ରହ ଜନ୍ମ ନେଇ ନ ଥିଲା। ପୁଲିସମାନେ ତାଙ୍କୁ ଧରି ତାଙ୍କୁ ଥାନା ହାଜତରେ ବନ୍ଦୀକରି ରଖିଥିଲେ। ତାଙ୍କର ଶାସ୍ତି ଥିଲା, ଗୋଟିଏ ରାତ୍ରୀ ହାଜତବାସ। ସକାଳେ ଯେତେବେଳେ ଥୋରୋଙ୍କୁ ଛାଡିଦିଆଗଲା, ସେତେବେଳେ ଥୋରୋ ଥାନାର ଭାରପ୍ରାପ୍ତ କର୍ମଚାରୀଙ୍କୁ ମାରିବାକୁ ଉଠିଥିଲେ। ସେହି କର୍ମଚାରୀ ସେତେବେଳେ ଥୋରୋଙ୍କୁ 'was mad as the devil' କହିଥିଲେ। ସିଭିଲ୍ ଡିସ୍ ଓବିଡେନ୍ସର ପ୍ରଥମ ପ୍ରଚାରକଙ୍କ ସେହି ଗୋଟିଏ ରାତ୍ରୀର ଶାସ୍ତିର ଖବର ତାଙ୍କ ମା' ଶୁଣିଲାପରେ ସେ ଚିନ୍ତାଗ୍ରସ୍ତ ହୋଇଥିଲେ, ମାତ୍ର ଶୁଣିବାକୁ ମିଳେ ତାଙ୍କର ଜଣେ ଆତ୍ମୀୟ ଛଦ୍ମବେଶରେ ଭୋର ନ ହେଉଣୁ ଟ୍ୟାକ୍ସ ଟଙ୍କା ପଇଠ କରିଦେଇଥିଲେ। ଏହି ଗୋଟିଏ ରାତି ହାଜତବାସକୁ ନେଇ ଥୋରୋ ଉତ୍ତେଜିତ ହୋଇ ସିଭିଲ୍ ଡିସ୍‌ଓବିଡେନ୍ସି ସମ୍ପର୍କରେ ଯେଉଁ ବକ୍ତୃତା ଦେଇଥିଲେ, ତାହା ଆଉ ଏକ ଯୁଗରେ ଏହିପରି ଜଣେ ପାଗଳମନରେ ଜାଳି ଦେଇଥିଲା ବିରାଟ ଏକ ଦାବାନଳ, ଯେଉଁ ଦାବାନଳରେ ପରିବର୍ତ୍ତିତ ହୋଇଯାଇଥିଲା ପୃଥିବୀର ମାନଚିତ୍ର ଏବଂ ମାନସ ଚିତ୍ରର ଏକ ପ୍ରଧାନ ଅଂଶ। ମହାତ୍ମାଗାନ୍ଧୀ ଯେତେବେଳେ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଗୋଟିଏ ନୂଆ ରଣନୀତିର ସନ୍ଧାନ କରୁଥିଲେ, ସେତେବେଳେ ସେ ଦୁଇଜଣ ବିଦେଶୀଙ୍କ ନିକଟରୁ ତାଙ୍କର ଦୁଇଟି ପ୍ରଧାନ ଅସ୍ତ୍ରର ସନ୍ଧାନ ପାଇଥିଲେ, ଗୋଟିଏ ହେଲା ଟଲଷ୍ଟୟଙ୍କର "ପ୍ୟାସିଭ୍ ରେସିସ୍‌ଟେନ୍ସ" ଓ ଅନ୍ୟଟି ହେଉଛି ଥୋରୋଙ୍କର "ସିଭିଲ୍ ଡିସ୍‌ଓବିଡେନ୍ସି ଆକ୍ଟ"। ନିଦାରୁଣ ସନ୍ଦେହ ଓ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଦିନେ ସେ ଥୋରୋଙ୍କର ସେହି "ସିଭିଲ୍ ଓବିଡେନ୍ସି" ଲେଖା ମାଧ୍ୟମରେ ବାସ୍ତବ ଅନୁପ୍ରେରଣାର ସନ୍ଧାନ ପାଇଥିଲେ। ସେହି ରଚନା ଭିତରେ ଥିଲା, ମର୍ଯ୍ୟାଦାର ଅଗ୍ନି ସ୍ଫୁଲିଙ୍ଗ ଏବେ ବି ସେହି ରଚନାର କେତୋଟି ଧାଡି ଅମର ହୋଇ ରହିଛି। ଯାହା ହେଲା " ଓ was not born to be forced. I will breath after my own fashion. If a plant cannot live according to its nature, if dies and so dies a man" ଏହି ଅଗ୍ନସ୍ଫୁଲିଙ୍ଗଟି ଅପେକ୍ଷା କରିଥିଲା ଜଣେ ଗାନ୍ଧୀ ପାଇଁ। ଯେଉଁ ଅଗ୍ନିସ୍ଫୁଲିଙ୍ଗର ମୃତ୍ୟୁ ନାହିଁ। ଭାରତମାତାର ସୁଯୋଗ୍ୟ ସନ୍ତାନ, ରାଷ୍ଟ୍ର ପିତା ମହାତ୍ମାଗାନ୍ଧୀ ଥଲେ ସେଇ ଗାନ୍ଧୀ ଯାହାଙ୍କୁ ଥୋରୋ ଖୋଜୁଥିଲେ।

# ଶିକ୍ଷାବ୍ୟବସ୍ଥା ଯେଉଁ ତିମିରେକୁ ସେହି ତିମିରେ



ହିଂମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି। ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ। ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା। ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା। ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ। ପାଠପଢାରୁ ବଞ୍ଚିତ ଶିଶୁ ଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ। କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ। ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି। ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି। ଏହା ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠପଢା ଛାଡୁଛନ୍ତି। ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି। କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ, କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି। ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ସେହପରି ମାଧ୍ୟମିକସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି। ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି। ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେ ବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବାବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ। ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ। ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ। ଏଥିସହିତ ୩୭,୬୩୫ରେ ଖେଳ ପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ। ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ। ଆହୁରି ମଧ୍ୟ ରାଜ୍ୟର ୯୦ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ। ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠ ପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ଏବେ ପୁଣି ସ୍କୁଲ ରୂପାନ୍ତରିକରଣ ଚାଲିଛି। ମାତ୍ର ଶିକ୍ଷକ ଓ ଭିତ୍ତି ଭୂମିର ଅଭାବ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି। ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି। ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ। କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି।

ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୁରଣ କରାଯାଇପାରିନାହିଁ। ଫଳ ସ୍ୱରୂପ, ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି। ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮% ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି। ୨୯.୩% ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁ ନାହାଁନ୍ତି। ସେହିପରି ଅଷ୍ଟମ ଶ୍ରଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ। ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି। ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ। ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ। ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି। ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷାପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ। ବରଂ ଶିକ୍ଷା ବଜେଟ ବର୍ଷକୁବର୍ଷ ହ୍ରାସପାଇବାରେ ଲାଗିଛି। ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ। ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଷୁଡିବାରେ ଲାଗିଛି। ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା ଚାଲିଛି। ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି।

# ସହରର କାହାଣୀ



ସୌମ୍ୟଶ୍ରୀ ପାଣିଗ୍ରାହୀ
କୁଜଙ୍ଗ, ଜଗତସିଂହପୁର
ମୋ: ୭୦୦୮୬୦୧୧୬୧

ରାଇମୋହନ ପରିଡ଼ା ତ ଆରପାରିକୁ ଚାଲିଗଲେଣି। କିନ୍ତୁ ତାଙ୍କ ଅଭିନୀତ ନାଟକଟିଏର ଶୀର୍ଷକ ମନେପଡୁଛି। ଅପେରା ଓଁଶ୍ରୀର ସେ ବର୍ଷର ଚର୍ଚ୍ଚିତ ନାଟକ ଥାଏ, 'ସବୁ ସହରରେ ଶ୍ୱଶୁରଘର'। ମୁଁ ସେବେ କିଛି ବୁଝିନପାରିଲେ ମଧ୍ୟ ନାଟକଟିର ନାମକୁ ନେଇ ଖୁବ୍ ହସିଥିଲି। ସେବେଠୁଁ ମୋ ମୁଣ୍ଡରେ ପଶିଲା ଯେ, ପ୍ରତିଟି ସହରର କିଛି ନା କିଛି ମହତ୍ତ୍ୱ ଅଛି ଏବଂ ସେଇଥିପାଇଁ ସେ ସହରବାସୀ ଗର୍ବ କରିବାର ଖୋରାକ ପାଆନ୍ତି। ବାରିପଦାର ମୁଢ଼ୀମାଂସ ହେଉ କି ଢେଙ୍କାନାଳର ବରା, ଭଦ୍ରକର ପାଳୁଅ ନଡୁ ହେଉ କି କଟକର ଦହିବରା। ଆଜିକାଲି ସିନା ସବୁଆଡ଼େ ସବୁ ଜିନିଷ ମିଳୁଛି ମାତ୍ର ସହରର ପରିଚୟ ପାଉଛି ସେଇ ଗୋଟିଏ ଜିନିଷ। ଏବେ ଏଇ ଚିନ୍ତାଧାରାକୁ ନେଇ ଉତ୍ତର ପ୍ରଦେଶ ସରକାର ଆରମ୍ଭ କରିଛନ୍ତି 'ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ' ଯୋଜନା, ଯେଉଁଥିରେ ପ୍ରତିଟି ଜିଲ୍ଲା ନିଜର ଉତ୍କର୍ଷ ଖୋଜିବେ ଗୋଟିଏ ଉତ୍ପାଦ ମାଧ୍ୟମରେ। ସେଇ ଜିନିଷର ଉତ୍ପାଦନ, ବିପଣନ ଓ ବିକ୍ରୀ ପାଇଁ ସରକାର ଯୋଗେଇ ଦେବେ ସମସ୍ତ ପ୍ରକାରର ସହାୟତା।

ଏହି କ୍ରମରେ ଭାରତୀୟ ରେଳବାଇ ମଧ୍ୟ ଆରମ୍ଭ କରିଛି 'ଗୋଟିଏ ଷ୍ଟେସନ, ଗୋଟିଏ ଉତ୍ପାଦ' ନାମରେ ଅଭିଯାନ। ଭୁବନେଶ୍ୱରରେ ପିତ୍ତଳ ବାସନକୁସନ ଓ କଟକର ତାରକସୀ କାମର ଦୋକାନ ବି ଖୋଲିସାରିଲାଣି। ଆଗକୁ ଅନ୍ୟ ସହରଗୁଡ଼ିକରେ ବି ସେମିତି କିଛି ନା କିଛି ଉତ୍ପାଦ ମିଳିବ। ଆରମ୍ଭ କରିବ ଷ୍ଟେସନରେ ଏବଂ ପର୍ଯ୍ୟଟନମାନେ ସେଇଠୁଁ ହି କିଣିବେ ସହରର ସ୍ମୃତି ଚିହ୍ନକୁ।

ଏବେ ଯାଉଥିଲି ପୁରୀକୁ। ନଜରରେ ପଡ଼ିଲା ରିକ୍ସା। ପ୍ରାୟ ସବୁ ରିକ୍ସାର ପଛପଟେ ହୋଇଯାଇଛି 'ଚକା ଆଖି ସବୁ ଦେଖୁଛି' ନହେଲେ 'ହିସାବ କରୁଛି କାଳିଆ' ମନେପଡ଼ିଲା। ଏ ସହରର ପରିଚୟ ହେଉଛନ୍ତି ଜଗନ୍ନାଥ। ଏଣୁ ତାଙ୍କ କଥା ମନେପକେଇ ହେବାକୁ ସଭିଏଁ ତତ୍ପର। ସାରା ରାଜ୍ୟରେ ଯେତେବେଳେ ଟୁଙ୍ଗୁରୁ ଭୋଳ ନାମକ ଅଟୋବାଲା କୁ ନେଇ ଚର୍ଚ୍ଚା ଚାଲିଥିଲା, ସେତେବେଳେ ସେଇ ରାଜଧାନୀ ଭୁବନେଶ୍ୱରରେ ଅଟୋଟିଏ ପଛରେ ଲେଖାଥିବାର ନଜର ପଡ଼ିଥିଲା 'ଅନ୍ଧମୂକ ବଧିର/ବିକଳାଙ୍ଗମାନଙ୍କୁ ମାଗଣା ସେବା ଏବଂ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ସ୍ୱତନ୍ତ୍ର ସେବା'। ଛୋଟ ହେଉ ପଛେ ଅଟୋବାଲାର ଏପରି ଉଦ୍ୟମ ଦେଖି ଖୁସିଲାଗିଲା। କିଛି ବର୍ଷ ତଳେ ଉତ୍ତର ପ୍ରଦେଶର ବାରଣାସୀରେ ଭେଟିଥିଲି ଆଉ ଗୋଟେ ଅଟୋ ଡ୍ରାଇଭରକୁ ଯିଏ ଭଡ଼ା ନମାଗି ସ୍ନେହ ମାଗୁଥିଲା ଏବଂ ନିଜ ଆଡୁ ଭଡ଼ା ନକି ଅପେକ୍ଷା କରୁଥିଲା ଗ୍ରାହକଙ୍କୁ ସେ ଖୁସିରେ ଯାହା ଦେବେ। କହିବା ବାହୁଲ୍ୟ ଯେ, ତା'ର ବ୍ୟବହାରରେ ଖୁସି ହୋଇ କେହି କେହି ତ ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ କି ଦେଇଦିଅନ୍ତି। ସେ ସେହି ବଳକା ପଇସାରେ ରାସ୍ତାକଡ଼ର ଭିକାରୀମାନଙ୍କୁ ଖାଇବାକୁ ଦେଇଦିଏ। ଏମିତି ନିଆରା ମଣିଷମାନଙ୍କୁ ଦେଖିଲେ ସେ ସହରକୁ ଭଲପାଇବାକୁ ଇଚ୍ଛା ହୁଏ।

ସେଇ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଆପଣ ପହଞ୍ଚିବେ ତ ଏକ ଛଳ ଛଳ ଆପଣାପଣରେ ସ୍ୱାଗତ କରିବେ ସମସ୍ତେ। କଥା କହିବାର ଆଦବକାଇଦା ସବୁ ନବାବୀଠାଣୀରେ ଏବଂ ସହରସାରା ଆପଣଙ୍କୁ ଅନେକ ସ୍ଥାନରେ ଲେଖାଥିବାର ମିଳିଯିବ, 'ମୁସ୍କୁରାଇୟେ, ଆପ ଲକ୍ଷ୍ନୌ ମେଁ ହେଁ' (ହସିଦିଅନ୍ତୁ, ଆପଣ ଲକ୍ଷ୍ନୌରେ ଅଛନ୍ତି) କେଡେ ସୁନ୍ଦର କଥା, ସକାଳ ବାରଣାସୀର ଗଙ୍ଗାଘାଟରେ ବୁଡ଼ ପକେଉଥିବା ଅଶାନ୍ତ ମନକୁ ପ୍ରଶାନ୍ତି ଆଡ଼କୁ ଟାଣିନେବା ପାଇଁ ଲକ୍ଷ୍ନୌ (ଅବଧ ପ୍ରଦେଶର ରାଜଧାନୀ)ର ସୂର୍ଯ୍ୟାସ୍ତ ଯଥେଷ୍ଟ। ସେଇଥିପାଇଁ ତ କୁହାଯାଏ, 'ସୁବହ ବନାରସ ତୋ ସାମ-ଏ-ଅବଧ'। ସେମିତି ପିତଳର ସହର ମୋରାଦାବାଦ ନହେଲେ ଝୁମୁକାର ସହର ବରେଲି ପୁଣି ତାଜ (ତାଜମହଲ)ର ସହର ଆଗ୍ରା ନଚେତ ତ୍ରିବେଣୀ ସଙ୍ଗମର ସହର ପ୍ରୟାଗରାଜ। ସବୁ ସହରରେ ରହିଛି ସ୍ୱତନ୍ତ୍ର ସ୍ୱକୀୟ ସୌନ୍ଦର୍ଯ୍ୟ ପୁଣି ଅନନ୍ୟ ଅତୁଳ୍ୟ ପ୍ରଥା ପରମ୍ପରା।

### ବିକଳ୍ପ ବିଚାର-୪୬

ଏବେ ଯାଇଥିଲି ରାଜସ୍ଥାନ। କୋଟା ସହରରୁ ସକାଳେ ଆସି ଜୟପୁରରେ ଫ୍ଲାଇଟ୍ ଧରନି ବୋଲି ରାତିରୁ ବହାରି ଆସିଥାଏ। ପ୍ରାୟ ୯ଟା ପାଖାପାଖି ଦୁଦୁ ନାମକ ଜାଗାରେ ଚା' ପିଇବାକୁ ଅଟକିଥିଲୁ। ମାଟି କୁଡୁଆରେ ବାମ୍ପଉଠା ଚା' କପ ପିଛା ୨୦ ଟଙ୍କା। ଆମେ ୨ କପ୍ ଚା' ପାଇଁ ୧୦୦ ଟଙ୍କିଆ ନୋଟ୍ ଖଣ୍ଡେ ଦେଇଥିଲୁ ତ ସେ ଆଉ ୧୦ଟଙ୍କା ମାଗିଲା। କାରଣ ତା'ପାଖରେ ଖାଲି ୨୦ ଏବଂ ୫୦ର ନୋଟ୍ ଥିଲା। ଆମ ପାଖରେ ବି ନଥିଲା ଖୁଚୁରା ପଇସା। ଏଣୁ ସେ ୫୦ ଓ ୨୦ ଟଙ୍କା ଫେରେଇ ଦେଇ କହିଲା, ଯେ ଅଧିକା ୧୦ ଟଙ୍କା ଟା ଡ୍ରାଇଭରକୁ ଟିପ୍ (ସ୍ନେହରେ ଯାହା ଦିଆଯାଏ) ଦେଇଦେବେ। ଏଥର ମୁଁ ସେଇ ୨୦ ଟଙ୍କାର ନୋଟକୁ ତାକୁ ଫେରେଇ ଦେଇ କହିଲି, ନା ଏଇ ୧୦ଟଙ୍କାଅଧିକ ବଦଳରେ ତୁମେ ଆଉ କେଉଁ ଗରିବ ଲୋକଟେକୁ ଚା' କପେ ପିଆଇ ଦେବ। ସେ ହସିଦେଇ କହିଲା, 'ଜଣେ ନୁହେଁ, ମୁଁ ଆପଣଙ୍କ ନାଁରେ ୨ ଜଣଙ୍କୁ ଚା' ପିଏଇବି'।

ଏଠି ମାଗଣା ଚା' ପିଏଇବା, କି ୧୦ ଟଙ୍କା ଅଧିକ ଦେବାଟା ବଡ଼କଥା ନୁହେଁ। ମାତ୍ର ତା' ଆଖିର ଚମକ ଦେଖି ମୋତେ ଖୁସି ଲାଗିଲା। ଏକଥା ଭାବୁଭାବୁ କେତେବେଳେ ଆସି ଜୟପୁର ପହଞ୍ଚିସାରିଥିଲି ଜାଣିପାରିଲିନି। ରାଜସ୍ଥାନ ହେଉଛି ଏମିତି ଏକ ରାଜ୍ୟ ଯେଉଁଠି ସବୁ ସହର ଅନନ୍ୟ ଓ ପରସ୍ପର ଠୁଁ ଭିନ୍ନ। ବିକାନେର ଓଟ ଠୁଁ ଜୈସଲମେରର ମରୁଭୂମି। ପୁଣି ଯୋଧପୁରର ଦୁର୍ଗ ଠୁଁ ନେଇ ଉଦୟପୁରର ହ୍ରଦ ପର୍ଯ୍ୟନ୍ତ। ଜୟପୁର ସହ କିନ୍ତୁ ପୂର୍ଣ୍ଣତାର ପ୍ରତୀକ। ତେଣୁ ରାଜା ଜୟସିଂହ ନବଗ୍ରହକୁ ଆଖିରେ ରଖି ନିର୍ମାଣ କରିଥିଲେ ଜନ୍ତରମନ୍ତର। ଏହି ସହର ୯ଟି ବର୍ଗାକାର କ୍ଷେତ୍ରରେ ବିଭକ୍ତ। ପୁଣି ପ୍ରତି ଇଲାକା ୧୮ ବିଘା ଜାଗାରେ ପରିବ୍ୟାପ୍ତ (୧+୮=୯)। ଖାଲି ସେତିକି ନୁହେଁ ପ୍ରତିଟି କ୍ଷେତ୍ରରେ ୧୬୨ଟି ଦୋକାନ (୧+୬+୨=୯)। ପୁଣି ରାସ୍ତାର ଓସାର ମଧ ୯,୧୮,୨୭,୫୪ ନଚେତ ୧୦୮ ଫୁଟ୍। (ଏସବୁକୁ ଅଙ୍କ ଭାବେ ଯୋଡ଼ିଲେ ୯ ହେବ)। ମୁଁ କିନ୍ତୁ ସେ ଚା'ବାଲାର କଥା ଭାବୁଭାବୁ ଆସି ଏୟାରପୋର୍ଟ ପହଞ୍ଚିସାରିଥିଲି ଓ ମୋ ଓଠରୁ ଅଜାଣତରେ ବାହାରିଚାଲିଥିଲା। ମୁଁ ଗୁଣୁଗୁଣଉ ଥିବା ଗୋଟେ ଗୀତର ଧାଡ଼ିଟିଏ 'ଏ ସହରରେ ଥିଲା ଜଣେ ...ଯାଯାବର...ଯାଯାବର...!!

# ପ୍ରାଚୀନତମ ଆହାର ପରମ୍ପରା

ନାରାୟଣ ଚନ୍ଦ୍ର ବିଶ୍ୱାଳ
ବାକ୍ ଶ୍ରବଣ ବିଶେଷଜ୍ଞ, କାଠଗୋଲା ରୋଡ଼,
କଟକ, ମୋ:୯୪୩୮୨୭୬୭୬୦

ଏକ ଚା'ଚାମଚ ବଗିଚା ମାଟିରେ ପ୍ରାୟ ୫୦ ବିଲିୟନ ଅଣୁଜୀବ ବାସ କରନ୍ତି। ସମୟ ଥିଲା ଡାକ୍ତରମାନେ ଶିଶୁଙ୍କୁ ଧୂଳି ବାଲିରେ ଖେଳିବାକୁ ମନା କରୁଥିଲେ। ଏବେ ରୋଗ ପ୍ରତିରୋଧକ ଶକ୍ତି ସମ୍ବନ୍ଧରେ ଜ୍ଞାନ ଆସିବା ପରେ ଡାକ୍ତରମାନେ ମଧ୍ୟ ଆଉ ବାରଣ କରୁନାହାଁନ୍ତି। ମଣିଷ ଶରୀର ଭିତରେ ଏବଂ ବାହାରେ ପ୍ରାୟ ୩୮୦ ଟ୍ରିଲିଅନ୍ ଭୂତାଣୁ ବାସ କରନ୍ତି। ଏହାର ଦଶ ଭାଗରୁ ଏକ ଭାଗ ଜୀବାଣୁ ମଧ୍ୟ ଆମ ଦେହରେ ବାସ କରନ୍ତି। ଏହାଛଡ଼ା ଆମ ଶରୀରରେ ଫଙ୍ଗସ୍ ଏବଂ ପ୍ରୋଟୋଜାଆ ବାସ କରନ୍ତି। ଏହି ଭୂତାଣୁ ମାନଙ୍କ ମଧ୍ୟରୁ ମାତ୍ରାଧିକ ଆମର କିଛି କ୍ଷତି କରନ୍ତିନାହିଁ। ବଳକା କ୍ଷତିକାରକ ଭୂତାଣୁ ମାନଙ୍କ ପାଇଁ ଆମ ଶରୀରର ସକ୍ରିୟ ରୋଗ ପ୍ରତିରୋଧକ ଶକ୍ତି ଯମ ସଦୃଶ। ଏହି ଶକ୍ତି କ୍ଷତିକାରକ ଭୂତାଣୁମାନଙ୍କୁ କାବୁ କରି ନିଶେଷ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ପାଇଁ ଏହାର ଏକ ବିବରଣୀ ମଧ୍ୟ ରଖନ୍ତି। ଯାହାକୁ ଆମେ ଆଣ୍ଟିବଡ଼ି କହୁ। ତେଣୁ ଏତେ ଡରିବାର ଆବଶ୍ୟକ ନାହିଁ। ପିଲାଟିଏ ମାଟି ବାଲିରେ ଖେଳେ। ଚାଷୀଟିଏ ବା ଶ୍ରମିକଟିଏ ମାଟି ସହ ମାଟି ହୋଇ ପରିଶ୍ରମ କରେ। ଆବଶ୍ୟକ ପଡ଼ିଲେ ବର୍ଷାଦିନେ ବିଲ କାମ କରୁଥିବାବେଳେ ଶୋଷ ଲାଗିଲେ ବିଲରୁ ପାଣି ଆଞ୍ଜୁଳାକରି ପିଏ। ଗରିବ ଶ୍ରେଣୀର ଲୋକେ ସାତ ଦିନର ବାସି ପଖାଳ ଖାଇଲେ ବି ସେମାନଙ୍କର କିଛି ହୁଏନାହିଁ। ଅଥଚ ସହରର ମିନେରାଲ ପାଣି ପିଉଥିବା ପିଲାମାନେ ଥରେ ଗୁପଚୁପ୍ ଖାଇଦେଲେ ପତଳା ଝାଡ଼ା ହୋଇଯାଏ। ଏସବୁ ହେଉଛି ରୋଗ ପ୍ରତିରୋଧକ ଶକ୍ତିର କମାଲ। ପାଶ୍ଚାତ୍ୟ ଦେଶରେ ରହୁଥିବା ଆମ ଓଡ଼ିଆ ପିଲାମାନେ କଟକ ଆସିଲେ ବାପା ମାଆଙ୍କ ପାଖରେ ନ ରହି, ନଖାଇ ହୋଟେଲରେ ରହୁଛନ୍ତି ଏବଂ ଖାଉଛନ୍ତି। କାରଣ ଘର ଖାଦ୍ୟ ଖାଇଲେ ପେଟ ରୋଗ ବା ଝାଡ଼ା ବାନ୍ତିର ଆଶଙ୍କା ଅଛି। ବରଂ ପୁଅବୋହୂ ଘରକୁ ଆସିଲେ କେବଳ ଚା'କପେ ପିଇବା ଶ୍ରେୟସ୍କର ମନେକରୁଛନ୍ତି। ୨୦୧୧ ମସିହାରେ ତିନି ଜଣ ବୈଜ୍ଞାନିକ ରୋଗ ପ୍ରତିରୋଧକ ଶକ୍ତି ଉପରେ ନୋବେଲ ପୁରସ୍କାର ପାଇଥିଲେ। ଏମାନଙ୍କ ମଧ୍ୟରୁ ଦୁଇଜଣ ଆମ କ୍ଷୁଦ୍ରାନ୍ତରେ ଆଣ୍ଟିବାୟୋଟିକ ଔଷଧ କ୍ଷରଣ କରିପାରୁଥିବା ଜୀବକୋଷ ସମୂହର ସନ୍ଧାନ ପାଇଥିଲେ। ପେଟ ଭିତରକୁ ଖରାପ ଜୀବାଣୁ ଗଲେ ଏମାନେ ଜାଣିପାରି ତାଙ୍କ ଉପରକୁ ଏହି ଆଣ୍ଟିବାୟୋଟିକ ଔଷଧ ସିଞ୍ଚନ କରନ୍ତି। ସେମାନଙ୍କ ପରୀକ୍ଷାରୁ ଜଣାପଡ଼ିଥିଲା ଯେ ଅତ୍ୟଧିକ ସ୍ୱାସ୍ଥ୍ୟ ସଚେତନ ମଣିଷ ଯେଉଁମାନେ ମିନେରାଲ ପାଣି ଛାଡ଼ି ଅନ୍ୟ ପାଣି ପିଅନ୍ତି ନାହିଁ ରୋଗ ପ୍ରତିରୋଧକ ଶକ୍ତି ହରାଇଥାନ୍ତି। ଏମାନଙ୍କର ଏହି ଆଣ୍ଟିବାୟୋଟିକ କୋଷମାନ ଆକୃତିରେ ଧିରେ ଧିରେ ଛୋଟ ହୋଇ ଉଭେଇ ଯାଆନ୍ତି। ପେଟ ଭିତରକୁ ବାହାରର କ୍ଷତିକାରକ ଜୀବାଣୁ ନଯିବା ଦ୍ୱାରା ଏହି କୋଷ ଗୁଡ଼ିକ ଅକର୍ମା ହୋଇ ଧିରେ ଧିରେ ଖର୍ବାକାର ହୁଅନ୍ତି। ଏଥିପାଇଁ ଆଜିକାଲି ଆପଣ ଘରେ ଥିଲେ ଡାକ୍ତରମାନେ ଫିଲଟର ପାଣି ସହ ଅଳ୍ପ କିଛି ସାଧା ପାଣି ମିଶାଇ ପିଇବାକୁ କହୁଛନ୍ତି। ଏହାଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତିର କ୍ଷୟ ହେବନାହିଁ। ସେମାନଙ୍କ ଭାଷାରେ ପ୍ରାୟ ଶତକଡ଼ା ୭୦ଭାଗ ରୋଗ ପ୍ରତିରୋଧକ ଶକ୍ତି ପେଟ ହିଁ ଦେଇଥାଏ। ସେହିବର୍ଷ ଆଉ ଡାକ୍ତର ଜଣଙ୍କ ଆଉ ଏକ ଆବିଷ୍କାର କଲେ ତାଙ୍କ ଭାଷାରେ ଆମ ରକ୍ତରେ ଡେନ୍‌ଡ୍ରାଇଟିକ୍ ସେଲ୍ ନାମକ ଏକ କୋଷ ରହିଛନ୍ତି ଯାହା ଦେହରେ ଥିବା ଅହିତକାରୀ ଜୀବାଣୁ ଓ ଭୂତାଣୁ ମାନଙ୍କୁ ଗ୍ରାସ କରି ଆମକୁ ସୁସ୍ଥ ରଖନ୍ତି। ଏଗୁଡ଼ିକ ଜନ୍ମରୁ ଥାଆନ୍ତି ଏବଂ କେତେକ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସୃଷ୍ଟି ହୁଅନ୍ତି। ତେଣୁ ଈଶ୍ୱରୀୟ ଶକ୍ତି ଦ୍ୱାରା ଆମେ ସଶକ୍ତ ବୋଲି କହିବାକୁ ହେବ। କରୋନା ଚିକିତ୍ସାରେ ବି ଏହି ରୋଗପ୍ରତିରୋଧକ ଶକ୍ତିର ଏକ ବଡ଼ ହାତ ରହିଛି। ଏହା ଫଳରେ ଗତ ବର୍ଷ କରୋନା ସମୟରେ ଭାରତରେ ୦ରୁ ୧୪ ବର୍ଷ ବୟସର ଶିଶୁ କ୍ୱଚିତ୍ ସଂକ୍ରମିତ ହୋଇଥିଲେ ଏବଂ ମୃତ୍ୟୁ ସଂଖ୍ୟା ଆଦୌ ନଥିଲା। ଅଧିକ ବୟସ୍କ ବ୍ୟକ୍ତି ବେଶୀ ହାରରେ ସଂକ୍ରମିତ ହୋଇଥିଲେ। ମାତ୍ରାଧିକ ସାନିଟାଇଜର ବ୍ୟବହାର ଦ୍ୱାରା ମଧ୍ୟ ଆମ ହାତର ଡେନ୍‌ଡ୍ରାଇଟିକ୍ ସେଲ୍ କ୍ଷତିଗ୍ରସ୍ତ ହୁଅନ୍ତି। ତେଣୁ ସମୟ ଆସିଯାଇଛି ଆମ ଭବିଷ୍ୟତ ପିଢ଼ୀକୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ପାଇଁ। ଦେଖାଯାଏ ଯେ ଗୋଟିଏ ଔଷଧ ବିଭିନ୍ନ ରୋଗଙ୍କ ଦେହରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରେ। ବୟସ, ଲିଙ୍ଗ, ରୋଗ ସମାନ ଥାଇ ମଧ୍ୟ ଗୋଟିଏ ଔଷଧ ଖାଇ ଜଣେ ସୁସ୍ଥ ହେଉଥିବାବେଳେ ଆଉ ଜଣେ ସୁସ୍ଥ ହେଉନାହିଁ। ଏସବୁ ମୂଳରେ ରୋଗପ୍ରତିରୋଧକ ଶକ୍ତି। ଏବେ ବଜାରରେ ବିଭିନ୍ନ କିସମର ଉନ୍ନତମାନର ଜି.ଏମ୍. ବା ଜେନେଟିକାଲି ମୋଡ଼ିଫାଏଡ଼ ଖାଦ୍ୟଶସ୍ୟ ମିଳୁଛି ଯାହା ସେମାନଙ୍କର ଜୀନିୟ ପରିବର୍ତ୍ତନ କରି ଉତ୍ପାଦନ କରାଯାଉଛି। ଏହାର ଉଦ୍ଦେଶ୍ୟ ଅଧିକ ଅମଳ ପାଇବା ସଙ୍ଗେ ସଙ୍ଗେ ରୋଗ ପୋକ ଦାଉରୁ ଶସ୍ୟକୁ ରକ୍ଷା କରିବା। ମାତ୍ର ଏହା ଦେହ ପ୍ରତି ହିତକାରୀ ନୁହେଁ ସେଥିପାଇଁ ଇଉରୋପୀୟ ୟୁନିୟନର ଅର୍ଦ୍ଧାଧିକ ଦେଶ ଏହାକୁ ବ୍ୟବହାର କରନ୍ତି ନାହିଁ। କାରଣ ଏହି ଖାଦ୍ୟ ରୋଗ ପ୍ରତିରୋଧକ ଶକ୍ତି କମେଇଥାଏ ବୋଲି ବିଜ୍ଞାନୀଙ୍କର ମତ। ଏହାଛଡ଼ା ପାରମ୍ପରିକ ଖାଦ୍ୟଶସ୍ୟ ଫଳ ପନିପରିବା ତୁଳନାରେ ଏହା ଆମ ଦେହକୁ ଆଦରି ପାରେନାହିଁ। ସେଥିପାଇଁ ବିଭିନ୍ନ ଦେଶରେ ଏବେ ପାରମ୍ପରିକ କୃଷିକୁ ଲୋକେ ଆଦର କଲେଣି ଏବଂ ପାରମ୍ପରିକ ଅର୍ଗାନିକ ଶସ୍ୟର ବଜାରରେ ଅଧିକ ଚାହିଦା। ଯେମିତି ଚାଉଳ ବଜାରରେ ୩୦ଟଙ୍କାରେ ମିଳୁଥିଲେ ମଧ୍ୟ ଅର୍ଗାନିକ ପାରମ୍ପରିକ ଚାଉଳ ଲୋକେ ୫୦୦ଟଙ୍କା ଦେଇ କିଣୁଛନ୍ତି। ଚିନି କିଲୋଗ୍ରାମ ୪୦ଟଙ୍କା ହେଲେ ମଧ୍ୟ ଲୋକେ ୭୦ଟଙ୍କା ଦେଇ ଗୁଡ଼ କିଣୁଛନ୍ତି। ଗୁଡ଼ରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର ଅଛି ଯାହା ଚିନିରେ ନାହିଁ ବରଂ ଏହା ଦେହ ପାଇଁ କ୍ଷତିକାରକ। ଗାଁ ଗଣ୍ଡାରେ ଚାଳ ଛପର ଛାଉଣୀ ବେଳେ ଘର ତିଆଳୀ ମାନଙ୍କୁ କାମ ଶେଷରେ ଚକିରେ ଚକିଏ ଗୁଡ଼ ଖାଇବାକୁ ଗୃହକର୍ତ୍ତାଙ୍କ ତରଫରୁ ଦିଆଯାଏ। ଠିକ୍ ସେହିଭଳି ଖଣି ଖାଦାନରେ ଏବଂ ସିମେଣ୍ଟ ଫ୍ୟାକ୍ଟ୍ରି ମାନଙ୍କରେ କାମ କରୁଥିବା ଶ୍ରମିକ ମାନଙ୍କୁ ସଂସ୍ଥା ତରଫରୁ କାର୍ଯ୍ୟ ଦିବସର ଶେଷରେ ଗୁଡ଼ ଖାଇବାକୁ ଦିଆଯାଏ। ଏହା ଏକ ପ୍ରାଚୀନ ପରାମ୍ପରା। ଆଜିକାଲି ଲୋକେ ଜାଣିଗଲେଣି ତାଙ୍କ ଦେହପାଇଁ କ'ଣ ଭଲ ଓ କ'ଣ ଖରାପ। ଅର୍ଗାନିକ ପାରମ୍ପରିକ ଖାଦ୍ୟଶସ୍ୟ ପନିପରିବା ଏବଂ ଫଳମୂଳ ଦେହର ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଏହା ଏକ ଶୁଭ ଲକ୍ଷଣ। ଠିକ୍ ସେହିଭଳି ମଣିଷକୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ଆମ ସମସ୍ତଙ୍କୁ ପାରମ୍ପରିକ ମଣିଷ ହେବାକୁ ପଡ଼ିବ। ସେଥିପାଇଁ ଖାଇଲାବେଳେ ଯତ୍ନଶୀଳ ହେବା। ଋତୁକାଳୀନ ଫଳ ପନିପରିବା ଆମକୁ ବହୁତ ରୋଗପ୍ରତିରୋଧକ ଶକ୍ତି ଦେଇଥାଏ। ଖାଇବାବେଳେ ନିଜ ଅଞ୍ଚଳରେ (ଭାରତରେ) ଫଳୁଥିବା ପ୍ରଜାତିର ଖାଦ୍ୟ ଖାଆନ୍ତୁ। କୁହାଯାଏ ଆପଣଙ୍କ ଜେଜେ ଏବଂ ଜେଜେମାଆ ଖାଇଥିବା ଖାଦ୍ୟ ଆପଣଙ୍କ ସହଜରେ ଗ୍ରହଣ କରିଥାଏ। ସେଥିପ୍ରତି ଧ୍ୟାନ ଦିଅନ୍ତୁ। ହୁଏତ ଆଉ କିଛି ବର୍ଷପରେ ରୋଗ ପ୍ରତିରୋଧକ ଶକ୍ତି ନଥିବା ଲୋକଙ୍କ ସଂଖ୍ୟା ଆଧୁନିକତାର ଦ୍ୱାହି ଦେଇ ବଢ଼ିଯିବ। ଫଳରେ ଲୋକେ ରୋଗବ୍ୟାଧିରେ ବହୁଳ ଭାବରେ ପୀଡ଼ିତ ହେବେ। କିଛି ବିଜ୍ଞାନୀଙ୍କ ମତରେ ଆଉ ଦୁଇବର୍ଷରେ ପରେ ଆମ ଶରୀରରେ ଆଣ୍ଟିବାୟୋଟିକ କାମ କରିବ ନାହିଁ। ସେତେବେଳେ ପାରମ୍ପରିକ ମଣିଷ ବା ଆଦିବାସୀ ଲୋକେ ଖୋଜା ପଡ଼ିବେ। ଯେଉଁମାନେ କେବଳ ଜଙ୍ଗଲରେ ମିଳିବେ। କାରଣ ଆଜିକାଲି ଗାଁ ଗଣ୍ଡାରେ ଆଧୁନିକତାର ସ୍ପର୍ଶ ଲାଗିସାରିଲାଣି। ମନେରଖନ୍ତୁ ସଠିକ ଖାଦ୍ୟ, ନିଦ, ପାଣି, ବ୍ୟାୟାମ ଏବଂ ସୁଦୃଢ଼ ମନୋବଳ ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସଶକ୍ତ କରିପାରିବ।

### ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

## ଜନସଂଖ୍ୟା ହ୍ରାସ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା



ଭବାନୀପାଟଣା, (ଭାସ୍କର ନ୍ୟୁଜ): ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ସଂପର୍କରେ ବିଶ୍ୱ ସ୍ତରରେ ସଚେତନତା ସୃଷ୍ଟି କରିବାପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ୧୧ ତାରିଖ ଦିନ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ ଗୃହରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିବେକାନନ୍ଦ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା . କସ୍ତୁରୀ ମିଶ୍ର ଯୋଗ ଦେଇଥିଲେ। ସଭା ପୂର୍ବରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସି.ଡି.ଏମ୍.ଓ ଡା . ମିଶ୍ର ଏକ ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ। ସଭାରେ ମୁଖ୍ୟବକ୍ତା ରୂପେ ଡା. ରଞ୍ଜନ ମିତ୍ର ଯୋଗଦେଇ ପରିବାର ନିୟୋଜନ ଆମ ସମସ୍ତଙ୍କର ଦାୟିତ୍ୱ ଓ ପରିବାର ନିୟୋଜନକୁ ଆପଣାଇ ଜନସଂଖ୍ୟା ବୃଦ୍ଧିକୁ ହ୍ରାସ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ଅତିଥି ଡା ମିଶ୍ର ଜନସଂଖ୍ୟା ବୃଦ୍ଧିକୁ ରୋକା ନଗଲେ ଆଗକୁ ଭୟାନକ ପରିସ୍ଥିତି ସୃଷ୍ଟି ହୋଇ ଏହା ଆମର ପରିବେଶ, ସାମାଜିକ ବ୍ୟବସ୍ଥା, ଅର୍ଥନୀତି ଉପରେ ପ୍ରବଳ ଚାପ ଓ ପ୍ରଭାବ ପକାଇବ ବୋଲି କହିଥିଲେ। ସଭାରେ ଜନସଂଖ୍ୟା ବୃଦ୍ଧିରେ ଅନେକ କାରଣ ମଧ୍ୟରୁ ଅଜ୍ଞତା, ଦାରିଦ୍ର୍ୟ ଓ ଅନୁନ୍ନତ ମାନସିକତା ଦାୟୀ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ୨୦୨୧-୨୨ବର୍ଷ ପାଇଁ ପରିବାର କଲ୍ୟାଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ସର୍ବୋତ୍ତମ ସି.ଏଚ.ସି ରୂପେ ବୋର୍ଡା ସି.ଏଚ.ସି, ଉତ୍ତମ ସର୍ଜନ ରୂପେ ୨୦୨୧-୨୨ ବର୍ଷରେ ୩୦୦୦ ଟି ମହିଳା ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରିଥିବା ଧର୍ମଗଡ ଡାକ୍ତରଖାନାର ଡ. ସଦାନନ୍ଦ ପାଣିଗ୍ରାହୀ, ଉତ୍ତମ ସର୍ଜନ ରୂପେ ୧୨ ଟି ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିବା ଜୁନାଗଡ ଡାକ୍ତରଖାନା ର ଡା. ଭଗବାନ ପଣ୍ଡା, ଶ୍ରେଷ୍ଠ ଏ.ଏନ୍.ଏମ ଭାବରେ ବୋର୍ଡା ସି.ଏଚ.ସିର ଲିନା ସାହୁ, ଶ୍ରେଷ୍ଠ ଆଶା କର୍ମୀ ରୂପେ ନର୍ଲାର ସାବିତ୍ରୀ ଗୌଡଙ୍କୁ ପୁରସ୍କୃତ କରାଯାଇଥିଲା। 'ଜନସଂଖ୍ୟାରେ ସ୍ଥିରତା ଉପରେ ନିଜର ଭୂମିକା ଓ ଦାୟିତ୍ୱ 'ଶୀର୍ଷକ ବକ୍ତୃତା ଉପରେ ପ୍ରତିଯୋଗିତାରେ ଆଶାକର୍ମୀ ସାଜଦା ବେଗମ୍, ପଦ୍ମାବତୀ ଘଡ଼େଇ, ସୁଭାଷିନୀ ସୁନାନୀ ଓ ଏ ଏନ୍ ଏମ ବୈଶାଖୀ ସାହୁ, ରୋଜାଲିନ ପାଢ଼ୀ, ରାଜଲକ୍ଷ୍ମୀ ଜେନା ପ୍ରଥମ, ଦ୍ୱିତୀୟ, ତୃତୀୟ ପୁରସ୍କାର ପାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ରିତା ନାଏକ, ମିନାକ୍ଷୀ ମହାନ୍ତି, ସୁଧାଂଶୁ ଦିଗାଲ, ବିବେକାନନ୍ଦ ସାମଲ, ସରକାରୀ ନର୍ସିଂ ସ୍କୁଲର ଛାତ୍ରୀ, ଆଶାକର୍ମୀ, ଏନ୍.ଏ.ଏମ ଛାତ୍ରୀ ଯୋଗଦେଇଥିଲେ।

## 'ସାହିତ୍ୟ କଥା'ର ଦଶମ ସ୍ୱନକ୍ଷତ୍ର ଉତ୍ସବ 'ଅଙ୍କୁର'



ଭବାନୀପାଟଣା, (ଭାସ୍କର ନ୍ୟୁଜ): ଓଡ଼ିଶାରେ ପ୍ରଥମଥର ପାଇଁ ଏକ ପୁଲ୍ ପାର୍କ ମଧ୍ୟରେ ବିନା ଭାଷଣବାଜିରେ ଏକ ପତ୍ରିକାର ସ୍ୱନକ୍ଷତ୍ର ସମାରୋହ ଆୟୋଜିତ ହୋଇଯାଇଛି। ରାଜ୍ୟର ଏକମାତ୍ର ସାହିତ୍ୟ ସମ୍ବାଦ ଭିତ୍ତିକ ପତ୍ରିକା 'ସାହିତ୍ୟ କଥା'ର ଦଶମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଯୁବ ଲେଖକଙ୍କ ଗପ ଓ କବିତାକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅଙ୍କୁର' ଆୟୋଜିତ ହୋଇଥିଲା। ଭବାନୀପାଟଣା ସହର ଉପକଣ୍ଠରେ ଥିବା ନ୍ୟୁ ଷ୍ଟାର ସିନେପ୍ଲେକ୍ସ ପୁଲ୍ ପାର୍କ ପରିସରରେ ଆୟୋଜିତ ଏହି ଅଭୂତପୂର୍ବ କାର୍ଯ୍ୟକ୍ରମରେ 'ସାହିତ୍ୟ କଥା'ର ସମ୍ପାଦକ ସକିତ ରଡେ, ମାର୍ଗଦର୍ଶକ ସୁକାନ୍ତ ସାହୁ, ବିଶିଷ୍ଟ କବି ନିରୋଜ ପଟ୍ଟନାୟକ, 'ମହୁରି'ର ମୁଖ୍ୟ ସମ୍ପାଦକ ଭବାନୀ ଶଙ୍କର ନିଆଲ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି ପ୍ରମୁଖ ପତ୍ରିକାର ଜୁଲାଇ ସଂଖ୍ୟା ଉନ୍ମୋଚନ କରିଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ସୁରେଶ ନାୟକ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ। ସହ-ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ସମାରୋହ ପରିଚାଳନା କରିଥିବା ବେଳେ ଯୁବ ଗାଳ୍ପିକ ଡିଲେଶ୍ୱର ରଣାଙ୍କ ଅଡିଓ ଭିଜୁଆଲ୍ ଉପସ୍ଥାପନାବେଶ୍ ମନଛୁଆଁ ହୋଇଥିଲା। ଗଣମାଧ୍ୟମ 'ଓଡ଼ିଆ ବାର୍ତ୍ତା' ପକ୍ଷରୁ ଉତ୍ସବର ସିଧାପ୍ରସାରଣ କରାଯାଇଥିଲା। ଏଥିରେ କବି ଲଳିତ କାନୁନଗୋ, ଡା.ଦୀନବନ୍ଧୁ ସାହୁ, ନୂପୁର ପଟ୍ଟନାୟକ, ସଂଘମିତ୍ରା କାନୁନଗୋ, ଅଧ୍ୟାପକ କୌତୁକ ପନ୍ଦର, ବିରଞ୍ଚି ନାରାୟଣ ମୁଣ୍ଡ, ଦୀପ୍ତି ମୁଣ୍ଡ, ବାପୁନ୍ ନାୟକ, ବନ୍ଦିତା ସାଗରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

## ନୂତନ ମାଜିଷ୍ଟ୍ରେଟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଜୁନାଗଡ଼ (ଭାସ୍କର ନ୍ୟୁଜ) : ଜୁନାଗଡ଼ ଜେଏମ୍ଏଫ୍‌ସି କୋର୍ଟରେ ନୂତନ ଭାବେ ଯୋଗ ଦେଇଥିବା ବିଚାରପତି ପି. ସିତାଲକ୍ଷ୍ମୀଙ୍କୁ ସ୍ଥାନୀୟ ବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରେ ବରିଷ୍ଠ ଓକିଲ ଅଶୋକ ପାତ୍ର, ମଦନମୋହନ ସାହୁ ନୂତନ ଭାବେ ଯୋଗଦେଇଥିବା ବିଚାରପତିଙ୍କ ବାର ତରଫରୁ ସ୍ୱାଗତ କରିବା ସହ ଉଭୟ ବାର ଓ ବେଞ୍ଚ ମିଳିତ ଭାବେ କାର୍ଯ୍ୟ କରି ଲୋକଙ୍କୁ ନ୍ୟାୟ ପ୍ରଦାନରେ ଯତ୍ନବାନ ହେବାକୁ ପ୍ରତିଶୃତି ଦେଇଥିଲେ। ଅନୁରୂପଭାବେ ନୂତନ ବିଚାରପତି ମଧ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ବାର ସମ୍ପାଦକ ହିମାଂଶୁ ବରାଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବାରର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

## ସମାଜସେବୀ ବିଶ୍ୱନାଥ କର ସିଡ଼୍ର କାର୍ଯ୍ୟକାରୀ ସଭାପତି



ଜୁନାଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ବରିଷ୍ଠ ସମାଜସେବୀ, ଆଇନଜୀବୀ ବିଶ୍ୱନାଥ କର କଣ୍ଟାବାଞ୍ଜି କଲ୍ୟାଣ ମଣ୍ଡପଠାରେ ସୋସାଇଟି ଫର ଇକୋନୋମିକ ଆଣ୍ଡ ଏଜୁକେଶନାଲ ଡେଭଲପମେଣ୍ଟ (ସିଡ୍) ସଂସ୍ଥା ତରଫରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇ ବିଶ୍ୱନାଥ କର କାର୍ଯ୍ୟକାରୀ ସଭାପତି ଭାବରେ ମନୋନୀତ ହେଇଛନ୍ତି। ସେହିପରି ସଭାପତି ଭାବରେ ଡାକ୍ତର ଗୁଣମଣି ସୁନାନୀ, ଉପସଭାପତି ଜଗନ୍ନାଥ ନାଗ, ସମ୍ପାଦକ ଭାବରେ ଭବାନୀ ଶଙ୍କର ରାଓ, ଯୁଗ୍ମ ସମ୍ପାଦକ ଖୁସିରାମ ମହାନନ୍ଦ, କୋଷାଧ୍ୟକ୍ଷ ବରୁଣ ସୁନା ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ବାସୁଦେବ ମୁଗ୍ରୀ ମନୋନୀତ ହୋଇଥିଲେ ।ସଭ୍ୟ ଭାବରେ ଘାସିରାମ ବାରିକ ,ଗୋବିନ୍ଦ ତାଣ୍ଡି ,ବିନୟ ଭୂଷଣ ବିଭାର, ବୈକୁଣ୍ଠ ମହାନନ୍ଦ, ବଙ୍କିମ ସାଗର ଏବଂ ବସନ୍ତ ନିଆଲ ପ୍ରମୁଖ ରହିଛନ୍ତି। ସିଡ଼୍ ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ହେଉଛି ଅର୍ଥାଭାବରୁ ଗରିବ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେହି ଛାତ୍ରଛାତ୍ରୀମାନଙ୍କୁ ଯେପରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହେବେ ସେଥି ପାଇଁ ଏହି ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅନୁଷ୍ଠାନ ଦ୍ୱାରା ଗରିବ ମେଧାବୀ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ ଏବଂ ଉଚ୍ଚ ଶିକ୍ଷା ଲାଭ କରିପାରିବେ ବୋଲି ଶ୍ରୀ କର ପ୍ରକାଶ କରିଛନ୍ତି।

## ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଚାରାରୋପଣ

ନର୍ଲା, (ଭାସ୍କର ନ୍ୟୁଜ) : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ୭୫ ତମ ବର୍ଷର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବିଦ୍ୟାର୍ଥୀ ପରିଷଦ ତରଫରୁ ସାରା ଦେଶରେ ଚାରା ରୋପଣ ସହ ଅନେକ ସ୍ଥାନରେ ସେବାକାର୍ଯ୍ୟ ହେଉଛି। ଏବିଭିପି ନର୍ଲା ନଗର ତରଫରୁ ପଞ୍ଚାୟତ ସମିତି ମହାବିଦ୍ୟାଳୟ ନର୍ଲା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ମାଣ୍ଡେଲରେ ବୃକ୍ଷମିତ୍ର ଅଭିଯାନରେ ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନର୍ଲା ନଗର ସଭାପତି ତଥା ଅଧାପିକା ବାସନ୍ତୀ ସାହୁ, କଳାହାଣ୍ଡି ବିଭାଗ ସଂଯୋଜକ ନୃପମଣି ବାହୁକ୍, ରତ୍ନାକର ନାଗ, ସନାତନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୃକ୍ଷମିତ୍ର ଅଭିଯାନରେ ବିଦ୍ୟାର୍ଥୀ ପରିଷଦ ସାରା ଦେଶରେ ଏକ କୋଟି ଏବଂ କଳାହାଣ୍ଡି ଜିଲ୍ଲାରେ ୩୦୦୦ ବୃକ୍ଷ ରୋପଣ କରିବ ବୋଲି ଜିଲ୍ଲା ସଂଯୋଜକ ତନ୍ମୟ ବିଶି କହିଛନ୍ତି।



### ଭବାନୀପାଟଣା ଆଇଟିଆଇରେ 'ପ୍ରଧାନମନ୍ତ୍ରୀ ନ୍ୟାସନାଲ୍ ଆପ୍ରେଣ୍ଟ୍‌ସିପ୍ ମେଳା'

## ୨୭ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କମ୍ପାନୀରେ ମିଳିଲା ଚୁକ୍ତିନାମା ପତ୍ର



ଭବାନୀପାଟଣା, (ଭାସ୍କର ନ୍ୟୁଜ): ଭବାନୀପାଟଣାଠାରେ ଥିବା ସରକାରୀ ଆଇଟିଆଇର ବିଭିନ୍ନ ଟ୍ରେଡ୍‌ରୁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଦକ୍ଷତା ଅନୁଯାୟୀ ବିଭିନ୍ନ କମ୍ପାନୀ ଓ ସଂସ୍ଥା ମାନଙ୍କରେ ଏପ୍ରେଣ୍ଟିସିପ୍ ଭାବେ ନିଯୁକ୍ତି ଦେବା ନିମନ୍ତେ ଗତ ୧୧ ତାରିଖ ଦିନ ସ୍ଥାନୀୟ ଆଇଟିଆଇଠାରେ ପ୍ରଧାନମନ୍ତ୍ରୀ ନ୍ୟାସନାଲ୍ ଆପ୍ରେଣ୍ଟ୍‌ସିପ୍ ମେଳା-୨୦୨୨ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ଆଇଟିଆଇର ଅଧ୍ୟକ୍ଷ ଇଂ. ସ୍ନେହାଶିଷ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରମୋଦ କୁମାର ମେହେର, ଡିଜିଏମ୍, ଓଏଚ୍‌ପିସି ମୁଖିଗୁଡା, ମୁଖ୍ୟବକ୍ତା ଭାବେ ଏକେ ଉତ୍ତରାୟ, ଜିଲ୍ଲା ନିଯୁକ୍ତି ଅଧିକାରୀ କଳାହାଣ୍ଡି, ସମ୍ମାନିତ ଅତିଥି ଭାବେ ଡି.କେ. ଅଗ୍ରୱାଲ, ସହକାରୀ ମ୍ୟାନେଜର ଜିଲ୍ଲା ଶିଳ୍ପକେନ୍ଦ୍ର କଳାହାଣ୍ଡି ଓ ବି. ଦାସ, ଡେପୁଟି ଡାଇରେକ୍ଟର ଆର୍‌ଡିଏସ୍‌ଡିଇ, ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୮୮ ଜଣ ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇ ଚୁକ୍ତିନାମା ପତ୍ର ପ୍ରଦାନ କରାଯାଇଥିଲା। ଏହି ନିଯୁକ୍ତି ମେଳାରେ ମୁଖିଗୁଡାସ୍ଥିତ ଓଏଚ୍‌ପିସି, ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ, ଟିପିଡବ୍ଲୁଓଡିଏଲ୍ (କେଇଇଡି), ଟିପିଡବ୍ଲୁଓଡିଏଲ୍ (କେଡବ୍ଲୁଇଡି) ଏବଂ ଓମ୍‌ଫେଡ୍ ଭବାନୀପାଟଣା ପ୍ରମୁଖ ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଉପଯୁକ୍ତ ଛାତ୍ରଛାତ୍ରୀଙ୍କୁ ମନୋନୀତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଟାଟା ଷ୍ଟ୍ରାଇଭ୍‌ର ଚେଞ୍ଜ ଲିଡର୍ ନେହା ପୃଷ୍ଟେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଭାବକ, ଶିକ୍ଷକ ସମ୍ମିଳନୀ



ଜୁନାଗଡ଼ (ଭାସ୍କର ନ୍ୟୁଜ): ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ହୃଷିକେଶ ମେହେରଙ୍କ ସଭାପତିତ୍ୱରେ ଅଭିଭାବକ - ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ଅଧିକାରୀ ସୁମନ୍ତ ମାଝୀ, ସରପଞ୍ଚ ପ୍ରତିନିଧି ସ୍ୱୟଂବର ପାଣିଗ୍ରାହୀ, ପୂର୍ବତନ ଶିକ୍ଷକ ବେଣୁ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ମେହେର ଅଭିଭାବକ ଓ ଶିକ୍ଷକ ସମନ୍ୱୟ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ଗୋପାଳ କୃଷ୍ଣ ମିଶ୍ର, ରାଜୁ ସାହୁ, ରିନା ବେହେରା, ସଞ୍ଜୁ ବାଳା ବାରିକ, ଗିରିଜା ନାଏକ, କମଳିନୀ ପ୍ରଧାନ, ବିଜୟ ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ସନ୍ତୋଷ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ସୁଶୀଲ କୁମାର ନାଗ ଧନ୍ୟବାଦ ଦେଇଥିଲେ।

## ଗ୍ୟାସ୍ ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ




ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମହିଳା କଂଗ୍ରେସ ଉପ ସଭାନେତ୍ରୀ ଜୋତ୍ସ୍ନା ବଗର୍ତ୍ତିଙ୍କ ନେତୃତ୍ୱରେ ଭବାନୀପାଟଣା ଘୋଡ଼ାଘାଟ ଛକ ନିକଟରେ କେନ୍ଦ୍ର ସରକାରଙ୍କ ଅହେତୁକ ରନ୍ଧନ ଗ୍ୟାସ ଦର ବୃଦ୍ଧି କୁ ପ୍ରତିବାଦ କରାଯାଇଥିଲା। ମୋଦି ସରକାରର ସାତ ବର୍ଷ ଶାସନ କାଳରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଗ୍ୟାସ ଦର ବାରମ୍ବାର ବୃଦ୍ଧି ହେବ। ଫଳରେ ଦେଶର ଗରିବ ମଧ୍ୟବିତ୍ତଙ୍କ ଉପରେ ବହୁତ ପ୍ରଭାବ ପଡୁଛିକ୍ଷ ଗ୍ୟାସ ଦର ୫୦୦ ରୁ ୧୦୫୦ ଟଙ୍କା ହେଲାଣି। ସରକାର ଗରିବଙ୍କ ଆଖିରୁ ଲୁହ ପୋଛିବାକୁ ଯାଇ ଉଜ୍ଜଳା ଯୋଜନା ଆରମ୍ଭ କଲେ ଓ ସମସ୍ତଙ୍କ ଆଗରେ ବାହାବା ମାରୁଛନ୍ତି। ଅଥଚ ଯେଉଁ ଗରିବ ଲୋକେ ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି ତାଙ୍କ ଘରେ ସିଲିଣ୍ଡର ଘର କୋଣରେ ପଡିରହିଛି। ଲୋକଙ୍କ ପାଖରେ ତେଲ ଲୁଣ କିଣିବାକୁ ଟଙ୍କା ନାହିଁ, ଗ୍ୟାସ ଭରିବେ କିପରି। ପରିବାର ଚଳେଇବା ପାଇଁ ଲୋକେ ଦେଶାନ୍ତର ହେଉଛନ୍ତି। ସେଥିରେ ପୁଣି 'ବୋଝ ଉପରେ ନଳିତାବିଡ଼ା'ଏସବୁ ପାଇଁ କେବଳ କେନ୍ଦ୍ର ସରକାର ହିଁ ଦାୟୀ। ଏଣୁ ତୁରନ୍ତ ମୋଦି ସରକାର ଗ୍ୟାସ ଦର ପ୍ରତ୍ୟାହାର କରନ୍ତୁ ନଚେତ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଆନ୍ଦୋଳନରତ ମହିଳା କଂଗ୍ରେସ ନେତ୍ରୀମାନେ ଚେତାବନୀ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସୁକାନ୍ତି ସରାଫ, ଯୁବକଂଗ୍ରେସ ମହିଳା ଉପସଭାନେତ୍ରୀ ମନ୍ଦାକିନୀ ବଣ୍ଡୁଆ, ମର୍ଜିନା ପ୍ରଧାନ, ଯାଜ୍ଞସେନୀ ନାଏକ, ଯଶୋଦା ସୁନା, ଝିଲି ରାଉତ, ରତ୍ନମାଳା ମାଝୀ, ପୁଷ୍ପ ବିହାରୀ, ରାଜକୁମାରୀ ସରାଫ, ବସୁମତୀ ବାଗଙ୍କ ସମେତ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ପରମାନନ୍ଦ ମାଝୀ, ସମ୍ପାଦକ ବ୍ରଜ ସାହୁ, ସୁରେଶ ପଟ୍ଟନାୟକ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଂଯୋଜକ ସରୋଜ ବାଗ, ଟି ଲେମନ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ରାଶିଫଳ

ବୁଧବାର, ୧୩ ଜୁଲାଇ ୨୦୨୨



**ମେଷ** - କୌଣସି ଅତିତର ଯୋଜନାରେ ସଫଳ ହେବେ, ପାରିବାରିକ ପରିବେଷ ଭଲ ରହିବ, ପରିଶ୍ରମ ମୁତାବକ ଫଳ ମିଳିବ, କିନ୍ତୁ ମନ ବିଚଳିତ ରହିବ, କୌଣସି ପ୍ରକାରର ଆଶା ପୁରଣ ହେବ ଏବଂ କୌଣସି ସମସ୍ୟାରୁ ମୁକ୍ତି ମିଳିବା ସହିତ ଆତ୍ମବଳ ବଢିବ।



**ବୃଷ** - ଶୁଭଦିନ ରହିବ ତେଣୁ ଟଙ୍କପଇସାକୁ ନେଇ ଚିନ୍ତା କମିବ, ଲୋକସମ୍ପର୍କ ବଢିବ ଏବଂ କର୍ମକ୍ଷେତ୍ରରେ ଆଶାଜନକ ସ୍ଥିତି ରହିବ, ଶୁଭରେ ଶୁଭରେ ଦିନ କଟିବ, ଅଶାଜନକ ପରିବେଷ ପରିସ୍ଥିତି ରହିବ, ସୁଖଶାନ୍ତିରେ ସମୟ କଟିବ ମାତ୍ର ଅଯଥା ଖର୍ଚ୍ଚ ବଢିବ ତେଣୁ ମନ ବିଚଳିତ ରହିବ।



**ମିଥୁନ**- ଚାକିରି ହେଉ କିମ୍ବା ବ୍ୟବସାୟ କିଛି କିଛି ବାଧାବିଘ୍ନ ରହିବ, ପରିବାରରେ ଭୁଲବୁଝାବଣା ରହିବ, ମନ ଅସ୍ଥିର ରହିବ ତେଣୁ ସତର୍କ ରହିଥିବେ ଏବଂ ପରିଶ୍ରମ ମୁତାବକ ଫଳ ପାଇବେ ନାହିଁ ଓ ମନ ବିଚଳିତ ରହିବ, ନିଜର ବାକ୍ୟ ସାମ୍ନା ବ୍ୟକ୍ତିକୁ ଖରାପ ଲାଗିବ।



**କର୍କଟ** - ମାନ ସମ୍ମାନ, ଟଙ୍କାପଇସା କ୍ଷେତ୍ରରେ ଶୁଭଫଳ ମିଳିବ, କୌଣସି ପ୍ରକାର କର୍ମ ସମ୍ବନ୍ଧିୟ ଶୁଭ ଖବର ମିଳିବ, ଆୟ ମନମୁତାବକ ହେବ, କିଛି ଯୋଜନାରେ ସଫଳ ହେବେ ଚେଷ୍ଟା କାରି ରଖନ୍ତୁ ଓ ବିବାହଯୋଗ୍ୟ ପିଲାଙ୍କର ସମ୍ଭାବନା ଷୃଷ୍ଟି ହେବ, ସମସ୍ତ ଯୋଜନାରେ ସଫଳ ହେବେ।



**ସିଂହ** - କୌଣସି ଯୋଜନାରେ ସଫଳ ହେବେ, ପାରିବାରିକ ଶାନ୍ତି ମିଳିବ, ଅର୍ଥଚିନ୍ତା ଦୁର ହେବ ଏବଂ ମାନସିକ ଶାନ୍ତି ବଢିବ, ହନୁମାନଙ୍କ ନିମନ୍ତେ ଗୃହରେ ରାଶିତେଲର ଦ୍ୱୀପ ଦିଅନ୍ତୁ ଶୁଭଫଳ ପ୍ରାପ୍ତ ହେବ, ଯଥାସାଧ ଅର୍ଥ ପ୍ରାପ୍ତି ହେବ।



**କନ୍ୟା** - କର୍ମ ଏବଂ ଅର୍ଥ ଚିନ୍ତା ଦୁରହେବ, କର୍ମସ୍ଥଳରେ ଆଶାଜନକ ପରିସ୍ଥିତି ରହିବ, ଜାଗାବାଡି ଏବଂ ନୁତନ ଯାନବାହାନ କ୍ରୟ ନିମନ୍ତେ ସୁଯୋଗ ଷୃଷ୍ଟି ହେବ, ମନ ଏବଂ ସ୍ୱାସ୍ଥ୍ୟ ଦୁର୍ବଳ ରହିବ ଓ ଛାତ୍ରଛାତ୍ରୀଙ୍କର ପାଠପ୍ରତି ଆଗ୍ରହ କମ ରହିବ।



**ତୁଳା** - କୌଣସି ଚିନ୍ତା ମନକୁ ଦୁବଳ କରିଦେବ, ଆମିଷ ଖାଇବେ ନାହିଁ ଏବଂ ଲକ୍ଷ୍ମୀଙ୍କର ସ୍ତୁତି ପଢନ୍ତୁ କିମ୍ବା ଶୁଣନ୍ତୁ, ଆଜି ସମୟ ସାଥ ଦେବ ନାହିଁ ତେଣୁ ନିଜର ପ୍ରିୟ ଭଗବାନଙ୍କୁ ଦର୍ଶନକରି ଆଦାଖଣ୍ଡେ ପାଟିରେ ରଖି ଦିନ କାଟନ୍ତୁ, ମନର ଆଶା ପୁରଣ ହେବ ନାହିଁ।



**ବିଛା** - ଆଜି ଦିନଟି ଶୁଭରେ ଶୁଭରେ କଟିବ, ଆଶାଜନକ ସମସ୍ତ ପରିବେଷ ପରିସ୍ଥିତି ରହିବ, ଚାକିରିରେ ଶୁଭତ୍ୱ ଏବଂ ବ୍ୟବସାୟରେ ଲାଭ ବଢିବ, ପୁରୁଣା ରୋଗରୁ ଆଶ୍ୱସ୍ତି ମିଳିବ ଏବଂ ଚେଷ୍ଟା ଅନୁଯାୟୀ ଫଳ ମିଳିବ, ଆତ୍ମବଳ ଅଧିକ ରହିବ।



**ଧନୁ** - ଆଜି ଶୁଭ ଦିନ ରହିଛି ମନର ଆଶା ପୁରଣ ହେବ, ଚେଷ୍ଟା କରୁଥିବା କାମରେ ସଫଳ ହେବେ, ବନ୍ଧୁ ପରିଜନରେ ସାହାଯ୍ୟ ମିଳିବ, କୌଣସି ପ୍ରକାରର ଆଶା ପୁରଣ ହେବ ଏବଂ କୌଣସି ସମସ୍ୟାରୁ ମୁକ୍ତି ମିଳିବା ସହିତ ଆତ୍ମବଳ ବଢିବ।



**ମକର** - କୌଣସି ପ୍ରକାରର ଚେଷ୍ଟା କରୁଥିବା କାମ ହେଇଯିବ, ବକେୟା ଅର୍ଥ ଏବଂ ଅଟକିଥିବା କାମ ପ୍ରାପ୍ତ ହେବ କିନ୍ତୁ ଗଚ୍ଛିତ ଅର୍ଥବ୍ୟୟ ବଢିବ ଫଳରେ ମନ ଅଶାନ୍ତ ରହି ସଠିକ ନିଷ୍ପତି ନେଇ ନପାରି ମନ ଦୁଃଖ ହେବ, ଅନୁକୁଳ ସମୟ ରହିବ, ମନର ଆଶା ପୁରଣ ହେବ।



**କୁମ୍ଭ** - ମନର ଆଶା ପୁରଣ ହେବ ନାହିଁ ତେଣୁ ମାନସିକ ଅଶାନ୍ତି ବୃଦ୍ଧି ହେବ, ଆଜି ବାଧାବିଘ୍ନ ରହିବ ତେଣୁ କିଛି ଚାଉଳ, ପିଲାମନଙ୍କର ଭବିଷ୍ୟତର ପାଠପଢା ଏବଂ କର୍ମନିଯିକ୍ତିକୁ ନେଇ ଚିନ୍ତିତ ରହିବେ, ଯାନ୍ତ୍ରିକ ଜିନିଷ ଖରାପ ହୋଇ ଅଯଥା ଖର୍ଚ୍ଚାନ୍ତ ହେବେ।



**ମୀନ** - ପାରିବାରିକ ଏବଂ କାର୍ଯ୍ୟସ୍ଥଳ ପରିବେଷରେ ମନ ଆନନ୍ଦ ରହିବ, ପିଲାଙ୍କର ଚାକିରିର ସୁଯୋଗ ଆସିବ, କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ, କୌଣସି କ୍ଷେତ୍ରରୁ ସହାୟତା ମିଳିବ, ପରିବାରରେ ଦାୟିତ୍ୱ ବୃଦ୍ଧି ହେବ,ପାରିବାରିକ ସମ୍ପର୍କରେ ଆନନ୍ଦ ମିଳିବ, କର୍ମଜୀବି ମହିଳା ଅଧିକ ଶୁଭଫଳ ପାଇବେ।



ଶ୍ରୀପତି ଆଚାର୍ଯ୍ୟ


ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କରଞ୍ଜିଆ,(ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର କେନ୍ଦୁମୁଣ୍ଡି ସରକାରୀ ହାଇସ୍କୁଲରେ ୬ ତାରିଖରେ ବନ ମହୋତ୍ସବର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାରାରୋପଣ କାର୍ଯ୍ୟକ୍ରମ ପୂର୍ବରୁ ସ୍କୁଲରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବନାଞ୍ଚଳ ଅଧିକାରୀ କିଶୋର କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁପ୍ରାକୃତିକ ଭାରସାମ୍ୟ ବଜାୟ ରଖିବାକୁ ନିଜେ ଏବଂ ପରିବାରକୁ ସଚେତନ କରି ଗଛ ଲଗାଇବାକୁ କହିଥିଲେ। ପିଲାମାନେ ସଂକଳ୍ପ ନେଲେ ପୁଣିଥରେ ଆମ ପରିବେଶ ହସି ଉଠିବ ବୋଲି ଆଶାପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବନପାଳ ଚନ୍ଦ୍ରମୋହନ ମହାନ୍ତ, ବନ୍ଦନା ମହାନ୍ତ, ଓଏଫଏସ୍‌ଡ଼ିପି ସଂଯୋଜକ କୃତୀବାସ ପରିଡା, ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ସିଂ, ନୀଳିମା ସାହୁ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ। ସଭା ଶେଷରେ ସ୍କୁଲ ପରିସରରେ ସାମୂହିକ ଚାରାରୋପଣ କରାଯାଇଥିଲା।

### କରେଣ୍ଟ୍ ଲାଗି ଦନ୍ତାହାତୀର ମୃତ୍ୟୁ

## ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ଟଣାଓଟରା

ଟାଙ୍ଗୀ,(ଭାସ୍କର ନ୍ୟୁଜ୍):ଖୋର୍ଦ୍ଧା ଜିଲ୍ଲାରେ ପୁଣି ଆଉ ଏକ ହାତୀର ମୃତ୍ୟୁ, ଖୋର୍ଦ୍ଧା ବନ ଖଣ୍ଡ ଟାଙ୍ଗୀ ବନବିଭାଗର ଟାଙ୍ଗୀ ରେଞ୍ଜ୍ ଜଙ୍କିଆ ଥାନା ଅଧିନସ୍ଥ ଗୋଲବାଇ ନିକଟରେ ଥିବା ଆମ୍ବ ମୁଣ୍ଡା ଜଙ୍ଗଲରେ ବିଦ୍ୟୁତ୍ ଆଘାତରେ ଏକ ହାତୀର ମୃତ୍ୟୁ ହୋଇଛି । ଗତ କାଲି ବିଳମ୍ବିତ ରାତିର ଏହି ଘଟଣା ଘଟିଛି। ଟାଙ୍ଗୀ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ଦନ୍ତାହାତୀର ଶବଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଜଙ୍ଗଲ ମଧ୍ୟରେ ଥିବା ଇଲେକ୍ଟ୍ରି ଟ୍ରାନ୍ସଫର୍ମର ସମ୍ପର୍କରେ ଆସି ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ତଦନ୍ତ ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଟାଙ୍ଗୀ ବନ ବିଭାଗର ରେଞ୍ଜର ଦେବାଶିଷ ଭୋଇ ସୂଚନା ଦେଇଛନ୍ତି । ଟାଙ୍ଗୀ ବନ ବିଭାଗ ରେଞ୍ଜ ଇଲାକାର ବିଭିନ୍ନ ଜଙ୍ଗଲ ଏରିଆରେ ୨୧ଟି ହାତୀ ଘୁରି ବୁଲୁଥିବା ଟାଙ୍ଗୀ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଶନ ଗଜରାଜ୍ ଫେଲ୍ ବର୍ତ୍ତମାନ ଅସୁରକ୍ଷିତ ହାତୀ ପରିବେଶ । ଖୋର୍ଦ୍ଧା ବନ ଖଣ୍ଡ ଟାଙ୍ଗୀ ରେଞ୍ଜ୍ ଜଙ୍କିଆ ଗୋଲବାଇ ଗ୍ରାମ ନିକଟରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଜଙ୍ଗଲକୁ ଯିବା ବେଳେ ଗୋଟିଏ ଦନ୍ତାହାତୀ ମୁକୁଳା ପଡିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ରେ ଆସି ଯାଇଥିଲା । ଯେଉଁଠି ଥିଲା ଫୋର୍-ଫର୍ଟି ଭୋଲଟ୍ଟେଜ୍ କରେଣ୍ଟ, ଫଳରେ ହାତୀର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ହାତୀ ମୃତ୍ୟୁ ପଛରେ ଦାୟୀ କି'ଏ? ବିଦ୍ୟୁତ୍ ବିଭାଗ-ନା'-ବନ ବିଭାଗ ସେନେଇ ଚାଲିଛି ଟନାଘନା, ନିଜ ଉପରୁ ଦୋଷ ଦୁର୍ବଳତାକୁ ହଟାଇବା ପାଇଁ ଦୁଇ ବିଭାଗ ପକ୍ଷରୁ କସରତ ଚାଲିଛି। ଟାଙ୍ଗୀ ବନ ବିଭାଗର ଅପାରଗତା ଏବଂ ଦାୟୀତ୍ୱ ହୀନତା ଯୋଗୁଁ ହାତୀ ମାନଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ହେଉଛି ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି।



### ତିନି ଆନ୍ତଃ ଜିଲ୍ଲା ଡକାୟତ ଗିରଫ

## ଟଙ୍କା ସହ ମାରଣାସ୍ତ୍ର ଓ ବାଇକ୍ ଜବତ

ନିଆଳୀ,(ଭାସ୍କର ନ୍ୟୁଜ୍): ତିନି ଆନ୍ତଃ ଜିଲ୍ଲା ଡକାୟତ ନିଆଳୀ ପୋଲିସ୍ ପଞ୍ଝାରେ ଧରାପଡିଥିବାବେଳେ ୩୦ ହଜାର ଟଙ୍କା ସହ ମାରଣାସ୍ତ୍ର ଓ ବାଇକ୍ ଜବତ କଲା ନିଆଳୀ ପୋଲିସ୍ । ଏନେଇ ନିଆଳୀ ଥାନା ପରିସରରେ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ନିଆଳୀ ଆଇଆଇସି ବିଜୟ କୁମାର ମଲ୍ଲିକ୍ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ମୁତାବକ ଗତ କାଲି ସୋମବାର ଅପରାହ୍ନ ପାୟ ୨ଟା ୩୦ ମିନିଟ୍ ସମୟରେ ମାଇକ୍ରୋ ଫାଇନାନ୍ସର ଏଜେ ଉକ୍ତ ଥାନା ପହଙ୍ଗା ଓ କପାସିରୁ ଟଙ୍କା ଆଦାୟ କରି ଫେରୁଥିବାବେଳେ ବାଟରେ ଓ୍ୱାଉପଲ୍ଲୀ ଗ୍ରାମ ନିକଟରେ ଏକ ନିଛାଟିଆ ସ୍ଥାନରେ ୩ ଜଣ ଦୁର୍ବୃତ୍ତ ଉକ୍ତ ଥାନା ଜଲ୍ଲାରପୁରର ସୁସିଲ ନାୟକ(ରାଜା) ପୁରୀ ଜିଲ୍ଲା ନିମାପଡା ଥାନା ଅଧିନ ସାତପୁରୀ ଗ୍ରାମର ଚର୍ତ୍ତୁଭୂଜ ବାରିକ୍(ଟିକିନା) ନିମାପଡା ଥାନା ବିଷ୍ଣୁପୁର ଗ୍ରାମର ବିଷ୍ଣୁ ଚରଣ ପରିଡା (ବୁଲୁ) ଫାଇନାନ୍ସ କମ୍ପାନୀର କର୍ମଚାରୀ ସ୍ୱାଧିନ ଭୋଇଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ତାଙ୍କ ନିକଟରେ ଥିବା ୩୦ ହଜାର ଟଙ୍କା ଓ ଏକ ଟ୍ୟାବ୍ ଛଡାଇ ନେଇ ଫେରାର ହୋଇ ଯାଇଥିଲେ। ସମ୍ପୃକ୍ତ କର୍ମଚାରୀ ସଙ୍ଗେ ସଙ୍ଗେ ନିଆଳୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ନିଆଳୀ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ବିଭିନ୍ନ ସ୍ଥାନରେ ଚଢଉ କରି ସମ୍ପୃକ୍ତ ତିନି ଜଣ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ତାଙ୍କ ଠାରୁ ନଗଦ ୩୦ ହଜାର ଟଙ୍କା ସହ ବିଭିନ୍ନ ମାରଣାସ୍ତ୍ର, ମୋବାଇଲ୍, ଟ୍ୟାବ୍ ସହ ଡକାୟତିରେ ବ୍ୟବହୃତ ଗାଡିକୁ ଜବତ କରିଛି। ଏମାନଙ୍କ ମଧ୍ୟରେ ରାଜା ନାମରେ ୩୨ ଓ ଚତୁର୍ଭଜ ନାମରେ ବିଭିନ୍ନ ସ୍ଥାନରେ ୪୦ରୁ ଅଧିକ ମାମଲା ଥିବା ପ୍ରେସ୍ ମିଟ୍‌ରେ ସୂଚନା ମିଳିଛି। ମଙ୍ଗଳବାର ନିଆଳୀ ପୋଲିସ ୨୯୪/୨୨ରେ ମାମଲା ରୁଜୁକରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



## ସିରିଜ୍ ଦୁର୍ଘଟଣା: ୨ ମୃତ



ଟାଙ୍ଗୀ,(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱର ଛକ ନିକଟରେ ୧୬ ନଂ ଜାତୀୟ ରାଜପଥ ରେ ଘଟିଛି ମର୍ମନ୍ତୁଦ ସିରିଜ୍ ଦୁର୍ଘଟଣା ଯେଉଁଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି । ଏକ ବୁଲେରୋ ଗାଡି ସହିତ ଇଟିକା ଗାଡି ତା' ସହିତ ଅଟୋ ରିକ୍ସା ମଧ୍ୟରେ ଘଟିଛି ମୁହାଁମୁହିଁ ଧକ୍କା । ଘଟଣା ସ୍ଥଳରେ ନିରାକାରପୁର ଓ ଜଙ୍କିଆ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ସହିତ ତଦନ୍ତ ଆରମ୍ଭ କରିଛି । ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ ବେପାରୁଆ ଗାଡି ଚାଳନା ଯୋଗୁଁ ଘଟିଛି ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲ ଓ ଭୁବନେଶ୍ୱର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

## ଦୁର୍ଘଟଣାରେ ଅଟୋ ଚାଳକ ମୃତ

ବାଲିପାଟଣା,(ଭାସ୍କର ନ୍ୟୁଜ୍): ଆଜି ବାଲିପାଟଣା ଥାନା ଅନ୍ତର୍ଗତ ନୂଆଗାଁ ପାଖରେ ଏକ ସଡ଼କ ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ବାଲିଅନ୍ତା ଥାନା ଅନ୍ତର୍ଗତ ଖମଙ୍ଗସାଶନର ଗର୍ନ୍ଧବ ସ୍ୱାଇଁଙ୍କ ପୁତ୍ର ବଳରାମ ସ୍ୱାଇଁ ବୟସ ୪୪। ସୂଚନା ଅନୁଯାଇ ବାଲିପାଟଣା ପଟୁ ବନମାଳିପୁର ଆଡ଼କୁ ବଳରାମ ତାଙ୍କ ଓଡି-୦୨-ଏଏକ୍ସ-୪୪୬୧ ନମ୍ବର ବିଷିଷ୍ଟ ଅଟୋକୁ ନେଉଥିବା ବେଳେ ନୂଆଗାଁ ଛକ ନିକଟରେ କୌଣସି କାରଣରୁ ଭାରସମ୍ୟ ହରାଇ ଅଟୋକୁ ସମ୍ଭାଳି ନ ପାରି ରାସ୍ତା ତଳକୁ ଖସିଯାଇଥିଲେ। ସେଠାକାର ସ୍ଥାନୀୟ ବାସିନ୍ଦା ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବାର ସୂଚନା ମିଳିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କ ପରିବାର ଲୋକେ ପହଞ୍ଚି ଥିବା ବେଳେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ବଡ଼ସାହି, (ଭାସ୍କର ନ୍ୟୁଜ୍):ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅର୍ନ୍ତଗତ ଗୌଡଶୋଳ ଗ୍ରାମର ସାରଦା ଶେଖର ନାୟକଙ୍କ ସ୍ତ୍ରୀ କଳ୍ପନା ଦାସ (୩୬)ଙ୍କର ସୋମବାର ବାରିପଦା ପିଆର ଏମ୍ ମେଡ଼ିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆଯାଇଥିଲା । ଡାକ୍ତରଖାନାରେ ଚିକିତ୍ସା ଚାଲୁଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସାପ କାମୁଡାରେ ତାଙ୍କର ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋଟ ଆସିବା ପରେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ବଡ଼ସାହି ପୋଲିସ ତରଫରୁ ଜଣାପଡ଼ିଛି।

## ତହସିଲଦାରଙ୍କୁ ନେଇ ରାଜନୀତି




ଗଞ୍ଜାମ,(ଭାସ୍କର ନ୍ୟୁଜ୍): ତହସିଲଦାର କାର୍ଯ୍ୟକଳାପକୁ ନେଇ ଗଞ୍ଜାମ ଏନ୍‌ଏସୀରେ ରାଜନୀତି ଜୋର ଧରିବାର ଦେଖିବାକୁ ମିଳିଛି, ଗୋଟିଏ ପକ୍ଷ ତହସିଲଦାରଙ୍କ କାର୍ଯ୍ୟକଳାପ ଭଲ ନୁହେଁ କହି ବଜାର ବନ୍ଦକରି ବ୍ଲକ ସମୁଖରେ କିଛି ଲୋକକୁ ନେଇ ଧରଣା ଦେଇଥିବା ବେଳେ ଆଉ ଗୋଟେ ଗୋଷ୍ଠୀ ତହସିଲଦାର ଆସିବା ଦିନଠାରୁ ଗଞ୍ଜାମରେ ଉନ୍ନତି ମୂଳକ କାର୍ଯ୍ୟ, ପଟ୍ଟା ବଣ୍ଟନ, ପୋତାଗଡ଼ ଉନ୍ନତି ଏହି ସବୁକୁ ଦେଖି ତାଙ୍କ ସପକ୍ଷରେ ୫୦ ବାଇକ ଧରି ନିରବ ଭାବେ ରାଲି କରୁଥିବାର ଦେଖିବାକୁ ମିଳିଥିଲା ଏବଂ ବାଜର ବନ୍ଦକୁ ସାନବଜାର ବଣିକ ସଙ୍ଘ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବଜାର ବନ୍ଦ ହେବନି କହି ସହଯୋଗ ନ କରିଥିବାର ଦେଖିବାକୁ ମିଳିଥିଲା, ଗୋଟିଏ ଗୋଷ୍ଠୀ ତହସିଲଦାର ହଟାଓ ଗଞ୍ଜାମ ବଞ୍ଚାଓ ନାରା କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ସହରରୁ ଦଲାଲ ହଟାଓ ଗଞ୍ଜାମ ବଞ୍ଚାଓ ଅଭିଯାନ କରିବାର ଦେଖିବାକୁ ମିଳିଥିଲା କିନ୍ତୁ ଏହି ରାଜନୀତିରେ ଗଞ୍ଜାମ ଜନସାଧାରଣ, ବ୍ୟବସାୟୀ ସଙ୍ଘ ଅସୁବିଧାର ସମୁଖୀନ ହେବାକୁ ପଡୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏବେ ବାକି ରହିଲା ଜିଲ୍ଲା ପ୍ରଶାସନ ସଠିକ ତଦନ୍ତ କେଉଁ ଗୋଷ୍ଠୀର ସପକ୍ଷରେ ସହମତି ଦେବ ଏବେ ଏହା ପ୍ରଶ୍ନବାଚୀ?

## ଛାତ୍ର ବୃତ୍ତି ଅପେକ୍ଷାରେ ମେଧାବୀ ରୁଦ୍ର ପ୍ରସାଦ

ବୋଲଗଡ,(ଭାସ୍କର ନ୍ୟୁଜ୍): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ସରକାରୀ ବାମନ ହାଇସ୍କୁଲରେ ସନ୍ତୋଷ କୁମାର ବେହେରାଙ୍କ ପୁଅ ରୁଦ୍ରପସାଦ ବେହେରା ୨୦୧୬ମସିହାରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ଜାତୀୟ ମେରିଟ ମେଧାବୀ ଛାତ୍ର ବୃତ୍ତିରେ ପାସ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଦେଶ କ୍ରମେ ମେଧାବୀ ଛାତ୍ର ରୁଦ୍ର ପ୍ରସାଦ ବେହେରା ୪ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଛାତ୍ର ବୃତ୍ତି ଆର୍ଥିକ ଅନୁଦାନ ୪୮ହଜାର ଟଙ୍କା ପାଇବା ପାଇଁ ଆବଶ୍ୟକୀୟ କାଗଜ ପତ୍ର ସହିତ ବ୍ୟାଙ୍କ୍ ଜମା ଖାତାର ଅବିକଳ ନକଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ମାଗୁଣି ଚରଣ ପ୍ରଧାନଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଭୁଲ୍ ଭାବେ ମେଧାବୀ ଛାତ୍ର ଶ୍ରୀ ବେହେରାଙ୍କ ଜମା ଖାତାର ଆକାଉଣ୍ଟ ନମ୍ବର ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଫଳରେ ମେଧାବୀ ଛାତ୍ର ଶ୍ରୀ ବେହେରା ତାଙ୍କର ଛାତ୍ର ବୃତ୍ତି ୪୮ହଜାର ଟଙ୍କା ଆଜି ପର୍ଯ୍ୟନ୍ତ ପାଇ ପାରିନାହାଁନ୍ତି। ଯାହାଦ୍ୱାରା ମେଧାବୀ ଛାତ୍ର ଶ୍ରୀ ବେହେରା ଆଗକୁ ଉଚ୍ଚ ଶିକ୍ଷା ଅଧ୍ୟୟନ ପାଇଁ ଇଚ୍ଛା ଥିଲେ ମଧ ଅର୍ଥ ଅଭାବରୁ ପାଠ ପଢି ପାରୁନାହାନ୍ତି। ଛାତ୍ର ବୃତ୍ତି ଟଙ୍କା ଶ୍ରୀ ବେହେରା ପାଇବା ପାଇଁ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ରଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଖୋର୍ଦ୍ଧା ଜିଲ୍ଲାପାଳ, ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ ଶିକ୍ଷା ଶାସନ ସଚିବ ଏଥିପ୍ରତି ଦୃଷ୍ଟି ଦେଇ ଗରିବ ମେଧାବୀ ଛାତ୍ର ଶ୍ରୀ ବେହେରାଙ୍କୁ ସାହାଯ୍ୟ କରିବାକୁ ସ୍ଥାନୀୟ ବୃଦ୍ଧଜୀବୀ, ଶିକ୍ଷାବିତ୍ ଓ ଜନ ସାଧାରଣମାନେ ଅନୁରୋଧ କରିଅଛନ୍ତି । ଆଜି ପର୍ଯ୍ୟନ୍ତ ସମସ୍ତ ପ୍ରଶାସନିକ ଅଧିକାରୀ ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଓ ମେଧାବୀ ଛାତ୍ର ଶ୍ରୀ ବେହେରାକୁ ଛାତ୍ର ବୃତ୍ତି ଟଙ୍କା ପ୍ରଦାନ କରିନଥିବାରୁ ସେ ଆତ୍ମହତ୍ୟା କରିବାକୁ ଧମକ ଦେଇ ଅଛନ୍ତି।



## ରଇପୁରୁରେ ଅଗ୍ନିକାଣ୍ଡ



ଧାମନଗର, (ଭାସ୍କର ନ୍ୟୁଜ୍):ଧାମନଗର ବ୍ଲକ୍ ଅନ୍ତର୍ଗତ ରଇପୁର ଗ୍ରାମର ଉଦେକର ଖଟୁଆଙ୍କ ୩ବଖରା ଘର ସମ୍ପୂର୍ଣ୍ଣ ଭାବରେ ଜଳିଯାଇଥିବାବେଳେ ୩ଟି ଗାଇ ନିଆଁରେ ପୋଡ଼ି ହୋଇ ମୃତ୍ୟୁ ଘଟିଛି। ଏଥି ସହ ଖଗେଶ୍ୱର ଖଟୁଆଙ୍କର ମଧ ଗୋଟେବଖରା ଘର ପୋଡ଼ିଯାଇଛି। ଖବରପାଇ ବିଶିଷ୍ଟ ଲୋକମାନେ ପହଞ୍ଚି ଅଗ୍ନିବିପର୍ଣ୍ଣ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

## ଖରିଫ୍ ଋତୁର ଚାଷୀ ପଞ୍ଜୀକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ

ଛତ୍ରପୁର,(ଭାସ୍କର ନ୍ୟୁଜ୍): ଖରିଫ୍ ଋତୁର ଧାନ ଚାଷୀଙ୍କ ଠାରୁ କିଣାଯିବ। ଖରିଫ୍ ଋତୁର ଧାନ ଚାଷୀଙ୍କ ଠାରୁ ଗ୍ରହଣ କରିବା ସକାଶେ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଏଥି ନିମନ୍ତେ ଗଞ୍ଜାମ ଜିଲ୍ଲାର ଚାଷୀଙ୍କର ଅନ୍ ଲାଇନ୍ ପଞ୍ଜୀକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟ ପଞ୍ଜୀକରଣ ପ୍ରଶିକ୍ଷଣ ମଙ୍ଗଳବାର ଓସ୍ୱାନ୍ ହଲରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାର ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଙ୍କ ନିର୍ଦ୍ଦେଶ ମୁତାବକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ପଞ୍ଜୀକରଣ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି । ଚଳିତ ଜୁଲାଇ ମାସ ୧୫ ତାରିଖ ଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ । ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜୀକରଣ କରାଗଲେ ପଞ୍ଜୀକରଣ ନିର୍ଭୁଲ ଓ ସୁପରିଚାଳନା ହେବ ବୋଲି ଜିଲ୍ଲାପାଳ ଅବଗତ କରାଇଥିଲେ । ସମସ୍ତ ଉପ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଗଣ ନିଜ ନିଜ ସ୍ତରରେ ବୈଠକ କରି ପଞ୍ଜୀକରଣ ପ୍ରକ୍ରିୟାର କାର୍ଯ୍ୟ ପରିଚାଳନା କରିବେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କ ନେତୃତ୍ୱରେ ପ୍ରଶିକ୍ଷକ ଗଣ, ପେକସ ସଂପାଦକ, ବ୍ଲକ୍ ଗୁଡିକର ଡିଇଓ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକା, ସମସ୍ତ କ୍ଷେତ୍ର ଅଧିକାରୀ, କୋ-ଅପରେଟିଭ୍ ନିରୀକ୍ଷକ, ଯୋଗାଣ ବିଭାଗୀୟ ନିରୀକ୍ଷକ, ସମସ୍ତ ବ୍ଲକ୍ ଯୋଜନା ସଂଯୋଜକଙ୍କୁ ଅନ୍‌ଲାଇନ୍ ପଞ୍ଜୀକରଣର ପ୍ରକ୍ରିୟା ଏବଂ କିଭଳି କରିବେ ସେ ସମସ୍ତ ଦିଗ ପ୍ରତି ଅବଗତ କରାଇଥିଲେ । ୨୦୨୨-୨୩ ଖରିଫ୍ ଧାନ ସଂଗ୍ରହ ସକାଶେ ପଞ୍ଜୀକରେ ନୂତନତ୍ୱ ରହିଛି । ଚାଷୀ ପଞ୍ଜୀକରଣ ଫର୍ମରେ ଥିବା ନୂଆ ତଥ୍ୟ ସଂଗ୍ରହ ପାଇଁ ବ୍ୟବସ୍ଥା ଓ ଅନ୍ ଲାଇନ୍ କରିବାର ପଦ୍ଧତି, ପଞ୍ଜିକରଣର ସମସ୍ତ ସରଣୀ, ସୋସାଇଟିର ଦାୟୀତ୍ୱ ସମ୍ପର୍କରେ ବୁଝାଯାଇଛି । ଚଳିତ ଖରିଫ୍ ଋତୁରେ ନୂତନ ଭାବରେ ସମସ୍ତ ଚାଷୀଙ୍କ ପଞ୍ଜୀକରଣ କରାଯିବ ଅର୍ଥାତ୍ କୌଣସି ଚାଷୀଙ୍କ ନବୀକରଣ କରାଯିବ ନାହିଁ । ଚାଷୀଙ୍କ ମୋବାଇଲ୍ ନମ୍ବରକୁ ଓଟିପି ଆସିବ। ସେହି ଓଟିପି ମାଧ୍ୟମରେ ସଠିକତା ଯାଞ୍ଚ୍ କରାଯିବ । ପଞ୍ଜୀକରଣ ଫର୍ମଟି ସୋସାଇଟିରେ ଚାଷୀ ଦାଖଲ କରିବା ସମୟରେ ସୋସାଇଟି ସଂପାଦକ ବା ଡିଇଓ ଚାଷୀଙ୍କ ଆଧାର ନମ୍ବର, ନାମ ଓ ମୋବାଇଲ୍ ନମ୍ବର ଓଟିପି ମାଧ୍ୟମରେ ସଠିକତା ଯାଞ୍ଚ କରାଯିବ। ଶତ ପ୍ରତିଶତ ଚାଷ ହୋଇଥିବା ଜମିର ଯାଞ୍ଚ୍ କ୍ଷେତ୍ର ସ୍ତରୀୟ ତଦନ୍ତ ଦ୍ୱାରା କରାଯିବ। ଚଳିତ ବର୍ଷ ରାଜ୍ୟର ୩୦ ଗୋଟି ଜିଲ୍ଲାରେ ସାଟେଲାଇଟ୍ ମାଧ୍ୟମରେ ଧାନଚାଷ ହୋଇଥିବା ଜମିର ସଠିକତା ଯାଞ୍ଚ୍ କରାଯିବ। ଯଦି ଭାଗଚାଷୀ ହୋଇଥାଆନ୍ତି ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ସହିତ ଜମି ମାଲିକଙ୍କର ଆଧାରକାର୍ଡ ନକଲ ଓ ମୋବାଇଲ୍ ନମ୍ବର ଦେବାକୁ ହେବ ବୋଲି ପ୍ରଶିକ୍ଷଣ ବେଳେ ପ୍ରଶିକ୍ଷକ ଜଣାଇଛନ୍ତି । କେଉଁ ସବୁ ତଥ୍ୟକୁ ଆଧାର କରି ଅନଲାଇନ୍ ପଞ୍ଜୀକରଣ ଗୁଡିକ ନିର୍ଭୁଲ ଓ ସଠିକ୍ ପଞ୍ଜୀକରଣ କରିବେ ସେ ସମ୍ପର୍କରେ ବୁଝାଇ ଦିଆଯାଇଛି । ଛତ୍ରପୁର ଏଆସିଏସ୍ ସୁକାନ୍ତ ପାଢୀ, ଭାରପ୍ରାପ୍ତ ଭଞ୍ଜନଗର ଅତିରିକ୍ତ ଯୋଗାଣ ଅଧିକାରୀ ଅସୀତ୍ ମହାନ୍ତି, ମିଶନ୍ ଶକ୍ତି ଜିଲ୍ଲା ଯୋଜନା ସଂଯୋଜକ ଶାସ୍ୱତ କୁମାର ସାହୁ, ବ୍ରହ୍ମପୁର ସବ୍ ଆସିଷ୍ଟାଣ୍ଟ ରେଜିଷ୍ଟ୍ରର୍ କୋ ଅପରେଟିଭ୍ ସୋସାଇଟି ପ୍ରମୋଦ ପଣ୍ଡା, କାର୍ଯ୍ୟ ସଂପାଦନ ସହଯୋଗୀ ପ୍ରଦୀପ କୁମାର ସାହୁ, ରତିକାନ୍ତ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।



## ରାଜନଗର ବ୍ଲକ ବରିଷ୍ଠ ନାଗରିକ ମଞ୍ଚର' ବୈଠକ



ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦରମହକୁମା ତହସିଲ କଲୋନୀ ପାର୍ଶ୍ୱ ମଞ୍ଚ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବସନ୍ତ କୁମାର ହାତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମଞ୍ଚ ପଞ୍ଜୀକରଣ ପାଇଁ ସଂପାଦକ ରମେଶଚନ୍ଦ୍ର ବିଶ୍ୱାଳ ଆବଶ୍ୟକୀୟ ନଥି ସଭ୍ୟମାନଙ୍କ ସ୍ୱାକ୍ଷର ପାଇଁ ଉପସ୍ଥାପିତ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗ ସଚେତନତା ଅଭାବରୁ କିପରି ହାତଛଡା ହେଉଛି ଓ ଏହି ଶ୍ରେଣୀର ନାଗରିକମାନେ କିଭଳି ହଇରାଣ ହରକତ ହେଉଛନ୍ତି, ସେ ସଂପର୍କରେ ସବିଶେଷ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ସଚେତନତା ନିମିତ୍ତ ଆଗାମୀ ଅଗଷ୍ଟ ମାସ ଦ୍ୱିତୀୟ କିମ୍ବା ପରବର୍ତ୍ତୀ ରବିବାର ଦିନ ମଞ୍ଚର ତହସିଲ କଲୋନୀ ପାର୍ଶ୍ୱ କାର୍ଯ୍ୟାଳୟ ଠାରେ ହେବାକୁ ସ୍ଥିର ହୋଇଥିଲା। ବହୁ ସଂଖ୍ୟାରେ ବରିଷ୍ଠ ନାଗରିକମାନେ କିପରି ଅଂଶ ଗ୍ରହଣ କରିବେ, ସେ ସଂପର୍କରେ ସମସ୍ତ ସଦସ୍ୟ ଯତ୍ନବାନ୍ ହେବାକୁ ନିରଞ୍ଜନ ଶତପଥୀ, ବିପ୍ର ଚରଣ ବେହେରା ଗଣେଶ୍ୱର ନାୟକ, ସୁକାନ୍ତ ବେହେରା, ଘନ ଶ୍ୟାମ, ଅର୍ଜୁନ ସ୍ୱାଇଁ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଆଜିର ବୈଠକରେ ପ୍ରାକ୍ତନ ପ୍ରଫେସର ସତ୍ୟବାଦୀ ଜେନା ଓ ପ୍ରାକ୍ତନ ଶିକ୍ଷକ ଯୋଗଦେଇ ମଞ୍ଚର ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।

## ରାଶିଫଳ

ବୁଧବାର, ୧୩ ଜୁଲାଇ ୨୦୨୨



**ମେଷ** - କୌଣସି ଅତୀତର ଯୋଜନାରେ ସଫଳ ହେବେ, ପାରିବାରିକ ପରିବେଷ ଭଲ ରହିବ, ପରିଶ୍ରମ ମୁତାବକ ଫଳ ମିଳିବ, କିନ୍ତୁ ମନ ବିଚଳିତ ରହିବ, କୌଣସି ପ୍ରକାରର ଆଶା ପୁରଣ ହେବ ଏବଂ କୌଣସି ସମସ୍ୟାରୁ ମୁକ୍ତି ମିଳିବା ସହିତ ଆତ୍ମବଳ ବଢିବ।



**ବୃଷ** - ଶୁଭଦିନ ରହିବ ତେଣୁ ଟଙ୍କପଇସାକୁ ନେଇ ଚିନ୍ତା କମିବ, ଲୋକସମ୍ପର୍କ ବଢିବ ଏବଂ କର୍ମକ୍ଷେତ୍ରରେ ଆଶାଜନକ ସ୍ଥିତି ରହିବ, ଶୁଭରେ ଶୁଭରେ ଦିନ କଟିବ, ଅଶାଜନକ ପରିବେଷ ପରିସ୍ଥିତି ରହିବ, ସୁଖଶାନ୍ତିରେ ସମୟ କଟିବ ମାତ୍ର ଅଯଥା ଖର୍ଚ୍ଚ ବଢିବ ତେଣୁ ମନ ବିଚଳିତ ରହିବ।



**ମିଥୁନ**- ଚାକିରି ହେଉ କିମ୍ବା ବ୍ୟବସାୟ କିଛି କିଛି ବାଧାବିଘ୍ନ ରହିବ, ପରିବାରରେ ଭୁଲବୁଝାବଣା ରହିବ, ମନ ଅସ୍ଥିର ରହିବ ତେଣୁ ସତର୍କ ରହିଥିବେ ଏବଂ ପରିଶ୍ରମ ମୁତାବକ ଫଳ ପାଇବେ ନାହିଁ ଓ ମନ ବିଚଳିତ ରହିବ, ନିଜର ବାକ୍ୟ ସାମ୍ନା ବ୍ୟକ୍ତିକୁ ଖରାପ ଲାଗିବ।



**କର୍କଟ** - ମାନ ସମ୍ମାନ, ଟଙ୍କାପଇସା କ୍ଷେତ୍ରରେ ଶୁଭଫଳ ମିଳିବ, କୌଣସି ପ୍ରକାର କର୍ମ ସମ୍ବନ୍ଧିୟ ଶୁଭ ଖବର ମିଳିବ, ଆୟ ମନମୁତାବକ ହେବ, କିଛି ଯୋଜନାରେ ସଫଳ ହେବେ ଚେଷ୍ଟା କାରି ରଖନ୍ତୁ ଓ ବିବାହଯୋଗ୍ୟ ପିଲାଙ୍କର ସମ୍ଭାବନା ଷ୍ଟୃଷ୍ଟି ହେବ, ସମସ୍ତ ଯୋଜନାରେ ସଫଳ ହେବେ।



**ସିଂହ** - କୌଣସି ଯୋଜନାରେ ସଫଳ ହେବେ, ପାରିବାରିକ ଶାନ୍ତି ମିଳିବ, ଅର୍ଥଚିନ୍ତା ଦୁର ହେବ ଏବଂ ମାନସିକ ଶାନ୍ତି ବଢିବ, ହନୁମାନଙ୍କ ନିମନ୍ତେ ଗୃହରେ ରାଶିତେଲର ଦ୍ୱୀପ ଦିଅନ୍ତୁ ଶୁଭଫଳ ପ୍ରାପ୍ତ ହେବ, ଯଥାସାଧ ଅର୍ଥ ପ୍ରାପ୍ତି ହେବ।



**କନ୍ୟା** - କର୍ମ ଏବଂ ଅର୍ଥ ଚିନ୍ତା ଦୁରହେବ, କର୍ମସ୍ଥଳରେ ଆଶାଜନକ ପରିସ୍ଥିତି ରହିବ, ଜାଗାବାଡି ଏବଂ ନୁତନ ଯାନବାହାନ କ୍ରୟ ନିମନ୍ତେ ସୁଯୋଗ ଷ୍ଟୃଷ୍ଟି ହେବ, ମନ ଏବଂ ସ୍ୱାସ୍ଥ୍ୟ ଦୁର୍ବଳ ରହିବ ଓ ଛାତ୍ରଛାତ୍ରୀଙ୍କର ପାଠପ୍ରତି ଆଗ୍ରହ କମ ରହିବ।



**ତୁଳା** - କୌଣସି ଚିନ୍ତା ମନକୁ ଦୁବଳ କରିଦେବ, ଆମିଷ ଖାଇବେ ନାହିଁ ଏବଂ ଲକ୍ଷ୍ମୀଙ୍କର ସ୍ତୁତି ପଢନ୍ତୁ କିମ୍ବା ଶୁଣନ୍ତୁ, ଆଜି ସମୟ ସାଥ ଦେବ ନାହିଁ ତେଣୁ ନିଜର ପ୍ରିୟ ଭଗବାନଙ୍କୁ ଦର୍ଶନକରି ଆଦାଖଣ୍ଡେ ପାଟିରେ ରଖି ଦିନ କାଟନ୍ତୁ, ମନର ଆଶା ପୁରଣ ହେବ ନାହିଁ।



**ବିଛା** - ଆଜି ଦିନଟି ଶୁଭରେ ଶୁଭରେ କଟିବ, ଆଶାଜନକ ସମସ୍ତ ପରିବେଷ ପରିସ୍ଥିତି ରହିବ, ଚାକିରିରେ ଶୁଭତ୍ୱ ଏବଂ ବ୍ୟବସାୟରେ ଲାଭ ବଢିବ, ପୁରୁଣା ରୋଗରୁ ଆଶ୍ୱସ୍ତି ମିଳିବ ଏବଂ ଚେଷ୍ଟା ଅନୁଯାୟୀ ଫଳ ମିଳିବ, ଆତ୍ମବଳ ଅଧିକ ରହିବ।



**ଧନୁ** - ଆଜି ଶୁଭ ଦିନ ରହିଛି ମନର ଆଶା ପୁରଣ ହେବ, ଚେଷ୍ଟା କରୁଥିବା କାମରେ ସଫଳ ହେବେ, ବନ୍ଧୁ ପରିଜନରେ ସାହାଯ୍ୟ ମିଳିବ, କୌଣସି ପ୍ରକାରର ଆଶା ପୁରଣ ହେବ ଏବଂ କୌଣସି ସମସ୍ୟାରୁ ମୁକ୍ତି ମିଳିବା ସହିତ ଆତ୍ମବଳ ବଢିବ।



**ମକର** - କୌଣସି ପ୍ରକାରର ଚେଷ୍ଟା କରୁଥିବା କାମ ହେଇଯିବ, ବକେୟା ଅର୍ଥ ଏବଂ ଅଟକିଥିବା କାମ ପ୍ରାପ୍ତ ହେବ କିନ୍ତୁ ଗଚ୍ଛିତ ଅର୍ଥବ୍ୟୟ ବଢିବ ଫଳରେ ମନ ଅଶାନ୍ତ ରହି ସଠିକ ନିଷ୍ପତି ନେଇ ନପାରି ମନ ଦୁଃଖ ହେବ, ଅନୁକୁଳ ସମୟ ରହିବ, ମନର ଆଶା ପୁରଣ ହେବ।



**କୁମ୍ଭ** - ମନର ଆଶା ପୁରଣ ହେବ ନାହିଁ ତେଣୁ ମାନସିକ ଅଶାନ୍ତି ବୃଦ୍ଧି ହେବ, ଆଜି ବାଧାବିଘ୍ନ ରହିବ ତେଣୁ କିଛି ଚାଉଳ, ପିଲାମନଙ୍କର ଭବିଷ୍ୟତର ପାଠପଢା ଏବଂ କର୍ମନିଯିକ୍ତିକୁ ନେଇ ଚିନ୍ତିତ ରହିବେ, ଯାନ୍ତ୍ରିକ ଜିନିଷ ଖରାପ ହୋଇ ଅଯଥା ଖର୍ଚ୍ଚାନ୍ତ ହେବେ।



**ମୀନ** - ପାରିବାରିକ ଏବଂ କାର୍ଯ୍ୟସ୍ଥଳ ପରିବେଷରେ ମନ ଆନନ୍ଦ ରହିବ, ପିଲାଙ୍କର ଚାକିରିର ସୁଯୋଗ ଆସିବ, କର୍ମ କ୍ଷେତ୍ର ସ୍ଥିତିରେ ସୁଧାର ଆସିବ, କୌଣସି କ୍ଷେତ୍ରରୁ ସହାୟତା ମିଳିବ, ପରିବାରରେ ଦାୟିତ୍ୱ ବୃଦ୍ଧି ହେବ,ପାରିବାରିକ ସମ୍ପର୍କରେ ଆନନ୍ଦ ମିଳିବ, କର୍ମଜୀବି ମହିଳା ଅଧିକ ଶୁଭଫଳ ପାଇବେ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ସ୍ଥାନୀୟ ଶ୍ରୀ ବଳଦେବଜୀଉ ମନ୍ଦିର ଛକଠାରେ ଆଜି ମହାପ୍ରଭୁଙ୍କ ନୀଳାଦ୍ରୀ ବିଜେ ଅବସରରେ ଭଜନ ସଂଧ୍ୟା ଉଦ୍‌ଘାଟନ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦୌରା ଜଜ୍ ଶରତ କୁମାର ଦେହୁରୀ ଓ ଉପଦେଷ୍ଟା ଅମରଜ୍ୟୋତି ସିଂହଦେଓ ପ୍ରଦୀପ ପ୍ରଜ୍ୱଳନ କରି ଭଜନ ସଂଧ୍ୟାକୁ ଉଦ୍‌ଘାଟନ କରିଥିଲେ । ଆଜିର ଭଜନ ସଂଧ୍ୟାରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଝାଲ୍, ମାନସୀ ପାଣିଗ୍ରାହୀ, ସୀମା ମହାପାତ୍ର, କୁମାର ଜାନୁ ପ୍ରମୁଖ ସୁମଧୁର ସଙ୍ଗୀତ ଗାନ କରି ସ୍ରୋତାମାନଙ୍କ ମନ ମୋହିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରକାଶ କୁମାର ପତି, ଉପସଭାପତି ରାଜେନ୍ଦ୍ର କୁମାର ମହାନ୍ତି, ସଂପାଦକ ସତ୍ୟରଞ୍ଜନ ଶତପଥୀ, ଯୁଗ୍ମ ସଂପାଦକ ନିରଞ୍ଜନ ସାମଲ, କୋଷାଧକ୍ଷ ଧାନ୍ ବାହାଦୂର ଗୁରୁମ୍ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟନିର୍ବାହୀ ସଦସ୍ୟ ଆଲୋକ ଚମ୍ପକ ସିଂହ, ଆଶିଷ କୁମାର ଜେନା, ପ୍ରଦ୍ୟୁମ୍ନ କୁମାର ପାଢି, ଜିତେନ୍ଦ୍ର ରାମ, ପ୍ରିତରଞ୍ଜନ ପତି, ଚିତରଞ୍ଜନ ସାହୁ, ପ୍ରଶାନ୍ତ କୁମାର ରାଉତ, ଟଙ୍କଧର ବେହେରା, ବିଜୟ କୁମାର ପାତ୍ର, ଦିଲ୍ଲିପ ଧଳସାମନ୍ତ, ସରୋଜ କୁମାର ମହାନ୍ତି, ଶଙ୍କଟ ଭଞ୍ଜନ ବେହେରା, ରମେଶ ଚନ୍ଦ୍ର ପତି, ବିଷ୍ଣୁ ଚରଣ ବେହେରା ଓ ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

## ଭୁବନେଶ୍ୱର, ଢେଙ୍କାନାଳରେ ୨୮ ପ୍ଲଟ୍ ଠାବ

ଭୁବନେଶ୍ୱର/ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ରାଜ୍ୟରୁ ଦୁର୍ନୀତିରୂପକ ଭୂତର ବିଲୋପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିରୋ ଟଲେରାନ୍ସ ନୀତି ଆପଣାଇବା ପାଇଁ ନିର୍ଦ୍ଦେଶ ଦେବା ପରେ ରାଜ୍ୟ ଭିଜିଲାନ୍ସ ବିଭାଗ ବେଶ୍ ସକ୍ରିୟ ହୋଇଉଠିଛି । ଏହିକ୍ରମରେ ପ୍ରତିଦିନ କେହି ନା କେହି ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଜେଲ୍ ଯାଉଥିବା ଦେଖିବାକୁ ମିଳୁଛି । ତେବେ ମଙ୍ଗଳବାର ସକାଳେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ଦେହୁରୀଙ୍କ ବାସଭବନରେ ଚଢ଼ଉ ଜାରି ରହିଛି । ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଛି । କେବଳ ଭୁବନେଶ୍ୱର ଓ ଢେଙ୍କାନାଳରେ ତାଙ୍କର ୨୮ଟି ପ୍ଲଟ୍ ରହିଛି ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୪୫ ଲକ୍ଷ ହେବ ବୋଲି ଆକଳନ କରାଯାଇଛି । ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ୭ଟି ଏବଂ ଢେଙ୍କାନାଳରେ ୨୧ଟି ପ୍ଲଟ୍ ଠାବ ହୋଇଛି । ସେହିପରି ତାଙ୍କ ଘରୁ ନଗଦ ୧ ଲକ୍ଷ ୫୮ ହଜାର ଟଙ୍କା ଜବତ କରାଯାଇଛି । ଏସବୁକୁ ଛାଡ଼ି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ୩ ମହଲା ବିଲ୍ଡିଂ, ଢେଙ୍କାନାଳ ଟାଉନ୍‌ରେ ୨ଟି ବିଲ୍ଡିଂ ଓ ଢେଙ୍କାନାଳ ମୋଟଙ୍ଗାରେ ଗୋଟିଏ ବିଲ୍ଡିଂ ମଧ୍ୟ ଠାବ ହୋଇଛି । ଏହାବାଦ୍ ତାଙ୍କର ୪୭ ଲକ୍ଷ ୬୫ ହଜାର ଟଙ୍କାର ବ୍ୟାଙ୍କ୍ ଓ ଇନ୍ସୁରାନ୍ସ ଡିପୋଜିଟ୍ ମିଳିଛି । ୧୧ ଲକ୍ଷ ଟଙ୍କାର ଗୋଟିଏ ୪ ଚକିଆ ଗାଡ଼ି ଓ ୨ଟି ୨ ଚକିଆ ଗାଡ଼ି ମଧ୍ୟ ଜବତ କରାଯାଇଛି । ଏହି ଚଢ଼ାଉରେ ୫ ଡିଏସ୍‌ପି ଓ ୧୨ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି । ଚଢ଼ାଉ ଶେଷ ହୋଇନଥିବାରୁ ସମ୍ପତ୍ତିର ପରିମାଣ ଅଧିକ ହେବ ବୋଲି ଭିଜିଲାନ୍ସ ବିଭାଗ ଆଶା କରୁଛି ।

### ନୂଆପଡ଼ା ଏଟିଏମ୍ ଗାଡ଼ିରୁ ୫୫ ଲକ୍ଷ ଟଙ୍କା ଲୁଟ୍ ଘଟଣା

# ଡ୍ରାଇଭର ଜୟରାମ ମାଝୀ ଗିରଫ

- ସହାୟତା କରିଥିବା ଅନ୍ୟ ୪ ଗିରଫ
- ଗିରଫଙ୍କ ମଧ୍ୟରେ ଜଣେ ମହିଳା
- ପୋଲିସର ପଚରାଉଚୁରା ଜାରି



ନୂଆପଡ଼ା (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ଏଟିଏମ ଗାଡ଼ିରେ ଟଙ୍କା ନେଇ ଡ୍ରାଇଭର ଜୟରାମ ମାଝୀ ଗିରଫ ହୋଇଛି । ନୂଆପଡା ପୋଲିସ ଅତି ଶୀଘ୍ର ଗିରଫ କରି ଚୋରି ହୋଇଥିବା ଟଙ୍କା ରୁ ୯୬% ପ୍ରତିଶତ ଅର୍ଥାତ୍ ୫୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ ଟଙ୍କା ଉଦ୍ଧାର କରିଛନ୍ତି । ଗତ ୬ ତାରିଖି ଦିନ ଏଟିଏମ ଟଙ୍କା ଭରିବା ଗାଡିରୁ ୫୭ ଲକ୍ଷ ଟଙ୍କା ନେଇ ଡ୍ରାଇଭର ଫେରାର ହୋଇଥିଲା । ଏହି ଘଟଣା ନେଇ ଖଡ଼ିଆଳ ସହ ନୂଆପଡା ପୋଲିସ ତନାଘନା ତଦନ୍ତ ଆରମ୍ଭ କରିଥିଲେ । ଏଟିଏମ ଟଙ୍କା ନେଉଥିବା ଗାଡିକୁ ଭରୁଆକାନି ଠାରେ ଛାଡି ଡ୍ରାଇଭର ଟଙ୍କା ନେଇ ଫେରାର ହୋଇଥିଲା । ସେଠାରୁ ଟଙ୍କା ବର୍ଷା ଜଳରେ ଭିଜି ଯିବା ନେଇ ଏକ ଛତା ପାଇଁ ପାଞ୍ଚଲକ୍ଷ ଟଙ୍କା ଦେଇଥିଲା । ପରେ ସାଇକେଲ ର ପଛ ପଟେ ଲିଫ୍ଟ ନେଇ ବଲାଙ୍ଗୀର ଜିଲ୍ଲା କନ୍ଦେଇ ଗ୍ରାମକୁ ଯାଇଥିଲା । ସେଠାରୁ ତାଙ୍କ ଭଉଣୀ ଘର କୋମନା ବ୍ଲକ ଛତା ପଟେଲପଡା ଗ୍ରାମକୁ ଯାଇଥିଲେ । ଅନ୍ୟପକ୍ଷରେ ସେ ବାରମ୍ବାର ଗାଡ଼ି ବଦଳାଉଥିବାରୁ ପୋଲିସ ଧରିବାରେ ସଫଳ ହୋଇପାରୁ ନଥିଲା । କେତେବେଳେ ସାଇକେଲ ତ ଆଉ କେତେବେଳେ ଅଟୋ ଓ କେତେବେଳେ ପୁଣି ବାଇକ୍ ଓ ଚାରିଚକିଆ ଗାଡ଼ିରେ ଯେ ଘୁରି ବୁଲୁଥିଲା । ନୂଆପଡା ପୋଲିସ ଚଢ଼ାଉ କରି ଅଭିଯୁକ୍ତ ଡ୍ରାଇଭର ଜୟରାମ ମାଝୀ ଙ୍କୁ ଧରିବାରେ ସଫଳ ହୋଇଥିଲେ । ଏହି ଘଟଣାରେ ସେ ଜଣେ ମାତ୍ର ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ଚୋରି ଟଙ୍କା ରଖିବାରେ ସହଯୋଗ କରିଥିବାରୁ ଅନ୍ୟ ଚାରି ଜଣ ଅଭିଯୁକ୍ତ ଙ୍କୁ ପୋଲିସ ଗିରଫ କରିଥିବା ଆଜି ଏସପି ନୂଆପଡା ପ୍ରତ୍ୟୁଷ ଦିବାକର ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗରମ ବଜାର...

ତେଲର ଦର ଆକାଶଛୁଆଁ ହେବା ସ୍ୱାଭାବିକ । କିନ୍ତୁ ଅନେକ ଦେଶ ଆପଣାର ଘରୋଇ ଉତ୍ପାଦନ ବୃଦ୍ଧି କରିଛନ୍ତି ବା ଆପଣା ଆବଶ୍ୟକତାକୁ କମ୍ କରି ଯୁଦ୍ଧ ପରି ସଙ୍କଟଜନକ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଭାରତରେ ତାହା ହୋଇପାରୁ ନାହିଁ । ପ୍ରାୟ ଦେଢ଼ଶହ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ଖାଉଟିମାନଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ଏହାସହିତ ଭାରତୀୟଙ୍କ ସୌଖୀନ କାରବାର ଓ ଜୀବନଚର୍ଯ୍ୟା ବି କିଛି କମ୍ ନୁହେଁ । ଏଣୁ ବଜାରରେ ଭାଉ ବଢ଼ିବା ସହଜ ହୋଇଯାଇଛି । ଏପରିସ୍ଥିତିରେ ନିଦାବିଷ୍ଟ ସରକାର ଆପଣା ଶୋଷଣକାରୀ ବ୍ୟବସ୍ଥାକୁ ଜାରି ରଖିଛି । ବଜାରରର ଦାଉ, ସରକାରୀ ଶୋଷଣ ନୀତି ଓ ଜନସାଧାରଣଙ୍କ ବେହିସାବୀ କାରବାର ଏସବୁର ସମାହାରରେ ସାଧାରଣ ଖଟିଖିଆ ଭାରତୀୟଙ୍କ ଜୀବନ ଡହଳ ବିକଳ ହେଉଛି । ଖାଇବା ତେଲରେ ସରକାରୀ ଖେଳରୁ ତା' ଦେହରୁ ଗମ୍‌ଗମ ହୋଇ ଝାଳ ବୋହିଯାଉଛି । ଭାରତ ପାମ୍ ତେଲ ମୁଖ୍ୟତଃ ଇଣ୍ଡୋନେସିଆ ଓ ମାଲେସିଆରୁ ଆମଦାନୀ କରିଥାଏ । ସେହିପରି ସୋୟାବିନ ତେଲ ମୁଖ୍ୟତଃ ଆର୍ଜେଣ୍ଟିନା ଓ ଜର୍ମାନୀରୁ ଏବଂ ସୂର୍ଯ୍ୟମୁଖୀ ତେଲ ମୁଖ୍ୟତଃ ରୁଷ ଓ ୟୁକ୍ରେନ୍‌ରୁ ଆମଦାନୀ କରିଥାଏ । ଯେତେବେଳେ ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଛି ସେତେବେଳେ ସୂର୍ଯ୍ୟମୁଖୀ ତେଲର ଦର ବଢ଼ିଯିବା ସ୍ୱାଭାବିକ କିନ୍ତୁ ଅନ୍ୟ ଖାଇବା ତେଲ ଯଥା ଘରୋଇ ସୋରିଷ, ବିଦେଶରୁ ଆମଦାନୀ ହେଉଥିବା ବାଦାମ, ବନସ୍ପତି, ସୋୟାବିନ୍ ଓ ପାମ୍ ତେଲର ଦର ବଢ଼ିବ କାହିଁକି ? ପ୍ରାୟ ୨ ବର୍ଷ ପୂର୍ବରୁ ବଜାରରେ ଖାଇବା ତେଲର ଦାମ୍ ଯେତିକି ଥିଲା ଏବେ ତାହା ୨ ଗୁଣ ମୂଲ୍ୟରେ ବିକ୍ରି ହେଉଛି । ୨୦୨୨ ଜାନୁୟାରୀ ୧ରେ ଦେଶର ରାଜଧାନୀରେ ବାଦାମତେଲ ଲିଟର ପାଇକାରୀ ଖୁଚୁରା ଦାମ୍ ଥିଲା ୧୯୨ ଟଙ୍କା । ୬ ମାସ ପରେ ଏହି ତେଲର ଦାମ ବଢ଼ି ୨୧୧ ଟଙ୍କା ହୋଇଛି । ଅର୍ଥାତ୍ ଲିଟର ପିଛା ୧୯ ଟଙ୍କା ବୃଦ୍ଧି ପାଇଛି । ସେହିପରି ବନସ୍ପତି ତେଲ ୬ ମାସ ତଳେ ଲିଟର ପିଛା ୧୪୮ ଟଙ୍କା ଥିଲାବେଳେ ଏବେ ତାହା ୧୭୮ ଟଙ୍କା ହୋଇଛି । ଅର୍ଥାତ୍ ଲିଟରରେ ୩୦ ଟଙ୍କା ବଢ଼ିଛି । ସୋୟାବିନ ତେଲ ଲିଟର ୧୫୩ ଟଙ୍କା ରହିଥିବାବେଳେ ଏବେ ଏହା ୧୨ ଟଙ୍କା ବୃଦ୍ଧି ପାଇ ୧୬୫ ଟଙ୍କା ହୋଇଛି । ସୂର୍ଯ୍ୟମୁଖୀ ତେଲ ୬ ମାସ ତଳେ ୧୮୪ ଟଙ୍କା ଥିବାବେଳେ ତାହା ଏବେ ୨୭ ଟଙ୍କା ବଢ଼ି ୨୧୧ ଟଙ୍କା ହୋଇଛି । ପାମ୍ ତେଲ ଯାହା ୬ ମାସ ପୂର୍ବରୁ ଲିଟର ୧୩୧ ଟଙ୍କାରେ ବିକ୍ରି ହେଉଥିଲା ତାହା ଏବେ ୨୧ ଟଙ୍କା ବଢ଼ି ୧୫୨ ଟଙ୍କା ହୋଇଛି । ସୋରିଷ ତେଲ ଲିଟର ୬ ମାସ ତଳେ ୨୦୧ ଟଙ୍କା ରହିଥିବାବେଳେ ଏବେ ୧୫ ଟଙ୍କା ହ୍ରାସ ପାଇ ୧୮୬ ଟଙ୍କାରେ ବିକ୍ରି ହେଉଛି । କେନ୍ଦ୍ର ସରକାର କେବଳ ସୋରିଷ ତେଲ ଉପରେ ୧୦ ଟଙ୍କା ପ୍ରତି ଲିଟର ମୂଲ୍ୟ କମ୍ କରିବାକୁ କମ୍ପାନୀମାନଙ୍କୁ କହିବାରୁ ଏହି ମୂଲ୍ୟ ହ୍ରାସ ହୋଇଛି । ମାତ୍ର ଅନ୍ୟ ତେଲ ମୂଲ୍ୟରେ ହ୍ରାସ କରାଗଲା ନାହିଁ କାହିଁକି ? ବିଶ୍ୱ ବଜାରରୁ ସର୍ବାଧିକ ଖାଇବା ତେଲ ଭାରତ ଆମଦାନୀ କରିଥାଏ । ୨୦୨୧-୨୨ କାରବାର ବର୍ଷରେ ଭାରତ ବିଶ୍ୱ ବଜାରରୁ ୧୨.୯ ମିଲିୟନ ଟନ୍ ଖାଇବା ତେଲ ଆମଦାନୀ କରିଛି । ଏହା ପୂର୍ବ କାରବାର ବର୍ଷରେ ଭାରତ ୧୩.୧୩ ମିଲିୟନଟ୍ ଟନ୍ ଖାଇବା ତେଲ ଆମଦାନୀ କରିଥିଲା । ଦେଶରେ ଘରୋଇ ଉତ୍ପାଦନ ୧.୫ ମିଲିୟନ ଟନ୍ ହୋଇଥିବାରୁ ବିଦେଶୀ ଆମଦାନୀ କମ୍ ହୋଇଛି । ମାତ୍ର ବିଗତ ୨୦ ବର୍ଷରେ ଭାରତର ଖାଇବା ତେଲ ବଜାର ଯଥେଷ୍ଟ ବଢ଼ିଯାଇଛି । ୨୦ ବର୍ଷ ପୂର୍ବେ ଭାରତରେ ବର୍ଷକୁ ୪ ମିଲିୟନ ଟନ୍ ଖାଇବା ତେଲ ଖର୍ଚ୍ଚ ହେଉଥିଲା । ଏବେ ଏହା ବଢ଼ି ବାର୍ଷିକ ୧୫ ମିଲିୟନ୍ ଟନ୍ ହୋଇଛି । କିନ୍ତୁ ଆବଶ୍ୟକତା ଆଧାରରେ ଦେଶୀୟ ଘରୋଇ ଉତ୍ପାଦନ ବୃଦ୍ଧି ପାଉନାହିଁ । ୨୦୨୧-୨୨ କାରବାର ବର୍ଷର ପ୍ରଥମ ୬ ମାସରେ ଖାଇବା ତେଲର ଆମଦାନୀ ୫.୬୪ ମିଲିୟନ ଟନ୍ ହୋଇଛି, ଯାହା ପୂର୍ବ କାରବାର ବର୍ଷର ଆମଦାନୀ ଠାରୁ ୪.୩% ଅଧିକ । ରୋଷେଇ ଘରେ କଡ଼େଇରେ ଭଜା ଟିକକ ପାଇଁ ଖାଇବା ତେଲ ଠିପିଏ ଲୋଡ଼ା । ଏଥିପାଇଁ ଯେତେବେଳେ ପଡ଼ିଶା ଘରକୁ, ବିଦେଶକୁ ଯିବାକୁ ପଡୁଛି ସେତେବେଳେ ଦେହରୁ ଗମ୍‌ଗମ୍ ହୋଇ ସରମ ଝାଳ ନ ବୋହିବ କିପରି ?

### ନୀଳକନ୍ଦରରେ...

ପରେ ରଥରେ ଚାରମାଳ ବନ୍ଧା ଯାଇଥିଲା ଓ ସିଂହାସନ ମାର୍ଜଣା କରାଯାଇଥିଲା । ଏହାପରେ ଚତୁର୍ଦ୍ଧା ବିଗ୍ରହଙ୍କ ଭବ୍ୟ ପହଣ୍ଡି ଆରମ୍ଭ ହୋଇଥିଲା । ଗୋଟି ପହଣ୍ଡିରେ ଶ୍ରୀଜୀଉମାନେ ରତ୍ନ ସିଂହାସନକୁ ବାହୁଡ଼ି ଯାଇଥିଲେ । ତେବେ ରଥଯାତ୍ରା ଦିନ ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ବଡ଼ଦାଣ୍ଡ ଓ ଶରଧାବାଲିରେ ଭକ୍ତ ଓ ଭଗବାନଙ୍କର ମହାମିଳନ ହୋଇଥିଲା । ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରି ଭକ୍ତ ତାଙ୍କ ସାନ୍ନିଧ ଲାଭ କରିଥିଲେ । ଏଥିପୂର୍ବରୁ ସୋମବାର ଶ୍ରୀଜୀଉଙ୍କ ଅଧରପଣା ନୀତି ସମାପନ ହୋଇଥିଲା । ମଧାହ୍ନ ଧୂପ ସମାପନ ପରେ ପୂଜାପଣ୍ଡାମାନେ ପଞ୍ଚୋପଚାରରେ ପଣାପୂଜା କରିଥିଲେ ଓ ପରେ ରଥ ଉପରେ ପଣାହାଣ୍ଡି ଭଙ୍ଗା ଯାଇଥିଲା । ତେବେ ଏସବୁ ଭିତରେ ରଥ ଉପରେ କାହାକୁ ଚଢ଼ିବାକୁ ଅନୁମତି ନଥିଲାବେଳେ ନନ୍ଦିଘୋଷ ରଥରେ ଜଣେ ଅଣସେବାୟତଙ୍କୁ ଦେଖିବାକୁ ମିଳିଥିଲା । ସେ ସାଧୁ ବେଶରେ ରଥରେ ଚଢ଼ିଥିଲେ । ତେବେ ଆଶ୍ଚର୍ଯ୍ୟର କଥା ନନ୍ଦିଘୋଷରେ ଥିବା ସେବାୟତମାନେ ତାଙ୍କୁ କୋଳାଗ୍ରତ କରି ପ୍ରଣାମ କରିଥିଲେ । ଏହି ବ୍ୟକ୍ତି ଜଣକ ରଥ ଉପରେ ଚଢ଼ି ଅବାଧରେ ବୁଲୁଥିବା ଦେଖିବାକୁ ମିଳିଥିଲା । ତେବେ ଏହି ବ୍ୟକ୍ତି ଜଣକ କିଏ ସେନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚଳିତ ବର୍ଷର ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାବେଳେ ଏନେଇ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ୨ ବର୍ଷ ପରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଘଟିଥିବାରୁ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ତେବେ କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇନଥିଲା । ପୋଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

### କାର୍ ଧକ୍କାରେ...

ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା । ମୃତକମାନେ ହେଲେ ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ୍ ରାଘବପାଲି ଗ୍ରାମର ଗୁଆବତୀ ଜାଇ, ସତ୍ୟ ପ୍ରଧାନ ଓ ପ୍ରାଣନାଥ ବିଶ୍ୱାଳ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ଦୁର୍ଘଟଣା ଘଟିଲା ତେବେ ଇନ୍ସପେକ୍ଟର କାହିଁକି ଫେରାର ହୋଇଯାଇଥିଲେ ? ଯଦି ସେ ଗାଡ଼ି ଚଳାଉନଥିଲେ ତେବେ ସେ ଏତେ ଭୟ କାହିଁକି କଲେ ? ସେ ଡ୍ରାଇଭରଙ୍କୁ ସାଥୀରେ ନେଇ ଫେରାର ହୋଇଯାଇଛନ୍ତି କି ? ଯଦି ଗାଡ଼ିରୁ ପୋଲିସ ପୋଷାକ ମିଳିନଥାନ୍ତା ତେବେ ସ୍ନିଗ୍ଧାରାଣୀଙ୍କ ସମ୍ପର୍କରେ ଜଣାପଡ଼ିଥାନ୍ତା କି ? ପୁରୀରୁ ଫେରିଥିବାରୁ ଗାଡ଼ି ଚଳାଇବାବେଳେ ଡ୍ରାଇଭରର ଆଖି ଲାଗିଯାଇଥିଲା କି ? ଏପରି ଅନେକ ପ୍ରଶ୍ନ ସୃଷ୍ଟି ହେଉଛି । ପୋଲିସ ୩ ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଖବରପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତ୍ୟେକ ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୨ ଲକ୍ଷ ଟଙ୍କା ସହାୟତା ରାଶି ତୁରନ୍ତ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି । ଏଥିସହ ଆହତମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମଧ୍ୟ ଘୋଷଣା କରିଛନ୍ତି ।

### ୨ ଦିନ ପ୍ରବଳ...

ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଅଧିକାଂଶ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ମଧ୍ୟ ସମ୍ଭାବନା ରହିଛି । ଆଗକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପର ସମ୍ଭାବନା ଦେଖାଦେଇଛି । ଏହା ଅଧିକ ଘନୀଭୂତ ହୋଇ ୧୪ ତାରିଖରେ ଅବପାତରେ ପରିଣତ ହେବା ସମ୍ଭାବନା ଦେଖାଦେଇଛି । ଫଳରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଅନ୍ୟପକ୍ଷରେ ରାଜ୍ୟରେ ଜୁନ୍ ୧ରୁ ବର୍ତ୍ତମାନ ସୁଦ୍ଧା ୧୫% କମ୍ ବର୍ଷା ରେକର୍ଡ କରାଯାଇଛି । ୧୮ ଜିଲ୍ଲାରେ ସ୍ୱାଭାବିକ ଠାରୁ କମ୍ ଓ ୧୧ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି ।

### ରାଗିଂ ନେଇ...

ଜାଣିବାକୁ ଏହାକୁ ସିଙ୍ଗାପୁର ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି । ସେହିପରି ରାଗିଂ ହୋଇଥିବା ନେଇ କୌଣସି ଛାତ୍ରୀ ସ୍ୱୀକାର କରିନାହାନ୍ତି । ଏପରିକି ତଦନ୍ତବେଳେ ମଧ୍ୟ କୌଣସି ପ୍ରମାଣ ମିଳିନାହିଁ । ଛାତ୍ରୀଙ୍କ ଉପରେ ଯେପରି ଚାପ ନପଡ଼େ ସେନେଇ ଗୁରୁତ୍ୱ ଦିଆଯିବା ସହ ନିର୍ଭୟରେ ତଥ୍ୟ ଯୋଗାଇ ଦେବାପାଇଁ ସେମାନଙ୍କୁ କୁହାଯାଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର ନମ୍ବର ମଧ୍ୟ ପୋଲିସ ପକ୍ଷରୁ ଜାରି କରାଯାଇଛି ତଥା ସାଇବର ଏକ୍ସପର୍ଟଙ୍କ ସହଯୋଗ ମଧ୍ୟ ନିଆଯାଇଛି । ଖୁବ୍ ଶୀଘ୍ର କିଛି ତଥ୍ୟ ମିଳିବ ବୋଲି ଆଶା କରାଯାଉଥିବା ଡିସିପି କହିଛନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ଆତ୍ମହତ୍ୟା କରିଥିବା ରୁଚିକା ପୂର୍ବରୁ ଏକ ସୁଇସାଇଡ୍ ନୋଟ୍ ଛାଡ଼ି ଯାଇଥିଲେ ଯେଉଁଥିରେ ସେ ରାଗିଂ କଥା ଉଲ୍ଲେଖ କରିଥିଲେ । ୩ ଜଣ ସିନିୟର ଛାତ୍ରୀ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ସୁଇସାଇଡ୍ ନୋଟ୍‌ରେ ଲେଖିଥିଲେ । ତେବେ ସେହି ୩ ଜଣ ଛାତ୍ରୀଙ୍କ ନାମ ସେ ଉଲ୍ଲେଖ କରିନଥିଲେ । ତେବେ ଏସବୁ ଭିତରେ ବି ପୋଲିସ ତଦନ୍ତ ଜାରି ରଖିବା ସହ ସେହି ସିନିୟରଙ୍କ ସନ୍ଧାନରେ ରହିଛି ବୋଲି ଡିସିପି କହିଥିଲେ । ସୂଚନାଯୋଗ୍ୟ ଯେ, ନ୍ୟାୟ ପାଇବା ପାଇଁ ରୁଚିକାଙ୍କ ମା' ବିଜେବି କଲେଜ ସମ୍ମୁଖରେ ବସିଥିବାବେଳେ ସୋମବାର ପୋଲିସ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ଉଠାଇ ନେଇଥିଲା ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି ।

### ଆଜିଠୁ ବିଧାନସଭା...

ସରକାରୀ ଦଳ ମୁଖ୍ୟ ସଚେତକ କହିଛନ୍ତି ଯେ, ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନର ମୁଖ୍ୟ ପର୍ଯ୍ୟାୟ ବିଭାଗୱାରୀ ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ । ପୂର୍ବରୁ ଯାହା କାର୍ଯ୍ୟକ୍ରମ ସ୍ଥିର ହୋଇଛି ସେହି ଅନୁସାରେ ସବୁ କାର୍ଯ୍ୟକ୍ରମ ଚାଲିବ । ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟ ସଚେତକ କହିଛନ୍ତି । ଏପରିକି ବିରୋଧୀ ଦଳ ମୁଲତବୀ ପ୍ରସ୍ତାବ ଆଣିଲେ ମଧ୍ୟ ଆଲୋଚନା କରାଯିବ ବୋଲି ସେ କହିଛନ୍ତି ।

### ଟ୍ରକ୍‌କୁ ପିଟିଲା...

ସ୍ଥାନୀୟ ଲୋକ ଓ ପୋଲିସ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଏହି ବସ୍‌ଟିରେ ୪୦ରୁ ଅଧିକ ଯାତ୍ରୀ ରହିଥିଲେ । ବସ୍‌ର ସମ୍ମୁଖ ଅଂଶଟି ଦୁର୍ଘଟଣାରେ ନଷ୍ଟ ହୋଇଯାଇଛି । ପୋଲିସ ବସ୍‌ଟିକୁ ଜବତ କରି ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ତେବେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରଙ୍କ କିଛି କ୍ଷୟକ୍ଷତି ହୋଇନାହିଁ । ପୋଲିସ ତଦନ୍ତ ଚଳାଇଛି ।

### ଧସିଲା ପାହାଡ଼, ଭାଙ୍ଗିଲା ଘର

## ଗାଁ ଛାଡ଼ି ପଳାଇଲେ ଗ୍ରାମବାସୀ

ମୋହନା (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍‌ର ନୂଆପଲ୍ଲୀ ଗାଁରେ ଲଗାଣ ବର୍ଷା ଯୋଗୁଁ ପାହାଡ଼ ଧସି ପଡ଼ିବା ଫଳରେ ୫ଟି ଘର ନଷ୍ଟ ହୋଇଛି । ଏହି ଘରଗୁଡ଼ିକ ପଥର ଓ କାଦୁଅରେ ପୋତି ହୋଇଯାଇଛି । ଏପରିକି ଜଣଙ୍କ ଘର ବର୍ଷାପାଣିରେ ଭାସି ଯାଇଛି । ଫଳରେ ଗ୍ରାମବାସୀ ଭୟଭୀତ ହୋଇ ଗାଁ ଛାଡ଼ି ପଳାଇ ଯାଇଛନ୍ତି । ଖବର ପାଇବା ପରେ ବ୍ଲକ୍ ପ୍ରଶାସନ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଅନ୍ୟ ଲୋକମାନଙ୍କୁ ସ୍କୁଲ୍ ଘର ଓ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ରିଲିଫର ମଧ୍ୟ ବନ୍ଦୋବସ୍ତ କରାଯାଇଛି । ଲୋକମାନଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି ।

## ସଂଜୟ ସମବାୟ ସମିତି ସଭାପତି



ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନିଶିମଳା ସ୍ଥିତ ପଲ୍ଲିମଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ସଂଜୟ କୁମାର ସ୍ୱାଇଁ ଆଜି ୨ୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସଭାପତି ପଦ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲ ସମୟରେ ଅନ୍ୟ କୌଣସି ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ ନକରିବାରୁ ତାଙ୍କୁ ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ଘୋଷଣା କରାଗଲା । ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ଲେଙ୍କା, ସମ୍ପାଦକ ନରେନ୍ଦ୍ର କୁମାର ନାୟକ ଆଜିର ନିର୍ବାଚନକୁ ପରିଚାଳନା କରୁଥିଲେ । ବିଜୟ ଘୋଷଣା ପରେ ଶ୍ରୀ ସ୍ୱାଇଁ ପଲ୍ଲିମଙ୍ଗଳ ସେବା ସମବାୟ ସମିତିକୁ ସ୍ୱଚ୍ଛ ଓ କ୍ରିୟାଶୀଳ କରିବା ସହିତ କୃଷି, କୃଷକ ଓ କୃଷି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବାକୁ ନିଜର ପ୍ରାଥମିକତା ଦେବେ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ସ୍ୱାଇଁ କହିଛନ୍ତି । ନବ ନିର୍ବାଚିତ ସଭାପତିଙ୍କୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବଡ଼ଚଣା ବ୍ଲକ୍ ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡ଼ି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡ଼ି ସଭାପତି ଯତିନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଆମ୍ବାର ଅଧକ୍ଷ ନିରଂଜନ ସେନାପତି, ସରପଞ୍ଚ ନବଦ୍ୱୀପ ନାୟକ, ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ନାୟକ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ବିଜୟୀ ଘୋଷଣା ପରେ ଶ୍ରୀ ସ୍ୱାଇଁଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କୁ ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟ ନିଆଯାଇଥିଲା । ସେଠାରେ ପ୍ରିୟବ୍ରତ ଖିଲାର, ପ୍ରକାଶ ରାଉତ, ସୁନିଲ କୁମାର ଜେନା, ଅଟଳ କୁମାର ଜେନା, ଯିତେନ୍ଦ୍ର କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ଜେନା, ମସିର ଆଲାମ୍, କିଶୋର ଜେନା, ଅମର ଜ୍ୟୋତି ଜେନା, ଶୁଭେନ୍ଦୁ ଦାସ ପ୍ରମୁଖ ସଭାପତି ସଂଜୟ ସ୍ୱାଇଁ ଓ ଅନ୍ୟ ୧୦ ଜଣ ନିର୍ବାଚିତ ଯୋନର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## କଙ୍ଗାରୁ କୋର୍ଟର ଶିକାର ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ



ରଣପୁର, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ କଙ୍ଗାରୁ କୋର୍ଟର ଶିକାର ହୋଇ ଅନେକ ପରିବାର ଦୁର୍ଦ୍ଦଶା ଭୋଗୁଥିବା ବେଳେ ସରକାର ସଚେତନତା ସୃଷ୍ଟି କରିଚାଲିଛନ୍ତି । ଯେତେ ଜନସଚେତନତା ହେଲେ ମଧ୍ୟ ଏବେବି କଙ୍ଗାରୁ କୋର୍ଟ ଚାଲିଛି । ସେଭଳି ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ରଣପୁର ଥାନା ବ୍ରଜରାଜପୁର ଗ୍ରାମ ପଞ୍ଚାୟତ ବାଙ୍କପୁର ଗ୍ରାମରେ । ଏ ନେଇ ବାଙ୍କପୁର ଗ୍ରାମର ବିଜିନ୍ କୁମାର ରାୟ ରଣପୁର ତହସିଲଦାର , ରଣପୁର ଥାନା , ନୟାଗଡ ଉପ ଜିଲ୍ଲାପାଳ ଓ ନୟାଗଡ ଆରକ୍ଷୀ ଅଧିକ୍ଷକ ଙ୍କୁ ଜଣାଇବା ରେ କୌଣସି ସୁଫଳ ନପାଇବାରୁ ଓଡିଶାର ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ଅନୁଯାଇ କଙ୍ଗାରୁ କୋର୍ଟ ଦ୍ୱାରା ବିଜିନ୍ କୁମାର ରାୟ ବାଙ୍କପୁର ଗ୍ରାମରେ ସାମାଜିକ ବାଛନ୍ଦର ଶିକାର ହେବା ସହ ତାଙ୍କ ଘର ଦ୍ୱାର ଆଗରେ ବେଆଇନ ଭାବେ ଠାକୁର ଘର ନିର୍ମାଣ କରାଯାଉଛି । ତାଙ୍କ ପରିବାର ସହ ଯିଏ ସମ୍ପର୍କ ରଖିବ ୧୦ ହଜାର ଟଙ୍କା ଜୋରିମାନା କଙ୍ଗାରୁ କୋର୍ଟ ଆଦାୟ କରୁଛି । ତାଙ୍କ ଘରକୁ ଖିର ଯୋଗଉଥିବା ରଙ୍ଗ ଦେଇ କଙ୍ଗାରୁ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛି । ଏପରିକି ଗାଁ ଦୋକାନ ରୁ ସୌଦା ନଦେବା ପାଇଁ ବାଧ୍ୟ କରାଯାଉଛି । କଙ୍ଗାରୁ କୋର୍ଟର ଏହି ନିଷ୍ପତି କୁ ପ୍ରତିବାଦ କରିବାରୁ ଗ୍ରାମର ଜତିନ୍ କୁମାର ପଟ୍ଟନାୟକ , ନେପାଳ ଜାନି ମଧ୍ୟ କଙ୍ଗାରୁ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଥିବା ବଜନ୍ କୁମାର ରାୟ ଲିଖିତ ଅଭିଯୋଗ କରିଛନ୍ତି । ଏପରିକି ବେଆଇନ ନିର୍ମାଣ କାର୍ଯ୍ୟ କରୁଥିବା ରାଜମିସ୍ତ୍ରୀ ମଧ୍ୟ ଧମକ ଦେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କେ ରଣପୁର ଥାନା ନିରୀକ୍ଷକ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ କଙ୍ଗାରୁ କୋର୍ଟ ଚାଲିଥିବା ଘଟଣାକୁ ଅସ୍ୱୀକାର କରିଥିଲେ । କହିଥିଲେ ଯେ ବିଜିନ୍ କୁମାର ରାୟ ଙ୍କ ଘର ଆଗରେ ବେଆଇନ୍ ନିର୍ମାଣ କାର୍ଯ୍ୟ ନେଇ ଅଭିଯୋଗ ହୋଇଥିଲା । ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ମାନଙ୍କୁ ଆଇନ ଅନୁଯାଇ ନୋଟିସ ପ୍ରଦାନ କରିଛି । ବାଙ୍କପୁର ରେ ଚାଲିଥିବା କଙ୍ଗାରୁ କୋର୍ଟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଧରାପଡ଼ିଲେ ୩ ଆନ୍ତଃଜିଲ୍ଲା ଡକାୟତ

ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳୀରେ ଘରୋଇ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଦୁର୍ବୃତ୍ତ ଟଙ୍କା ଲୁଟିନେବା ବେଳେ ମାଡି ବସିଲା ନିଆଳୀ ପୋଲିସ୍ । ଉକ୍ତ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଟଙ୍କା ନେଇ ଜଲାରପୁର ନିଆଳୀ ରାସ୍ତାରେ ଆସୁଥିବା ବେଳେ ଓ୍ୱାଉପଲ୍ଲି ଗ୍ରାମ ନିକଟରେ ୩ ଅପରାଧି ମାରଣାସ୍ତ୍ର ଦେଖାଇ ଲୁଟ୍ ପାଇଁ ଚେଷ୍ଟା କରିଥିଲେ । ତେବେ ବିଶେଷ ସୁତ୍ରରୁ ନିଆଳୀ ପୋଲିସ୍ ଖବରପାଇ ୩ଜଣଙ୍କୁ କାବୁ କରିବା ସହିତ ଗିରଫ କରିଛି । ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ଅନ୍ତର୍ଜିଲ୍ଲାର ହୋଇଥିବା ବେଳେ ଜଣେ ନିଆଳୀ ଥାନା ଜଲ୍ଲାରପୁର ଅଞ୍ଚଳର ବୋଲି ଜଣା ପଡିଛି । ଏହି ୩ ଅଭିଯୁକ୍ତ ହେଉଛନ୍ତି ଶୁସାନ୍ତ ନାୟକ, ଚତୁର୍ଭୂଜ ବାରିକ, ବିଷ୍ଣୁ ଚରଣ ପରିଡା ଏମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଡକାୟତି ଓ ରାହାଜାନୀ ଭଳି ମାମଲା ରହିଛି । ଏମାନଙ୍କ ନିକଟରୁ ୩ଟି ମୋବାଇଲ, ନଗଦ ୩୦ ହଜାର ଟଙ୍କା ଓ ଏକ ସ୍କୁଟି ଜବତ କରିବା ସହିତ କଟୁରୀ, ଭୁଜାଲି ଆଦି ଜବତ କରାଯାଇଥିଲା ।


**CHANGE OF SURNAME**

By virtue of an affidavit sworn before Executive Magistrate, Nimapara on dt. 08.07.2022, I have changed my surname from Nayak to Mishra and since then I am known and called as Subarna Jayanti Mishra, W/o- Sai Kalyan Mishra, Village- Nuharakiri, Po/Ps.- Nimapara, Dist- Puri for all purposes.



**OFFICE OF MUNICIPAL COUNCIL,SUNABEDA**
**E-PROCUREMENT NOTICE** C-746

NO. 5514 / DATE 11.07.2022 /

Bid-Identification No. M.C-SBD-02/2022-23

Total No of works–22 Nos.
Tender Value: Rs.3,79,430/- to Rs.23,00,000/-
Available Period: Dt.16.07.2022, 11.00AM to Dt-26.07.2022, 5.00P.M
Tender Opening date:-29.07.2022 at 11.00 A.M
Bidders are requested to participate in advance with their Class-D . C & B Class DSC before the closing date.
Further details please visit : https://www.tendersorissa.gov.in.

Sd/- Executive Officer
Sunabeda Municipality
OIPR 13076/11/0007/2223



**OFFICE OF PANCHAYAT SAMITI; SADAR, KEONJHAR** i-63
BID IDENTIFICATION No: TCN No - 03/Sadar/ 2022-23
No 2532 /DEV / Dtd. ...11/07/2022

The Block Development Officer, Sadar, Keonjhar invites sealed Percentage Rate tenders in single cover system on behalf of Governer of Odisha for the construction of works as detailed as cited in the web potal, from registered and eligible class of civil contractor of the state PWD/ (R&B)/ Water Resources/Rural Works/MI/CPWD for the following works eventually to be drawn up in the P.W.D P-1 Agreement form in conformity with the Detailed Tender Call Notice for "Construction of Art & Craft room at Athapalli High School,Haladharpur" and "Construction of ACR and Toilet at Manoj Manjari Sishubhawan, Municipality" issued vide letter No. /dt. 11-07--2022 at Tender value of Rs. 9,34,701/- and Rs9,26,918/-

The tender papers(including Tender call Notice,Approved Tender Schedule & DTCN) will be available in the official web site http//:www.kendujhar.nic.in from Dt 12-07–2022 to 26-07-2022 upto 5.00PM and can be downloaded from the website.

Bids shall be received by this Agency up to 5.00 PM on date 26-07-2022 through Registered Post/ Speed Post only. The authority will not be held responsible for any Postal delay in delivering of the Bid documents or non-receipt of the same.

The Bid will be opened on Dt 27-07-2022 at 11.00 A.M. in the office of the undersigned in the presence of the members of the District Level Tender/ Purchase Committee and the bidders or their authorised representative. If the office happens to be closed on the date of receipt / opening of the bids as specified, above will be received / opened on the next working day at the same time and venue.

Sd/- Block Development Officer,
Sadar, Keonjhar
OIPR 19123/11/0007/2223



**GOVERNMENT OF ODISHA, "e "- PROCUREMENT NOTICE**
Bid Identification No. S.E. GTN(R&B) - 07/2022-23
E-mail address- eeghatagaon2015@gmail.com B-359

Letter No. 3598 dt. 07.07.2022

1. The Superintending Engineer, Ghatagaon (R&B) Division on behalf of Governor of Odisha invites percentage rate Bids in Single cover system in online mode from the Authorized dealer / Manufactures for procurement of electrical goods as mentioned below.
2. Nature of the work: - Electrical Works
3. Numbers of work - 02 (Two) Nos.
4. Estimated cost: - Rs.20.68 Lakhs – 24.64Lakhs(Approx.)
5. Period of completion - 15 (Fifteen) Days.
6. Date & Time of availability of bid document in the portal- From 11.30 A.M of dt.15.07.2022 to 05.00 P.M of dt.25.07.2022
7. Last Date/ Time for receipt of bids in the portal - 05.00 P.M of dt.25.07.2022
8. Date of opening of Bid - 11.00 A.M of dt.26.07.2022
9. Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the same website only.

Sd/- D.K. Rout,dt.07.07.2022
Superintending Engineer
Ghatagaon(R&B) Division
OIPR 34140/11/0007/2223



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୨୬୧୯୬/ଭୁ.ଉ.କ., ଭୁବନେଶ୍ୱର ତା ୦୭.୦୭.୨୦୨୨ ରିଖ
KNL-678/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା- ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ- K-4-1407 କୁ ପଦ୍ମଜା ପାଢୀ, ସ୍ୱାମୀ- ବିପିନ କୁମାର ପାଢୀ, ଗ୍ରାମ-ମଙ୍ଗରାଜପୁର, ପୋଅ/ଥାନା-ବାଣପୁର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ପଦ୍ମଜା ପାଢୀ ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଭଜକ୍ରିଷ୍ଣ ସାହୁ, ପିତା- ସ୍ୱର୍ଗତଃ ଖଲି ସାହୁ, ଗ୍ରାମ-ଯୋଡ଼ାସାହି, ପୋଅ- ସିଙ୍ଗାରପଲ୍ଲୀ, ଥାନା- ଓଡ଼ଗାଁ, ଜିଲ୍ଲା-ନୟାଗଡ଼, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଏଣୁ ଉକ୍ତ ପ୍ଲଟ୍‌ର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-1096 OIPR 13033/11/0171/2223



ଭୁବନ, (ଭାସ୍କର ନ୍ୟୁଜ୍): ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ଭୁବନରେ ବିପୁଳ ଉତ୍ସାହ ଉଦ୍ଦୀପନାର ସହ ମହାପ୍ରଭୁ ଶ୍ରୀଜଗନ୍ନାଥ,ବଡଠାକୁର ବଳଭଦ୍ର,ଦେବୀ ସୁଭଦ୍ରା ଙ୍କ ସୁନା ବେଶ ଅନୁଷ୍ଠିତ ହୋଇଯାଇଛି । ସଂଧ୍ୟା ସମୟରୁ ସେବାୟତ ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁନା ବେଶ ରାତି ୮ ଘଟିକା ସମୟରେ ଶେଷ ହୋଇଥିଲା। ସୁନା ବେଶ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା । ରଥ ଉପରେ ମହାପ୍ରଭୁଙ୍କ ସୁନାବେଶକୁ ଶ୍ରଦ୍ଧାଳୁ ମାନେ ମନଭରି ଉପଭୋଗ କରିଥିଲେ । ଏହି ଅବସରରେ ଭୁବନ ଓ ଏହାର ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଆସି ଶ୍ରୀଜୀଉମାନଙ୍କ ସୁନାବେଶ ଦେଖିଥିଲେ । ତେବେ ରାଜ୍ୟରେ ବର୍ତ୍ତମାନ ସମଗ୍ର ରାଜ୍ୟରେ କୋଭିଡ ପୁଣି ଥରେ ଉପରମୁହାଁ ହେଉଥିବାରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କୋଭିଡ କଟକଣାକୁ ପାଳନ କରାଯାଇଥିଲା । ଶ୍ରଦ୍ଧାଳୁମାନେ ମଧ ଏହାକୁ ମାନି ମାସ୍କ ପରିଧାନପୂର୍ବକ ସୁନାବେଶରେ ଥିବା ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ପ୍ରଶାସନ ପକ୍ଷରୁ ମଧ ଏଥିପାଇଁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆରକ୍ଷୀ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

### ଦଳିତ ନାବାଳିକାକୁ ନିର୍ଯାତନା ଘଟଣା

## ଗଣଦୁର୍ଷ୍କମ ଅଭିଯୋଗ ଆଣିଲେ ଦଳିତ ମହିଳା ଅଧିକାରୀ



ରଣପୁର, (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲା ରଣପୁର ଥାନା ବ୍ରଜରାଜପୁର ଗ୍ରାମରେ ଗତ ମାର୍ଚ୍ଚ ୨୦୨୨ ମସିହାରେ ଜଣେ ଦଳିତ ନାବାଳିକା କୁ ଦୁର୍ଷ୍କମ ହୋଇଥିବା ଘଟଣା ନୟାଗଡ ଜିଲ୍ଲା ରେ ଚର୍ଚ୍ଚାର ବିଷୟ ବସ୍ତୁ ପାଲଟିଥିଲା । ଏନେଇ ରଣପୁର ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିନ୍ତୁ କେତେକ ଅଭିଯୁକ୍ତ ଏବେବି ଘୁରିବୁଲୁଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରିପାରିନାହିଁ । ଯାହାଫଳରେ ଫେରାର ଥିବା ଅଭିଯୁକ୍ତ ମାନେ ପୀଡିତା ପରିବାର କୁ ଧମକ ଦେଉଥିବା ଅଭିଯୋଗ ହେଉଛି । ଏ ନେଇ ଏକ ୬ ଦଫା ଦାବୀ ସମ୍ବଳିତ ଅଭିଯୋଗ ନେଇ ସର୍ବ ଭାରତୀୟ ଦଳିତ ମହିଳା ଅଧିକାର ମଞ୍ଚ ନୟାଗଡ ଜିଲ୍ଲା ପ୍ରଶାସନ କୁ ଭେଟିଥିବା ଜଣାପଡିଛି । ମଞ୍ଚ ର ରାଜ୍ୟ ସଂଯୋଜିକା ଶଶିମାନସୀ ସିଂ ଓରଫ୍ ଝାନ୍ସୀ , ଜିଲ୍ଲା ସଂଯୋଜିକା ସୁପ୍ରଭା ଦିଗାଲ୍ ଓ ପୀଡିତା ନାବାଳିକା ର ପରିବାର ନୟାଗଡ ଜିଲ୍ଲା ପ୍ରଶାସନ କୁ ଭେଟିଥିବା ଜଣାପଡିଛି । ପୀଡିତା ନାବାଳିକାକୁ ଗଣଦୁର୍ଷ୍କମର ଅଭିଯୋଗ ସହ ୬ ଦଫା ଦାବୀ ନେଇ ଜିଲ୍ଲା ମାଜିଷ୍ଟ୍ରେଟ୍ , ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କୁ ଭେଟି ପୀଡିତା ନାବାଳିକା ଓ ପରିବାର କୁ ସୁରକ୍ଷା ଓ ଥଇଥାନ ନିମନ୍ତେ ଜଣାଇବା ସହ ଫେରାର ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ଓ ପୀଡିତା ପରିବାର କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଦାବୀ କରିଛନ୍ତି । ଘଟଣାରୁ ପ୍ରକାଶ ବ୍ରଜରାଜପୁର ଗ୍ରାମର ଦଳିତ ଦୁର୍ଯ୍ୟୋଧନ ନାୟକଙ୍କ ଝିଅ ନାବାଳିକା ସୁନି ନାୟକକୁ ସେହି ବ୍ରଜରାଜପୁର ଗ୍ରାମର ତପନ ପରିଡା ଙ୍କ ପୁଅ ବାବୁ ପରିଡା ୩ ମାସ କାଳ ଜୋରଜବରଦସ୍ତ ଦୁର୍ଷ୍କମ କରୁଥିବା ସହ ତାର ସହଯୋଗୀ ମାନଙ୍କୁ ନେଇ ଗଣଦୁର୍ଷ୍କମ କରିଆସୁଥିଲେ । ଏ ନେଇ ପୀଡିତା ପରିବାର ଗ୍ରାମର ୱାର୍ଡ ମେମ୍ବର ଓ ସରପଞ୍ଚ ଙ୍କୁ ଜଣାଇଥିଲେ । ଘଟଣା ସମାଧାନ କରିବା ପରିବର୍ତ୍ତେ ସରପଞ୍ଚ ଓ ୱାର୍ଡ ମେମ୍ବର ଘଟଣା ଚାପି ଦେବା ପାଇଁ ପୀଡିତା ପରିବାର ଉପରେ ଚାପ ପକାଉଥିଲେ । ପୀଡିତା ପରିବାର ଗତ ମାର୍ଚ୍ଚ ୩୧ ତାରିଖରେ ରଣପୁର ଥାନାରେ ଅଭିଯୋଗ କରିଥିଲେ । ଏ ଖବର ଅଭିଯୁକ୍ତ ପରିବାର ଜାଣିବା ପରେ ଦଳିତ ପୀଡିତା ନାବାଳିକା କୁ ଘରୁ ଭିଡିଆଣି ମାଡ ମାରି ବିଦ୍ୟୁତ ଖୁ□ରେ ବାନ୍ଧି ନିର୍ଯ୍ୟାତନା ଦେଇଥିଲେ । ପୋଲିସ ଏ ନେଇ ୮ ଜଣ ଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ଏବେବି ଅନ୍ୟ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ପୀଡିତା ର ବାପା ଜଣେ ବୃଦ୍ଧ , ମା ଙ୍କ ମସ୍ତିଷ୍କ ବିକୃତି , ୨ଟି ଛୋଟ ଭାଇ ଭଉଣୀ ରହିଛନ୍ତି । ମହିଳା ଅଧିକାର ମଞ୍ଚ ପୀଡିତା ସୁନି ନାୟକ କୁ ନୟାଗଡ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଙ୍କ ପାଖରେ ଛାଡି ଶିକ୍ଷା ସହାୟତା ଦେବାପାଇଁ ଅନୁରୋଧ କରିଛନ୍ତି । ୭ ଲକ୍ଷ ଟଙ୍କା ପୀଡିତା ପରିବାରକୁ ଦେବାପାଇଁ ବ୍ୟବସ୍ଥା କରିଥିବା ମଞ୍ଚ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ପ୍ରଶାସନ ତରଫରୁ ପୀଡିତା ଓ ପୀଡିତା ପରିବାର କୁ ସୁରକ୍ଷା , ଥଇଥାନ କରିବା ଓ ଅନ୍ୟ ଅଭିଯୁକ୍ତ ଙ୍କୁ ତୁରନ୍ତ ଗିରଫ କରିବା ପ୍ରତିଶୃତି ଦେଇଥିବା ଜଣାପଡିଛି ।

## ଅଟୋ ଭଡ଼ାକୁ କେନ୍ଦ୍ରକରି ଗଣ୍ଡଗୋଳ, ଜଣେ ଆହତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଅଟୋ ଭଡା କୁ କେନ୍ଦ୍ରକରି ଦୁଇ ଅଟୋ ଡ୍ରାଇଭର ମଧ୍ୟରେ ଗଣ୍ଡଗୋଳ । ଲୁହାଛଡ଼ ରେ ଆକ୍ରମଣ ଯୋଗୁଁ ଜଣେ ଅଟୋ ଡ୍ରାଇଭର ଆହତ । ଏନେଇ ଦୁଇ ଆକ୍ରମଣକାରୀ ଙ୍କୁ ଥାନା ରେ ଅଟକ ରଖିଛି ପୋଲିସ୍ । ଗାଙ୍ଗପୁର ଥାନା ଅନ୍ତର୍ଗତ କ୍ଷତ୍ରିୟବରପୁର ନିକଟରେ ଘଟିଛି ଏଭଳି ଘଟଣା । ଆହତ ଅଟୋ ଡ୍ରାଇଭର ଜଣକ ହରପ୍ରସାଦ ଗୌଡ । ଆହତ ଡ୍ରାଇଭର ଜଣକ , ଚିକିତ୍ସା ପାଇଁ ନିକଟସ୍ଥ ଗୋବରା ମେଡିକାଲ ରେ ଭର୍ତ୍ତି ହୋଇଛନ୍ତି । ଆକ୍ରମଣ କରିଥିବା ଡ୍ରାଇଭର ସନ୍ତୋଷ ସାହୁ ଏବଂ ଦୀପକ ସାହୁ କୁ ଗାଙ୍ଗପୁର ପୋଲିସ ଅଟକ ରଖିଛି । ଖବର ଲେଖା ହେବା ସୁଧି , ଥାନାରେ ମାମଲା ରୁଜୁ ହୋଇନଥିଲା । ମାମଲା ରୁଜୁ ହେବାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ପଷ୍ଟ ହେବ ବୋଲି , ଜଣାପଡିଛି ।

ସୂଚନାଥାଉ କି, ଏହି ଅଞ୍ଚଳରେ ଦିନକୁ ଦିନ ଅଟୋ ଡ୍ରାଇଭରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ସେମାନେ ପାସେଞ୍ଜରଙ୍କ ଠାରୁ ବେଳେବେଳେ ଧାର୍ଯ୍ୟ ଭଡ଼ା ଠାରୁ ଅଧିକ ଭଡ଼ା ଦାବି କରୁଛନ୍ତି । ଯଦି କେହି ଏହାର ପ୍ରତିବାଦ କରୁଛି ତା'ହେଲେ ତାକୁ ଅଟୋଚାଳକମାନେ ଦୁର୍ବବ୍ୟବହାର ଦେଖାଇବା ସହ ବେଳେବେଳେ ମାରପିଟ୍ ମଧ୍ୟ କରୁଛନ୍ତି । ତେଣୁ ଏଥିପ୍ରତି ଧ୍ୟାନ ଦେବାକୁ ପୋଲିସ ନିକଟରେ ଦାବି ହୋଇଛି ।

## ହାତୀ ଆକ୍ରମଣରେ ୨ ସ୍କ୍ୱାର୍ଡ ଆହତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ବନଖଣ୍ଡ ଅଧିନସ୍ଥ ଷଡଙ୍ଗୀ ରେଞ୍ଜ ମୁଗୁପଦା ନିକଟରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ବୋଲେରୋ ଗାଡିକୁ ଦନ୍ତାହାତୀ ଆକ୍ରମଣ କରିଥିବା ବେଳେ ଗାଡିରେ ଥିବା ୨ ଜଣ ହାତୀସ୍କ୍ୱାର୍ଡ ଆହତ ହୋଇଥିବା ବେଳେ ବୋଲୋରୋ (ଓଡି-୦୪-ଡି-୧୮୯୬)ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ଜଣାପଡିଛି । ଦନ୍ତାହାତୀ ଅତର୍କିତ ଆକ୍ରମଣରେ ୨ ଜଣ ହାତୀସ୍କ୍ୱାର୍ଡ ଆହତ ହୋଇଥିବା ବେଳେ ଗାଡି ଡ୍ରାଇଭର ସମେତ ଅନ୍ୟ ସ୍କ୍ୱାର୍ଡମାନେ ଘଟଣା ସ୍ଥଳରୁ ଜୀବନ ବଂଚାଇ ପଳାଇଯାଇଥିବା ଜଣାପଡିଛି । କିଛି ଦିନ ତଳେ ମେଘା ସଂରକ୍ଷିତ ଜଙ୍ଗଲ ନିକଟରେ ଜଣେ ଅସ୍ଥାୟୀ ହାତୀସ୍କ୍ୱାର୍ଡ ଜଙ୍ଗଲୀହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ବେଳେ ମୃତ ପରିବାରକୁ ଅଦ୍ୟାବଧି ବନବିଭାଗ ପକ୍ଷରୁ କୌଣସି କ୍ଷତିପୂରଣ ନ ମିଳିବା ଦୁର୍ଭାଗ୍ୟ ଜନକ । ବନ ବିଭାଗ କର୍ମଚାରୀ ହାତୀସ୍କ୍ୱାର୍ଡ ମାନଙ୍କୁ ଦିନରାତି କାମରେ ଲଗାଉଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ କୌଣସି ଠୋସ ପଦକ୍ଷେପ ନେଉନଥିବା ଜଣାପଡିଛି । କିଛି ଦିନ ତଳେ ସଦର ରେଞ୍ଜର ଜନୈକ ହାତୀସ୍କ୍ୱାର୍ଡଙ୍କୁ ହାତୀ ଘଉଡାଇବା ପାଇଁ ଫରେଷ୍ଟର ବାଣ ଆଣିବା ପାଇଁ ପଠାଇଥିବା ବେଳେ ଫରେଷ୍ଟରଙ୍କ ସରକାରୀ ବାସ ଗୃହରେ ବାଣ ବିସ୍ଫୋରଣ ଘଟି ହାତୀସ୍କ୍ୱାର୍ଡ ଗୁରୁତର ଆହତ ହୋଇଥିଲେ । ଜିଲ୍ଲାରେ ବନବିଭାଗ ପକ୍ଷରୁ ହାତୀସ୍କ୍ୱାର୍ଡ ମାନଙ୍କୁ ହାତୀ ଘଉଡାଇବା ଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ବେଳେ ସେମାନଙ୍କ ସୁରକ୍ଷା ପାଇଁ ସେଭଳି କୌଣସି ବ୍ୟବସ୍ଥା କରାଯାଇନଥିବା ଜଣାପଡିଛି । ଜିଲ୍ଲାରେ କାର୍ଯ୍ୟକରୁଥିବା ସ୍କ୍ୱାର୍ଡ ମାନଙ୍କୁ ବନବିଭାଗ ପକ୍ଷରୁ ଇପିଏଫ ଓ ଇଏସଆଇ ପ୍ରଦାନ କରାଯାଉନାହିଁ । ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦ ହାତୀସ୍କ୍ୱାର୍ଡ ମାନଙ୍କର ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ଠୋସ ପଦକ୍ଷେପ ନେବା ପାଇଁ ଦାବୀ କରିଥିବା ବେଳେ ଜିଲ୍ଲାରେ ଅଣଓଡିଆ ଡି.ଏଫ.ଓ କୁଆଡେ ଆଇନ ଅନୁସାରେ କାମ କରନ୍ତି ବୋଲି ଦାବି କରନ୍ତି ଓ ଯେତେକ ବେନିୟମ କାମ ତାଙ୍କ ସମୟରେ ହେଉଥିବା ସେ ପ୍ରକାଶ କରିଛନ୍ତି । ବନବିଭାଗର ଏହି ଅସ୍ଥାୟୀ ହାତୀ ଜଗୁଆଳି ମାନଙ୍କର ଡିଉଟିରେ ଥିବା ବେଳେ ମୃତ୍ୟୁ ହେଲେ ସ୍ଥାୟୀ କର୍ମଚାରୀ ଭଳି ସେମାନଙ୍କୁ ସୁବିଧା ସୁଯୋଗ ମଧ ସେହି ମିଳିବା ଉଚିତ ବୋଲି ଶ୍ରୀ ନନ୍ଦ ଦାବି କରିଛନ୍ତି ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ



ବଡ଼ବିଲ, (ଭାସ୍କର ନ୍ୟୁଜ୍) : ଆଜାଦୀ କା ଅମୃତ ମହୋତ୍ସବର ଏକ ଅଂଶ ଭାବେ ଦେଶର ଅଗ୍ରଣୀ ଷ୍ଟିଲ ଉତ୍ପାଦନକାରୀ କମ୍ପାନୀ, ଜେଏସ୍‌ଡବ୍ଲ୍ୟୁ ଏହାର କାର୍ଯ୍ୟାଳୟ ପରିସର ଏବଂ ଖଣି ଅଞ୍ଚଳରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । କମ୍ପାନୀର ଭଦ୍ରସାହି ଅଫିସ୍‌ରେ ୧୨ ଚାରା ରୋପଣ କରାଯାଇଛି । ସେଗୁଡ଼ିକ ଭଲ ଭାବେ ବଢ଼ିବା ପର୍ଯ୍ୟନ୍ତ କମ୍ପାନୀ ତାହାର ଦେଖାରଖା କରିବ । ଭଦ୍ରସାହି ସମେତ ନୂଆଗାଁ ଖଣି ଅଞ୍ଚଳ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ମଧ ଚାରା ଲଗାଯାଇଛି । ଏହାସହ କମ୍ପାନୀ ଜଜାଙ୍ଗ କଲୋନୀ ଏବଂ ଏହାର ପରିପାର୍ଶ୍ୱରେ ସ୍ୱଚ୍ଛତା ଅଭିଯାନ ଚଳାଇଥିଲା । ଆବର୍ଜନାମୁକ୍ତ ପରିବେଶ ଲକ୍ଷ୍ୟରେ ଜଜାଙ୍ଗ ନଦୀ ନିକଟ ପିକ୍‌ନିକ୍ ସ୍ପଟ୍‌ରୁ ଅଳିଆ ସଫା କରାଯାଇଥିଲା । ସ୍ୱାଧୀନତା ଦିବସ ସମ୍ପର୍କରେ ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ପକ୍ଷରୁ ଜଜାଙ୍ଗ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏହାର ବିଷୟବସ୍ତୁ ଥିଲା 'ଆଜାଦୀ କା ଅମୃତ ମହୋତ୍ସବ' । ଶେଷରେ ପ୍ରତିଯୋଗିତାରେ ଜିତିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ, ସାନିଟାଇଜେଶନ ଅଭିଯାନକୁ ଆଗେଇ ନେବା ସହ କୋଭିଡ୍-୧୯ ସଂକ୍ରମଣରୁ ବର୍ତ୍ତିବା ପାଇଁ ସତର୍କତା ଅବଲମ୍ବନ ମଧ ଏହି ମହୋତ୍ସବ ପାଳନର ଅଂଶ ଥିଲା । ୨୦୨୨ ଜୁଲାଇ ୧ରୁ ଦେଶରେ ସିଙ୍ଗିଲ୍ ୟୁଜ୍ ବା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଉପରେ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି । ସରକାରଙ୍କ ନିୟମର ଅନୁସରଣ କରି ଜେଏସ୍‌ଡବ୍ଲ୍ୟୁ ମଧ ଏହି ଅଭିଯାନରେ ସାମିଲ ହେବା ସହ କମ୍ପାନୀ କର୍ମଚାରୀ ଏବଂ ଅନ୍ୟମାନେ ଯେପରି ଉକ୍ତ ନିର୍ଦ୍ଦେଶାବଳୀର ପାଳନ କରନ୍ତି ସେ ଦିଗରେ ସତର୍କ ଓ ସଚେତନ କରାଇବ । କର୍ମଚାରୀ ମାନଙ୍କ ମଧ୍ୟରେ ଏକ ସଚେତନମୂଳକ ଜୀବନଶୈଳୀ ବଞ୍ଚିବା ମନୋବୃତ୍ତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏକ ଉନ୍ନତ ଏବଂ ସ୍ଥିର ଜୀବନ ପାଇଁ କର୍ମଚାରୀମାନେ ସଂକଳ୍ପ ନେବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା । ପାରାଦ୍ୱୀପ ଏବଂ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରକଳ୍ପ ପାରିପାର୍ଶ୍ୱିକ ଗ୍ରାମରେ ମଧ କମ୍ପାନୀ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଇଥିଲା । ଆଇଏସ୍‌ପି ପ୍ରକଳ୍ପର ୩ ପଞ୍ଚାୟତ ଏବଂ ପାରାଦୀପ ମ୍ୟୁନିସିପାଲିଟି ଅଞ୍ଚଳର ପ୍ରାୟ ୧୦ ହଜାର ହିତାଧିକାରୀଙ୍କ ପାଇଁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋକଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । ପାରାଦୀପ ମ୍ୟୁନିସିପାଲିଟି ଦ୍ୱାରା ଅଳିଆ ଆବର୍ଜନା ଉଠାଣକୁ ସହଜ କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ତରଫରୁ ୬୦ଟି ଡଷ୍ଟବିନ୍ ଯୋଗାଇଛି । ନେହେରୁ ବଙ୍ଗଳା ନିକଟ ମେରାଇନ୍ ଡ୍ରାଇଭ୍ ରୋଡ୍ ପାର୍ଶ୍ୱରେ ପ୍ରାୟ ୫,୬୦୦ ବର୍ଗମିଟର ଅଞ୍ଚଳରେ ଚାରାରୋପଣ କରାଯାଇଥିଲା । ଡିଙ୍କିଆ ପଞ୍ଚାୟତ ଅଫିସ୍ ନିକଟରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଏକ କର୍କଟ ଚିହ୍ନଟ ଏବଂ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଇବା ସହ ମାଗଣାରେ ଔଷଧ ନେଇଥିଲେ । ଗଡ଼କୁଙ୍ଗରେ ରଥଯାତ୍ରା ବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ପକ୍ଷରୁ ମାସ୍କ, ପିଇବା ପାଣି ଯୋଗାଯାଇଥିଲା ।

## ବିଧାୟକଙ୍କ ଦ୍ୱାରା ଆଦର୍ଶ ବସ୍‌ଷ୍ଟାଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ



ରାଜନଗର, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଗାଡିମଟର ବଢିବାରେ ଲାଗିଛି ଯାହାକି ବାଟରେ ଘାଟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି । ଏସବୁକୁ ଦୃଷ୍ଟିରେ ରଖି ଲୋକଙ୍କ ସୁବିଧା ପାଇଁ ସରକାର ଆବଶ୍ୟକୀୟ ସ୍ଥଳରେ ବସ୍ ଷ୍ଟାଣ୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ପାଥେୟ କରି ଲୋକମାନଙ୍କର ପ୍ରିୟ ବିଧାୟକ ଧ୍ରୁବ ସାହୁ ଐତିହାସିକ ପଦକ୍ଷେପ ନେଇ ରାଜନଗର ବ୍ଲକ୍ ସଦର ମହକୁମା ଡିଆପାରୀ ଠାରେ କୋଟି କୋଟି ଟଙ୍କା ବ୍ୟୟବରାଦରେ ଆଦର୍ଶ ବସ୍ ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିରେ ସାନବଡ ଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁଙ୍କ ଆହ୍ୱାନ କ୍ରମେ ମୁଖ୍ୟ ଅତିଥି ତଥା ସମସ୍ତଙ୍କ ବିଧାୟକ ଶ୍ରୀ ସାହୁ ତାଙ୍କ ଭାଷଣରେ କହିଥିଲେ,,ବସ୍ ଷ୍ଟାଣ୍ଡ ନିର୍ମାଣ ନିମିତ ମାତ୍ର, ଲୋକମାନଙ୍କର ମୋ ଉପରେ ଯେଉଁ ଆଶା ଭରସା ରଖି ସୁ କ୍ଷତ୍ରରେ ମୋତେ ଏବଂ ଦଳକୁ ସାହାଯ୍ୟ ସହଯୋଗ କରି ଆସୁଛନ୍ତି । ତେବେ ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ବିଜେଡି ବ୍ଲକ ସଭାପତି ଅଶୋକ ପ୍ରତିହାରୀଙ୍କ ନାମ ଫଳକରେ ଥାଇ ମଧ ତାଙ୍କର ଅନୁପସ୍ଥିତକୁ କେହି ବିଶ୍ୱାସ କରୁନଥିଲେ । ଏହି କାର୍ଯ୍ୟକ୍ରମରେ ୩୦ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ଉପାଧ୍ୟକ୍ଷ ଗଣେଶ ଗୁଡିଆ, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗିତା ମିଶ୍ର ଓ ସମିତି ସଭ୍ୟା ଶ୍ରୀମତୀ ସୁମିତ୍ରା ସେଠି, ବାଲିସାହିପାଟଣା ସମିତି ସଭ୍ୟ ପ୍ରସାନ୍ତ ରାଉତ, ସାନବଡ଼ ଗୋପାଳପୁରୁ ସମିତି ସଭ୍ୟା ନଳିନୀ ପ୍ରଭା ରାଉତ,ପ୍ରମୁଖ ଯୋଗ ଦେଇ ବିଜେଡି ସରକାରରେ ଜନକଲ୍ୟାଣକାରୀ ବିକାଶର ପ୍ରଗତି ନେଇ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ବିଜେଡି ଯୁବ ନେତା ନରହରି ଜେନା ପରିଚାଳନା କରିଥିଲେ ।

## ଗୋଡ଼ା ସମିତିର ସଭାପତି ରାମଚନ୍ଦ୍ର

ଏରସମା, (ଭାସ୍କର ନ୍ୟୁଜ୍): ଏରସମା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନ ଗୋଡ଼ା ସମବାୟ ସମିତିରେ ରାମଚନ୍ଦ୍ର ହାତୀ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି । ଆଜି ରାମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ କେହି ସଭାପତି ପାଇଁ ପ୍ରାର୍ଥୀପତ୍ର ଦାଖଲ କରିନଥିବାରୁ ନିର୍ବାଚନ ଅଧିକାରୀ ଭିଭୋଭ ଦାସ ତାଙ୍କୁ ସଭାପତି ଘୋଷଣା କରିଥିଲେ । ପରେ ତାଙ୍କୁ ବିଜେଡ଼ି ନେତା ରବୀନ୍ଦ୍ର ନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସେବା ସମବାୟ ସମିତିର ସମ୍ପାଦକ ସୂର୍ଯ୍ୟକାନ୍ତ ଲେଙ୍କା, ସରପଞ୍ଚ ବିଶ୍ୱ କଲ୍ୟାଣି ନାୟକ, ଯୁବନେତା ଉମେଶ ଲେଙ୍କା, ସମାଜସେବୀ ପ୍ରତାପ ସାହୁ, ରାକେଶ ନାୟକ, ଚନ୍ଦ୍ରମଣି ପ୍ରଧାନ, ବସନ୍ତ ବିଶ୍ୱାଳ, ରାମଚନ୍ଦ୍ର ନାୟକ, ଗୋପାଳ ଦାସ ପ୍ରମୁଖ ନୂତନ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



## ବିଶ୍ୱ ଜନସଂଖ୍ୟା ଦିବସରେ ସଚେତନତା ସଭା

ବାଲେଶ୍ୱର, (ଭାସ୍କର ନ୍ୟୁଜ) : ବିଶ୍ୱ ଜନସଂଖ୍ୟା ଦିବସ-୨୦୨୨ ପାଳନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳ ରୂପାୟନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ୍ ଏଲିନା ସାମଲ, ଏଡିପିଏଚସିଓ ରମଣୀକାନ୍ତ ଭଞ୍ଜ ପ୍ରମୁଖ ଏଥିରେ ଉପସ୍ଥିତ ରହି ବାଲେଶ୍ୱର ଜିଲାର ପ୍ରତ୍ୟେକ ବ୍ଲକରେ ହୋର୍ଡିଂ, ପୋଷ୍ଟର, ଲିଫ୍‌ଲେଟ୍ ବଂଟନ ଏବଂ ସଚେତନତା ରଥ ପରିକ୍ରମା ମାଧ୍ୟମରେ ଲୋକମାନଙ୍କୁ ପରିବାର ନିୟୋଜନର ଆବଶ୍ୟକତା ଓ ଫାଇଦା ବୁଝାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ୨୦୨୧-୨୨ ବର୍ଷ ପାଇଁ ପରିବାର ନିୟୋଜନ ସେବା କ୍ଷେତ୍ରରେ ଉଲେଖନୀୟ ପ୍ରଦର୍ଶନ କରିଥିବା ଏବଂ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବା ବ୍ଲକ, ଡାକ୍ତର ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

### ମହିମା ସମାଜର ସାଧନା ପୀଠରେ ଉତ୍ତେଜନା ଆଶଙ୍କା

## ବକ୍କଳଧାରୀ ଓ କୌପିନିଧାରୀ ମହିମାସାଧୁ ମୁହାଁମୁହିଁ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ଧରି ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ମହାବିବାଦ ଏବେ କୁହୁଳିବାରେ ଲାଗିଛି । ମୁଖ୍ୟ ଗାଦୀ ମନ୍ଦିର ତୃତୀୟ ବେଢାର ମାହାଳ ମୂଳ ସ୍ଥିତ କୌପିନି ଧାରୀ ମହିମା ସମାଜର ସାଧନା ପୀଠକୁ ଉଚ୍ଛେଦ କରାଯିବ । ଏହାକୁ ଦଖଲକୁ ନେବେ ବକ୍କଳଧାରୀ ସାଧୁ । ଯାହାକୁ ନେଇ ଉଭୟ କୌପନୀୟ ବକ୍କଳଧାରୀ ସାଧୁ ଓ ଶ୍ରଦ୍ଧାଳୁ ମୁହାଁମୁହିଁ ହୋଇ ରହିଛନ୍ତି । ଫଳରେ ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ଏହି ପୀଠ ଯୋରନ୍ଦା ମହିମା ଗାଦୀରେ ଉତେଜନା ଆଶଙ୍କା ରହିଛି । ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ମହାବିବାଦ ପୁଣି ଚର୍ଚ୍ଚାକୁ ଆସିଛି । ମହିମା ଧର୍ମର ମୁଖ୍ୟ ପୀଠ ଢେଙ୍କାନାଳ ଯୋରନ୍ଦା ସ୍ଥିତ ଏହି ମହିମାଗାଦୀ ମୁଖ୍ୟ ଗାଦୀ ମନ୍ଦିରର ତୃତୀୟ ବେଢାର ମାହାଳ ମୁଳ ଏବେ ପାଲଟି ଯାଇଛି ବିବାଦର କେନ୍ଦ୍ରବିନ୍ଦୁ । ଆଇ ଏହି ଜାଗାକୁ ନେଇ ଉଭୟ ବକ୍କଳ ଓ କୌପନୀ ଧାରୀ ମହିମା ସାଧୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଦୀର୍ଘ ବର୍ଷ ବର୍ଷ ହେଲା ଲାଗିରହିଥିବା ବିବାଦ ଏବେ ପାଉଁଶ ତଳର ନିଆଁ ଭାବେ କୁହୁଳିବାକୁ ଆରମ୍ଭ କରିଛି । ଏହି ଜାଗାକୁ କୌପନୀ ଧାରୀ ମହିମା ସମାଜ ପକ୍ଷରୁ ସାଧନା ପୀଠ ଭାବେ ବ୍ୟବହାର କରୁଥିବା ଏହି ଜାଗାକୁ ଉଚ୍ଛେଦ କରାଯିବାକୁ ଅଦାଲତର ନିର୍ଦ୍ଦେଶ ରହିଛି । ଫଳରେ ବକ୍କଳଧାରୀ ମହିମ ସାଧୁମାନେ ଏହାକୁ ନିଜ ଦଖଲକୁ ନେବାପାଇଁ ଅଂଟା ଭିଡିଛନ୍ତି । କ୍ରମଶଃ ମହିମା ଧର୍ମର ପ୍ରଚାର ପ୍ରସାର ବୃଦ୍ଧି ଓ ପୀଠର ବାର୍ଷିକ ଉତ୍ସବ ଯୋରନ୍ଦା ମେଳାରେ ଅପେକ୍ଷାକୃତ ଶ୍ରଦ୍ଧାଳୁଙ୍କ ସମାଗମ ଦୃଷ୍ଟିରୁ ତୃତୀୟ ବେଢାରୁ ଏହି ଜବରଦଖଲ ଉଚ୍ଛେଦ ଜରୁରୀ ବୋଲି ମତ ଦେଇଛନ୍ତି । ଏହାକୁ ତୀବ୍ର ବିରୋଧ କରିଆସୁଛନ୍ତି କୌପନୀ ଧାରୀ ମହିମା ସାଧୁ ଓ ଶ୍ରଦ୍ଧାଳୁ । ସେମାନଙ୍କ କହିବା ଉଭୟ ଯୋରନ୍ଦା ଓ ନାଟିମା ରାଜସ୍ୱ ଗ୍ରାମର ମୋଟ ୭୬ ଏକରକୁ ନେଇ ମହିମା ଗାଦୀରେ ଉଭୟ ଗୋଷ୍ଠିର ମାଲିକାନାକୁ ନେଇ ବିବାଦରେ ଗତ ୨୦୧୮ ମସିହାରେ ଉଚ୍ଚ ନ୍ୟାୟାଳୟରୁ ଉଭୟଙ୍କର ସମାନ ଭାଗ ରହିବ ବୋଲି ଶୁଣାଣୀ ହୋଇଥିଲା । ଅପରପକ୍ଷରେ ମାହାଳମୂଳ ଏହି ୮ ଗୁଣ୍ଠ ଜାଗାରେ ଅନ୍ୟୁନ୍ୟ ଶହେ ବର୍ଷ ହେଲା ଅଖଣ୍ଡ ବତୀ ମନ୍ଦିର, ଧୁନୀ ମନ୍ଦିର ଓ ବାବାମାନଙ୍କ ସାଧନା ପୀଠ ଭାବେ ବ୍ୟବହାର କରାଯାଉଛି । ତେବେ ରାଜସ୍ୱ ଅଦାଲତରୁ ଏକ ଶୁଣାଣୀକୁ ଆଧାର କରି ଏହାକୁ ଉଚ୍ଛେଦ ପାଇଁ ଜିଦ୍ ଧରିବା ସେମାନଙ୍କୁ ମର୍ମାହତ କରିଥିବା କୌପନୀ ଧାରୀ ସମାଜର ସମ୍ପାଦକ ପ୍ରକାଶ କରିଛନ୍ତି । ତେବେ ଆଜି କୌପନୀଧାରୀ ମହିମା ସାଧୁଙ୍କ ଏହି ଉପାସନା ପୀଠକୁ ଉଚ୍ଛେଦ ପାଇଁ ଧାର୍ଯ୍ୟ ହୋଇଥିଲା । ଯାହାକି ଆବଶ୍ୟଖ ପୋଲିସ ଫୋର୍ସ ଅଭାବରୁ ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି । ମାତ୍ର ପରବର୍ତୀ ଧାର୍ଯ୍ୟ ଦିବସରେ ଏହାକୁ ଉଚ୍ଛେଦ ହେବ ଏବଂ ନିଜ ଦଖଲକୁ ନେବା ପାଇଁ ବକ୍କଳଧାରୀ ମହିମା ସାଧୁମାନେ ଗୋଡଟେକି ବସିଛନ୍ତି । ଏପଟେ ଏହି ଉଚ୍ଛେଦକୁ ବିରୋଧ ପାଇଁ ପୀଠରେ କୌପନୀଧାରୀ ମହିମା ସମାଜର ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ସମାଗମ ବଢିବାରେ ଲାଗିଛି । ଆଉ ଏହାକୁ ଛାଡିବୁ ନାହିଁ ଓ ବିରୋଧ କରିବୁ ବୋଲି ଜିଦରେ ରହିଛନ୍ତି କୌପନୀ ଭକ୍ତ ଓ ଶ୍ରଦ୍ଧାଳୁ ।ତେବେ ଆଜି ହେଲେ ମଧ ଆଗାମୀ ସମୟରେ ଏହି ଉଚ୍ଛେଦ କରାଯିବ ଓ ଜାଗାକୁ ନିଜ ଦଖଲକୁ ନେବେ ବୋଲି ବକ୍କଳଧାରୀ ସାଧୁ ମାନେ ଗୋଡଟେକି ବସିଛନ୍ତି । ଆଉ ଏହାକୁ ତୀବ୍ର ବିରୋଧ ପାଇଁ ଅଂଟା ଭିଡିବାରେ ଲାଗିଛନ୍ତି କୌପନୀ ଧାରୀ ସାଧୁ ଓ ଶ୍ରଦ୍ଧାଳୁ । ଫଳରେ ପୀଠରେ ଶହ ଶହ ସଂଖ୍ୟାରେ ସମାଗମ ହେଉଥିବା ଦେଖିବାକୁ ମିଳୁଛି । ଯାହା ଫଳରେ ପୀଠରେ ଆଗାମୀ ସମୟରେ ଏହି ଉଚ୍ଛେଦକୁ ନେଇ ଉତ୍ତେଜନାର ଯଥେଷ୍ଟ ଆଶଙ୍କା କରାଯାଇଛି ।

## ବିଦ୍ୟୁତ୍ ତାର ଚୋରି ଅଭିଯୋଗ, ଯୁବକ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ଡେଣୁଆଁ ପଞ୍ଚାୟତରୁ ଜଣେ ଯୁବକ ବିଦ୍ୟୁତ୍ ତାର ଚୋରୀ କରିଥିବା ଅଭିଯୋଗରେ ସଂପୃକ୍ତ ଅଭିଯୁକ୍ତକୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ କୋଳିପୋଖରୀକୁ ଯାଇଥିବା ବିଦ୍ୟୁତ୍ କେବୁଲ ଏକ କିଲୋମିଟରରୁ ଉର୍ଦ୍ଧ୍ୱ ହେବ କେବୁଲକୁ ବାଲିପାଟଣା ଥାନା ଆଳେଇ ଗ୍ରାମର ପିଣ୍ଟୁ ସାହୁ ଚୋରୀ କରିନେଇଥିବା ଟିପିସିଓଡିଏଲ୍ ଅସିଷ୍ଟାଣ୍ଟ ମ୍ୟାନେଜର ନିମାପଡା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ୍ ଗୁରୁତର ଦଫାରେ ମାମଲା ରୁଜୁ କରି ମଙ୍ଗଳବାର ସକାଳେ ଆଳେଇ ଗ୍ରାମରେ ଚଢଉ କରି ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି । ଏହି ଅଭିଯୁକ୍ତ ସହିତ ଅନ୍ୟ କେତେକ ଚୋର ସାମିଲ ଥିବା ପୋଲିସ୍ ସୂତ୍ରରୁ ପ୍ରକାଶ ।

### ଏଲଏପି/ଆଇଟିଆଇର ସମସ୍ତ ଜମିହରା ପ୍ରଜାଙ୍କ ପ୍ରତିବାଦ

## ସିଏସ୍‌ଆର ପାଣ୍ଠି ଓ ସ୍ଥାନୀୟ ନିଯୁକ୍ତି ମିଳୁ




ଅନୁଗୋଳ, (ଭାସ୍କର ନ୍ୟୁଜ୍) : ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ନାଲକୋ ସିଏସ୍‌ଆର୍ ପାଣ୍ଠିର ଉପଯୁକ୍ତ ବିନିଯୋଗ ତଥା ପାରିପାର୍ଶ୍ୱିକ ଉନ୍ନତି ଓ ସ୍ଥାନୀୟ ନିଯୁକ୍ତି ଦାବିରେ ଏକ ପ୍ରତିବାଦ ସଭା ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆୟୋଜିତ ହୋଇଯାଇଛି । ସାଂସଦଙ୍କ ସମ୍ପର୍କ ସଂଯୋଜକ ଓ ସଂଗ୍ରାମ ସଂଯୋଜକ କମିଟି ତତ୍ତ୍ୱାବଧାନରେ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ର ମୁଖ୍ୟ ଫାଟକ ସମ୍ମୁଖରେ ଏହି ୨ ଘଣ୍ଟିଆ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ନାଲକୋ କ୍ଷତିଗ୍ରସ୍ତ ତଥା ପାରିପାର୍ଶ୍ୱିକ ଗ୍ରାମବାସୀ, ଶ୍ରମିକ ସଙ୍ଗଠନ ଓ ଜମିହରା ପ୍ରଜା ମାନେ ସାମିଲ ହୋଇଥିଲେ । ସିଏସ୍‌ଆର୍ ପାଣ୍ଠି ଓ ସ୍ଥାନୀୟ ନିଯୁକ୍ତି ମିଳିବା ନେଇ ପ୍ରତିବାଦକାରୀମାନେ ଦାବି କରିଥିଲେ । ସେହିପରି ସିଏସ୍‌ଆର ପାଣ୍ଠିର ଉପଯୁକ୍ତ ବିନିଯୋଗ ତଥା ପାରିପାର୍ଶ୍ୱିକ ଗ୍ରାମ ଗୁଡିକରେ ବିକାଶ ମୂଳକ କାର୍ଯ୍ୟକ୍ରମ, ସ୍ଥାନୀୟ ଜମୀହରା ପ୍ରଜା, ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତିରେ ଅଗ୍ରାଧୀକାର, କ୍ଷତିଗ୍ରସ୍ତ ତଥା ପାରିପାର୍ଶ୍ୱିକ ଗ୍ରାମ ଗୁଡିକର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଟେକନିକାଲ ଓ ଜେନେରାଲ ଶିକ୍ଷା ପ୍ରଶିକ୍ଷଣ ପାଇଁ ନାଲକୋ ପକ୍ଷରୁ ନିଜସ୍ୱ ତାଲିମ କେନ୍ଦ୍ର ପ୍ରତିଷ୍ଠା, ପାରିପାର୍ଶ୍ୱିକ ଗ୍ରାମ ଗୁଡିକରେ ବ୍ୟାପକ ବୃକ୍ଷ ରୋପଣ, ଦୁର୍ଘଟଣା ରେ ମୃତ୍ୟୁବରଣ କରୁଥିବା ଶ୍ରମିକ ମାନଙ୍କର ପରିବାରକୁ ୧୫ ଲକ୍ଷ ଟଙ୍କା ର ସହାୟତା ଓ ପରିବାରର ଜଣକୁ ମେଣ୍ଟେନାନ୍ସ ରେ ନିଯୁକ୍ତି ପ୍ରଦାନ ଦାବିରେ ଅଟଳ ରହିଥିଲେ ଆନ୍ଦୋଳନକାରୀ । ଏହି ପ୍ରତିବାଦ ସଭାରେ ଗ୍ରାମ୍ୟ ଗୃହ ନିର୍ମାଣ ଅଧକ୍ଷ ମୀନକେତନ ଅମାନ୍ତ , ପୂର୍ବତନ ନଗରପାଳ ଭକ୍ତିପ୍ରଶାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ୍ , ପାରିପାର୍ଶ୍ୱିକ କିଛି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହି ନିଜର ଦାବି ଉପସ୍ଥାପନ କରିଥିଲେ । ଏଲ.ଏ.ପି/ଆଇ.ଟି.ଆଇର ସମସ୍ତ ଜମିହରା ପ୍ରଜା ମାନେ ଏହି ପ୍ରତିବାଦ ସଭାରେ ସାମିଲ ହୋଇଥିଲେ । ତେବେ ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଏହି ଦାବୀ ଗୁଡିକୁ ନାଲକୋ ପ୍ରଶାସନ ସମାଧାନ ନକରେ ତେବେ ଆଗାମୀ ଦିନରେ ରେଳ ରୋକ ଓ ଅର୍ଥନୈତିକ ଅବରୋଧ ପାଇଁ ସାଂସଦ ଚେତାବନୀ ଦେଇଛନ୍ତି ।



ନୂଆଦିଲ୍ଲୀ: ସଂସଦର ମୌସୁମୀ ଅଧିବେଶନ ଗୋଟିଏ ଦିନ ପୂର୍ବରୁ ଆସନ୍ତା ଜୁଲାଇ ୧୭ ତାରିଖରେ ସର୍ବଦଳୀୟ ବୈଠକ ଡକାଇଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ । ଏହି ବୈଠକ ପାଇଁ ସଂସଦ ଦୁଇ ଗୃହ(ଲୋକସଭା ଏବଂ ରାଜ୍ୟସଭା)ର ସବୁ ରାଜନୈତିକ ଦଳ ସହ ଗୃହର ନେତାଙ୍କୁ ନିମନ୍ତ୍ରଣ ଦିଆଯାଇଛି। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସାମିଲ ହେବେ । ମୋଦୀଙ୍କ ସହ ଅମିତ ଶାହ, ରାଜନାଥ ସିଂ ଏବଂ ଅନ୍ୟ ମନ୍ତ୍ରୀ ମଧ୍ୟ ଏହି ସର୍ବଦାଳୀୟ ବୈଠକରେ ଯୋଗ ଦେବେ ।

# ଶ୍ରୀଲଙ୍କା ସ୍ଥିତି ଦୟନୀୟ





- ବାଚସ୍ପତିଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଲେ ଗୋଟବାୟା
- ୧୫ରେ ସର୍ବଦଳୀୟ ବୈଠକ
- ୨୦ରେ ନୂଆ ରାଷ୍ଟ୍ରପତି ନିର୍ବାଚନ

ଦିନକୁ ଦିନ ଶ୍ରୀଲଙ୍କା ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡୁଛି। ଉଭୟ ରାଜନୈତିକ ଓ ଆର୍ଥିକ ସଂକଟ ଦେଶବାସୀଙ୍କ ପାଇଁ ମହାବିପତ୍ତି ଭାବେ ଉଭା ହୋଇଛି। ପ୍ରଦର୍ଶନକାରୀମାନେ ରାଷ୍ଟ୍ରପତି ଭବନ, ପ୍ରଧାନମନ୍ତ୍ରୀ ଆବାସ ଓ ସଚିବାଳୟକୁ ନିଜ ନିୟନ୍ତ୍ରଣକୁ ନେଇଯାଇଛନ୍ତି। ପ୍ରଦର୍ଶନକାରୀ କହିଛନ୍ତି କି ଯେ ପର୍ଯ୍ୟନ୍ତ ଦେଶରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଇସ୍ତଫା ନଦେଇଛନ୍ତି ସେ ପର୍ଯ୍ୟନ୍ତ ଆମେ ଏସବୁ ସ୍ଥାନରୁ ହଟିବୁ ନାହିଁ। ବର୍ତ୍ତମାନ ଶ୍ରୀଲଙ୍କାର ଅବସ୍ଥା ଏତେ ଶୋଚନୀୟ ଯେ ଏଠାରେ ଆମ୍ବୁଲାନ୍ସ ଚଳାଇବା ପାଇଁ ଡିଜେଲ କିମ୍ବା ପେଟ୍ରୋଲ ଗଚ୍ଛିତ ନାହିଁ। ଆମ୍ବୁଲାନ୍ସ ସର୍ଭିସ୍ ପକ୍ଷରୁ ଜନତାଙ୍କୁ ସେଠାକୁ ଫୋନ୍ ନକରିବା ପାଇଁ ଅନୁରୋଧ କରାଯାଇଛି। କାରଣ ତୈଳ ନଥିବାରୁ ସେମାନେ ଏହାକୁ ଚଳାଇବାକୁ ଅସମର୍ଥ ବୋଲି ପ୍ରକାଶ କରିଛନ୍ତି। ଇସ୍ତଫା ଦେଲେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ଷେ। ସେ ମଙ୍ଗଳବାର ନିଜ ଇସ୍ତଫା ପତ୍ର ଲିଖିତ ଭାବେ ବାଚସ୍ପତିଙ୍କୁ ନିକଟକୁ ପଠାଇଛନ୍ତି। ଆସନ୍ତାକାଲି ବାଚସ୍ପତି ସାର୍ବଜନିନ ରୂପେ ଏନେଇ ଘୋଷଣା କରିବେ। ଏହି ଇସ୍ତଫା ପରଠାରୁ ଶ୍ରୀଲଙ୍କା ଉପରୁ ରାଜପାକ୍ଷେ ପରିବାରର ଶାସନ ହଟିଯିବ। ଆସନ୍ତା ଜୁଲାଇ ୨୦ ତାରିଖରେ ଶ୍ରୀଲଙ୍କାରେ ନୂଆ ରାଷ୍ଟ୍ରପତି ନିର୍ବାଚନ ହେବ। ଏନେଇ ସଂସଦ ଅଧକ୍ଷ ଅଭୟବର୍ଦ୍ଧନ ସୋମବାର ଘୋଷଣା କରିଛନ୍ତି। ଗୋଟାବାୟଙ୍କ ଇସ୍ତଫା ପରେ ରାଣିଲ ବିକ୍ରମସିଙ୍ଘେଙ୍କୁ ତତ୍କାଳ ରାଷ୍ଟ୍ରପତି କରାଯାଇପାରେ ବୋଲି ବିଶ୍ୱାସ କରାଯାଉଛି। ଜୁଲାଇ ୧୫ ତାରିଖରେ ସଂସଦରେ ସର୍ବଦଳୀୟ ବୈଠକ ହେବ। ଏହାପରେ ୧୯ ଜୁଲାଇରେ ରାଷ୍ଟ୍ରପତି ପଦର ନାମାଙ୍କନ ହେବ। ଜୁଲାଇ ୨୦ରେ ରାଷ୍ଟ୍ରପତି ନିର୍ବାଚନ ହେବ। ନୂଆ ସରକାର ଗଠନ ପାଇଁ ଗୋଟାବାୟ ଓ ଅନ୍ୟ ସବୁ ମନ୍ତ୍ରୀ ଇସ୍ତଫା ଦେବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ବିଧାନ ବିଶେଷଜ୍ଞଙ୍କ କହିବାନୁଯାୟୀ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବାପରେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବାଚସ୍ପତି କାମଚଳା ରାଷ୍ଟ୍ରପତି ଭାବେ ନିଯୁକ୍ତ ହେବେ। ଏହାପରେ ୩୦ ଦିନ ଭିତରେ ସଂସଦ ନୂଆ ରାଷ୍ଟ୍ରପତି ନିର୍ବାଚନ କରିବ। ଗୋଟାବାୟା ରାଜପକ୍ଷଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୪ରେ ଶେଷ ହେଉଛି। ତେଣୁ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ନବନିଯୁକ୍ତ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ବଳବତ୍ତର ରହିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବର୍ତ୍ତମାନ ଶ୍ରୀଲଙ୍କାର ଆର୍ଥିକ ସ୍ଥିତି ଏପରି ହୋଇଛି ଲୋକଙ୍କୁ ଗୋଟିଏ ଓଳି ବି ଠିକ୍‌ଭାବେ ଖାଇବାକୁ ମିଳୁନି। ଖାଦ୍ୟପାନୀୟ ସାମଗ୍ରୀର ଦାମ୍ ବହୁଗୁଣା ବଢ଼ିଯାଇଛି।

## ୨୫ ରାଜ୍ୟରେ ମୌସୁମୀ ବର୍ଷା ଦୁଇଦିନରେ ଗୁଜରାଟରେ ୬୫ ମୃତ

ନୂଆଦିଲ୍ଲୀ: ଦେଶର ୨୫ ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ହେବା ସହ ଲଗାତାର ବର୍ଷା ହେଉଥିବା ଜଣାଯାଇଛି। ଗୁଜରାଟରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏଠାରେ ବର୍ଷା ଓ ବନ୍ୟା ଯୋଗୁଁ ୨୪ଘଣ୍ଟାରେ ୭ଜଣ



ପ୍ରାଣ ହରାଇଛନ୍ତି। ସେହିପରି ଗତ ଦୁଇଦିନରେ ବର୍ଷା ଯୋଗୁଁ ଏଠାରେ ୬୫ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଅହମ୍ମଦାବାଦରେ ରବିବାର ରାତିରେ ୨୧୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୁରତ ସମେତ ୬ ଜିଲ୍ଲାରେ ରେଡ଼ ଆଲର୍ଟ ଜାରି କରାଯାଇଛି। ରାଜକୋଟ ହସ୍ପିଟାଲରେ ପାଣିର ସୁଅ ଚାଲିବା ଯୋଗୁଁ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ସୋମବାର ମୁଷଳ ଧାରାରେ ବର୍ଷା ହୋଇଛି। ପାଣିପାଗ ବିଭାଗ ମଧ୍ୟପ୍ରଦେଶର ଭୋପାଳ, ଇନ୍ଦୋର ଓ ଜବଲପୁର ସମେତ ୩୩ ଜିଲ୍ଲାକୁ ରେଡ଼ ଆଲର୍ଟ ଜାରି କରିଛନ୍ତି। ଏଠାରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ସେହିପରି ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇରେ ଅସ୍ତବ୍ୟସ୍ତ ଥିବାବେଳେ ଛତିଶଗଡ଼ରେ ଜଳସ୍ତର ବଢ଼ିବା ଯୋଗୁଁ ଆନ୍ଧ୍ରପ୍ରଦେଶ ସହ ସଂପର୍କ ବିଚ୍ଛିନ୍ନ ହୋଇଯାଇଛି।



## ଦ୍ରୌପଦୀଙ୍କୁ ସମର୍ଥନ ଦେଲେ ଉଦ୍ଧବ

ମୁମ୍ବାଇ: ରାଷ୍ଟ୍ରପତି ନିର୍ବାଚନ ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେଇଛନ୍ତି ଉଦ୍ଧବ ଠାକ୍‌ରେ। ରାଷ୍ଟ୍ରପତି ନିର୍ବାଚନ ବେଳେ ଶିବସେନା ଏନଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୋପଦୀ ମୁର୍ମୁଙ୍କୁ ସମର୍ଥନ କରିବ ବୋଲି ଶ୍ରୀ ଠାକରେ କହିଛନ୍ତି। ଗତକାଲି ସେ ଦଳୀୟ ସାଂସଦମାନଙ୍କ ସହ ବୈଠକ କରିଥିଲେ। ଏହି ସମୟରେ ଅଧିକାଂଶ ସାଂସଦ ରାଷ୍ଟ୍ରପତି ନିର୍ବାଚନରେ ଶ୍ରୀମତୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଚାର କରିବା ପରେ ମଙ୍ଗଳବାର ଉଦ୍ଧବ ଠାକରେ ନିଜର ନିଷ୍ପତ୍ତି ଶୁଣାଇଛନ୍ତି। ସେ କହିଛନ୍ତି, "ଆମ ଦଳର ଆଦିବାସୀ ନେତାମାନେ ମୋତେ କହିଥିଲେ ଯେ ପ୍ରଥମଥର ପାଇଁ ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହେବାର ସୁଯୋଗ ପାଇଛନ୍ତି। ତେଣୁ ଶିବସେନା ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ବୈଠକ ବେଳେ କୌଣସି ସାଂସଦ ମୋ ଉପରେ ଚାପ ପକାଇ ନଥିଲେ। ଏବେ ଶିବସେନାର ସମର୍ଥନ ପରେ ମୁର୍ମୁଙ୍କ ସପକ୍ଷରେ ୬୦.୬୪% ଭୋଟ ହୋଇ ଯାଇଛି। ବିଜେପି ପାଖରେ ୪୨.୩୦% ଭୋଟ ଥିବା ବେଳେ ଶ୍ରୀମତୀ ମୁର୍ମୁଙ୍କୁ ବିଏସ୍‌ପି, ଜେଡିୟୁ, ଶିବସେନାର ସିନ୍ଧେ ଗ୍ରୁପ, ଶିବସେନାର ଉଦ୍ଧବ ଗ୍ରୁପ, ସ୍ୱାଧୀନ ପ୍ରାର୍ଥୀ, ଏଆଇଏଡିଏମକେ, ୱାଇଏସ୍‌ଆର କଂଗ୍ରେସ ଓ ବିଜେଡିର ସମର୍ଥନ ଘୋଷଣା କରିଛନ୍ତି। ଏହି ସବୁ ଦଳର ଭୋଟ ଭାଗକୁ ମିଶାଇଲେ ଶ୍ରୀମତୀ ମୁର୍ମୁଙ୍କ ସପକ୍ଷରେ ୬୦.୬୪% ଭୋଟ ରହିଛି।

## ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗୀନ ଛବି

ୱାଶିଂଟନ: ଆମେରିକା ମହାକାଶ ସଂସ୍ଥା ଜେମ୍ସ ୱେବ୍ ସ୍ପେଶ୍ ଟେଲିସ୍କୋପ୍ ଜରିଆରେ ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗୀନ ଛବି ଜାରି କରିଛି। ଏହା ଏ ପର୍ଯ୍ୟନ୍ତ ସବୁଠୁ ଅଧିକ ରିଜୋଲ୍ୟୁସନ୍ ଥିବା ଛବି ମଧ୍ୟରୁ ଅନ୍ୟତମ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହାକୁ ନେଇ କହିଛନ୍ତି କି ଆଜି ସାରା ବିଶ୍ୱ ପାଇଁ ଏକ ଐତିହାସିକ ଦିନ। ଏହା ମହାକାଶକୁ ଦେଖିବାର ଦୃଷ୍ଟିଭଙ୍ଗୀକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେବ ବୋଲି ଆଶା ରଖିଛନ୍ତି ମହାକାଶ ବିଜ୍ଞାନୀ। ଏହି ଚିତ୍ରରେ ମହାକାଶରେ ବୁଲୁଥିବା



ଶହ ଶହ ଗ୍ରହ, ଗ୍ରହାଣୁ ପୁଞ୍ଜ ଚିତ୍ର ସ୍ପଷ୍ଟ ଦୃଶ୍ୟମାନ ହେଉଛନ୍ତି। ଏହି ମିଶନକୁ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ସଞ୍ଚାଳନ କରିବା ନିମନ୍ତେ ପର୍ଯ୍ୟାପ୍ତ ଅତିରିକ୍ତ ଇନ୍ଧନ କ୍ଷମତା ରହିଛି। ଏହି ଅବସରରେ ନାସା ଆଡମିନିଷ୍ଟ୍ରେଟର ବିଲ୍ ନେଲସନ ମଧ୍ୟ ଉପସ୍ଥିତ ଥିଲେ। ନେଲସନ ଏକ ବିବୃତିରେ କହିଛନ୍ତି ଯେ ଏହା ବ୍ରହ୍ମାଣ୍ଡର ସବୁଠୁ ଅଧିକ ଗଭୀରତମ ଚିତ୍ର। ବାକି ହାଇ-ରିଜୋଲ୍ୟୁସନ୍ ରଙ୍ଗୀନ ଚିତ୍ରଗୁଡ଼ିକ ଆସନ୍ତା ୧୨ରେ ପ୍ରକାଶ ପାଇବ। ଯାହା ନାସାର ୱେବସାଇଟ୍ ପରିଦର୍ଶନ କରି ମଧ୍ୟ ଦେଖିହେବ।

## ଆତଙ୍କୀ ଆକ୍ରମଣ: ଏଏସଆଇ ନିହତ

ଜମ୍ମୁ-କଶ୍ମୀର: ଶ୍ରୀନଗର ଲାଲ ବଜାରରେ ଥିବା ଚେକ୍‌ପୋଷ୍ଟ ଉପରେ ଆତଙ୍କବାଦୀ ମଙ୍ଗଳବାର ହଠାତ୍ ପୋଲିସ ଉପରକୁ ଗୁଳି ଚାଳନା କରିଥିଲେ। ଏଥିରେ ଏଏସଆଇ ମୁସ୍ତାକ ଅହମ୍ମଦ ସହିଦ ହେବା ସହିତ ଦୁଇ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆହତ କର୍ମଚାରୀଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ସୁରକ୍ଷା ବଳ ଲାଲ ବଜାର ଚାରିପାଖେ ଘେରି ରହି ତଲାସୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି।

## କେରଳ ଆରଏସଏସ କାର୍ଯ୍ୟାଳୟ ଉପରେ ବୋମାମାଡ

ନୂଆଦିଲ୍ଲୀ : କେରଳର କନ୍ନୁର ଜିଲ୍ଲାର ପୟାନୁରରେ ଥିବା ଆରଏସଏସ କାର୍ଯ୍ୟାଳୟ ଉପରେ ମଙ୍ଗଳବାର ସକାଳେ ବୋମାମାଡ଼ ହୋଇଛି। ବୋମାମାଡ଼ ଯୋଗୁଁ ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟର ଝରକା କାଚ ଭାଙ୍ଗିଯାଇଥିବା ଜଣାଯାଇଛି। ପୂର୍ବରୁ ମଧ୍ୟ ଆରଏସଏସ କାର୍ଯ୍ୟାଳୟ ଉପରେ ଆକ୍ରମଣ କରାଯାଇଥିବା ନଜିର ରହିଛି। ଏଭଳି



ବାରମ୍ବାର ଆକ୍ରମଣକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେପି ନେତା ଟମ୍ ବଡ଼କ୍କନ। ସେ ତାଙ୍କ ବିବୃତ୍ତିରେ କହିଛନ୍ତି ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟିଚାଲିଛି। ଏହାକୁ କଦାବି ବରଦାସ୍ତ କରାଯିବନି। ଏହାପୂର୍ବରୁ ଜୁନ ୨୪ ତାରିଖରେ ରାହୁଲ ଗାନ୍ଧୀଙ୍କ ୱାଏନାଡ ସ୍ଥିତ ସଂସଦୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିଲା ।

## ଟୋଲ ପ୍ଲାଜା କର୍ମଚାରୀଙ୍କୁ ଚାପୁଡ଼ା ମାରି ବିବାଦରେ ଦ ଗ୍ରେଟ୍ ଖଲ୍ଲୀ



ନୂଆଦିଲ୍ଲୀ : ଆଇଡି କାର୍ଡ ମାଗିବାରୁ ଟୋଲ୍ ପ୍ଲାଜା କର୍ମଚାରୀଙ୍କୁ ଚାପୁଡ଼ା ମାରି ପୂର୍ବତନ ୱାର୍ଲ୍ଡ ରେସଲିଂ ଏଣ୍ଟରଟେନ୍‌ମେଣ୍ଟ ଚାମ୍ପିୟନ୍ ଦ ଗ୍ରେଟ୍ ଖଲ୍ଲୀ ଏବେ ବିବାଦଘେରରେ। ବର୍ତ୍ତମାନ ଖଲ୍ଲୀଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଭିଡିଓ ଜରିଆରେ ଦାବି କରାଯାଇଛି ଯେ ଖଲ୍ଲୀ ଆଇଡି କାର୍ଡ ମାଗିଥିବାରୁ ଟୋଲ ପ୍ଲାଜା କର୍ମଚାରୀଙ୍କୁ ଚାପୁଡ଼ା ମାରିଛନ୍ତି । ଜଳନ୍ଧରରୁ କର୍ଣ୍ଣଲ ଯିବା ରାସ୍ତାରେ ଏହି ଘଟଣା ଘଟିଥିବା ଜଣାଯାଇଛି। ଭିଡିଓ ଫିଲୋର ନିକଟସ୍ଥ ଟୋଲ ପ୍ଲାଜାର ବୋଲି ଜଣାଯାଇଛି। ଭିଡିଓରେ ଖଲ୍ଲୀ କହିଛନ୍ତି ଯେ ଫଟୋଗ୍ରାଫି କରିବାକୁ ଜଣେ କର୍ମଚାରୀ କାର ଭିତରକୁ ଯାଉଥିଲେ । ମୁଁ ମନା କରିବାରୁ ବିବାଦ ଦେଖାଦେଇଥିଲା । ଏହା ପରେ ବାକି କର୍ମଚାରୀମାନେ ଆସି ତାଙ୍କ କାରକୁ ଘେରି ରହି ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ କର୍ମଚାରୀ କହିଛନ୍ତି ଯେ ସେ କେବଳ ଖଲୀଙ୍କୁ ପରିଚୟ ପତ୍ର ମାଗିଥିଲେ। କିନ୍ତୁ ଖଲ୍ଲୀ ହଠାତ୍ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଚାପୁଡ଼ା ମାରିଛନ୍ତି।

## ବିଦେଶ ଗସ୍ତରେ ରାହୁଲ

ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ବିଦେଶ ଯାତ୍ରା କରିଛନ୍ତି। ତାଙ୍କର ବିଦେଶ ଗସ୍ତ ଏପରି ସମୟରେ ହୋଇଛି ଯେତେବେଳେ ମାତ୍ର ଆଉ କିଛିଦିନ ପରେ ଦେଶରେ ରାଷ୍ଟ୍ରପତି ନିର୍ବାଚନ ସାଙ୍ଗକୁ ସଂସଦର ଶୀତକାଳୀ ଅଧିବେଶନ ଆରମ୍ଭ ହେବ। ପରନ୍ତୁ ରାହୁଲ ଜୁଲାଇ ୧୮ ପୂର୍ବରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ସମ୍ଭାବନା ରହିଛି।



ଦଳ ପକ୍ଷରୁ ରାହୁଲଙ୍କ ଗସ୍ତକୁ ନେଇ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ ଓ ଏହାକୁ ବ୍ୟକ୍ତିଗତ ବୋଲି ଦର୍ଶାଇଛି। ତେବେ ଗୁରୁବାର କଂଗ୍ରେସର ହେବାକୁ ଥିବା 'ଭାରତ ଯୋଡ଼ ଯାତ୍ରା'ରେ ରାହୁଲ ଯୋଗଦେଇପାରିବେ ନାହିଁ। ଏହି ବୈଠକରେ ସମସ୍ତ ମହାସଚିବ, ପ୍ରଭାରୀ ଓ ପ୍ରଦେଶ ଅଧକ୍ଷ ସାମିଲ ହେବେ ବୋଲି ସୂଚନା ରହିଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ସାଧାରଣ ଜନତାଙ୍କୁ ଜୁନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମଙ୍ଗଳବାର ଜାରି କରାଯାଇଥିବା ସରକାରୀ ପରିସଂଖ୍ୟାନ ମୁତାବକ କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ ଆଧାରିତ ରିଟେଲ ମହଙ୍ଗା ଦର ଜୁନ୍‌ରେ ହ୍ରାସ ପାଇ ୭.୦୧%ରେ ପହଞ୍ଚିଛି। ମଇରେ ଏହା ୭.୦୪% ଥିଲା। ପରନ୍ତୁ ଏହା ଲଗାତାର ଷଷ୍ଠ ମାସେ ଯେଉଁଠି ମହଙ୍ଗା ଦର ଆର୍‌ବିଆଇର ୬% ଲିମିଟ୍‌ରୁ ଉପରେ ରହିଛି। ଜାନୁଆରୀ ୨୦୨୨ରେ ଖୁଚୁରା ମହଙ୍ଗା ଦର ୬.୦୧% ଥିଲା ବେଳେ ଫେବୃୟାରୀରେ ୬.୦୭%, ମାର୍ଚ୍ଚରେ ୬.୯୫% ଓ ଏପ୍ରିଲ୍‌ରେ ୭.୭୯% ଥିଲା।




## ଖଣିଜ ବିକାଶରେ ଓଡ଼ିଶା ପ୍ରଥମ

### ୩ କୋଟି ପୁରସ୍କାରରେ ସମ୍ମାନିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସମଗ୍ର ଦେଶରେ ରାଷ୍ଟ୍ରୀୟ ଖଣିଜ ବିକାଶ ନିୟମ ଅନୁଯାୟୀ ଓଡିଶା ରାଜ୍ୟ କାର୍ଯ୍ୟ କରୁଥିବାରୁ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଅବସରରେ ଓଡିଶା ରାଜ୍ୟ କାଟାଗୋରୀ-୧ରେ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକ ବର୍ଷପାଇଁ ପ୍ରଥମ ପୁରସ୍କାର ପାଇଛି । ଏହି ପୁରସ୍କାର ସ୍ୱରୂପ ୩ କୋଟି ଟଙ୍କା ଏବଂ ରାଜ୍ୟ କେନ୍ଦ୍ରରେ ସମ୍ବର୍ଦ୍ଧିତ ହୋଇଛି । ଏହି ଅବସରରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପୁରସ୍କାର ରାଶି ପ୍ରଦାନ କରିବା ସହିତ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି ଓଡିଶାରେ ଖଣି ପରିଚାଳନା ନିୟମକୁ ନେଇ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂୟସୀ ପ୍ରଶଂସା କରିଥିଲେ । ରାଜ୍ୟ ଖଣି ନିଲାମ ଓ ଖଣିଜ ପଦାର୍ଥ ପରିଚାଳନାରେ ଏହି ପୁରସ୍କାର ରାଶି ପାଇଥିବାର ସୂଚନା ମିଳିଛି। ବକ୍ସାଇଟ ଓ ମାଙ୍ଗାନିଜର ସୁପରିଚାଳନା ପାଇଁ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଏଥିନିମନ୍ତେ ୨ କୋଟି ଟଙ୍କା ପୁରସ୍କାର ରାଶି କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଥିବାର ସୂଚନା ମିଳିଛି ।

## ଅରୁନ୍ଧତୀ ଜ୍ୱେଲର୍ସରେ ଚେନ୍ ଓ ବେଙ୍ଗଲ ଫେଷ୍ଟିଭାଲର ଶୁଭାରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ସର୍ବ ବୃହତ ଜୁଏଲାରୀ ଚେନ୍ ଷ୍ଟୋର ଓ ବ୍ରାଣ୍ଡ୍ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ତା୧୧.୦୭.୨୦୨୨ରିଖ ଠାରୁ ଚେନ୍ ଓ ବେଙ୍ଗଲ ଫେଷ୍ଟିଭାଲର ଶୁଭାରମ୍ଭ ହୋଇଯାଇଅଛି। ଏହି ଫେଷ୍ଟିଭାଲରେ ଗ୍ରାହାକମାନଙ୍କ ରୁଚିକୁ ଦୃଷ୍ଟିରେ ରଖି ସତନ୍ତ୍ର କାରିଗରୀଭରା ୧୦୦୦୦ରୁ ଅଧିକ ଚମତ୍କୃତ ଡିଜାଇନ୍‌ର ଚେନ୍ ଓ ବେଙ୍ଗଲର ବିସ୍ତାର ସମ୍ଭାର ରଖାଯାଇଛି, ଯାହାକି ଗ୍ରାହାକମାନଙ୍କୁ ବହୁତ ଆକୃଷ୍ଟ କରୁଅଛି। ଏହା ସହିତ ଫେଷ୍ଟିଭାଲକୁ ମନଭରି ଉପଭୋଗ କରିବା ପାଇଁ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ଗ୍ରାହାକମାନଙ୍କ ପାଇଁ ଆର୍କଷଣୀୟ ସର୍ବୋତ୍କୃଷ୍ଟ ଅଫର ଯେଉଁଥିରେ ସୁନା ଗହଣା ଗଢାମଜୁରୀ ଉପରେ ଟ.୨୦୨୨ ରିହାତି, ହୀରା ଗହଣା ମୂଲ୍ୟ ଉପରେ ଟ.୨୦,୦୨୨ ରିହାତି ଓ ରୂପା ଗଢାମଜୁରୀ ଉପରେ ୫୦% ପର୍ଯ୍ୟ' ରିହାତିର ଅଫର ପାଇପରିବେ । ଏହି ଅଫରଟି ଅରୁନ୍ଧତୀ ଜ୍ୱେଲର୍ସର ସମସ୍ତ ୭ଟି ଶାଖାରେ ଉପଲବ୍ଧ ରହିବ।

## ଟିପିସିଓଡିଏଲ୍ ମୌସୁମୀ ସମୟରେ ଗ୍ରାହକଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ପ୍ରସ୍ତୁତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍):ବିଦ୍ୟୁତ ବିତରଣ ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମୌସୁମୀ ଋତୁରେ ଗ୍ରାହକଙ୍କ ସୁରକ୍ଷା ଓ ନିରବଛିନ୍ନ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା ଲାଗି ଏହାର ମୌସୁମୀ ପ୍ରଯୁକ୍ତି ଅଭିଯାନର ଅଂଶ ସ୍ୱରୂପ ବିଭିନ୍ନ ପ୍ରତିଷେଧମୂଳକ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସମ୍ପୂର୍ଣ୍ଣ କରାଯାଇଛି। ଅଗ୍ରାଧିକାର ଭିତିରେ କଂପାନି ପକ୍ଷରୁ ବିଦ୍ୟୁତ ବ୍ୟବସ୍ଥା, ଖୁଂଟ ଓ ତାର ଉପରେ ଗଛ/ ଶାଖା ପଡ଼ିବା କାରଣରୁ ସୃଷ୍ଟି ହେବାକୁ ଥିବା ଅସୁରକ୍ଷିତ ସ୍ଥିତିକୁ ଏଡ଼ାଇବା ପାଇଁ ଏହାର ପ୍ରାଥମିକ ଓ ବିତରଣ ସବ୍‌ଷ୍ଟେସନରେ ତୃଣ ସଫେଇ ଓ ଫିଡର୍‌ଗୁଡ଼ିକରେ ବ୍ୟାପକ ଭାବେ ବୃକ୍ଷର ଅଂଶ ଛେଦନ କରାଯାଉଛି। ଟିପିସିଓଡିଏଲ୍ ଟିମ୍ ପକ୍ଷରୁ ପ୍ରାୟ ୫୦୦ ସ୍ଥାନରେ ଏଭଳି ସଫେଇ କରାଯାଇଥିବା ଓ ଏହାର ପାଂଚଟି ସର୍କଲ୍‌ର ୩୫୦୦ରୁ ଅଧିକ ସ୍ଥାନରେ ବୃକ୍ଷର ଅଂଶ ଛେଦନ କରାଯାଇଛି। ପ୍ରତିଷେଧମୂଳକ ପଦକ୍ଷେପର ଅଂଶ ସ୍ୱରୂପ ଟିପିସିଓଡିଏଲ୍ ପକ୍ଷରୁ ପ୍ରାୟ ୨୫୦୦ ସ୍ଥାନରେ ଲିକେଜ୍ ବିଦ୍ୟୁତ ପରୀକ୍ଷା ଅଭିଯାନ ଗ୍ରହଣ କରାଯାଇଛି ଓ ତ୍ରୁଟିରେ ସୁଧାର ଅଣାଯିବା ସହ ବିଦ୍ୟୁତ ଟ୍ରାନ୍ସଫରମର୍‌ର ରକ୍ଷଣାବେକ୍ଷଣ, ଟ୍ରାନ୍ସଫରମର୍ ଟାଙ୍କିରେ ତେଲ ଭର୍ତି କରିବା ଓ ତେଲ ଲିକ୍‌କୁ ରୋକିବା ପଦକ୍ଷେପ ଗ୍ରହଣ କରାଯାଇଛି। କଂପାନି ପକ୍ଷରୁ ଅତ୍ୟନ୍ତ ଢ଼ିଲା ଅଂଚଳରେ ଇଟଂରପୋଜିଂ ଖୁଂଟ ସ୍ଥାପନ, ପଲିମରିଂ ଲାଇଟନିଂ ଆରେଷ୍ଟର ସ୍ଥାପନ, ଆର୍ଥିକ ବ୍ୟବସ୍ଥା ସ୍ଥାପନ ଓ ମରାମତି ଓ ତଳୁଆ ଅଂଚଳରେ ଥିବା ପ୍ରାଥମିକ ସବଷ୍ଟେସନ ପାଇଁ ସବ୍‌ମର୍ସିବଲ୍ (ବୁଡ଼ିବା) ପମ୍ପସେଟ୍‌ର ବ୍ୟବସ୍ଥା କରାଯାଇଛି।

## ସାମସଙ୍ଗ ପକ୍ଷରୁ ଭୁବନେଶ୍ୱରରେ ଶିକ୍ଷା ଏବଂ ଇନୋଭେସନ ରୋଡ଼ ଶୋ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍):ସାମସଙ୍ଗ ଇଣ୍ଡିଆ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ଶିକ୍ଷା ଏବଂ ଇନୋଭେସନ ରୋଡ ଶୋ ରେ ବିଦ୍ୟାଳୟ ଓ କଲେଜର ଛାତ୍ରଛାତ୍ରୀମାନେ ଆଗ୍ରହର ସହିତ ସାମିଲ ହୋଇଛନ୍ତି । ସେମାନେ ରାଜ୍ୟ ତଥା ଦେଶର ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଚିହ୍ନଟ କରିଛନ୍ତି ଓ ଏହାର ସମାଧାନ ପାଇଁ ସଂକଳ୍ପ ନେଇଛନ୍ତି । ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ କହିଛନ୍ତି ଯେ ସେମାନେ ବାସ୍ତବିକ ଦୁନିଆର ସମସ୍ୟାକୁ ସମାଧାନ କରିବାକୁ ଚାହୁଁଛନ୍ତି ଯଥା ଦୈନିକ ଶ୍ରମିକମାନଙ୍କର କାର୍ଯ୍ୟ ସୁରକ୍ଷା, ସ୍କୁଲ ଛାତ୍ରଛାତ୍ରୀମାନଙ୍କର ମାନସିକ ସୁସ୍ଥତା, ସାନିଟାରୀ ନାପକିନର ନିରାପଦ ନିଷ୍କାସନ, ଚିଲିକା ହ୍ରଦ ନୀକଟରେ ରହୁଥିବା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହ, ପ୍ଲାଷ୍ଟିକ ପୁନଃବ୍ୟବହାରର ଅଭାବ, କୀଟମାନଙ୍କ ଦ୍ୱାରା ହେଉଥିବା ଶସ୍ୟର କ୍ଷୟକ୍ଷତି, କୃଷିଜାତ ବର୍ଜ୍ୟର ପୁନଃବ୍ୟବହାର ଓ ଏହିପରି ଆହୁରି ଅନେକ ସମସ୍ୟା ସାମିଲ ରହିଛି। ସେମାନଙ୍କ ମତରେ ସେମାନଙ୍କୁ ସାମସଙ୍ଗର ସଲଭ ଫର ଟୁମୋରୋ ଏଜୁକେସନ ଏବଂ ଇନୋଭସେନ ପ୍ରତିଯୋଗୀତା ଭଳି ଏକ ପ୍ଲାଟଫର୍ମର ଆବଶ୍ୟକତା ରହିଛି ଯାହାକି ସେମାନଙ୍କ ଯୋଜନାକୁ କାର୍ଯ୍ୟରେ ପରିଣତ କରିବାରେ ସାହାଯ୍ୟ କରି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ମାର୍ଗଦର୍ଶନ ଯୋଗାଇପାରିବ । ସାମସଙ୍ଗର ବିଶ୍ୱସ୍ତରୀୟ ସିଏସଆର କାର୍ଯ୍ୟକ୍ରମ ସଲଭ ଫର ଟୁମୋରୋ ବିଷୟରେ ଆଲୋଚନା କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ଆକର୍ଷଣୀୟ ଅଫର ଓ ଡିଲ ସହିତ ପୁଣି ଫେରିଛି ଆମାଜନ ପ୍ରାଇମ ଡେ'

ନୂଆଦିଲ୍ଲୀ: ଭାରତର ପ୍ରାଇମ ସଦସ୍ୟମାନଙ୍କ ପାଇଁ ଆମାଜନ ପୁଣି ଥରେ ଏହାର ବାର୍ଷିକ ପ୍ରାଇମ ଡେ ନେଇ ଆସିଛି । ଏହି ଦୁଇ ଦିନରେ ସଂଚୟ, ବ୍ଲକବଷ୍ଟର ଏଂଟରଟେନମେଂଟ, ନୂତନ ଲଂଚ ଓ ଆହୁରି ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି ଯାହାକି ଚଳିତ ଜୁଲାଇ ୨୩ ରାତି ୧୨ଟାରୁ ଆରମ୍ଭ ହେବ ଏବଂ ଜୁଲାଇ ୨୪ ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ଅନେ ସୁପର ଡିଲ ମଧ୍ୟ ପ୍ରଦାନ କରାଯାଉଛି ଯେଉଁଥିରେ ରହିଛି ସ୍ମାର୍ଟଫୋନ, କ୍ୟୁମର ଇଲେକ୍ଟ୍ରୋନିକ୍ସ, ଟିଭି, ଉପକରଣ, ଫ୍ୟାସନ ଓ ବ୍ୟୁଟି, ଗ୍ରୋସରୀ, ଅମାଜନ ଡିଭାଇସ, ଘର ଓ କିଚେନ, ଦୈନନ୍ଦିନ ସାମଗ୍ରୀ ଓ ଆହୁରି ଅନେକ କିଛି । ଯଦି ଆପଣ ଏପର୍ଯ୍ୟନ୍ତ ପ୍ରାଇମ ସଦସ୍ୟ ହୋଇନାହାଁନ୍ତି ତେବେ ବର୍ଷକୁ ୧୪୯୯ଟଙ୍କା ଓ ମାସକୁ ୧୭୯ଟଙ୍କା ପ୍ରଦାନ କରି ଆମାଜନ.ଇନ ର ପ୍ରାଇମ ସଦସ୍ୟ ହୋଇଯାଆନ୍ତୁ ଏବଂ ଏହାର ସମସ୍ତ ପ୍ରାଇମ ସୁବିଧା ଯଥା ଫ୍ରି ଓ ଫାଷ୍ଟ ଡେଲିଭରୀ, ଅନଲିମିଟେଡ ଭିଡିଓ, ଆଡ ଫ୍ରି ମ୍ୟୁଜିକ, ଏକ୍ସକ୍ଲୁସିଭ ଡିଲ, ଲୋକପ୍ରିୟ ମୋବାଇଲ ଗେମରେ ଫ୍ରି-ଗେମ କଂଟେଟ ଓ ଆହୁରି ଅନେକ ଲାଭ ପାଆନ୍ତୁ। ଏହା ସହିତ ୧୮-୨୪ ବର୍ଷର ଗ୍ରାହକମାନେ ୟୁଥ ଅଫର ପାଇପାରିବେ ଓ ତାଙ୍କର ପ୍ରାଇମ ସଦସ୍ୟତାରେ ୫୦% ରିହାତି ପାଇପାରିବେ ।



ଲଣ୍ଡନ: ଇଂଲଣ୍ଡ କ୍ରିକେଟ ଦଳ ମୁଖ୍ୟକୋଚ ବ୍ରେଣ୍ଡେନ ମ୍ୟାକୁଲମ କହିଛନ୍ତି ଯେ ଇଂଲଣ୍ଡ ଟେଷ୍ଟ ଦଳ ନୂଆ ଅଧିନାୟକ ବେନ ଷ୍ଟୋକ୍ସଙ୍କ ନେତୃତ୍ୱରେ ବିଜୟ ଅଭିଯାନ ଆରମ୍ଭ କରିଛି। ଷ୍ଟୋକ୍ସଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ନିଜ ପରିବେଶରେ କେବଳ ୪ ମ୍ୟାଚରେ ସଫଳ ହୋଇଛି। ତେବେ ଏହା କେବଳ ଆରମ୍ଭ ମାତ୍ର। କାରଣ ଆଗକୁ ଆହୁରି ଅନେକ ଦୂର ଗତି କରିବାକୁ ପଡିବ। ତେବେ ପ୍ରଥମରୁ ବିଜୟ ଉପଲବ୍ଧି ନିଶ୍ଚିତ ଉତ୍ସାହ ସୃଷ୍ଟି କରିଛି। ତେବେ ଇଂଲଣ୍ଡ ସବୁ ପରିବେଶରେ ଦକ୍ଷତା ପ୍ରତିପାଦନ କରିବାକୁ ପଡିବ। ତେଣୁ ବିଦେଶୀ ପିଚରେ ଅସଲ ଚାଲେଞ୍ଜ ମୁକାବିଲା କରିବାକୁ ପଡିବ। ଗତ ନ୍ୟୁଜିଲାଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ଇଂଲଣ୍ଡ ୩-୦ରେ କ୍ଲିନ ସୁଇପ ବିଜୟ ହାସଲ କରିବା ପରେ ଭାରତକୁ ଗତ ବର୍ଷ ସ୍ଥଗିତ ଟେଷ୍ଟ ସିରିଜର ପଞ୍ଚମ ତଥା ଶେଷ ମ୍ୟାଚରେ ପୁଣି ପରାସ୍ତ କରିଛି। ତେବେ ଇଂଲଣ୍ଡ ଦଳ ଏକ ନୂଆ ଉତ୍ସାହ ଓ ମନୋଭାବ ନେଇ ଲଢୁଆ ଖେଳ ପ୍ରଦର୍ଶନ କରିବା ଫଳରେ ବିଜୟ ସମ୍ଭବ ହୋଇ ପାରିଛି। ଆଗାମୀ ସମୟରେ ବିଦେଶ ପିଚରେ ଲଢ଼ିବାକୁ ପଡିବ। ତେଣୁ ଯେଉଁ ଦଳ ବିଶ୍ୱର ସମସ୍ତ ପରିବେଶ ଓ ପିଚରେ ନିଜର ଦକ୍ଷତା ଦେଖାଇ ପାରିବ,ସେ ବାସ୍ତବିକ ଚାମ୍ପିଅନ ପ୍ରମାଣିତ ହୋଇ ପାରିବ।



## ବୁମରାଙ୍କ ବୋଲିଂରେ ଇଂଲଣ୍ଡ ଧରାଶାୟୀ

# ୧୦ ୱିକେଟ୍‌ରେ ଜିତିଲା ଭାରତ

ଲଣ୍ଡନ: ଯଶପ୍ରୀତ ବୁମରାଙ୍କ ମାରାତ୍ମକ ବୋଲିଂ ଓ ଅଧିନାୟକ ରୋହିତ ଶର୍ମାଙ୍କ ଚକା,ଚୌକା ବର୍ଷା ବଳରେସୋମବାର ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ଏକ ନୂଆ ରେକର୍ଡ ସହିତ ଇଂଲଣ୍ଡକୁ ୧୦ ୱିକେଟରେ ପରାସ୍ତ କରିଛି। ସେହିପରି ଓପନର ଶିଖର ଧାୱନଙ୍କ ଅପରାଜିତ ୩୧ ରନ ଭାରତର ବିଜୟ ପାଇଁ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି। ସବୁଠାରୁ ଚର୍ଚ୍ଚାର ବିଷୟ ହେଲା ଯେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଭାରତୀୟ ବୋଲିଂକୁ ସଠିକ ମୁକାବିଲା କରି ନ ପାରି କେବଳ ୨୫.୨ ଓଭରରେ ୧୧୦ ରନ କରି ଅଲଆଉଟ ହୋଇ ଯାଇଥିଲା। ଭାରତ ଏହି ଛୋଟ ଟାର୍ଗେଟକୁ ପିଛା କରି କୌଣସି ୱିକେଟ ନ ହରାଇ ୧୮.୪ ଓଭରରେ ୧୧୪ ରନ କରି ସହଜ ବିଜୟ ହାସଲ କରି ନେଇଥିଲା। ରୋହିତ ଶର୍ମା ୫ ଛକା ଓ ୭ ଚୌକା ବଳରେ ୫୮ ବଲରୁ ଅପରାଜିତ ୭୬ ଓ ଶିଖର ଧାୱନ ୪ ଚୌକା ସହିତ ୫୪ ବଲରୁ ୩୧ ରନ କରି ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖିଥିଲେ। ଇଂଲଣ୍ଡ ବୋଲର ମାନେ ଆପ୍ରାଣ ଉଦ୍ୟମ କରି ଥିଲେ ହେଁ ଭାରତର ଦୁଇ ଓପନରଙ୍କୁ ବିଚ୍ଛିନ୍ନ କରି ପାରି ନ ଥିଲେ। ନିକଟରେ ଅନୁଷ୍ଠିତ ଟେଷ୍ଟ ସିରିଜର ପଞ୍ଚମ ମ୍ୟାଚରେ ଭାରତକୁ ପରାସ୍ତ କରିଥିବା ଇଂଲଣ୍ଡ ତିନି ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ୧-୨ରେ ହାରିଥିବା ବେଳେ ଚଳିତ ଦିନିକିଆ ସିରିଜା ପ୍ରଥମ ମ୍ୟାଚରେ ଅତି ଲଜ୍ଜାଜନକ ପରାଜୟ ସ୍ୱିକାର କରିଛି। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଓପନର ଜାସୋନ ରୟ(୦)ଙ୍କୁ ହରାଇବା ପରେ ଦିଗ ହରା ହୋଇ ଯାଇଥିଲା। କାରଣ ଯଶପ୍ରୀତ ବୁମରା ପ୍ରଥମ ତିନି ୱିକେଟ ଅକ୍ତିଆର କରି ଭାରତୀୟ ଶିବିରରେ ଉତ୍ସାହ ଭରି ଦେଇ ଥିଲେ। ଅନ୍ୟତମ ଓପନର ତଥା ପଞ୍ଚମ ଟେଷ୍ଟର ହିରୋ ଜନ୍ନି ବେୟାରଷ୍ଟୋ ୭ ରନ କରି ବୁମରାଙ୍କ ବଲରେ ପ୍ୟାଭିଲିୟନ ଫେରିବା ପରେ ଜୋ ରୁଟ୍ ମଧ୍ୟ ଖାତା ଖୋଲିବା ପୂର୍ବରୁ ବୁମରାଙ୍କ ବଲର ଶୀକାର ହୋଇ ଥିଲେ। ସେହିପରି ଇଂଲଣ୍ଡ ଟେଷ୍ଟ ଦଳ ଅଧିନାୟକ ବେନ ଷ୍ଟୋକ୍ସ ଦଳର ଏହି ଦୟନୀୟ ପରିସ୍ଥିତିରେ ସୁଧାର ଆଣିବା ପାଇଁ କ୍ରିଜକୁ ଓହ୍ଲାଇ ଥିଲେ ହେଁ କେବଳ ଗୋଟିଏ ବଲ ଖେଳି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଥିଲେ। କେବଳ ଅଧିନାୟକ ଜୋସ ବଟ୍ଟଲର ଭାରତୀୟ ବୋଲରଙ୍କୁ କିଛି ସମୟ ପାଇଁ ମୁକାବିଲା କରି ୬ ଚୌକା ସହିତ ୩୨ ବଲରୁ ୩୦ ରନ କରିଥିବା ବେଳେ ଲିଆମ ଲିଭିଂଷ୍ଟୋନ ୦, ଅଲାଉଣ୍ଡର ମୋଇନ ଅଲି ୧୪, ଡେଭିଡ ୱିଲେ ୨୧, କ୍ରେଗ ଓଭରଟନ ୮ ଓ ବ୍ରାଇଡନ କାରସେ ୧୫ ରନ କରି ଆଉଟ ହୋଇ ଥିଲେ। ଭାରତ ପକ୍ଷରୁ ପ୍ରାରମ୍ଭରୁ ସଫଳ ବୋଲର ଭାବେ ଯଶପ୍ରୀତ ବୁମରା ୭.୨ ଓଭର ବୋଲିଂ କରି ୩ ମେଡେନ ସହିତ ୧୯ ରନ ବିନିମୟରେ ୬ ୱିକେଟ ଅକ୍ତିଆର କରିଥିବା ବେଳେ ଅନ୍ୟତମ ପେସର ମହମ୍ମଦ ସାମି ୩୧ ରନରେ ୩ ଓ ପ୍ରସିଦ୍ଧ କ୍ରିଷ୍ଣା ୨୬ ରନରେ ଗୋଟିଏ ୱିକେଟ ହାସଲ କରିଥିଲେ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ରୋହିତ ଓ ଧାୱନ ୧୮ ଥର ପାଇଁ ପ୍ରଥମ ୱିକେଟ ଯୋଡିରେ ୧୦୦ରୁ ଉର୍ଦ୍ଧ୍ୱ ରନ ଯୋଗ କରିବାରେ ସଫଳ ହୋଇଛନ୍ତି। ବୁମରା ଏହି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ହୋଇଛନ୍ତି।




### ଦ୍ରୁତତମ ୧୫୦ ୱିକେଟ ହାସଲ କରିବାରେ ମହମ୍ମଦ ସାମି ପ୍ରଥମ

ଲଣ୍ଡନ: ଭାରତୀୟ ପେସ୍ ବୋଲର ମହମ୍ମଦ ସାମି ମଙ୍ଗଳବାର ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୩ ୱିକେଟ ହାସଲ ସହିତ ଏକ ନିଆରା ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସାମି ୮୦ ଦିନିକିଆ ଖେଳି ୧୫୦ ୱିକେଟ ପୂରଣ କରିଛନ୍ତି। ପୂର୍ବରୁ ପ୍ରତମ ଭାରତୀୟ ବୋଲର ଭାବେ ଅଜିତ ଅଗରକର ୯୭ ଦିନିକିଆ ଖେଳି ୧୫୦ ୱିକେଟ ପୂରଣ କରିଥିବା ବେଳେ ସାମି ଆଜି ଏହି ରେକର୍ଡ ଅତିକ୍ରମ କରିଛନ୍ତି। ଏହି ସଫଳତା ସହିତ ଆଫଗାନିସ୍ତାନର ସ୍ପିନର ରସିଦ ଖାନଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆର ପେସ୍ ବୋଲର ମିଚେଲ ଷ୍ଟାର୍କ ୭୭ ଦିନିକଆ ଖେଳି ୧୫୦ ୱିକେଟ ହାସଲ କରି ଥିବା ବେଳେ ପାକିସ୍ତାନର ପୂର୍ବତନ ସ୍ପିନର ସକଲେନ ମୁସ୍ତାକ ୭୮ ଦିନିକିଆ ଖେଳି ଦ୍ରୁତ ୧୫୦ ୱିକେଟ ଅକ୍ତିଆର କରିବା ରେକର୍ଡ ପ୍ରତିଷ୍ଠା କରିଥିଲେ।




### ଇଂଲଣ୍ଡରେ ୬ ୱିକେଟ୍ ଦଖଲ କରିବାରେ ବୁମରା ପ୍ରଥମ




ଲଣ୍ଡନ: ଭାରତୀୟ କ୍ରିକେଟ ଦଳର ପେସ୍ ବୋଲର ଯଶପ୍ରୀତ ବୁମରା ଦେଶର ପ୍ରଥମ ସଫଳ ବୋଲର ଭାବେ ଇଂଲଣ୍ଡ ମାଟିରେ ଅନୁଷ୍ଠିତ ଦିନିକିଆ କ୍ରିକେଟରେ ୬ ୱିକେଟ ଅକ୍ତିଆର କରିଛନ୍ତି। ମଙ୍ଗଳବାର ସ୍ଥାନୀୟ କେନିଂଷ୍ଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଏହି ସଫଳତା ପାଇବା ସହିତ ଭାରତର ତୃତୀୟ ବୋଲର ଭାବେ ଦିନିକିଆରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ଭାରତର ଅନ୍ୟତମ ବୋଲର ଷ୍ଟୁଆର୍ଟ ବିନ୍ନି ୨୦୧୪ରେ ବାଂଲାଦେଶ ବିପକ୍ଷ ଦିନିକିଆରେ କେବଳ ୪ ରନ ଦେଇ ୬ ୱିକେଟ ଓ ପୂର୍ବତନ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ ୧୯୯୩ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆରେ ୧୨ ରନ ବିନିମୟରେ ଅକ୍ତିଆର କରି ଥିଲେ ୬ ୱିକେଟ। ଅନ୍ୟ ପକ୍ଷରେ ଭାରତ ବିପକ୍ଷରେ ଇଂଲଣ୍ଡ କରିଥିବା ୧୧ହେଉଛି। ସର୍ବନିମ୍ନ ଦିନିକିଆ ଦଳଗତ ସ୍କୋର।

## ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ୍ ସିରିଜ

# ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେବା ଅନୁଚିତ:ଗାଭାସ୍କର

ନୂଆଦିଲ୍ଲୀ: ପୂର୍ବତନ ଅଧିନାୟକ ସୁନିଲ ଗାଭାସ୍କର କହିଛନ୍ତି ଯେ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳର ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦେବା ଠିକ ନିଷ୍ପତ୍ତି ନୁହେଁ। କାରଣ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସିରିଜ। ତେଣୁ ଦଳର ବରିଷ୍ଠ ଖେଳାଳି ମାନେ ବିଶ୍ରାମ ନେବା ପଛରେ କୌଣସି କାରଣ ନାହିଁ। ସେହି ଖେଳାଳି ମାନେ ଯଦି ଲଗାତର ଦୁଇ ମାସ ଆଇପିଏଲ ଖେଳି ପାରୁଛନ୍ତି,ତେବେ ଭାରତ ପାଇଁ ଅନ୍ତର୍ଜାତୀୟ ସିରିଜ ଖେଳିବା ପାଇଁ କାହିଁକି ପଛଘୁଞ୍ଚା ଦେଉଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଅଧିନାୟକ ରୋହିତ ଶର୍ମାଙ୍କ ସହିତ ବିରାଟ କୋହଲି, ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଷଭ ପନ୍ତଙ୍କୁ ବିଶ୍ରାମ ଦିଆ ଯାଇଛି। ଏହି ଖେଳାଳି ମାନେ ବିନା ବିଶ୍ରାମରେ ଆଇପିଏଲ ଖେଳିବା ପାଇଁ କୌଣସି ଦ୍ୱିଧା ପ୍ରକାଶ କରୁ ନାହାନ୍ତି। ମାତ୍ର ଦେଶ ପାଇଁ ଅନ୍ତର୍ଜାତୀୟ ସିରିଜ ଖେଳିବା ପାଇଁ କେଉଁଠି ସମସ୍ୟା ରହିଲା। ଟି-୨୦ ଓ ଟେଷ୍ଟ ଖେଳିବା ବେଳେ ଯଦି ଅସୁବିଧା ନାହିଁ ,ତେବେ ଦିନିକିଆ ଖେଳିବା ପାଇଁ ଇଚ୍ଛା ପ୍ରକଶ ନ କରିବା ପଛରେ କଣ କାରଣ ଥାଇପାରେ ବୋଲି ଗାଭାସ୍କର ପ୍ରଶ୍ନ କରିଛନ୍ତି। ତେଣୁ ବିସିସିଆଇ ଖେଳାଳିଙ୍କ ବିଶ୍ରାମ ନୀତି ଉପରେ ହସ୍ତକ୍ଷେପ କରିବା ଉଚିତ। କାରଣ ସିନିୟର ଖେଳାଳି ମାନେ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ଅନୁବନ୍ଧିତ ହୋଇ ବିପୁଳ ଅର୍ଥ ପାଉଛନ୍ତି। ତେଣୁ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ ପାଇଁ ସେମାନଙ୍କୁ ବିଶ୍ରାମ ଦେଇ ଅନ୍ୟ ଖେଳାଳିଙ୍କୁ ଦଳରେ ସାମିଲ କରିବା ବିସିସିଆଇର ଠିକ ପଦକ୍ଷେପ ନୁହେଁ ବୋଲି ଗାଭାସ୍କର କହିଛନ୍ତି।



# ପ୍ୟାରିସ ଅଲିମ୍ପିକ୍ସ ପରେ ବିବାହ କରିବି:ଦୂତି



ନୂଆଦିଲ୍ଲୀ : ଓଡିଶାର ମହିଳା ଧାବିକା ଦୂତି ଚାନ୍ଦ କହିଛନ୍ତି ଯେ ୨୦୨୪ ପ୍ୟାରିସ ଅଲିମ୍ପିକ୍ ପରେ ବିବାହ କରିବା ଯୋଜନା କରିଛି। ଅବଶ୍ୟ ବିଭାଘର ହେଲେ ମଧ୍ୟ ଅଦାଲତଙ୍କ ଠାରୁ ପ୍ରମାଣ ପତ୍ର ମିଳିବ ନାହିଁ। କାରଣ ଭାରତରେ ସମଲିଙ୍ଗୀ ବିବାହକୁ ଆଜି ପର୍ଯ୍ୟନ୍ତ ସ୍ୱିକୃତି ମିଳିନାହିଁ। ତେଣୁ କୌଣସି ମନ୍ଦିର କିମ୍ବା ଅନ୍ୟ ସ୍ଥାନରେ ବିଭାଘର ଆୟୋଜନ କରିବା ପାଇଁ ମୋ ଓକିଲ ମୋତେ ପରାମର୍ଶ ଦେଇଛନ୍ତି। ଅବଶ୍ୟ ମୋ ପାର୍ଟନରର ବୟସ ୨୨ ହୋଇଥିବା ବେଳେ ମୁଁ ୨୬ ବର୍ଷ ବୟସରେ ପଦାର୍ପଣ କରିଛି। ତେଣୁ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଆହୁରି କିଛି ବର୍ଷ ପ୍ରତଦ୍ୱନ୍ଦ୍ୱିତା କରିବା ଲକ୍ଷ୍ୟ ରଖିଛି। ତେବେ ଲିଙ୍ଗଗତ ସମସ୍ୟା ନେଇ ମୁଁ ୨୦୧୪ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାଗ ନେବାରୁ ବଞ୍ଚିତ ହୋଇ ଥିବା ବେଳେ ୨୦୧୮ରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ମଧ୍ୟ ଭାଗ ନେବା ସୁଯୋଗ ମିଳି ନ ଥିଲା। ତେବେ ଚଳିତ ବର୍ଷ ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡାର ମହିଳା ୪ଗୁଣା ୧୦୦ ମିଟର ରିଲେ ଇଭେଣ୍ଟରେ ଭାଗ ନେବା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। କାରଣ ୧୦୦ ଓ ୨୦୦ ମିଟର ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରି ପାରିଲେ ନାହିଁ। ତେଣୁ ଦୂତି କହିଛନ୍ତି ଯେ ଏହି ଇଭେଣ୍ଟରେ ଭାରତ ପାଇଁ ପଦକ ଜିତିବା ଲକ୍ଷ୍ୟ ରଖିଛି। ଏଥିପାଇଁ ପ୍ରସ୍ତୁତି ଜାରି ରଖିଛି। ତେବେ ଆଗାମୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ଗେମ୍ସରେ ପଦକ ହାସଲ ଲକ୍ଷ୍ୟ ରଖିଛି। କରୋନା ସଂକ୍ରଣ କାରଣ ନେଇ ଚୀନରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ଗେମ୍ସ ସ୍ଥଗିତ ରହିଛି।

# ବିଶ୍ୱ ଚାମ୍ପିଅନଶିପ ଉପରେ ନିରଜଙ୍କ ଲକ୍ଷ୍ୟ




ନୂଆଦିଲ୍ଲୀ: ଗତ ବର୍ଷ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜାଭେଲିନ ଥ୍ରୋର ନିରଜ ଚୋପ୍ରାଙ୍କ ସମ୍ମାନାର୍ଥେ ଆସନ୍ତା ଅଗଷ୍ଟ ୭ ତାରିଖ୍ ଦିନ ପ୍ରଥମ ଜାତୀୟ ଜାଭେଲିନ ଦିବସ ପାଳନ କରାଯିବ। ଏହା ସହିତ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଆଥଲେଟିକ ଚାମ୍ପିଅନଶିପରେ ପଦକ ଜିତିବା ପାଇଁ ନିରଜ ଚୋପ୍ରା ବଡ ଲକ୍ଷ୍ୟ ରଖିଛନ୍ତି। ଟୋକିଓ ଅଲିମ୍ପିକ୍ସ ପରେ ନିରଜ ପ୍ରଥମ ଥର ପାଇଁ ଫିନଲାଣ୍ଡରେ ଅନୁଷ୍ଠିତ ଦୁଇ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳ ହୋଇ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରି ଥିଲେ। ତେବେ ଆଗକୁ ରାଜ୍ୟଗୋଷ୍ଠୀ କ୍ରୀଡା ଅନୁଷ୍ଠିତ ହେବା ପାର୍ଇ ଥିବାରୁ ଆଗାମୀ ବିଶ୍ୱ ଚାମ୍ପିଅନଶିପରେ ପଦକ ହାସଲ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ହରିୟାଣାର ଏକ କୃଷକ ପରିବାରରେ ଜନ୍ମିତ ନିରଜ ଗତ ମାସରେ ଫିନଲାଣ୍ଡରେ ଅନୁଷ୍ଠିତ ପାଭୋ ନୁର୍ମି ମିଟରେ ୮୯.୩୦ ମିଟର ଥ୍ରୋ କରିଥିବା ବେଳେ ଷ୍ଟକହୋମରେ ଅନୁଷ୍ଠିତ ଡାଇମଣ୍ଡ ଲିଗରେ ଏହା ଠାରୁ ଅଧିକ ଭଲ ପ୍ରଦର୍ଶନ କରି ୮୯.୯୪ ମିଟର ଥ୍ରୋ କରିଥିଲେ। ତେବେ ଆଗାମୀ ସମୟରେ ୯୦ ମିଟର ଥ୍ରୋ କରିବା ନିରଜଙ୍କର ଲକ୍ଷ୍ୟ ରହିଛି।

# ପାକିସ୍ତାନ ଟି-୨୦ ବିଶ୍ୱକପ୍ ଜିତିବା ସୁଯୋଗ ରହିଛି:ୟୁନିସ

ଦୁବାଇ: ପାକିସ୍ତାନର ପୂର୍ବତନ ପେସ୍ ବୋଲର ୱାକର ୟୁନିସ କହିଛନ୍ତି ଯେ ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ କ୍ରିକେଟ ବିଶ୍ୱକପରେ ପାକିସ୍ତାନ ଚାମ୍ପିଅନ ହେବା ପାଇଁ ସୁଯୋଗ ରହିଛି। କାରଣ ଅଷ୍ଟ୍ରେଲିଆ ପିଚ ପାକିସ୍ତାନ ବୋଲରଙ୍କୁ ବିଶେଷ ଭାବେ ସୁହାଇବ। ଦଳରେ ଏକାଧିକ ମ୍ୟାଚ ବିଜୟୀ ବୋଲର ମହଜୁଦ ଅଛନ୍ତି। ସେମାନେ ବରାବର ପ୍ରତିପକ୍ଷ ଦଳର ବ୍ୟାଟରଙ୍କୁ ନିୟନ୍ତ୍ରଣରେ ବାନ୍ଧି ରଖିବା କ୍ଷମତା ରଖିଛନ୍ତି। ସୋମବାର ଦିନ ଆଇସିସି ଡିଜିଟାଲ ସହିତ ଆଲୋଚନା କରିବା ବେଳେ ୟୁନିସ କହିଛନ୍ତି ଯେ ଅଷ୍ଟ୍ରେଲିଆ ପିଚରେ ପାକିସ୍ତାନ ବ୍ୟାଟର ମାନେ ଭଲ ପ୍ରଦର୍ଶନ କରିବା ସୁଯୋଗ ପାଇବେ। କାରଣ ଦଳର ବ୍ୟାଟିଂ ଲାଇନ ମଜଭୂତ । ପାକିସ୍ତାନ ସଂପ୍ରତି ଆଇସିସି ମାନ୍ୟତାର ତୃତୀୟ ସ୍ଥାନରେ ରହିଛି। ଗତ ୧୨ ମାସ ମଧ୍ୟରେ ଦଳର ପ୍ରଦର୍ଶନ ଅତି ପ୍ରଶଂସନୀୟ ହୋଇ ପାରିଛି। ଗତ ବର୍ଷ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ପାକିସ୍ତାନ ପ୍ରାରମ୍ଭରୁ ଅତି ଭଲ ଖେଳି ଶେଷ ପର୍ଯ୍ୟାୟ ମୁକାବିଲାରେ ପହଞ୍ଚି ପାରିଥିଲା। ମାତ୍ର ଅଷ୍ଟ୍ରେଲିଆ ନିକଟରୁ ସେମିଫାଇନାଲରେ ହାରିବା ବଡ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତେବେ ଏହି ମ୍ୟାଚରୁ ଦଳ ଯେଉଁ ଶିକ୍ଷା ଲାଭ କରିଛି ତାହା ଚଳିତ ବର୍ଷର ବିଶ୍ୱକପରେ କାର୍ଯ୍ୟକାରୀ କରିବ। ସେହିପରି ଅଧିନାୟକ ବରବର ଆଜାମ ଦଳ ପାଇଁ ବଡ ଯୋଗଦାନ ଦେବା ଲକ୍ଷ୍ୟରେ ଅଛନ୍ତି। ଅନ୍ୟ ଖେଳାଳି ମାନେ ମଧ ଦଳକୁ ବିଶ୍ୱକପ ବିଜୟୀ କରାଇବା ପାଇଁ ଦକ୍ଷ ବୋଲି ୟୁନିସ କହିଛନ୍ତି।




# ଶ୍ରୀଲଙ୍କାକୁ ଡେଭିଡ ୱାର୍ଣ୍ଣରଙ୍କ ପ୍ରଶଂସା



ମେଲବୋର୍ଣ୍ଣ: ଅଷ୍ଟ୍ରେଲିଆ କ୍ରିକେଟ ଦଳର ଓପନିଂ ବ୍ୟାଟର ଡେଭିଡ ୱାର୍ଣ୍ଣର ଶ୍ରୀଲଙ୍କା କ୍ରିକେଟ ବୋର୍ଡକୁ ବିଶେଷ ଧନ୍ୟବାଦ ଦେଇଛନ୍ତି। ସୋମବାର ନିଜର ଇନଷ୍ଟାଗ୍ରାମରେ ୱାର୍ଣ୍ଣର ଉଲ୍ଲେଖ କରିଛନ୍ତି ଯେ ଶ୍ରୀଲଙ୍କା ବର୍ତ୍ତମାନ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ଦ୍ୱିପାକ୍ଷିକ ସିରିଜ ଆୟୋଜନ କରିବା ଅତି ଖୁସିର ବିଷୟ। କାରଣ ଆମେ ମାସାଧିକ କାଳ ଶ୍ରୀଲଙ୍କାରେ ଅବସ୍ଥାପନ କରି ଟି-୨୦, ଦିନିକିଆ ଓ ଟେଷ୍ଟ ସିରିଜ ଖେଳିବା ଭିତରେ କୌଣସି ସମସ୍ୟା ହୋଇନାହିଁ। ଏଥିପାଇଁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ବାସ୍ତବିକ ଧନ୍ୟଦାଦର ପାତ୍ର। ସୂଚନା ଯୋଗ୍ୟ ଯେ ଅଷ୍ଟ୍ରେଲିଆ ପ୍ରଥମେ ଅନୁଷ୍ଠିତ ଟି-୨୦ ସିରିଜରେ ୨-୧ ବିଜୟ ହାସଲ କରିଥିବା ବେଳେ ଦିନିକିଆ ସିରିଜରେ ୨-୩ରେ ହାରି ଯାଇଥିଲା। ସେହିପରି ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ଡ୍ର ରହିଥିଲା। ମାତ୍ର ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆର ଇନିଂସ ପରାଜୟ ଆମକୁ ଉଚିତ ଶିକ୍ଷା ଦେଇଛି ବୋଲି ୱାର୍ଣ୍ଣର କହିଛନ୍ତି। ତେଣୁ ଆଗମୀ ବର୍ଷ ଭାରତ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭଲ ଭାବେ ପ୍ରସ୍ତୁତି ହେବା ଅତି ଜରୁରି।

# ସୂର୍ଯ୍ୟଶେଖର ଗାଙ୍ଗୁଲି ଜିତିଲେ ଟାଇଟଲ



ବେଲ୍(ସ୍ୱିଜରଲାଣ୍ଡ): ଭାରତୀୟ ଗ୍ରାଣ୍ଡମାଷ୍ଟର୍ସ ସୂର୍ଯ୍ୟ ଶେଖର ଗାଙ୍ଗୁଲି ଏଠାରେ ଅନୁଷ୍ଠିତ ବେଲ ଚେସ ଫେଷ୍ଟିଭାଲର ପିଶଚର ରାଣ୍ଡମ ଇଭେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ସେହିପରି ଭାରତର ଅନ୍ୟତମ ଖେଳାଳି ଏସପି ସେତୁରମଣ ପାଇଛନ୍ତି ଦ୍ୱିତୀୟ ସ୍ଥାନ। କୋଲକାତାର ୩୯ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଗାଙ୍ଗୁଲି ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ମୋଟ ୬.୫ ପଏଣ୍ଟ ପାଇଥିବା ବେଳେ ସେତୁରମଣ ୫.୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ପାଇଛନ୍ତି । ସେହିପରି ଏଥିରେ ପ୍ରତିନିଧିତ୍ୱ କରିଥିବା ଫ୍ରାନ୍ସର ମହିଳା ଗ୍ରାଣ୍ଡମାଷ୍ଟର୍ସ ଭେରା ନେବୋଲସିନା ମଧ୍ୟ ପାଇଛନ୍ତି ୫.୫ ପଏଣ୍ଟ। ସୂର୍ଯ୍ୟଶେଖର ଗାଙ୍ଗୁଲି ଏହି ୭ ରାଉଣ୍ଡ ମୁକାବିଲାରେ ଅପରାଜେୟ ରହି ୬ ବିଜୟ ହାସଲ ସହିତ ଗୋଟିଏ ମ୍ୟାଚ ଡ୍ର କରିଥିଲେ। ଏହା ପରେ ଅନୁଷ୍ଠିତ ହେବାକୁ ଥିବା କ୍ଲାସିକାର୍ୟାପିଡ ଲ ଇଭେଣ୍ଟରେ ଭାରତର କନିଷ୍ଠ ଗ୍ରାଣ୍ଡମାଷ୍ଟର୍ସ ଡି ଗୁକେଶ ଅନ୍ୟ ୭ ଗ୍ରାଣ୍ଡମାଷ୍ଟର୍ସଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ : ଶୀର୍ଷ ସ୍ଥାନ ହରାଇଲା ଅଷ୍ଟ୍ରେଲିଆ

# ଦକ୍ଷିଣ ଆଫ୍ରିକା ପ୍ରଥମ,ତୃତୀୟ ସ୍ଥାନରେ ଶ୍ରୀଲଙ୍କା



ଦୁବାଇ: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚରେ ପରାଜୟ ସ୍ୱିକାର କରିବା ପରେ ଅଷ୍ଟ୍ରେଲିଆ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ପଏଣ୍ଟ ତାଲିକାର ପ୍ରଥମ ସ୍ଥାନ ହରାଇଛି। ତେଣୁ ଏହି ସୁଯୋଗ କ୍ରମେ ପଏଣ୍ଟ ତାଲିକାର ପ୍ରଥମ ସ୍ଥାନରେ ପହଞ୍ଚିଛି ଦକ୍ଷିଣ ଆଫ୍ରିକା। ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନକୁ ଖସି ଆସିଥିବା ବେଳେ ତୃତୀୟ ସ୍ଥାନକୁ ଆସିଛି ଶ୍ରୀଲଙ୍କା। ଦକ୍ଷିଣ ଆଫ୍ରିକା ୭୧-୪୩ ଜୟ-ପରାଜୟ ରେକର୍ଡ ପ୍ରତିଶତ ସହିତ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଥିବା ବେଳେ ଅଷ୍ଟ୍ରେଲିଆ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ସାଇକେଲରେ ପ୍ରଥମ ପରାଜୟ ସ୍ୱିକାର ସହିତ ୭୦ ପ୍ରତିଶତ ବିଜୟ ବଳରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ସେହିପରି ଶ୍ରୀଲଙ୍କା ଗତ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ଏକ ଇନିଂସ ଓ ୩୯ ରନରେ ପରାସ୍ତ କରିବା ପରେ ପାକିସ୍ତାନ, ଭାରତ ଓ ୱେଷ୍ଟଇଣ୍ଡିଜକୁ ପଛରେ ପକାଇ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପରେ ବିଜୟ ପ୍ରତିଶତ ବୃଦ୍ଧି କରି ପାରିଛି। ତେବେ ଅଷ୍ଟ୍ରେଲିଆ ପୁଣି ଏକ ନମ୍ବର ସ୍ଥାନକୁ ଆସିବା ପାଇଁ ସୁଯୋଗ ରହିଛି। କାରଣ ଆସନ୍ତା ନଭେମ୍ବର ମାସରେ ଅଷ୍ଟ୍ରେଲିଆ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଘରୋଇ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି। ସେହିପରି ଶ୍ରୀଲଙ୍କା ଆସନ୍ତା ଶନିବାର ଠାରୁ ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଆଉ ଏକ ଘରୋଇ ଟେଷ୍ଟ ସିରିଜ ଖେଳିବା କାର୍ଯ୍ୟକ୍ରମ ରହିଛି।

## ଆଇସିସି ମହିଳା ଦିନିକିଆ ମାନ୍ୟତା

# ହରମନପ୍ରୀତ ଓ ଆଥାପାଥୁଙ୍କ ଉନ୍ନତି




ଦୁବାଇ: ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌର ଓ ଶ୍ରୀଲଙ୍କା ମହିଳା ଦଳ ଅଧିନାୟିକା ଚାମିରା ଆଥାପାଥୁ ନିକଟରେ ଅନୁଷ୍ଠିତ ଦିନିକିଆ ସିରିଜରେ ଭଲ ପ୍ରଦର୍ଶନ କରି ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତାରେ ଯଥେଷ୍ଟ ଉନ୍ନତି ଆଣି ପାରିଛନ୍ତି। ଆଥପୋଥୁ ବର୍ତ୍ତମାନ ବ୍ୟାଟିଂ ମାନ୍ୟତାର ଅଷ୍ଟମ ସ୍ଥାନ ପାଇଛନ୍ତି। ପାଞ୍ଚ ବର୍ଷ ଲେ ସେ ଏହି ସ୍ଥାନ ଅଧିକାର କରି ଥିଲେ ହେଁ ପରେ ତଳକୁ ଖସି ଆସି ଥିଲେ। ତେବେ ନିକଟରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରେ ଭାରତ ୩-୦ରେ କ୍ଲିନ ସୁଇପ କରିଥିବା ବେଳେ ହରମନପ୍ରୀତ ୧୧୯ ରନ କରିବା ସହିତ ୩ ୱିକେଟ ଅକ୍ତିଆର କରିବା ଯୋଗୁଁ ଆଇସିସି ମାନ୍ୟତାର ଉନ୍ନତି ଆଣି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଉକ୍ତ ସିରିଜରେ ମ୍ୟାନ ଅଫ ଦି ସିରିଜ ହୋଇଥିବା ହରମନ ଦଳକୁ ଠିକ ମାର୍ଗରେ ପରିଚାଳିତ କରିବା ଫଳରେ ଭାରତ ୧୨ ରେଟିଂ ପାଇବା ଦିଗରେ ସଫଳ ହୋଇଛି।



ପରିବର୍ତ୍ତିତ ଜୀବନଶୈଳୀ ହେତୁ ଅଧିକାଂଶ ଲୋକଙ୍କ ଶରୀରରେ ରକ୍ତ ଅଭାବ ଦେଖାଦେଇଥାଏ। ଯଦି ଆପଣ ଠିକ୍ ସମୟରେ ନିଜର ଧ୍ୟାନ ନ ନିଅନ୍ତି, ତେବେ ପରିସ୍ଥିତି ପରେ ଖରାପ ହୋଇପାରେ। ସ୍ୱାସ୍ଥ୍ୟ ଖରାପ ହେବା ପୂର୍ବରୁ, ଆପଣ ଏପରି ଜିନିଷ ଖାଇବା ଉଚିତ୍, ଯାହାଦ୍ୱାରା ଶରୀରରେ ରକ୍ତ ଅଭାବ ନହେବ। ଆପଣ ଜାଣନ୍ତି କି କିସମିସ୍ ଖାଇବା ଦ୍ୱାରା ରକ୍ତହୀନତା ହୋଇନଥାଏ, କିନ୍ତୁ ଆପଣ ଏହା ସହିତ ମହୁ ମିଶାଇ ଖାଇବା ଦ୍ୱାରା ଅଧିକ ଲାଭ ପାଇବେ। କିସମିସ୍ ଏବଂ ମହୁ ପୋଷକ ତତ୍ୱରେ ଭରପୂର ରହିଥାଏ। ଏହାକୁ ଖାଇବା ଦ୍ୱାରା ଶରୀର କେବଳ ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ପାଇ ନଥାଏ, ବରଂ ରୋଗ ମଧ୍ୟ ଦୂରରେ ରହିଥାଏ। ଥଣ୍ଡା, କାଶ ଏବଂ କଫ ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହା ରାମବାଣ ବୋଲି କୁହାଯାଏ। ଉଭୟ ମଧ୍ୟରେ କ୍ୟାଲସିୟମ୍, ଆଇରନ୍ ଏବଂ ଅତ୍ୟାବଶ୍ୟକ ପୁଷ୍ଟିକର ଗୁଣ ରହିଥାଏ। ଏହାକୁ ଖାଇବା ପାଇଁ, ସର୍ବପ୍ରଥମେ, ୬-୭ କିସମିସକୁ ରାତିସାରା ଭିଜାଇ ରଖନ୍ତୁ। ପରଦିନ ସକାଳେ ଏହାକୁ ଛାଣି ଏଥିରେ ମହୁ ମିଶାଇ ଖାଆନ୍ତୁ। ଶରୀରରେ ରକ୍ତ ଅଭାବକୁ ଦୂର କରିବା ବ୍ୟତୀତ କିସମିସ୍ ଏବଂ ମହୁ ରକ୍ତଚାପ ନିୟନ୍ତ୍ରଣରେ ଅତ୍ୟନ୍ତ ଉପଯୋଗୀ। ଯେଉଁମାନଙ୍କର ରକ୍ତଚାପ ନିୟନ୍ତ୍ରଣରେ ନାହିଁ, ସେମାନେ ଏହାକୁ ଖାଇବା ଉଚିତ୍। ହଜମ ପ୍ରକ୍ରିୟାକୁ ଶକ୍ତିଶାଳୀ କରିବାରେ ମହୁ ଏବଂ କିସମିସ୍ ପ୍ରଭାବଶାଳୀ।

## ଝୁଲନ୍ତା ସୁଇମିଂ ପୁଲ୍



ଦକ୍ଷିଣ ନରୱେରେ ୨ହଜାର ଫୁଟ ଉଚ୍ଚ ପାହାଡ଼ ଉପରେ ହୋଟେଲ୍ ନିର୍ମାଣ ହେବାକୁ ଯାଉଛି। ତୁର୍କିର ଆର୍କିଟେକ୍ଚରାଲ୍ ଡିଜାଇନ୍ ଷ୍ଟୁଡିଓ 'ହାୟରି ଅତାକ୍' ଏହି ହୋଟେଲ୍ ଡିଜାଇନ୍ କରୁଛି। ଏଇଟି ଚାରି ମହଲାବିଶିଷ୍ଟ। ପ୍ରଥମ ମହଲାରେ ପର୍ଯ୍ୟଟକଙ୍କ ବିଶ୍ରାମ ପାଇଁ ଏକ ବଡ଼ ସ୍ଥଳୀ ସହିତ ଝୁଲନ୍ତା ସୁଇମିଂ ପୁଲ୍ ରହିବ। ପୁଲ୍ଟି ସମ୍ପୂର୍ଣ୍ଣ କାଚରେ ତିଆରି ହେବ। ୨ ହଜାର ଫୁଟ ଉଚ୍ଚର ଏହି ପାହାଡ଼ ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଜଣେ ବ୍ୟବସାୟୀ ଏହାର ଶିଖରରେ ହୋଟେଲ୍ ନିର୍ମାଣ କରିବାକୁ ଯାଉଛନ୍ତି। ତୁର୍କି ଡିଜାଇନିଂ ଷ୍ଟୁଡିଓ ଅନୁସାରେ, ଯଦି ଏଠାରେ ଝୁଲନ୍ତା ସୁଇମିଂ ପୁଲ୍ ନିର୍ମାଣ ହୁଏ, ତେବେ ତାହା ବିଶ୍ୱର ଉଚ୍ଚତମ ସୁଇମିଂ ପୁଲ୍ ହେବ। ଏହା ପୂର୍ବରୁ ଲଣ୍ଡନ୍ର ଏକ ୫୫ ମହଲାବିଶିଷ୍ଟ ଅଟ୍ଟାଳିକା ଉପରେ ଝୁଲନ୍ତା ସୁଇମିଂ ପୁଲ୍ ରହିଛି। ସେହି ପୁଲ୍ରେ ଥାଇ ଜଣେ ବ୍ୟକ୍ତି ଲଣ୍ଡନ୍ ସହରର ୩୬୦ ଡିଗ୍ରୀ ଦୃଶ୍ୟ ଦେଖିପାରିବେ।

## ଚକୋଲେଟ୍ ସଂଗ୍ରହାଳୟ

ପୃଥିବୀରେ ଅନେକ ଅଜବ ସଂଗ୍ରହାଳୟ ଅଛି। ସେମିତି ଏକ ସଂଗ୍ରହାଳୟ ଅଛି ସୁଇଜରଲାଣ୍ଡରେ। ଏହି ସଂଗ୍ରହାଳୟକୁ ଚକୋଲେଟ୍ ପ୍ରେମୀଙ୍କ ସ୍ୱର୍ଗ ବୋଲି କୁହାଯାଇଥାଏ। ୬୫୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ଏହି ସଂଗ୍ରହାଳୟ ରହିଛି ଯାହାର ନାମ ଲିଣ୍ଟ୍ ହୋମ୍ ଅଫ୍ ଚକୋଲେଟ୍। ଏହା ମଧ୍ୟକୁ ପ୍ରବେଶ କରିବା ମାତ୍ରେ ସବୁ ଜିନିଷ ଚକୋଲେଟ୍ରେ ତିଆରି ହୋଇଥିବା ଦେଖିପାରିବେ। ମୁଖ୍ୟ ଆକର୍ଷଣ ହେଉଛି ଏଠାରେ ଥିବା ପୃଥିବୀର ସବୁଠାରୁ ବଡ଼ ଚକୋଲେଟ୍ ଫାଉଣ୍ଟେନ୍ ଯାହାକି ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଅଟେ। ଏହି ଫାଉଣ୍ଟେନ୍ରୁ ତରଳ ଚକୋଲେଟ୍ ଅନବରତ ପ୍ରବାହିତ ହୋଇଥାଏ। ଏଠାରେ ପୃଥିବୀର ସବୁଠାରୁ ବଡ଼ ଚକୋଲେଟ୍ ଦୋକାନ ବି ଅଛି। ଏଠାରେ ପର୍ଯ୍ୟଟକଙ୍କୁ ନିଜ ହାତରେ ଚକୋଲେଟ୍ ତିଆରି କରିବାର ସୁଯୋଗ ଦିଆଯାଇଥାଏ। ବେଙ୍ଗାଲୁରୁ ସହରରେ ରହିଛି ମସ୍ତିଷ୍କ ସଂଗ୍ରହାଳୟ। ପଢ଼ିବାକୁ ନାଆଁଟି ଅଜବ ଲାଗିଲେ ମଧ୍ୟ ସତ। ଏପରି ମ୍ୟୁଜିୟମ୍ ରହିଛି ଯେଉଁଠି ୩୦୦ରୁ ଉର୍ଦ୍ଧ୍ୱ ମଣିଷଙ୍କର ମସ୍ତିଷ୍କ ସୁରକ୍ଷିତ ଅବସ୍ଥାରେ ରହିଛି। ଏହି ମସ୍ତିଷ୍କଗୁଡ଼ିକୁ ମାଇନସ୍ ୮୬ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରାରେ ରଖାଯାଇଛି। ଯାହାଫଳରେ ଏହା କେବେ ଖରାପ ହେବ ନାହିଁ। ମ୍ୟୁଜିୟମ୍ ନିର୍ମାଣ ପଛରେ ରହିଛି ଆଉ ଏକ କାରଣ। ଶରୀର ବିଜ୍ଞାନ ଉପରେ ସଚେତନତା ବିସ୍ତାର କରିବା ପାଇଁ ଏହା ତିଆରି କରାଯାଇଛି।





## ଖାଇ ଖାଇ ଟଙ୍କା ଉପାର୍ଜନ

ଖାଇ ଖାଇ ଲକ୍ଷାଧିକ ଟଙ୍କା ଉପାର୍ଜନ। ସମାଜରେ ସମସ୍ତେ ବିଭିନ୍ନ ଉପାୟରେ ଟଙ୍କା ରୋଜଗାର କରୁଛନ୍ତି । କିଏ ଚାକିରି କରୁଛନ୍ତି ତ ଆଉ କିଏ ବିଜନେସ୍ । କିନ୍ତୁ ଖାଇ ଖାଇ କେହି ଟଙ୍କା ଉପାର୍ଜନ କରୁଥିବା ଖବର ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି । ସୋସିଆଲ୍ ମିଡିଆରେ କିଛି ନୂଆ କରିବାର କ୍ରେଜ ସମସ୍ତଙ୍କୁ ଘାରିଛି। ନିଜ ଦକ୍ଷତା ଦେଖାଇବାକୁ ଅନେକ ୟୁଟ୍ୟୁବକୁ ମାଧ୍ୟମ କରିସାରିଲେଣି । ୟୁଟ୍ୟୁବ ପ୍ଲାଟଫର୍ମରେ କିଛି ନୂଆ କରି ଅର୍ଥ ଉପାର୍ଜନ କରିବା ସହ ପ୍ରସିଦ୍ଧି ପାଇବାକୁ କେହି କେହି ଲକ୍ଷ୍ୟ ରଖିଛନ୍ତି। ଭିଉଜ୍ ଓ ସବସ୍କ୍ରାଇବର ବଢାଇବାକୁ ସମସ୍ତେ ନୂଆ ନୂଆ ଉପାୟ ଆପଣାଇ ନେଉଛନ୍ତି। ଯେମିତିକି ମୁକ୍ବାଙ୍ଗ୍ ସୋ'। ମାନେ ଖାଇ ଖାଇ ଟଙ୍କା ଉପାର୍ଜନ କରିବାର ଶୋ। ଏହା ଏବେ ବେଶ୍ ଲୋକପ୍ରିୟତା ପାଉଛି। ଏହା ଏକ ପ୍ରକାର ଖାଦ୍ୟ ସୋ'। ଯେଉଁଥିରେ ବିପୁଳ ପରିମାଣର ଖାଦ୍ୟ ଖାଇ ୟୁଟ୍ୟୁବରମାନେ ଦର୍ଶକଙ୍କ ଲାଇକ ଓ ସେୟାର ସାଉଁଟିଥାନ୍ତି। ଏହି ସୋ'କୁ ଦେଖିବାକୁ ଲୋକେ ମଧ୍ୟ ଅହେତୁକ ଆଗ୍ରହ ଦେଖାଉଛନ୍ତି । ବିପୁଳ ପରିମାଣର ସୁସ୍ୱାଦୁ ଖାଦ୍ୟ ଦେଖି ଦର୍ଶକ ବି ବେଶ ଖୁସି ହେବା ସହ ଲାଇକ ଓ କମେଣ୍ଟ କରୁଥିବା ଦେଖିବାକୁ ମିଳୁଛି । କେବଳ ଯୁବପିଢି ନୁହନ୍ତି, ବିଭିନ୍ନ ବର୍ଗର ଲୋକେ ଏହି ସୋ'ରେ ସାମିଲ ହେଉଛନ୍ତି । କିଏ କେବଳ ଆମିଷ ବା ନନଭେଜ୍ ଖାଉଥିବାବେଳେ ଆଉ କେହି ପୁରା ଭେଜ୍ ବା ନିରାମିଷ ଖାଉଛନ୍ତି । କିଏ ଫାଷ୍ଟଫୁଡ୍ ତ ଆଉ କେହି ଚାଇନିଜ୍ ଖାଦ୍ୟ ଖାଉଥିବା ଦେଖିବାକୁ ମିଳୁଛି । ବେଶ ମଜାଦାର ଏହି ସୋ'ରେ ଆଖି ଖୋସି ହୋଇଗଲା ଭଳି ଖାଦ୍ୟ ଦର୍ଶକଙ୍କ ମନ ଜିଣୁଛି ।



## ହଲିଉଡ୍ରେ ପାଦ ଦେବେ କନିଷ୍କା

ଟିଭି ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ କନିଷ୍କା ସୋନି ବର୍ତ୍ତମାନ ତାଙ୍କ କ୍ୟାରିଅରକୁ ପରବର୍ତ୍ତୀ ସ୍ତରକୁ ନେବାକୁ ଚାହୁଁଛନ୍ତି। 'ଦିୟା ଅର ବାତି ହମ୍', 'ପବିତ୍ର ରିସ୍ତା', 'କୁଲଫି କୁମାର ବାଜେୱାଲା' ଏବଂ 'ଦେବୀ' ଭଳି ପ୍ରସିଦ୍ଧ ଟିଭି ସିରିଏଲରେ କାମ କରିଥିବା କନିଷ୍କା ଛୋଟ ପରଦାରୁ ବିଦାୟ ନେବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ ଏତିକି ନୁହେଁ, ଅଭିନେତ୍ରୀ ଟିଭିରୁ ବିରତି ନେଇ ଦୁଃଖିତ ନୁହଁନ୍ତି। କ୍ୟାରିୟରର ଶିଖରରେ ଆସିବା ପରେ ସେ କାହିଁକି ଏହି ନିଷ୍ପତ୍ତି ନେଇଛନ୍ତି ନିକଟରେ ଅଭିନେତ୍ରୀ ତାହା ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ କନିଷ୍କା ଟିଭି ଇଣ୍ଡଷ୍ଟ୍ରିରୁ ଦୂରରେ ରହିବାର କାରଣ କହିଛନ୍ତି। ସେ କହିଛନ୍ତି, 'ହଲିଉଡ୍ରେ କ୍ୟାରିୟର କରିବା ପାଇଁ ଟିଭିରେ ମୋର ସଫଳ ଅଭିନୟ କ୍ୟାରିଅର ଛାଡ଼ି ମୁଁ ଦୁଃଖିତ ନୁହେଁ। ମୁଁ ୟୁଏଇରେ ହୋଲିର ବଡ ଇଭେଣ୍ଟ କରି ମୁଁ ବହୁତ ଖୁସି ଏବଂ ନ୍ୟୁୟର୍କ ଆସିବା ପୂର୍ବରୁ ମୁଁ ନ୍ୟୁୟର୍କ ଫିଲ୍ମ ଏକାଡେମୀରେ ପଢିବାର ସ୍ୱପ୍ନ ଦେଖିଥିଲି, କାରଣ ଅଧିକାଂଶ ବଲିଉଡ ଅଭିନେତାଙ୍କ ପିଲାମାନେ ଏଠାକୁ ଆସନ୍ତି। ମୁଁ ଅନୁଭବ କରୁଛି ମୁଁ ସାତ ଆକାଶରେ ଅଛି କାରଣ ମୁଁ ସେମାନଙ୍କ ସହ ଏହି ୟାରଙ୍କ୍ରେ ଯୋଗ ଦେଇଛି।' ହଲିଉଡରେ ନିଜର ପରିଚୟ ସୃଷ୍ଟି କରିବାକୁ କନିଷ୍କା ଏକ ପାଦ ଆଗକୁ ବଢାଇଛନ୍ତି। ସେ କହିଛନ୍ତି, "ଟିଭିରେ କାମ କରିବାର ଅଭିଜ୍ଞତା ପରେ ହଲିଉଡରେ ମୋର କ୍ୟାରିଅର୍ ଆରମ୍ଭ କରିବାକୁ ସମୟ ଲାଗିବ, କିନ୍ତୁ ମୁଁ ଖୁସି ଯେ ମୁଁ ଅଧା ମାର୍ଗରେ ପହଞ୍ଚିଛି ଏବଂ କାନାଡାର ଜଣେ ଲୋକପ୍ରିୟ ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ସର୍ଟ ଫିଲ୍ମର ଅଂଶ ହୋଇସାରିଛି। ଏହି ପ୍ରୋଜେକ୍ଟରେ କାର୍ଯ୍ୟ କରିବା ମୋର ଆତ୍ମବିଶ୍ୱାସକୁ ବଢାଇଛି।' କନିଷ୍କା ସୋନି କେବଳ ଟିଭିର ଜଣେ ପ୍ରସିଦ୍ଧ ଅଭିନେତ୍ରୀ ନୁହଁନ୍ତି, ସେ ମଧ୍ୟ ଜଣେ ଗାୟିକା। ସେ ଅନେକ ପ୍ରସିଦ୍ଧ ଗାୟକଙ୍କ ସହ ଗୀତ ଗାଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ସ୍ୱର୍ଗତ ଗାୟକ ସିଦ୍ଧୁ ମୋସେୱାଲା ଏବଂ ଗାୟକ ହାର୍ଡି ସନ୍ଧୁଙ୍କ ପରି ଷ୍ଟାର ସାମିଲ।

## ୧୦ ଘଣ୍ଟାରେ ୨୯୦ କି.ମି. ଯାଉଛି ଟ୍ରେନ୍



ଦୂରଯାତ୍ରା ପାଇଁ ଅନେକ ଏକ୍ସପ୍ରେସ୍ ଟ୍ରେନ୍ ବାଛନ୍ତି। କିନ୍ତୁ ଏମିତି ଏକ ଟ୍ରେନ୍ ରହିଛି ଯାହା ମନ୍ଥରତା ଯୋଗୁ ପରିଚିତ। ଏହି ଟ୍ରେନ୍ଟି ହେଉଛି ସୁଇଜରଲାଣ୍ଡ୍ର 'ଗ୍ଲାସିୟର୍ ଏକ୍ସପ୍ରେସ୍'। ଏହି ଟ୍ରେନ୍ ସୁଇଜରଲାଣ୍ଡର ଉଚ୍ଚ ବରଫାବୃତ୍ତ ପାହାଡ଼ରେ ଚାଲିଥାଏ। ଏହା ଜର୍ମାଟ୍ ଓ ସେଣ୍ଟ ମୋରିଜ୍ ଷ୍ଟେସନ୍କୁ ଯୋଡ଼ିଥାଏ। ଏହି ଟ୍ରେନ୍ ଏତେ ଧିମା ଗତିରେ ଯାଇଥାଏ ଯେ, ୨୯୦ କି.ମି ବାଟକୁ ଅତିକ୍ରମ କରିବା ପାଇଁ ତାକୁ ୧୦ ଘଣ୍ଟା ସମୟ ଲାଗେ। ୧୯୩୦ରେ ଏହି ଟ୍ରେନ୍ ପ୍ରଥମ ଯାତ୍ରା କରିଥିଲା। ଆରମ୍ଭରେ ଏହା ଖରାଦିନେ ଚାଲୁଥିଲା। କାରଣ ଶୀତଦିନେ ବରଫରେ ଯିବା ସମ୍ଭବପର ନଥିଲା। ଗ୍ଲାସିୟର୍ ଏକ୍ସପ୍ରେସ୍ ଗଲାବେଳେ ଉଚ୍ଚ ନୀଚ ପାହାଡ଼ିଆ ରାସ୍ତା ସହ ୯୧ଟି ସୁଡଙ୍ଗ ଓ ୨୧୯ଟି ପୋଲ ପଡ଼େ। ତେଣୁ ମନ୍ଥର ଗତିରେ ପ୍ରକୃତିର ବିଭିନ୍ନ ଦୃଶ୍ୟ ଉପଭୋଗ କରିବା ପାଇଁ ଏହି ଟ୍ରେନ୍ରେ ଯିବାକୁ ଅନେକ ପସନ୍ଦ କରୁଛନ୍ତି। ଯାତ୍ରା ସମୟରେ ପେଟ ଯନ୍ତ୍ରଣା ଅବା ବାନ୍ତିର ସମସ୍ୟା ଯାତ୍ରୀଙ୍କର ନ ହେବା ପାଇଁ ସେମାନଙ୍କୁ ଏକ ଖାସ୍ ୱାଇନ୍ ଦିଆଯାଏ।



## ଡିଜିଟାଲ୍ ଡେବ୍ୟୁ କରିବେ ସୋନାକ୍ଷୀ

ବଲିଉଡ୍ରେ ୨୦୧୦ରେ 'ଦବଙ୍ଗ'ଫିଲ୍ମ ମାଧ୍ୟମରେ ଏଣ୍ଟ୍ରି କରିଥିଲେ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ପରେ 'ରାଉଡ଼ି ରାଠୋର', 'ସନ୍ ଅଫ୍ ସର୍ଦ୍ଦାର', 'ଦବଙ୍ଗ-୧-୨', 'ଲୁଟେରା'ଭଳି ଅନେକଗୁଡ଼ିଏ ସଫଳ ଫିଲ୍ମରେ ତାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ଆଗକୁ ସୋନାକ୍ଷୀ ୱେବ୍‌ସିରିଜ୍ 'ଦହାଡ଼'ଜରିଆରେ ଡିଜିଟାଲ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ଅବସରରେ ଏକ ସାକ୍ଷାତକାରରେ ସେ ନିଜର ଡେଟିଂ ଜୀବନ ଓ ବିବାହ ସଂପର୍କରେ ଆଲୋଚନା କରିଛନ୍ତି। ସୋନାକ୍ଷୀ କହିଛନ୍ତି, 'ମୁଁ ଜଣେ ସେଲିବ୍ରିଟି ହୋଇଥିବାରୁ ଲୋକମାନେ ମୋର ବ୍ୟକ୍ତିଗତ ଜୀବନ ସଂପର୍କରେ ଜାଣିବାକୁ ଉତ୍ସୁକ ରହିବା ସ୍ୱାଭାବିକ କଥା। କିନ୍ତୁ ଯେଉଁଭଳି ଭାବେ ବିଗତ କିଛି ଦିନ ହେଲା ମୋର ବିବାହ ଗୁଜବ ସମ୍ପର୍କରେ ଆଲୋଚନା ଚାଲିଛି ତାହା ମୋତେ ବ୍ୟଥିତ କରିଛି। ମୋର ବାପା ମା' ମୋ ବାହାଘରକୁ ନେଇ ଯେତେ ପ୍ରଶ୍ନ କରୁନାହାନ୍ତି ସେତେ ପ୍ରଶ୍ନ ମିଡିଆ କରୁଛି। ସୋସିଆଲ ମିଡିଆରେ ବି ଲୋକମାନେ ମୋତେ କେବଳ ବାହାଘର ସମ୍ପର୍କରେ ହିଁ ପ୍ରଶ୍ନ କରୁଛନ୍ତି। ଏଭଳିକ୍ଷେତ୍ରରେ ବ୍ୟକ୍ତିଗତ ଗୋପନୀୟତାକୁ ଗୁରୁତ୍ୱ ଦେବାକୁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି।' 'ଦହାଡ଼' ବ୍ୟତୀତ ସୋନାକ୍ଷୀଙ୍କୁ ହରର କମେଡି 'କାକୁଡା'ରେ ଦେଖିବାକୁ ମିଳିବ। ସେଥିରେ ତାଙ୍କ ସହ ରୀତେଶ ଦେଶମୁଖ ଓ ସାକିମ୍ ସଲିମ୍ ଅଭିନୟ କରୁଛନ୍ତି। ଏହାଛଡ଼ା ସେ 'ଡବଲ୍ ଏକ୍ସଏଲ୍ ?'ରେ ବି ନଜର ଆସିବେ।

## ଇନ୍ଦ୍ରଧନୁ ପରି ଅଜଗର

ଅଜଗରର ରଙ୍ଗ ଇନ୍ଦ୍ରଧନୁ ପରି। ଆମେରିକାର କାଲିଫର୍ଣ୍ଣିଆ ସରୀସୃପ ଚିଡ଼ିଆଖାନାର ପ୍ରତିଷ୍ଠାତା ଜେ ବ୍ରେବର ଏଭଳି ଏକ ବିରଳ ଅଜଗର ସାପକୁ ସମସ୍ତଙ୍କ ସାମନାକୁ ଆଣିଛନ୍ତି। ଏହାର ଭିଡ଼ିଓ ସେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଯାହା ଏବେ ସଭିଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଅନେକ ଏହାକୁ ଇନ୍ଦ୍ରଧନୁ ଅଜଗର ବୋଲି କହୁଛନ୍ତି। ଅବଶ୍ୟ ଏହାକୁ ସେ ମେ' ମାସରେ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଥିଲେ। ଆଉ ଏବେ ତାହା ଇନ୍‌ଷ୍ଟା ରିଲେରେ ବେଶ୍ ଭାଇରାଲ ହେଉଛି। ଏବେ ସୁଦ୍ଧା ଏହି ଇନ୍ଦ୍ରଧନୁ ରଙ୍ଗ ଅଜଗର ସାପକୁ ୨୦ ନିୟୁତ ଲୋକ ଦେଖିସାରିଥିବା ବେଳେ ୯୯୮ ହଜାରରୁ ଅଧିକ ଲାଇକ୍ ମିଳିଛି। ଭିଡ଼ିଓରୁ ଦେଖିବାକୁ ମିଳୁଛି ସେ ଏହାକୁ ହାତରେ ଧରିଛନ୍ତି। ସେ ଜଣେ ସାପ ପ୍ରେମୀ। ସାପଗୁଡ଼ିକୁ ତାଙ୍କ ସନ୍ତାନଙ୍କ ଭଳି ପାଳିଥାନ୍ତି।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**

Chief Editor: Pradosh Pattanaik



ଘଟଗାଁ : ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ତତ୍ତ୍ୱାବଧାରକ ତଥା ଜନପ୍ରିୟ ଡାକ୍ତର ମୁକ୍ତିକାନ୍ତ ନାୟକଙ୍କୁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଶ୍ରେଷ୍ଠ ସର୍ଜନ ପୁରସ୍କାର ପ୍ରଦାନ କରାଯାଇଛି। ଲାପରୋସ୍କୋପିକ ପଦ୍ଧତିରେ ଉଭୟ ମହିଳା ଓ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ରାଜ୍ୟ ତଥା ଦେଶରେ ଶ୍ରୀଯୁକ୍ତ ନାୟକ ଆଶାତୀତ ସଫଳତା ହାସଲ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିନା ରକ୍ତସ୍ରାବରେ ଓ ବିନା ଯନ୍ତ୍ରଣାରେ ଅତ୍ୟନ୍ତ ଅଭିନବ ପଦ୍ଧତିରେ ମାତ୍ର ଅଳ୍ପ ସମୟ ମଧ୍ୟରେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରି ଶତ ପ୍ରତିଶତ ସଫଳତା ହାସଲ କରିବା ପରେ ତାଙ୍କ ଲୋକପ୍ରିୟତା ରାଜ୍ୟ ତଥା ଦେଶରେ ତାଙ୍କୁ ଅନନ୍ୟ କରିଛି। ଏକାଧିକ ରାଜ୍ୟ ତଥା କେନ୍ଦ୍ରୀୟ ପୁରସ୍କାରରେ ଆଭୂଷିତ ଶ୍ରୀଯୁକ୍ତ ନାୟକ ନିଜର ଅହଙ୍କାରଶୂନ୍ୟତା, ମାର୍ଜିତ ବ୍ୟବହାର ଓ ବିନା ମୂଲ୍ୟରେ ରୋଗୀସେବା ପାଇଁ ଜନସାଧାରଣଙ୍କ ପ୍ରିୟଭାଜନ ହେଇପାରିଛନ୍ତି।



# ସର୍ବସ୍ୱାନ୍ତ କରୁଛି ସଟ୍ଟା ବଜାର

## ପୋଲିସ ପ୍ରଶାସନ ନୀରବତା ଉପରେ ପ୍ରଶ୍ନବାଚୀ

ଜୟପାଟଣା /କୋକସରା(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ପ୍ରବେଶପଥ ଭାବରେ ବେଶ୍ ଜଣାଶୁଣା କୋକସରା ବ୍ଲକ । ଏହି ଅଞ୍ଚଳରେ ସବୁ ଶ୍ରେଣୀର ଲୋକ ବାସ କରନ୍ତି। ଅଧିକାଂଶ ଲୋକ ଗରିବ ତଥା ଦିନମଜୁରିଆ। କମ୍ ସମୟ ମଧ୍ୟରେ ଅଧିକ ଟଙ୍କା ରୋଜଗାର କରିବା ନିଶାରେ ଏହି ଶ୍ରେଣୀର ଲୋକମାନେ ସଟ୍ଟାକୁ ନିଜର ପେସା ଭାବେ ଗ୍ରହଣ କରିଛନ୍ତି କୋକସରା ରୁ ଆରମ୍ଭ କରି ଝରିଆଗୁଡା,ଗମ୍ଭାରୀଗୁଡ଼ା,ଚିକିଲି.ଲଡୁଗାଁ, ମୋଟେର, ଆମପାଣି, କୋକସରା ସମେତ ପ୍ରତି ପଞ୍ଚାୟତ ଗ୍ରାମାଞ୍ଚଳରେ ମଧ୍ୟ ସଟ୍ଟାର ବଜାର ଗରମ ରହିବା ସହିତ ଗାଁ ଗୁଡ଼ିକୁ ଏହା ଦିନକୁ ଦିନ ମହାମାରୀ ଭଳି ବ୍ୟାପିବାରେ ଲାଗିଛି। ଏହି କାରବାରର ଚେର କୋକସରା ରୁ ଆରମ୍ଭ ହୋଇ ରାୟପୁର ପର୍ଯ୍ୟନ୍ତ ଲମ୍ବିଥିବା ଆଲୋଚନା ହେଉଛି। ଅଧିକ ପାଇବା ନିଶାରେ ଗରିବ ଲୋକେ ନିଜର ସମସ୍ତ କଷ୍ଟ ଉପାର୍ଜିତ ଧନକୁ ଏହି ସଟ୍ଟା ଖେଳରେ ଲଗାଇ ସର୍ବସ୍ୱାନ୍ତ ହେଉଥିବା ଦେଖିବାକୁ ମିଳିଛି। କୋକସରା ଥାନା ଅଞ୍ଚଳରେ ମୁଖ୍ୟତଃ ତିନିରୁ ଚାରି ଜଣ ବୁକି ଏହି ଖେଳକୁ ନିୟନ୍ତ୍ରଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଏହି ବୁକିମାନେ ପ୍ରାୟ ସମସ୍ତ ଗାଁ ଓ ସମସ୍ତ ସାହିରେ କିଛି କିଛି ଲୋକଙ୍କୁ ଏହି କାମରେ ନିୟୋଜିତ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିବା ଶୁଣିବାକୁ ମିଳୁଛି। ପୂର୍ବରୁ କାଗଜ କଲମରେ ଏହି ସଟ୍ଟା କାରବାର ଚାଲୁଥିବା ବେଳେ ବର୍ତ୍ତମାନ ଏହା ମୋବାଇଲ ଦ୍ୱାରା ନିୟନ୍ତ୍ରଣ ହେଉଛି। କୋକସରା ବ୍ଲକରେ ସଟ୍ଟା ଖେଳ ଚେର ମାଡି ସାରିଥିବା ବେଳେ ବ୍ଲକ ର ସମସ୍ତ ପଞ୍ଚାୟତ ସମେତ ଗାଁ ଗଳିକନ୍ଦିରେ ଖୁଲମ ଖୁଲା ବେଧଡ଼କ ଭାବରେ ଚାଲିଛି ଏହି ଖେଳ ।ବାଜି ରେ ଲାଗୁଛି ଦୈନିକ ଲକ୍ଷ ଲକ୍ଷ ଟଙ୍କା, ହେଲେ ନିରବ ରହିଛି ପୋଲିସ ପ୍ରଶାସନ, ସଟ୍ଟା ଖେଳର ମାୟାଜାଲରେ ଯୁବପିଢି ପଥଭ୍ରଷ୍ଟ ହୋଇ ସାରିଥିବା ବେଳେ ବାଦ ପଡୁନାହାନ୍ତି ଖଟିଖିଆ ଗରିବ ଶ୍ରମିକ ଶ୍ରେଣୀ ବର୍ଗର ପୁରୁଷ ଓ ଗୃହଣୀ ମହିଳା, ଏମିତିକି ସ୍କୁଲ ରେ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟ ସଟ୍ଟା ଖେଳୁଥିବା ଅଭିଯୋଗ ହେଉଛି। କେଉଁ



ନମ୍ବର ଓପନ ଦେବ କେଉଁ ନମ୍ବର କ୍ଲୋଜ ହେବ ଏହି ଗଣିତ ର ଅଙ୍କାକଷା ରେ ବ୍ୟସ୍ତ ଯୁବବର୍ଗ,ପାନ ଦୋକାନ ଠୁ ଆରମ୍ଭ କରି ଚା ଖଟି ସବୁଠି ସଟ୍ଟାଖେଳର ଚର୍ଚ୍ଚା। ସଟ୍ଟା ଖେଳ ଏବେ ଡିଜିଟାଲ ହୋଇଛି, ସ୍ମାର୍ଟ ମୋବାଇଲ ରେ ଚାଲିଛି ସ୍ମାର୍ଟ ଖେଳ,ଏମିତିକି ଅପାଠୁଆ ଲୋକ ମଧ୍ୟ ଗୁଗୁଲ ରେ ସଟ୍ଟା ମଟକା ଡଟ କମ ଭଏସ ରେକର୍ଡ଼ିଂ ରେ କହିଲେ ଖୋଲି ଯାଉଛି କୁହୁକ ପେଡି,କଲ୍ୟାଣ ଠୁ ଆରମ୍ଭ କରି ମିଳନ ଡେ, ପୁନା ବାଜାର, ଚେନ୍ନାଇ ଡେ, ଟାଇମ ବାଜାର, ସୁପର ମାର୍କେଟ ଭଳି ସଟ୍ଟା ସାଇଡ ।ତେବେ କୋକସରା ବ୍ଲକ ଗମ୍ଭାରୀଗୁଡା ରେ ଏବେ ସଟ୍ଟାଖେଳ ଜୋରସାର ଚାଲିଥିବା ନେଇ ଚର୍ଚ୍ଚା ହେଉଛି ।ଗମ୍ଭାରୀଗୁଡା ଗ୍ରାମର ଜଣେ ସଟ୍ଟା ମାଫିଆ ଦୈନିକ ଲକ୍ଷାଧିକ ଟଙ୍କା କାରବାର କରୁଥିବା ନେଇ ଶୁଣିବାକୁ ମିଳୁଛି ।ଏହା ବ୍ୟତୀତ କୋକସରା ବ୍ଲକର କୋକସରା ବ୍ଲକ ରେ ରହିଛି ୨ଟି ପୋଲିସ ଷ୍ଟେସନ ସହ, ପୋଲିସ ଫାଣ୍ଡି ରହିଛି ତଥାପି ପୋଲିସ ପ୍ରଶାସନର ନୀରବତା କାରଣରୁ ସଟ୍ଟା ମାଫିଆ ମାନେ ବେଧଡ଼କ ଭାବେ ଖେଳ ଜରିଆରେ ମାଲାମାଲ ହେଉଥିବା ବେଳେ ଗରିବ ଖଟିଖିଆ ଶ୍ରେଣୀର ଲୋକେ ପ୍ରତିଦିନ ସଟ୍ଟା ଖେଳି ସର୍ବସ୍ୱାନ୍ତ ହେଉଛନ୍ତି । ଯାହାକୁ ନେଇ ବୁଦ୍ଧିଜୀବୀ ଓ ଜନସାଧାରଣ ଙ୍କ ମଧ୍ୟରେ ପୋଲିସ ପ୍ରଶାସନ ପ୍ରତି ଆସ୍ଥା ଓ ବିଶ୍ୱାସ କମିବାରେ ଲାଗିଥିବା ନେଇ ଆଲୋଚନା ହେଉଛି।

## ରାମକୃଷ୍ଣ ଶିକ୍ଷା କେନ୍ଦ୍ରର କୃତିତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଜୟଦେବ ବିହାର ସ୍ଥିତ ରାମକୃଷ୍ଣ ଶିକ୍ଷା କେନ୍ଦ୍ରର ଚଳିତ ଶିକ୍ଷାବର୍ଷ(୨୦୨୧-୨୨)ର ମାଟ୍ରିକ ପରୀକ୍ଷାରେ କୃତିତ୍ୱର ସହ ଶତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶିକ୍ଷା କେନ୍ଦ୍ରର ଗୌରବ ମଣ୍ଡନ କରିଛନ୍ତି। ସର୍ବମୋଟ ୧୮୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏ୧-୦୮, ଏ୨-୧୫, ବି୧-୪୯,ବି୨-୫୫, ସି-୪୫ ଏବଂ ପ୍ରଥମ ଶ୍ରେଣୀରେ ୧୨୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବ ମଣ୍ଡିତ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧. ଅଭୟ ପୃଷ୍ଟି ୫୭୧-୯୫.୧୬%, ୨.ହରପ୍ରିୟା ପ୍ରଧାନ ୫୫୪-୯୨.୩%, ୩.ହିମାଂଶୁ ସଂହୁ ୫୫୨-୯୨%, ୪.ଅପର୍ଣ୍ଣା ସାହୁ ୫୫୩-୯୨.୧୬%, ୫. ଓମ୍‌ପ୍ରକାଶ ସାହୁ ୫୪୯-୯୧.୫%, ୬.ଦୀପ୍ତିମୟୀ ରାଉତ ୫୪୭ -୯୧.୧୬%, ୭ସୌମ୍ୟ ରଞ୍ଜନ ସାହୁ ୫୪୭-୯୧.୧୬% ଏବଂ ୮.ବ୍ରହ୍ମାନନ୍ଦ ସାହୁ ୫୪୨-୯୦.୩୩% ନମ୍ବର ରଖି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବିଦ୍ୟାଳୟରେ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକ ଚିନ୍ତାଚେତନା ଓ ଉଶ୍ୱରୀୟ ଭାବଧାରାରେ ଶିକ୍ଷା ଦାନ କରାଯାଏ।

## ସମବାୟ ସମିତି ନାହିଁ ରଣ ପାଇବାରୁ ଚାଷୀ ବଞ୍ଚିତ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଦୈତ ଶାସନ ଦ୍ୱାରା ପରିଚାଳିତ । ଫଳରେ ଏହି ବ୍ଲକର ଲୋକେ ଦୁଇ ନାବରେ ଗୋଡ ଦେଇଥିବାରୁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନହୋଇଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସମସ୍ୟା ବହୁଳ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ । ଏହି ବ୍ଲକର ମଣିଜଙ୍ଗ ମହମ୍ମଦପୁର ଗ୍ରାମପଂଚାୟତ ଓ ଉତରକୂଳ ଗ୍ରାମପଂଚାୟତର ଚମ୍ପାଗ୍ରାମରେ କୈଣସି କୃଷି ପ୍ରାଥମିକ ସେବା ସମବାୟସମିତିନାହିଁ ।ଫଳରେ ଏହି ଅଂଚଳର ଶହ ଶହଚାଷୀ କୃଷିରଣ ପାଇବାରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି। ଜଗତସିଂହପୁର ଜିଲ୍ଲା ସମବାୟ ବିଭାଗ ଅଧିନରେ ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନ ମଣ୍ଡଳୀର ମଣିଜଙ୍ଗ ମହମ୍ମଦପୁର ଓ ଉତରକୂଳ ଗ୍ରାମପଂଚାୟତର ଚମ୍ପାଗ୍ରାମ ରହିଛି। ଦୀର୍ଘ ଦିନହେଲା ଏହି ଅଂଚଳର ଚାଷୀମାନେ କୌଣସି କୃଷିରଣ ପାଇପାରୁନଥିବାର ଅଭିଯୋଗ ହୋଇଛି। ଏହି ଅଂଚଳର ଚାଷୀମାନେ ଧାନ ବିକ୍ରୟ ନିମନ୍ତେକେବଳ ଜଗତସିଂହପୁର ସହକାରୀ ରେଜିଷ୍ଟରଙ୍କ ଠାରୁ ଆଦେଶ ପାଇଛନ୍ତି। ଏହି ଅଂଚଳର ଚାଷୀମାନେ ଧାନ ବିକ୍ରୟ ନିମନ୍ତେ ଉତରକୂଳ ସେବା ସମବାୟ ସମିତିରେ ନାମକୁ ମାତ୍ର ସଂଯୁକ୍ତ ହୋଇଛନ୍ତି। ଏହି ସେବା ସମବାୟ ସମିତି ଚାଷୀଙ୍କ ଠାରୁ ଧାନ କ୍ରୟ କରୁଥିଲେ ମଧ୍ୟ ଚାଷୀଙ୍କୁ କୌଣସି କୃଷିରଣ ପ୍ରଦାନ କରୁନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ସମିତି ନାମରେ ମହମ୍ମଦପୁର ଗ୍ରାମପଂଚାୟତ ନିକଟରେ ଏକ ଜମି ରହିଥିଲେ ମଧ୍ୟ କୌଣସି ଗୃହ ନାହିଁ କିମ୍ବା କୌଣସି ସେବା ସମବାୟ ସମିତି ନାହିଁ । ଫଳରେ ଚାଷୀମାନେ ରଣ ପାଇବାରୁ ବଂଚିତ ହେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ଅଂଚଳରେ ତୁରନ୍ତ ଏକ ସେବା ସମବାୟ ସମିତି ଖୋଲାଯିବାସହ ଚାଷୀଙ୍କୁ ତୁରନ୍ତ ରଣ ପ୍ରଦାନ କରାଯିବା ନିମନ୍ତେ ବିଜେଡି ନେତା ରମେଶ ଚନ୍ଦ୍ର ସ୍ୱାଇଁ ଦୃଢ ଦାବି କରିଛନ୍ତି।

## କୁଣ୍ଢେଇ ସମବାୟ ନିର୍ବାଚନରେ ବିକାଶ ମଞ୍ଚର ପ୍ରାଥୀ ପ୍ରଫୁଲ୍ଲ କୁମାର ନାୟକ ସଭାପତି ନିର୍ବାଚିତ



କାକଟପୁର(ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ କୁଣ୍ଡେଇ ସମବାୟ ସମିତିରେ ୧୫ ଟି ଜୋନ ରହିଥିବା ବେଳେ ଏଥର ୧୨ଟି ଜୋନ ରେ ନିର୍ବାଚନ ହୋଇଥିଲା ।ସେଥିମଧ୍ୟରୁ ଅଧିକାଂଶ ପ୍ରାର୍ଥୀ କୁଣ୍ଡେଇ ବିକାଶ ମଞ୍ଚରୁ ବିଜୟୀ ହୋଇଥିଲେ ।୧୨ ଟି ଜୋନର ପ୍ରାର୍ଥୀଙ୍କୁ ନେଇ ସଭାପତି ନିର୍ବାଚନ ହୋଇଥିଲା ।ଶେଷରେ ପ୍ରଫୁଲ୍ଲ କୁମାର ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାଞ୍ଛାନିଧି ସାହୁ ଙ୍କୁ ମାତ ଦେଇ ନିର୍ବାଚିତ ହୋଇଛନ୍ତି ।ଅପର ପକ୍ଷରେ କୁଣ୍ଡେଇ ସମବାୟ ସମିତି ନିର୍ବାଚନରେ ବିକାଶ ମଞ୍ଚ ସମର୍ଥିତ ପ୍ରାର୍ଥୀ ମାନେ ବିଜୟ ଲାଭ କରି ଶ୍ରୀ ନାୟକ ଙ୍କୁ ସଭାପତି ଭାବେ ନିର୍ବାଚିତ କରିବା ପରେ ଅଞ୍ଚଳ ରେ ଖୁସିର ଲହରୀ ଖେଳି ଯାଇଛି। ଆଗାମୀ ଦିନରେ ସମବାୟ ସମିତିକୁ ଚାଷୀମାନଙ୍କ ନିମନ୍ତେ ଆସୁଥିବା ସମସ୍ତ ସୁବିଧା ସୁଯୋଗ ଚାଷୀ ମାନଙ୍କ ପାଖରେ ପହଞ୍ଚେଇବା ପାଇଁ ଉଦ୍ୟମ ଜାରି ରଖିବା ସହିତ ମହିଳା ଗୋଷ୍ଠୀ ଙ୍କୁ ସରକାର ଙ୍କ ବିକାଶ ମୂଳକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କ ର ଆର୍ଥିକ ମାନଦଣ୍ଡ କୁ ସ୍ୱଚ୍ଛଳ କରାଯିବ ।ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରାଯାଇ ଧାନ ମଣ୍ଡି ରେ ସ୍ୱଚ୍ଛତା ଅଣାଯିବ ଓ ସେବା ସମବାୟ ସମିତି ର ଘର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ନୂତନ ଗୃହ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଙ୍କ ନିକଟରେ ଦୃଢ ଦାବି ରଖାଯିବ ବୋଲି ଶ୍ରୀ ନାୟକ ମତ ରଖିଥିଲେ ।

## କାଗଜ ବ୍ୟାଗ୍ ଦିବସରେ ସଚେତନତା ଶୋଭାଯାତ୍ରା: ପ୍ଲାଷ୍ଟିକ୍ ବ୍ୟାଗ୍‌କୁ ବର୍ଜନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍) : ଆଜି ଥିଲା କାଗଜ ବ୍ୟାଗ୍ ଦିବସ । ପ୍ରତିବର୍ଷ ଜୁଲାଇ ୧୨ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଉଛି କାଗଜ ବ୍ୟାଗ୍ ଦିବସ । ଏହି ଉଦ୍ଦେଶ୍ୟ ନେଇ ଆଜି 'ପ୍ଲାଷ୍ଟିକ୍ ବ୍ୟାଗକୁ ନା : ବ୍ୟବହାର କରିବା କାଗଜ ବ୍ୟାଗ୍ ?' ଏକ ସଚେତନତା ଶୋଭାଯାତ୍ରା ଓ ସଭା ରାଜଧାନୀର ୟୁନିଟ୍ ୨ମାର୍କେଟ, ଭୀମଟାଙ୍ଗି ଓ ବଡ଼ଗଡରେ କରାଯାଇଥିଲା । ସାହାଯ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଡ. ଲିଙ୍ଗରାଜ ସାହୁ । ବିଭିନ୍ନ ବ୍ୟବସାୟୀ ଓ ଗ୍ରାହକଙ୍କୁ ସଚେତନା କରାଇ ଡ ସାହୁ କହିଥିଲେ ଯେ, ସଂପ୍ରତି ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଯାଇଛି । ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜୀବନ ଶୈଳୀରେ ମାତ୍ରାଧିକ ପ୍ଲାଷ୍ଟିକ୍ ?, ପଲିଥିନ୍ ?ର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି । ହେଲେ ଏହାର ବର୍ଜ୍ୟବସ୍ତୁ ମାଟିରେ କ୍ଷୟ ହୋଇନଥାଏ । ଯଦ୍ୱାରା ଦିନକୁ ଦିନ ପରିବେଶ ଓ ପରିବେଶ ଉପରେ ଗୁରୁତର ବିପଦ ଘନେଇବାରେ ଲାଗିଛି । ଉଭୟ ଜଳ ଓ ସ୍ଥଳଚର ଜୀବ ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଅକାଳରେ ସେମାନଙ୍କର ମୃତ୍ୟୁ ଘଟୁଛି । ଯାହା ଜୀବଜଗତ ପାଇଁ ଏକ ଭୟଙ୍କର ବିପଦ ରୂପେ ଉଭା ହୋଇଛି । ତେବେ ଏହାକୁ ରୋକିବା ପାଇଁ ଜନସଚେତନତା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିରେ ଯୋଗଦେଇ ଅନ୍ୟତମ ଅତିଥି ଭାବେ ସରୋଜ କୁମାର ସାହୁ କହିଥିଲେ ଯେ, କାଗଜ ବ୍ୟାଗ୍ ମାଟିରେ ଅଥବା ପ୍ରାକୃତିକ ଉପାୟରେ ନଷ୍ଟ ହୋଇଯାଇଥାଏ । କାଗଜ ବ୍ୟାଗ୍ ପରିବେଶ ପାଇଁ ବହୁତ ଉପକାରୀ କିନ୍ତୁ କାଗଜକୁ ନଷ୍ଟ କରିବା ଉଚିତ୍ ନୁହେଁ, ଭବିଷ୍ୟତର ପିଢୀ ଏବଂ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଏହି ଦିବସ ପାଳନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ସାହୁ ଇ କହିଛନ୍ତି ।

## ବାଲି ବୋଝେଇ ହାଇୱା ଧକ୍କାରେ ମା'ର ମୃତ୍ୟୁ, ପୁଅ ଅଳ୍ପକେ ବର୍ତ୍ତିଲା



ରଘୁନାଥପୁର(ଭାସ୍କର ନ୍ୟୁଜ୍) : ପ୍ରତିଦିନ ଶହ ଶହ ବାଲିବୋଝେଇ ହାଇୱା ବେପରୁଆ ଭାବେ ଗାଁ ଗହଳି ଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଯାତାୟତ କରୁଥିବା ଓ ଏମାନଙ୍କ ପ୍ରତି ସରକାରଙ୍କ ଅଙ୍କୁଶ ନଥିବାରୁ ରାସ୍ତା ନଷ୍ଟ ହେବା ସଙ୍ଗେ ସଙ୍ଗେ ବହୁ ଦୁର୍ଘଟଣାମାନ ଦେଖିବାକୁ ମିଳୁଛି । ପ୍ରକାଶଥାଉକି ଜଗତସିଂହପୁର ଥାନା ତଥା ତରିକୁନ୍ଦ ବିଟ୍‌ହାଉସ ଅଧିନସ୍ଥ ଧନୀପୁର-କଂଟିଲୋ କୁ ଯାଇଥିବା ରାସ୍ତାରେ ପ୍ରତିଦିନ ଘଡିମୂଳ ଓ କୂଳଶ୍ରୀ ଘାଟରୁ ଶହ ଶହ ଟ୍ରିପ୍ ଚୋରା ବାଲି ଚାଲାଣ କରାଯାଉଛି । ମଙ୍ଗଳବାର ଅପରାହ୍ନ ରେ ଏକ ବାଲିବୋଝେଇ ହାଇୱା ନଂ ଓଡି-୨୧ଡି-୫୬୭୭ କନ୍ଦରପୁର ଜଗତସିଂହପୁର ରାସ୍ତାର ଧନୀପୁର ଅଭିମୁଖେ ଆସୁଥିବା ସମୟରେ ଏକ ସାଇକେଲରେ ତରିକୁନ୍ଦ ଖାବରାସାହିର ଗଜେନ୍ଦ୍ର ଭୋଇଙ୍କ ପୁଅ ବୁଲୁ ଭୋଇ ତାର ମା କୁମ ଭୋଇ (୫୫)କୁ ସାଇକେଲରେ ବସାଇ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିବା ସମୟରେ ସାମ୍ନାରୁ ହାଇୱାଟି ଧନୀପୁର ଛକ ଓ ଲକ ମଝି ରାସ୍ତାରେ ଧକ୍କା ଦେଇଥିଲା । ପୁଅ ବୁଲୁ ଦୂରକୁ ଛିଟିକି ପଡିଥିଲା ବେଳେ ମା କୁମ ଭୋଇଙ୍କ ଉପରେ ହାଇୱାଟି ଚଢିଯିବା ଫଳରେ ଘଟଣାସ୍ଥଳରେ ମୃତୁ ଘଟିଥିଲା । ଖବର ପାଇ ତରିକୁନ୍ଦ ବିଟ୍‌ହାଉସ ଅଧିକାରୀ ଚିରଂଜିବୀ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ସହିତ ତରିକୁନ୍ଦ ସରପଂଚଞ୍ଚ ବନମାଳୀ ସାହୁ ଓ ସମିତିସଭ୍ୟ ସ୍ୱଦେଶ ଦାସ ପହଂଚି ଉତେଜିତ ଲୋକମାନଙ୍କୁ ବୁଝାସୁଜା କରିଥିଲେ । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ସଦର ମହକୁମାକୁ ପଠାଇବା ସହିତ ବାଲିବୋଝେଇ ହାଇୱା କୁ ଜବତ କରିଥିବା ବେଳେ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି ।

## ବିବାଦ ଯୋଗୁଁ ରାସ୍ତାରେ ପଡ଼ିଛି ବାଉଁଶ ବାଡ଼

### ପାଠପଢ଼ାରୁ ବଞ୍ଚିତ ୧୭ ଦଳିତ ଛାତ୍ରଛାତ୍ରୀ

ଗୋପ(ଭାସ୍କର ନ୍ୟୁଜ୍) : ଚାରି ଜଣ ଜମି ମାଲିକ ଦୀର୍ଘ ଦିନ ଧରି ଯାଆ ଆସ କରୁଥିବା ଗୋପ ଥାନା ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ର ୬ ନମ୍ବର ୱାଡ ଭୁରୁଭୁରା ଦଳିତ ସାହି ଗ୍ରାମରେ ବାଉଁଶ ବାଡ଼ ପକାଇ ଦେଇଥିବା ଭଳି ଅଭିଯୋଗ ଆସିଛି। ଏହି ଗାଁ ରେ ରହୁଥିବା ୨୫ ରୁ ଊର୍ଦ୍ଧ୍ୱ ଦଳିତ ପରିବାର ଏବେ ବନ୍ଦୀ ଜୀବନ ବିତାଉଥିବା ବେଳେ ଗାଁ ୧୭ ଜଣ ଛାତ୍ର ଛାତ୍ରୀ ଦୀର୍ଘ ୨୧ ଦିନ ଧରି ପାଠ ପଢା ରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଯେ ଗୋପ ଥାନା ଅନ୍ତର୍ଗତ ଏହି ଦଳିତ ଗାଁ ରେ ବସବାସ କରୁଥିବା ପରିବାର ର ସଦସ୍ୟ ମାନେ ଦୀର୍ଘ ବର୍ଷ ଧରି ଘର ସମ୍ମୁଖରେ ଥିବା ରାସ୍ତା ରେ ଯିବା ଆସିବା କରୁଥିଲେ। ଗତ ଜୁନ୍ ୧୯ ତାରିଖ ଦିନ ଗାଁ ନିକଟ ର ୪ ଜଣ ବ୍ୟକ୍ତି ନିଜ ଜମି କହି ଦଳିତ ପରିବାର ଯାଉଥିବା ରାସ୍ତା ରେ ବାଉଁଶ ବାଡ଼ ପକାଇ ଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଏପରି ଅଭିଯୋଗ ସଂପର୍କରେ ଜାଣିବା ପରେ ଗୋପ ତହସିଲଦାର ଏସ୍ କେ ସାର୍ଗି, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଜୁନ୍ ୨୩ ତାରିଖ ଦିନ ଘଟଣା ସ୍ଥଳରେ ପହଞ୍ଚି ନୟାହାଟ ଫାଣ୍ଡି ଅଧିକାରୀ ଙ୍କୁ ତୁରନ୍ତ ବାଡ଼ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମ୍ପୃକ୍ତ ଫାଣ୍ଡି ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ବାଉଁଶ ବାଡ଼ ନ ଉଠିବାରୁ ଭୁରୁଭୁରା ଗାଁ ର ଶତାଧିକ ମହିଳା ଓ ପୁରୁଷ ଜୁନ୍ ୨୬ ତାରିଖ ଦିନ ଗୋପ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଅତିରିକ୍ତ ତହସିଲଦାର ତୁରନ୍ତ ବାଡ଼ ଉଠାଯିବା ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ଦଳିତ ପରିବାର ଏବେ ବନ୍ଦୀ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ ଏହି ଗାଁ ରେ ଥିବା ୧୭ ଜଣ ଛାତ୍ର ଛାତ୍ରୀ ଏବେ ଦୀର୍ଘ ୨୧ ଦିନ ଧରି ବଞ୍ଚିତ ହୋଇଥିବା ଜଣାପଡିଛି। ସ୍କୁଲ ସମୟ ହେଲେ ଛାତ୍ର ଛାତ୍ରୀ ମାନେ ବାଉଁଶ ବାଡ଼ ସେପଟେ ସ୍କୁଲ ପୋଷାକ ପିନ୍ଧି ଠିଆ ହେଉଥିବା ଫଟୋ ଏବେ ଦେଖିବାକୁ ମିଳିଛି। ଏଠାରେ ପ୍ରଶ୍ନ ଉଠେ ଦଳିତ ମାନଙ୍କ ଲାଗି ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ କେମିତି ଏହି ବାଉଁଶ ବାଡ଼ ପୋଲିସ ଉଠାଇ ପାରିନାହିଁ ତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୭ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଅଷ୍ଟମ ଶ୍ରେଣୀର ଲକ୍ଷ୍ମୀ ଭୋଇ, ସପ୍ତମ ଶ୍ରେଣୀର ମୀରା ଭୋଇ, ଷଷ୍ଠ ଶ୍ରେଣୀ ର ସସ୍ମିତା ଭୋଇ, ବିକାଶ କାଣ୍ଡି, ପଞ୍ଚମ ଶ୍ରେଣୀ ର ପୁଷ୍ପା ଭୋଇ, ଲକ୍ଷ୍ମୀ ପ୍ରିୟା ଦାସ୍, ତୃତୀୟ ଶ୍ରେଣୀ ର ସନ୍ତୋଷ କାଣ୍ଡି,ଶୁଶ୍ରୀ ସଙ୍ଗୀତା ଭୋଇ, ଦ୍ୱିତୀୟ ଶ୍ରେଣୀ ର ଶୁଭ ଭୋଇ, ଶ୍ରୀକୃଷ୍ଣ ଦାସ, ତପସ୍ୟା ଭୋଇ ଙ୍କ ସହିତ ଆଉ ଅନ୍ୟ ମାନଙ୍କ ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ରେ ଅଧ୍ୟୟନ କରୁଥିବା ଜଣାପଡିଛି । ଏପରି ଅଭିଯୋଗ ସଂପର୍କରେ ଗୋପ ତହସିଲଦାର ଏସ୍ କେ ସାଗିର୍ ଙ୍କୁ ପଚାରିବା ରେ ବାଡ଼ ପଡିଥିବା ଜମି ଟି ବ୍ୟକ୍ତିଗତ ଜମି ରହିଛି । ଖୁବଶୀଘ୍ର ସେମାନେ ସହିତ ଆପୋଷ ସମାଧାନ କରାଯିବ । କିନ୍ତୁ ଦଳିତ ପରିବାର ଯିବା ପାଇଁ ଏକ ରାସ୍ତା ରହିଥିବା ସେ କହିଛନ୍ତି ।

## ପିସି କାରବାରର ଖୋଲୁଛି ଗୁମର

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

ଚମ୍ପୁଆ(ଭାସ୍କର ନ୍ୟୁଜ) : ବିଧବା ମହିଳାଙ୍କୁ ମିଳୁନାହିଁ ସ୍ୱାମୀ କରିଥିବା ଉନ୍ନୟନ କାମର ବିଲ। ବିଲ ରୁ ପିସି ବାବଦ ଅର୍ଥ କୁ କାଟି ରଖି ବଳକା ଅର୍ଥ ନେଇଯିବାକୁ ଜୋର୍ ଦିଆଯାଉଥିବା ବେଳେ ଏହାକୁ ନେଇ ଇଚିଣ୍ଡା ଗ୍ରାମର ମଧୁସୁଦନ କରୁଆ ଙ୍କ ବିଧବା ପତ୍ନୀ ରଶ୍ମିରେଖା କାରୁଆ ଆଜି ଚମ୍ପୁଆ ଉପ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଥିବା ଜଣା ପଡ଼ିଛି। ମିଳିଥିବା ଅଭିଯୋଗ ଅନୁସାରେ ଚମ୍ପୁଆ ବ୍ଲକ ବଡନଇ ପଞ୍ଚାୟତ ର ଇଚିଣ୍ଡା ଗ୍ରାମର ମଧୁସୁଦନ କରୁଆ ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚାୟତ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଯୋଜନା ରୁ ଇଚିଣ୍ଡା ନାଳିବନ୍ଧ ଠାରୁ କାନ୍ଦୁରୀ ବୁଢୀ ଘର ପର୍ଯ୍ୟନ୍ତ ଏକ ରାସ୍ତା କାମ ୩ ଲକ୍ଷ ଅଟକଳ ରେ କାର୍ଯ୍ୟ କରିଥିଲେ। ବିଭାଗୀୟ କାର୍ଯ୍ୟାଦେଶ ପାଇବା ପରେ ସେ ନିଜ ସମ୍ପର୍କୀୟ ମାନଙ୍କ ଠାରୁ ଧାର ଉଧାର କରି ଏହି କାମ ଶେଷ କରିଥିବା ବେଳେ ଗତ ଏପ୍ରିଲ ମାସ ୧୦ ତାରିଖରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଥିଲା। ତେବେ ତାଙ୍କୁ କାର୍ଯ୍ୟ ପାଇଁ ଧାର ଦେଇଥିବା ବ୍ୟକ୍ତି ମାନେ ଏବେ ଧାର ଅର୍ଥ ତାଙ୍କ ସ୍ତ୍ରୀଙ୍କୁ ମାଗୁଥିବାରୁ ସେ କାର୍ଯ୍ୟ ବାବଦ ବିଲର ଅର୍ଥ ଦେବାକୁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ କୁ ଯାଉଥିବା ବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ୩ ଲକ୍ଷ ବଦଳରେ ୨ ଲକ୍ଷ ୨୦ ହଜାର ଟଙ୍କା ଦେବାକୁ ଅଡି ବସିଛନ୍ତି। ପିସି ବାବଦକୁ ୫୦ ହଜାର ଟଙ୍କା ରୁ ଅଧିକ କାଟି ରଖିବାକୁ ଉଦ୍ୟମ କରାଯାଉଥିବା ବେଳେ ଏହାକୁ ବିରୋଧ କରି ରଶ୍ମିରେଖା ଆଜି ଚମ୍ପୁଆ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇବା ପରେ ଉପ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ପାଇଁ ଚମ୍ପୁଆ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି। ଅନ୍ୟ ପଟେ ଅଭିଯୋଗ ପାଇବା ପରେ ବିଡିଓ ୭ ଦିନ ମଧ୍ୟରେ ମହିଳାଙ୍କ ଅର୍ଥ ଦେବାକୁ ଉଭୟ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତାଗିଦ କରିଥିବା ବେଳେ ଏ ବିଷୟରେ ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି ମତାମତ ଦେବାକୁ ଆବଶ୍ୟକ ମଣୁ ନାହାଁନ୍ତି।




## ପିଇବାପାଣି ପାଇଁ ରାସ୍ତାରୋକ

### ଆଶୁ ସମାଧାନ ପରେ ରାସ୍ତାରୋକ ହଟିଲା



ବୈଶିଙ୍ଗା(ଭାସ୍କର ନ୍ୟୁଜ୍) : ବୈଶିଙ୍ଗା ଥାନା ଅଧୀନ ପାଟଳୀପୁରା ପଞ୍ଚାୟତର ବୈଶିଙ୍ଗା -ମାଣତ୍ରୀ ଏମଡିଆର-୭୦ ରାସ୍ତାର ପ୍ରଶସ୍ତିକରଣ ପାଇଁ ଉଭୟ ପାର୍ଶ୍ୱରେ ଜେସିବି ଯୋଗେ ଡ୍ରେନ୍ ଖୋଳା ଚାଲିଥିବା ବେଳେ ପାନୀୟ ଜଳଯୋଗାଣ ପାଇଁ ବିଛା ଯାଇଥିବା ବିଭିନ୍ନ ସ୍ଥାନରେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆଦିବାସୀ ସାହିକୁ ଯାଇଥିବା ପାଇପ ଲାଇନରୁ ପିଇବା ପାଣି ବନ୍ଦ ହୋଇଯାଇଥିଲା। ଏକ ମାସ ଧରି ଆଦିବାସୀ ସାହିରୁ ଲୋକ ମାନେ ପିଇବାପାଣି ପାଇଁ ବହୁ ହନ୍ତସନ୍ତ ହୋଇଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିବାର ଅଭିଯୋଗ ହୋଇଛି। ଏଥିରେ ଅତିଷ୍ଠ ହୋଇ ଆଜି ସକାଳ ସମୟରେ ଗ୍ରାମର ମହିଳା ପୁରୁଷ ଗରା, ବାଲଟି ଧରି ବୈଶିଙ୍ଗା - ମାଣତ୍ରୀ ରାସ୍ତାର ପାଟଳୀପୁରା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଖବର ପାଇ ୩୬ନଂ ଜିଲ୍ଲାପରିଷଦ ସଦସ୍ୟା ସବିତା ଦାସ ଘଟଣା ସ୍ଥଳରେ ପହଞ୍ଚି ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ପାଇପଲାଇନ ମରାମତି ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାର ସମାଧାନ ନହେଲେ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବ ବୋଲି ଅବରୋଧକାରୀ ମାନେ ପ୍ରକାଶ କରିଥିଲେ।

## ପଶ୍ଚିମବଙ୍ଗରୁ ଆସି ମାଲକାନଗିରି ଶିବ ମନ୍ଦିରରେ ଚୋରି କରିଥିବା ଅଭିଯୁକ୍ତ ଗିରଫ

ମାଲକାନଗିରି(ଭାସ୍କର ନ୍ୟୁଜ୍) : ଗତକାଲି ମଧ୍ୟରାତ୍ରିରେ ମାଲକାନଗିରି ସହରକୁ ଲାଗିଥିବା ଗୋଇ ପର୍ବତ ଉପରେ ଥିବା ମଲ୍ଲିକେଶ୍ୱର ମନ୍ଦିରରେ ପିତଳ ନିର୍ମିତ ସପ୍ତଫେଣୀ ନାଗର ମୂର୍ତ୍ତି ସହ ଗୋଟିଏ ନଳକୂପର ପାଣି ମଟର ଚୋରି ହୋଇଥିଲା । ଆଜି ସକାଳେ ମନ୍ଦିରର ପୁଜକ ଏହା ଜାଣିଲା ପରେ ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ଏ ସମ୍ବନ୍ଧରେ ପରିଚାଳନା କମିଟି ତରଫରୁ ଥାନାରେ ଏକ ମାମଲା ରୁଜୁ କରା ଯାଇଥିଲା। ଏହି ମାମଲାକୁ ଆଧାର କରି ପୋଲିସ ଆଜି ଏ ସମ୍ବନ୍ଧରେ ଖୋଲତାଡ ଆରମ୍ଭ କରି ଜଣେ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି ଯେ, ପଶ୍ଚିମବଙ୍ଗଳାରୁ ଏହି ଯୁବକ ମାଲାକନଗିରି ସହରରେ ରହି ବିଭିନ୍ନ ମନ୍ଦିରରୁ ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ। ତେବେ ଉକ୍ତ ଆସାମୀ ଜଣଙ୍କ ପଶ୍ଚିମବଙ୍ଗଳା ଭାଗାଲପୁର ଥାନା ଅନ୍ତର୍ଗତ ତିରାଇପୁର ଗ୍ରାମର ମାନସ ମାଇତି ବୋଲି ପ୍ରକାଶ କରିଛନ୍ତି। ଏ ମାମଲାରେ ଥାନାରେ କେଶ୍ ନଂ. ୩୮୮/୨୨ ପ୍ରକାରେ ଆସାମୀଙ୍କୁ କୋର୍ଟ ଚାଲାଣ କରିବା ସହ ଆସାମୀଙ୍କ ନିକଟରୁ ଗୋଟିଏ ବୋରବେଲ ମୋଟର ଓ ସପ୍ତଫେଣୀ ନାଗ ମୁର୍ତ୍ତୀ ଉଦ୍ଧାର କରା ଯାଇଛି।




## 'ରାଇଟ୍ ଟୁ ପ୍ରୋଟେକ୍ସନ୍ ଅଫ୍ ଲାଇଫ୍ ଏଣ୍ଡ ଲିବର୍ଟି' ଶୀର୍ଷକ ସେମିନାର ଅନୁଷ୍ଠିତ




ତାଳଚେର(ଭାସ୍କର ନ୍ୟୁଜ୍) : ତାଳଚେର ବାର ଆସୋସିଏସନ୍ ତରଫରୁ ସଂଘର ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମଧୁବାବୁ ଲାଇବ୍ରେରୀ ଓ ଏକାଡେମୀ ହଲ୍‌ରେ 'ରାଇଟ୍ ଟୁ ପ୍ରୋଟେକ୍ସନ୍ ଅଫ୍ ଲାଇଫ୍ ଏଣ୍ଡ ଲିବର୍ଟି' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସେମିନାର ରେ ତାଳଚେର କୋର୍ଟର ସିଭିଲ୍ ଜଜ୍ ସିନିୟର ଡିଭିଜନ୍ ବବିତା ଦାସ, ଅତିରିକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନ୍ ସଂଧ୍ୟା ରଥ ଓ ଜେଏମ୍ଏଫ୍‌ସି ଅସିତ୍ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଓ ତାଳଚେର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ସମ୍ବିଧାନର ଧାରା ୨୧ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ଜୀବନଧାରଣର ଅଧିକାର ଓ ଏହାର କ୍ଷୁର୍ଣ୍ଣ ହେଲେ ଆମ୍ଭେମାନେ କିପରି ନ୍ୟାୟାଳୟର ଆଶ୍ରୟ ନେଇ ଉଚିତ୍ ନ୍ୟାୟ ପାଇପାରିବା ଓ ମୌଳିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିପାରିବା ବୋଲି ଦିଗ୍‌ଦର୍ଶନ ଦେଇଥିଲେ । ଉକ୍ତ ସେମିନାରରେ ଭବେଶ ଚନ୍ଦ୍ର ମିଶ୍ର, ବାଉରୀବନ୍ଧୁ ବେଜ, କେଶବ ଭୁଟିଆ, ଅର୍ଜୁନ ଭୁଟିଆ, ସଂଘର ସାଧାରଣ ସଂପାଦକ ଦିନବନ୍ଧୁ ସାହୁ ଓ ଅନ୍ୟମାନେ ଜୀବନଧାରାର ସୁରକ୍ଷାର ଅଧିକାର ଓ ସ୍ୱତନ୍ତ୍ରତା ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ସଂଘର କର୍ମକର୍ତ୍ତା, ସେମିନାର ସଂପାଦକ ଲଳିତାମଣି ନାଏକ, ସହ ସଂପାଦକ ଚିନ୍ମୟ ରାଏ, କୋଷାଧ୍ୟକ୍ଷ କରୁଣାକର ନାୟକ, ସାଂସ୍କୃତିକ ସଂପାଦକ ରାଜେନ୍ଦ୍ର ସିଂହ, ଅଡିଟର ବବିତା ଦାସ ଓ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ ସଂଘର ଉପସଭାପତି ମାନସ ରଞ୍ଜନ ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ।